# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ଜାନୁୟାରୀ ୧୧/୨୦୧୯ (୨୦ ପୃଷ୍ଠା) Dhenkanal, Friday, January 11 / 2019 ★★★★★

୧୪ଶ ଭାଗ ୩୨୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଆଲିଆ**

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସମେତ ଅନ୍ୟ କଳାକାରମାନେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି।

୦୨

୧୯

**ମେରିକମ୍ ଶୀର୍ଷରେ**

ଭାରତୀୟ ମହିଳା ବକ୍ସର ଏମ୍‌ସି ମେରିକମ୍ ଅନ୍ତର୍ଜାତୀୟ ବକ୍ସିଂ ମହାସଂଘ ପକ୍ଷରୁ ପ୍ରକାଶିତ ର୍ୟାଙ୍କିଙ୍ଗ୍ ତାଲିକାରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି।








■ ବଲ୍ଲଭ ପିଣ୍ଡି ନିକଟରେ ରକ୍ତବୁନ୍ଦା

## ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ

ପୁରୀ ଅଫିସ,୧୦।୧

ଶ୍ରୀମନ୍ଦିରରେ ଗୁରୁବାର ବଡ଼ ମହାସ୍ନାନ ହୋଇଛି। ବଲ୍ଲଭ ପିଣ୍ଡି ନିକଟରେ ରକ୍ତ ପଡିଥିବାରୁ ଠାକୁରଙ୍କ ବଡ଼ ମହାସ୍ନାନ କରାଯାଇଥିବା ଜଣାପଡିଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ପଛ ଭୋଗ ମଣ୍ଡପ ବଢ଼ିବା ପରେ ବଲ୍ଲଭ ପିଣ୍ଡି ନିକଟରେ ଦୁଇ ତିନି ବୁନ୍ଦା ରକ୍ତ ପଡିଥିବା ଦେଖିବାକୁ ମିଳିଥିଲା। ଏହା ଜଣାପଡିବା ପରେ ସେହିଠାରେ ନୀତି ଅଟକି ବଡ଼ ମହାସ୍ନାନ ପାଇଁ ବିଧି ଆରମ୍ଭ ହୋଇଥିଲା। ପୂଜା ସରିବା ପରେ ପୁଣି ଠାକୁରଙ୍କ ନୀତି ଆରମ୍ଭ ହୋଇଥିଲା। ସେଠାରେ କିପରି ରକ୍ତ ପଡିଲା, ତାହା ସ୍ପଷ୍ଟ ଜଣାପଡି ନାହିଁ। କୌଣସି ସେବାୟତଙ୍କ ଗୋଡ଼ ଖଣ୍ଡିଆ ହୋଇ ରକ୍ତ ପଡିଥାଇପାରେ ବୋଲି ଅନୁମାନ କରାଯାଉଛି। ☞ପୃଷ୍ଠା-୮

# ଆଲୋକ ବର୍ମା ପଦଚ୍ୟୁତ

ନୂଆଦିଲ୍ଲୀ,୧୦।୧(ପି.ଟି.)



ଆଲୋକ ବର୍ମା

**ସିବିଆଇରେ ଓଲଟପାଲଟ**

- ■ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିଲା ଚୟନ କମିଟି ବୈଠକ
- ■ ୨:୧ ସଂଖ୍ୟାଗରିଷ୍ଠତାରେ ସିବିଆଇ ନିର୍ଦ୍ଦେଶକ ପଦରୁ ବର୍ମା ବିଦା
- ■ ହଟାଯିବା ନିଷ୍ପତ୍ତିକୁ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବିରୋଧ
- ■ ବର୍ମାଙ୍କୁ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଦାୟିତ୍ୱ
- ■ ଅତିରିକ୍ତ ନିର୍ଦ୍ଦେଶକ ଏମ୍.ନାଗେଶ୍ୱର ରାଓ ସିବିଆଇ ମୁଖ୍ୟ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ଭାବେ ସୁପ୍ରିମକୋର୍ଟ ପୁନଃ ଅବସ୍ଥାପିତ କରିବାର ଦୁଇଦିନ ପରେ ପଦଚ୍ୟୁତ ହୋଇଛନ୍ତି ଆଲୋକ ବର୍ମା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚକ୍ଷମତାସମ୍ପନ୍ନ ଚୟନ କମିଟିର ମାରାଥନ ବୈଠକରେ ଗୁରୁବାର ସନ୍ଧ୍ୟାରେ ୨:୧ ସଂଖ୍ୟାଗରିଷ୍ଠତାରେ ବର୍ମାଙ୍କୁ ପଦରୁ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଚୟନ କମିଟିର ସଦସ୍ୟ ତଥା ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ହେଁ ତାଙ୍କ ପ୍ରସ୍ତାବ ଗ୍ରହଣୀୟ ହୋଇନାହିଁ। ପ୍ରଧାନମନ୍ତ୍ରୀ ରାଫାଲ ଚୁକ୍ତିରେ ହୋଇଥିବା ଦୁର୍ନୀତିର ତଦନ୍ତକୁ ଭୟ କରୁଛନ୍ତି। ଏଥିଯୋଗୁ ସେ ବର୍ମାଙ୍କୁ ନିଜ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ଏକତରଫା ଭାବେ ସିବିଆଇ ମୁଖ୍ୟ ପଦରୁ ହଟାଇଦେଇଛନ୍ତି ବୋଲି କଂଗ୍ରେସ ସମାଲୋଚନା କରିଛି। ଏହି ପ୍ରସଙ୍ଗକୁ ନେଇ ଜାତୀୟ ରାଜନୀତି ହଠାତ୍ ସରଗରମ ହୋଇଯାଇଛି।

ସିବିଆଇରେ ଅହମିକାର ଲଢ଼େଇ ଚରମସୀମାରେ ପହଞ୍ଚିବା ପରେ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ଏହି ବିବାଦ ଉଗ୍ରରୂପ ଧାରଣ କରିବାରୁ ୨୦୧୮ ଅକ୍ଟୋବର ୨୩ରେ କେନ୍ଦ୍ର ସରକାର ରାତିଅଧିଆ ଏହି ଦୁଇ ଶୀର୍ଷ ଅଧିକାରୀଙ୍କୁ ବାଧ୍ୟତାମୂଳକ ଭାବେ ଛୁଟିରେ ପଠାଇଦେଇଥିଲେ। ଏଥିସହ ୧୯୮୯ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ଏମ୍.ନାଗେଶ୍ୱର ରାଓଙ୍କୁ ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଥିଲେ। ଶେଷରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ମଙ୍ଗଳବାର ବର୍ମାଙ୍କୁ ପୁନଃ ଅବସ୍ଥାପିତ କରିଥିଲେ। ଏହାସହ ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କରି ନିଯୁକ୍ତି ଦେଉଥିବା ତଥା ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ☞ପୃଷ୍ଠା-୮

## ଡିଏମ୍ଏଫ୍ ପାଣ୍ଠିରେ କାର୍ଯ୍ୟକାରୀ ହେବ ୧୧,୪୩୪ ପ୍ରକଳ୍ପ

ଭୁବନେଶ୍ୱର,୧୦।୧(ବ୍ୟୁରୋ)

- ■ ୬,୪୩୮ କୋଟି ମଞ୍ଜୁର
- ■ ୮ ଖଣିଜ ସମ୍ପଦ ଭରା ଜିଲା ପାଇଁ ୧୧,୨୫୪ ପ୍ରକଳ୍ପ

ରାଜ୍ୟ ସରକାର ଡିଏମ୍ଏଫ୍ (ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ) ପାଣ୍ଠିରେ ୬,୪୩୮.୨୩ କୋଟି ଟଙ୍କାରେ ବିଭିନ୍ନ ଜିଲାରେ ୧୧,୪୩୪ ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ପାନୀୟ ଜଳ, ଶିକ୍ଷା, ପରିବେଶ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ଓ ପରିମଳ, ଦକ୍ଷତା ବିକାଶ ଏବଂ ଜୀବିକାର୍ଜନ ଆଦି ୯,୦୪୪ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଅବଶିଷ୍ଟ ୨,୩୭୮ଟି ପ୍ରକଳ୍ପ ଯଥା ଭିତ୍ତିଭୂମି, ଜଳସେଚନ, ଜଳଛାୟା, ଶକ୍ତି ଏବଂ ବନୀକରଣ ଆଦି କ୍ଷେତ୍ରରେ କାର୍ଯ୍ୟକାରୀ ହେବ। ଗୁରୁବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଡିଏମ୍ଏଫ୍ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେବାକୁ ବିଭାଗଗୁଡିକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପଗୁଡିକର କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ବୈଷୟିକ ସହାୟତା ଯୋଗାଇ ଦେବାକୁ ବିଭାଗଗୁଡିକୁ ଉନ୍ନୟନ କମିଶନର ଅସିତ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଅଧିକ ସଂଖ୍ୟକ ପ୍ରାଥମିକ ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନୁଗୋଳ, ଝାରସୁଗୁଡା, ଯାଜପୁର, କେନ୍ଦୁଝର, ସୁନ୍ଦରଗଡ, କୋରାପୁଟ, ମୟୂରଭଞ୍ଜ ଏବଂ ରାୟଗଡା ଜିଲାର ପ୍ରକଳ୍ପଗୁଡିକର ସମୀକ୍ଷା କରାଯାଇଥିଲା। ଏହି ୮ଟି ଜିଲାରୁ ଡିଏମ୍ଏଫ ପାଣ୍ଠି ☞ପୃଷ୍ଠା-୮

■ ଘରୋଇ କଳି

## ଭାଗଚାଷୀଙ୍କ ଆତ୍ମହତ୍ୟା

ସୁନ୍ଦରଗଡ଼,୧୦।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଲେଫ୍ରିପଡା ଥାନା ଅନ୍ତର୍ଗତ ବେଲସରା ରଙ୍ଗିଆପଡ଼ାରେ ଜଣେ ଭାଗଚାଷୀ ଘରୋଇକଳିକୁ କେନ୍ଦ୍ର କରି ବୁଧବାର ରାତିରେ ବିଷପିଇ ଆତ୍ମହତ୍ୟା କରିଛନ୍ତି। ମୃତ ଚାଷୀଙ୍କ ନାମ ବଂଶୀଧର ବଡାଇକ(୪୦)। ☞ପୃଷ୍ଠା-୮

## ପୁନର୍ବାର ଜିତିବା ପାଇଁ ନବୀନ ଆଶାବାଦୀ

**ଇଣ୍ଡିଆ ଟୁଡେ ମାଇଣ୍ଡ ରକ୍ କାର୍ଯ୍ୟକ୍ରମ**

- ■ କହିଲେ ୨୦୧୯ରେ ମୁଖ୍ୟ ପ୍ରସଙ୍ଗ ହେବ ଦରବୃଦ୍ଧି, ଚାଷୀ ଅସନ୍ତୋଷ, ବେକାରି
- ■ କୃଷକ ସଶକ୍ତୀକରଣ ପାଇଁ କାଳିଆ



ଭୁବନେଶ୍ୱର,୧୦।୧(ବ୍ୟୁରୋ)

ଦରବୃଦ୍ଧି, ଚାଷୀ ଅସନ୍ତୋଷ ଏବଂ ବେକାରି ସମସ୍ୟା ୨୦୧୯ ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବ। ବିଶେଷ କରି ପ୍ରାକୃତିକ ଗ୍ୟାସର ମୂଲ୍ୟ ବୃଦ୍ଧି ସାଧାରଣ ନିର୍ବାଚନ ଉପରେ ପଡ଼ିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର 'ଇଣ୍ଡିଆ ଟୁଡେ ମାଇଣ୍ଡ ରକ୍' କାର୍ଯ୍ୟକ୍ରମରେ ପୁନର୍ବାର ଜିତିବା ନେଇ ଆଶାବାଦୀ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ବିଜେଡି କୌଣସି ଜାତୀୟ ମୋର୍ଚ୍ଚାର ସହଯୋଗୀ ହେବ ନାହିଁ। ପୂର୍ବପରି ଉଭୟ ଭାଜପା-କଂଗ୍ରେସଠାରୁ ସମଦୂରତ୍ୱ ରକ୍ଷା କରିବ। ଆଗକୁ ମଧ୍ୟ ଏପରି ☞ପୃଷ୍ଠା-୮

## କ୍ଷୁଦ୍ର ବ୍ୟବସାୟୀଙ୍କୁ ଜିଏସ୍‌ଟି ଆଶ୍ୱସ୍ତି

ନୂଆଦିଲ୍ଲୀ,୧୦।୧




- ■ ଛାଡ଼ ସୀମା ୪୦ ଲକ୍ଷକୁ ବୃଦ୍ଧି
- ■ ଉପକୃତ ହେବେ ୨ କୋଟି କ୍ଷୁଦ୍ର ବ୍ୟବସାୟୀ
- ■ କେରଳରେ ଲାଗୁ ହେବ ୧% ଅତିରିକ୍ତ ବିପର୍ଯ୍ୟୟ ସେସ୍
- ■ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଛାଡ଼ ସୀମା ୨୦ ଲକ୍ଷ
- ■ ନୂଆ ନିଷ୍ପତ୍ତିରୁ ରାଜକୋଷକୁ ୫,୨୦୦ କୋଟିର କ୍ଷତି
- ■ କମ୍ପୋଜିଶନ ସ୍କିମ ଚୟନ ଲାଗି ସୀମା ୧.୫ କୋଟିକୁ ବଢ଼ିଲା

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ଜିଏସ୍‌ଟି କାଉନସିଲ୍‌ର ୩୨ତମ ବୈଠକ ଗୁରୁବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଶ୍ୱସ୍ତ କରିବାକୁ ଯାଇ କାଉନସିଲ୍ ବାର୍ଷିକ କାରବାର ଛାଡ଼ ସୀମାକୁ ୨୦ ଲକ୍ଷ ଟଙ୍କାରୁ ୪୦ ଲକ୍ଷ ଟଙ୍କାକୁ ବଢ଼ାଇ ଦେଇଛି। ସେହିଭଳି କମ୍ପୋଜିଶନ ସ୍କିମ ଚୟନ ଲାଗି କାରବାର ସୀମାକୁ ୧ କୋଟିରୁ ବଢାଯାଇ ୧.୫ କୋଟି ଟଙ୍କା କରାଯାଇଛି। ଏହା ଚଳିତ ବର୍ଷ ଏପ୍ରିଲ ପହିଲାରୁ ଲାଗୁ ହେବ। ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ୧% ଅତିରିକ୍ତ ସେସ୍ ଲାଗୁ କରିବା ଲାଗି କାଉନସିଲ୍ କେରଳକୁ ଅନୁମତି ପ୍ରଦାନ କରିଛି। ଅନ୍ତଃରାଜ୍ୟ ସାମଗ୍ରୀ ଓ ସେବାର ବିକ୍ରୟ କ୍ଷେତ୍ରରେ ଏଭଳି ସେସ୍‌କୁ କେରଳ ଦୁଇ ବର୍ଷ ପାଇଁ ଲାଗୁ କରିପାରିବ। ଗତ ବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କେରଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସେଠାରେ ବିଭିନ୍ନ ବିକାଶ କାର୍ଯ୍ୟ ଲାଗି ଏପରି ସେସ୍ ଲାଗୁ ହେବ ବୋଲି ଜଣା ପଡ଼ିଛି।

କାଉନସିଲ୍‌ର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଅର୍ଥମନ୍ତ୍ରୀ ଜେଟ୍‌ଲୀ କହିଛନ୍ତି ଯେ, ଏଣିକି ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ କାରବାର କରୁଥିବା କ୍ଷୁଦ୍ର ବ୍ୟବସାୟୀଙ୍କୁ ଜିଏସ୍‌ଟିରୁ ବାଦ୍ ଦିଆଯାଇଛି। ଏହା ଏମ୍ଏସ୍ଏମ୍ଇ ଉଦ୍ୟୋଗକୁ ଆଶ୍ୱସ୍ତି ପ୍ରଦାନ କରିବ। ସେହିଭଳି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଏହି ଛାଡ଼ ସୀମାକୁ ୨୦ ଲକ୍ଷ ଟଙ୍କାକୁ ବଢାଯାଇଛି। ଏହା ପୂର୍ବରୁ ଏହା ୧୦ ଲକ୍ଷ ଟଙ୍କା ରହିଥିଲା। ସୂଚନାଯୋଗ୍ୟ, ୨୦ ଲକ୍ଷ ଟଙ୍କାର କାରବାର କ୍ଷେତ୍ରରେ ବର୍ତ୍ତମାନ ବାଣିଜ୍ୟ ସଂସ୍ଥାଗୁଡ଼ିକ ଜିଏସ୍‌ଟି ପଞ୍ଜୀକରଣରୁ ଛାଡ଼ ପାଉଛନ୍ତି। ଜିଏସ୍‌ଟି କାଉନସିଲ୍‌ର ଏଭଳି ନିଷ୍ପତ୍ତି ଯୋଗୁ ସରକାରଙ୍କ ☞ପୃଷ୍ଠା-୮

**ଆଜିର ସମ୍ପାଦକୀୟ**

**ତାଳିପକା ସମାଧାନ**

**ଆଜିର ମନ୍ତବ୍ୟ**

"ସେନାରେ ସମଲିଙ୍ଗୀ ସମ୍ପର୍କ ଓ ବ୍ୟଭିଚାରକୁ ଅନୁମତି ଦିଆଯିବ ନାହିଁ।

-ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ

**କିଛି ତଥ୍ୟ**

୨୦୧୪-୧୫ ଆର୍ଥିକ ବର୍ଷ ଠାରୁ ୨୦୧୭-୧୮ ଆର୍ଥିକ ବର୍ଷ ମଧ୍ୟରେ ଦେଶର ହାରାହାରି ବାର୍ଷିକ ଅଭିବୃଦ୍ଧି ୭.୩% ରହିଛି।

– ଅର୍ଥ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 10.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 68 | 116 | 126 |
| DKL | 68 | 116 | 126 |
| BDK | 69 | 118 | 128 |
| BLS | 71 | 120 | 130 |
| ANG | 69 | 118 | 128 |

*Conditions Apply

Eggs Retail Price- 56/-Dozen

Issued in the Interest of Consumers


## ହୀରାକୁଦରେ ନିର୍ମାଣ ହେବ ଦ୍ୱିତୀୟ ସ୍ପିଲ୍‌ୱେ

ଭୁବନେଶ୍ୱର,୧୦।୧(ବ୍ୟୁରୋ)



- ■ ଖର୍ଚ୍ଚ ହେବ ୫୦୦ କୋଟି
- ■ ୩ ବର୍ଷରେ ଶେଷ ହେବ ପ୍ରକଳ୍ପ

ରାଜ୍ୟର ବଡ ଜଳଭଣ୍ଡାର ହୀରାକୁଦରୁ ବନ୍ୟାଜଳ ନିଷ୍କାସନ ପାଇଁ ନିର୍ମାଣ ହେବ ଦ୍ୱିତୀୟ ସ୍ପିଲ୍‌ୱେ (ବନ୍ୟା ଜଳ ନିଷ୍କାସନ ପଥ)। ଏହି ପ୍ରକଳ୍ପ କାର୍ଯ୍ୟ ୩ ବର୍ଷ ମଧ୍ୟରେ ଶେଷ ହେବ ଏବଂ ଏଥିପାଇଁ ୫୦୦ କୋଟି ଟଙ୍କା ବ୍ୟୟ କରାଯିବ। ଏହା ବିଶ୍ୱବ୍ୟାଙ୍କ ଅର୍ଥରୁ ଖର୍ଚ୍ଚ କରାଯିବ। ଅଭିନବ ଜ୍ଞାନକୌଶଳକୁ ଉପଯୋଗ କରାଯାଇ ଏହି ନୂତନ ସ୍ପିଲ୍‌ୱେ ନିର୍ମାଣ ହେବ ବୋଲି ଜଳ ସମ୍ପଦ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି।

ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇ ଜେନା କହିଛନ୍ତି ଯେ ଜଳ ଭଣ୍ଡାରକୁ ପ୍ରବଳ ବର୍ଷା ଜଳ ପ୍ରବେଶ କରିବା ବେଳେ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ଗେଟ୍‌ଗୁଡିକରୁ ନିଷ୍କାସନ ପର୍ଯ୍ୟାପ୍ତ ହେଉ ନାହିଁ। ଏହାକୁ ସମ୍ପ୍ରସାରଣ କରିବାର ଆବଶ୍ୟକତା ଦେଖା ଦେଇଛି। ଏଥିପାଇଁ ଦ୍ୱିତୀୟ ଜଳ ନିଷ୍କାସନ ପଥ ଜଳଭଣ୍ଡାରର ଡାହାଣ ପଟେ ନିର୍ମାଣ କରାଯାଉଛି। ଏଭଳି ନିର୍ମାଣ ଦେଶରେ ପ୍ରଥମ ହେବାକୁ ଯାଉଛି। ହୀରାକୁଦ ଡ୍ୟାମ୍ ବହୁ ପୁରାତନ ବୈଷୟିକ ଜ୍ଞାନକୌଶଳକୁ ଆଧାର କରି ନିର୍ମାଣ ହୋଇଥିଲା। ଏବେ ନୂତନ ଜ୍ଞାନକୌଶଳ ଉପଯୋଗ କରାଯାଇ ବିଶ୍ୱବ୍ୟାଙ୍କ ଏବଂ ସିଡବ୍ଲୁସି ଅନୁଦାନରେ ନିର୍ମାଣ କରାଯାଉଛି। ଏଥିଲାଗି ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଟାଟା ଇଞ୍ଜିନିୟରିଂ କାମ ଆରମ୍ଭ କରିଛି। ଆସନ୍ତା ୩ ବର୍ଷ ମଧ୍ୟରେ ଏହାର କାର୍ଯ୍ୟ ଶେଷ ହେବ ବୋଲି ଜେନା କହିଛନ୍ତି।

ସୂଚନାଯୋଗ୍ୟ ଯେ ହୀରାକୁଦ ଜଳଭଣ୍ଡାର ମହାନଦୀ ଉପରେ ୨୫.୮ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ରହିଛି। ସ୍ୱାଧୀନତା ପରଠାରୁ ଏହା ହେଉଛି ପ୍ରଥମ ବହୁମୁଖୀ ଜଳଭଣ୍ଡାର ପ୍ରକଳ୍ପ। ୧୯୫୭ ଜାନୁୟାରୀ ୩ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ୧୯୫୬ରେ ହୀରାକୁଦରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେବା ସହ ଚାଷ ଜମିକୁ ଜଳସେଚନ ମଧ୍ୟ ଆରମ୍ଭ ହୋଇଥିଲା। ଏହି ଜଳଭଣ୍ଡାର ନିର୍ମାଣ ହେବା ଫଳରେ ଉପକୂଳ ଓଡିଶାରେ ଦେଖା ଦେଉଥିବା ବନ୍ୟା ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇ ପାରିଛି। ଏଥିସହିତ ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ ଆଦି ଜିଲାରେ ଚାଷ ଓ ପାନୀୟ ଜଳ ଯୋଗାଣ ଏବଂ ଶିଳ୍ପକୁ ଜଳ ଯୋଗାଣରେ ମଧ୍ୟ ହୀରାକୁଦ ସହାୟକ ହେଉଛି।

ଜିଲାପାଳଙ୍କ ସହ ସୁରକ୍ଷା ମଞ୍ଚର ଆଲୋଚନା ବିଫଳ

## ଆଜିଠାରୁ ଅର୍ଥନୈତିକ ଅବରୋଧ ଆନ୍ଦୋଳନ

ଅନୁଗୋଳ ଅଫିସ, ୧୦।୧–

ତାଳଚେରରେ ଥିବା ମହାନଦୀ କୋଲ ଫିଲଡ୍‌ସ (ଏମ୍‌ସିଏଲ୍)ର ବିଭିନ୍ନ ଖଣି ଦ୍ୱାରା ପ୍ରଭାବିତ ହୋଇଥିବା ପରିବାରଙ୍କ ଥଇଥାନ ଓ ବିସ୍ଥାପନ ସମସ୍ୟାର ସମାଧାନ ସହ ୧୬ ଦଫା ଦାବିରେ ତାଳଚେର ସୁରକ୍ଷା ମଞ୍ଚ ପକ୍ଷରୁ ଶୁକ୍ରବାରଠାରୁ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରାଯିବ। ଗୁରୁବାର ଜିଲାପାଳଙ୍କ ସହ ଅନୁଷ୍ଠିତ ବୈଠକ ବିଫଳ ହେବା ପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ହୋଇଥିବା ମଞ୍ଚ ସଭାପତି ମୁରଲୀଧର ସାହୁ ସୂଚନା ଦେଇଛନ୍ତି। ଏହାକୁ ସମର୍ଥନ ଜଣାଇବାକୁ ମଞ୍ଚ ପକ୍ଷରୁ ତାଳଚେର ବଣିକ ସଂଘକୁ ଅନୁରୋଧ କରାଯାଇଥିବା ଜଣାପଡ଼ିଛି।

ଗୁରୁବାର ପୂର୍ବାହ୍ନରେ ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ଓ ମଞ୍ଚ ସଭାପତି ମୁରଲୀଧର ☞ପୃଷ୍ଠା-୮



ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ଶାନ୍ତି ପ୍ରକ୍ରିୟାକୁ ସଫଳ କରିବା ପାଇଁ ଭାରତ ଯଥାସମ୍ଭବ ସକ୍ରିୟ ଭୂମିକା ନେବା ଆବଶ୍ୟକ ।
- ହମିଦ୍ କାର୍‌ଜାଇ, ଆଫଗାନିସ୍ତାନର ପୂର୍ବତନ ରାଷ୍ଟ୍ରପତି




# ଘୁଞ୍ଚିଯାଉଛି ଅଯୋଧ୍ୟା ଶୁଣାଣି

**ନୂଆଦିଲ୍ଲୀ,୧୦।୧(ପି.ଟି.)**

ଉତ୍ତରପ୍ରଦେଶର ଅଯୋଧ୍ୟାସ୍ଥିତ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣିରୁ ଜଷ୍ଟିସ୍ ୟୁ. ୟୁ. ଲଳିତ ଓହରିଯାଇଛନ୍ତି। ଫଳରେ ଆସନ୍ତା ୨୯ ତାରିଖକୁ ଏହାର ଶୁଣାଣି ଘୁଞ୍ଚାଇ ଦିଆଯାଇଛି। ଜାନୁୟାରୀ ୨୯ ପୂର୍ବରୁ ସୁପ୍ରିମକୋର୍ଟରେ ନୂଆ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରାଯିବ। ଏହି ପୀଠ ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଏହି ମାମଲାର ବିଚାର କରିବେ ବୋଲି ସର୍ବୋଚ୍ଚ ଅଦାଲତ ଗୁରୁବାର ନିଷ୍ପତ୍ତି ନେଇଛନ୍ତି।

ବହୁପ୍ରତୀକ୍ଷିତ ଅଯୋଧ୍ୟା ମାମଲାର ଶୁଣାଣି ଗୁରୁବାର ହେବାର ଥିଲା। ଏଥିପାଇଁ ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ କରାଯାଇଥିଲା। ଏଥିରେ ଜଷ୍ଟିସ୍ ଉଦୟ ଉମେଶ ଲଳିତ, ଏସ୍.ଏ. ବୋବ୍‌ଡେ, ଏନ୍.ଭି. ରାମାନ୍ନା ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ ମଧ୍ୟ ସାମିଲ ଥିଲେ। କୋର୍ଟରୁମ୍‌ରେ ଶୁଣାଣି ଆରମ୍ଭ ହେବା ମାତ୍ରେ ମୁସଲମାନ ପକ୍ଷଙ୍କ ଓକିଲ ରାଜୀବ ଧୱନ ଜଷ୍ଟିସ୍ ଲଳିତଙ୍କୁ ନେଇ ଆପତ୍ତି ଉଠାଇଥିଲେ। ଆଇନଜୀବୀ ଧୱନ ଯୁକ୍ତି ବାଢ଼ିଥିଲେ ଯେ, ୧୯୯୪ରେ ଜଷ୍ଟିସ୍ ଲଳିତ ଜଣେ ଆଇନଜୀବୀ ଭାବେ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂ(ବର୍ତ୍ତମାନ ରାଜସ୍ଥାନ ରାଜ୍ୟପାଳ)ଙ୍କ ପକ୍ଷରୁ ଅଯୋଧ୍ୟା ସମ୍ପର୍କିତ ଏକ ମାମଲା ପରିଚାଳନା କରିଥିଲେ। କିନ୍ତୁ ସାମ୍ବିଧାନିକ ପୀଠରୁ ତାଙ୍କୁ ବାଦ୍ ଦେବା ପାଇଁ ସେ କହୁନାହାନ୍ତି। ସେହିପରି ଏହି ପ୍ରସଙ୍ଗରେ ପୂର୍ବରୁ ଏକ ୩ ଜଣିଆ ଖଣ୍ଡପୀଠରେ ଶୁଣାଣି କରାଯିବା ପାଇଁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ସିଜେଆଇ ଏହାକୁ ୫ ଜଣିଆ ଖଣ୍ଡପୀଠରେ ଶୁଣାଣି କରିବାକୁ କାହିଁକି ନିଷ୍ପତ୍ତି ନେଇଛନ୍ତି ବୋଲି ଧୱନ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତିପକ୍ଷ ଓକିଲଙ୍କ ଏହି ଯୁକ୍ତି ଶୁଣିବା ମାତ୍ରେ ଜଷ୍ଟିସ୍ ଲଳିତ ନିଜଆଡ଼ୁ ଏହି ମାମଲାର ବିଚାର ପ୍ରକ୍ରିୟାରୁ ଓହରିଯାଇଥିଲେ। ଫଳରେ ୨୦ ମିନିଟର ଶୁଣାଣି ପରେ ସିଜେଆଇ ଗୋଗୋଇ ମାମଲାର ବିଚାରକୁ ଆସନ୍ତା ୨୯ ଯାଏ ଘୁଞ୍ଚାଇଦେଇଛନ୍ତି। ଏହାପୂର୍ବରୁ ଜଷ୍ଟିସ୍ ଲଳିତଙ୍କ ବଦଳରେ ଅନ୍ୟ ଜଣେ ବିଚାରପତିଙ୍କୁ ନେଇ ନୂଆ ଖଣ୍ଡପୀଠ ଗଠନ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ, କଲ୍ୟାଣ ସିଂ ମୁଖ୍ୟମନ୍ତ୍ରୀ ଥିବାବେଳେ ୧୯୯୨ ଡିସେମ୍ବର ୬ରେ ବିବାଦୀୟ ଢାଞ୍ଚା ବାବ୍ରି ମସ୍‌ଜିଦ ଭଙ୍ଗାଯାଇଥିଲା। ସେତେବେଳେ ସେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଦେଇଥିବା ପ୍ରତିଶ୍ରୁତି ରଖିପାରି ନ ଥିଲେ। ଫଳରେ ତାଙ୍କୁ କୋର୍ଟରେ ହାଜର ହୋଇ ଜବାବ ରଖିବାକୁ ପଡ଼ିଥିଲା। ଜଷ୍ଟିସ ଲଳିତ ସେହି ମାମଲାରେ କଲ୍ୟାଣଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ।

୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଏହି ବହୁଚର୍ଚ୍ଚିତ ମାମଲାର ଶୁଣାଣି କରି ବିବାଦୀୟ ୨.୭୭ ଏକର ଜମିକୁ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଓ ରାମଲାଲାଙ୍କ ମଧ୍ୟରେ ସମାନ ତିନିଭାଗରେ ବାଣ୍ଟି ଦେଇଥିଲେ। ହେଲେ ହାଇକୋର୍ଟଙ୍କ ରାୟ ପରେ ଭୂମିକୁ ନେଇ ସହମତି ପ୍ରକାଶ ପାଇ ନ ଥିଲା। ଉକ୍ତ ରାୟ ବିରୋଧରେ ସୁପ୍ରିମକୋର୍ଟରେ ୧୪ଟି ପିଟିଶନ ଦାଏର ହୋଇଛି। ପୂର୍ବରୁ ଆବେଦନକାରୀଙ୍କ ମଧ୍ୟରେ ଏମ୍. ସିଦ୍ଦିକି ରହିଥିଲେ। ସିଦ୍ଦିକିଙ୍କ ମୃତ୍ୟୁ ପରେ ଆଇନଗତ ଉତ୍ତରାଧିକାରୀ ଭାବେ ତାଙ୍କ ପୁଅ ଏହି ମାମଲାର ଏକ ପକ୍ଷ ଅଛନ୍ତି। ବରିଷ୍ଠ ଆଇନଜୀବୀ ଧୱନ ତାଙ୍କ ପକ୍ଷରୁ ମାମଲା ଲଢୁଛନ୍ତି।


ଜଷ୍ଟିସ୍ ୟୁ. ୟୁ. ଲଳିତ



### ବିଚାରରୁ ଓହରିଲେ ଜଷ୍ଟିସ୍ ଲଳିତ

- କଲ୍ୟାଣ ସିଂଙ୍କ ପକ୍ଷରୁ ମାମଲା ଲଢ଼ିଥିଲେ
- ଆପତ୍ତି ଉଠାଇଲେ ପ୍ରତିପକ୍ଷ ଓକିଲ
- ଗଠନ ହେବ ନୂଆ ଖଣ୍ଡପୀଠ
- ୨୯ରେ ପରବର୍ତ୍ତୀ ଶୁଣାଣି

## 'ସିଧା ପ୍ରସାରଣ ହେଉ'

**ନୂଆଦିଲ୍ଲୀ,୧୦।୧(ପି.ଟି.)**

ଅଯୋଧ୍ୟା ମାମଲାର ଶୁଣାଣିର ସିଧା ପ୍ରସାରଣ କରିବାକୁ ଗୁରୁବାର ଆର୍‌ଏସ୍‌ଏସ୍‌ର ପୂର୍ବତନ ବିଚାରକ କେ.ଏନ୍. ଗୋବିନ୍ଦାଚାର୍ଯ୍ୟ ଦାବି କରିଛନ୍ତି। ସୁପ୍ରିମକୋର୍ଟରେ ରାଜନୈତିକ ସମ୍ବେଦନଶୀଳ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ମାମଲାର ନ୍ୟାୟିକ ପ୍ରକ୍ରିୟାର ଟିଭିରେ ସିଧା ପ୍ରସାରଣ କରିବାକୁ ଗୋବିନ୍ଦାଚାର୍ଯ୍ୟ କେନ୍ଦ୍ର ସରକାରଙ୍କ ନିକଟକୁ ଚିଠି ଲେଖିଛନ୍ତି। ଗୋବିନ୍ଦାଚାର୍ଯ୍ୟ ଓ ବରିଷ୍ଠ ଆଇନଜୀବୀ କେ.ଜି. ଗୁପ୍ତା କ୍ୟାବିନେଟ ସଚିବ ପି.କେ. ସିହ୍ନାଙ୍କ ପାଖକୁ ପଠାଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଜାନୁୟାରୀ ୨୯ରେ ଏହି ମାମଲାର ଶୁଣାଣି ପୂର୍ବରୁ ସରକାର ସିଧା ପ୍ରସାରଣର ପର୍ଯ୍ୟାପ୍ତ ବ୍ୟବସ୍ଥା କରନ୍ତୁ। ଏହାଦ୍ୱାରା ନାଗରିକମାନେ ଦେଶର ସର୍ବପୁରାତନ ମାମଲାର ପ୍ରସାରଣ ଦେଖିପାରିବେ। କାରଣ ପ୍ରଧାନମନ୍ତ୍ରୀଙ୍କ ସମେତ ସାରା ଦେଶ ଉତ୍କଣ୍ଠାର ସହିତ ଏହାର ରାୟକୁ ଅପେକ୍ଷା କରିଛନ୍ତି।


କେ.ଏନ୍. ଗୋବିନ୍ଦାଚାର୍ଯ୍ୟ

### ବିଳମ୍ବ ପ୍ରତିବାଦରେ ବିକ୍ଷୋଭ



ଅଯୋଧ୍ୟାସ୍ଥିତ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦ ମାମଲାର ଶୁଣାଣିରେ ବିଳମ୍ବ ହେଉଥିବାରୁ ଏହାର ପ୍ରତିବାଦରେ ଗୁରୁବାର ସୁପ୍ରିମକୋର୍ଟ ବାହାରେ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ସମେତ ଦକ୍ଷିଣପନ୍ଥୀ ସଙ୍ଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ। ପୋଲିସ ଜଣେ ବିକ୍ଷୋଭକାରୀଙ୍କୁ ଗିରଫ କରିନେଉଛି।

## ଶୀଲା ଦୀକ୍ଷିତ ଦିଲ୍ଲୀ କଂଗ୍ରେସ ଅଧ୍ୟକ୍ଷା

**ନୂଆଦିଲ୍ଲୀ,୧୦।୧(ପି.ଟି.)**

ଦିଲ୍ଲୀର ତିନିଥର ମୁଖ୍ୟମନ୍ତ୍ରୀ ରହିଥିବା ଶୀଲା ଦୀକ୍ଷିତ (୮୦) ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟିର ନୂତନ ଅଧ୍ୟକ୍ଷା ନିଯୁକ୍ତ ହୋଇଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ କମିଟିର ସଭାପତି ପଦରୁ ବରିଷ୍ଠ କଂଗ୍ରେସ ନେତା ଅଜୟ ମାକେନ୍ ଇସ୍ତଫା ଦେବା ପରେ ଶୀଲାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏହା ଆନୁଷ୍ଠାନିକ ଭାବେ ଘୋଷଣା ହୋଇ ନ ଥିଲେ ମଧ୍ୟ ଖୁବ୍‌ଶୀଘ୍ର ସେ ଦିଲ୍ଲୀରେ ଦଳର କମାଣ୍ଡ ସମ୍ଭାଳିବେ ବୋଲି ଦଳ ତରଫରୁ କୁହାଯାଇଛି। ଏଥିରେ ତାଙ୍କୁ ୩ କାର୍ଯ୍ୟକାରୀ ସଭାପତି ସହଯୋଗ କରିବେ। ମାକେନ୍ ଦଳର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଶୀଲାଙ୍କ ଦୀର୍ଘବର୍ଷର ସାଙ୍ଗଠନିକ ଦକ୍ଷତା ଓ ବଳିଷ୍ଠ ନେତୃତ୍ୱରେ କଂଗ୍ରେସ ଉଭୟ ଦିଲ୍ଲୀ ଏବଂ କେନ୍ଦ୍ରରେ ପ୍ରଭାବଶାଳୀ ବିରୋଧୀ ଦଳର ଭୂମିକା ନିର୍ବାହ କରିବ ବୋଲି ସେ କହିଛନ୍ତି।



## କେଜ୍‌ରିୱାଲ-ପ୍ରକାଶ ରାଜ ସାକ୍ଷାତ

**ନୂଆଦିଲ୍ଲୀ,୧୦।୧**

ଅଭିନେତାରୁ ରାଜନେତା ପାଲଟିଥିବା ପ୍ରକାଶ ରାଜ ଆମ୍ ଆଦ୍‌ମୀ ପାର୍ଟି ସୁପ୍ରିମୋ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଗୁରୁବାର ତାଙ୍କ ବାସଭବନରେ ଭେଟିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ସହ ସମାଲୋଚନା କରିଆସୁଥିବା ପ୍ରକାଶ ରାଜ ଆସନ୍ତା ଲୋକସଭା ନିର୍ବାଚନରେ ସେଣ୍ଟ୍ରାଲ୍ ବାଙ୍ଗାଲୁରୁରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ। କେଜ୍‌ରିୱାଲ ତାଙ୍କର ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ସହାୟତାର ହାତ ବଢ଼ାଇଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ବିଭିନ୍ନ ପ୍ରସଙ୍ଗକୁ କିଭଳି ଜନସାଧାରଣଙ୍କ ନିକଟରେ ସଫଳତାର ସହ ଉପସ୍ଥାପିତ କରାଯାଇପାରିବ ସେ ସମ୍ବନ୍ଧରେ ସହଯୋଗ କରିବାକୁ ତାଙ୍କୁ ଅନୁରୋଧ କରିଛନ୍ତି।



■ ତିନି ତଲାକ୍: ଅବଧି ଶେଷ ହେବା ପୂର୍ବରୁ

## ପୁନଃ ଅଧ୍ୟାଦେଶ ପାଇଁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୧୦।୧(ପି.ଟି.)**- ତିନି ତଲାକ୍ ନିରୋଧୀ ଅଧ୍ୟାଦେଶର ଅବଧି ଶେଷ ହେବା ପୂର୍ବରୁ ପୁଣିଥରେ ଅଧ୍ୟାଦେଶ ଆଣିବାକୁ ଯାଉଛନ୍ତି କେନ୍ଦ୍ର ସରକାର। ଏନେଇ ଗୁରୁବାର କ୍ୟାବିନେଟର ମଞ୍ଜୁରୀ ମିଳିଛି।

ମୁସଲମାନ ମହିଳାଙ୍କୁ ଲଗାତର ୩ ଥର ତଲାକ୍ କହି ଛାଡ଼ପତ୍ର ଦେବା ଏକ ଅପରାଧ ବୋଲି କେନ୍ଦ୍ର ସରକାର ଏକ ଅଧ୍ୟାଦେଶ ଆଣିଥିଲେ। ଗତ ସେପ୍ଟେମ୍ବର ୧୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏଥିରେ ମୋହର ମାରିଥିଲେ। କିନ୍ତୁ ୬ ମାସ ମଧ୍ୟରେ ଏହା ପାଲାମେଣ୍ଟର ଉଭୟ ଗୃହରେ ଗୃହୀତ ହୋଇପାରି ନାହିଁ। ମୁସ୍‌ଲିମ ମହିଳା (ବିବାହ ଅଧିକାର ସୁରକ୍ଷା) ଅଧ୍ୟାଦେଶ, ୨୦୧୮ର ଅବଧି ଜାନୁୟାରୀ ୨୨ରେ ଶେଷ ହେବାକୁ ଯାଉଛି। ତେଣୁ ଏହା ପୂର୍ବରୁ ସରକାର ପୁଣିଥରେ ଅଧ୍ୟାଦେଶ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି।

## ୨୧ ପୋଲିସ ନିହତ

**କାବୁଲ,୧୦।୧(ପି.ଟି.)**-ପଶ୍ଚିମ ଓ ଉତ୍ତର ଆଫଗାନିସ୍ତାନରେ ତାଲିବାନ ଆକ୍ରମଣରେ ୨୧ ପୋଲିସ ଯବାନ ନିହତ ହୋଇଛନ୍ତି। ପଶ୍ଚିମ ବଦ୍‌ଘିସ୍, ଉତ୍ତର ବାଘଲାନ ଏବଂ ତକ୍‌ହାର ପ୍ରଦେଶରେ ପୋଲିସ କର୍ମୀଙ୍କୁ ତାଲିବାନମାନେ ଟାର୍ଗେଟ୍ କରିଛନ୍ତି। ଏଥିରେ ୨୩ ସୁରକ୍ଷା ବଳ ଯବାନ ଗୁରୁତର ଆହତ ହୋଇଥିବା ସରକାରୀ ଭାବେ ସୂଚିତ କରାଯାଇଛି। ସୁରକ୍ଷା ବଳ ଓ ଆଫଗାନ ସେନା ଉପରେ ଏଭଳି ବାରମ୍ବାର ଆକ୍ରମଣ ହୋଇଆସୁଥିବା ନେଇ ସରକାର ଗମ୍ଭୀର ଥିବା କୁହାଯାଇଛି।



# ଫୁର୍‌ସତ

## ସୌରମଣ୍ଡଳ ବାହାରେ ନୂଆ ଗ୍ରହ

**ୱାଶିଂଟନ୍:** ନାସାର କେପ୍‌ଲର ସ୍ପେସ୍ ଟେଲିସ୍କୋପ୍ ତଥ୍ୟକୁ ବ୍ୟବହାର କରି ବୈଜ୍ଞାନିକମାନେ ଏକ ନୂଆ ଗ୍ରହ ଆବିଷ୍କାର କରିଛନ୍ତି। ଏହା ପୃଥିବୀ ଆକୃତିର ୨ଗୁଣ ଏବଂ ନିଜ ନକ୍ଷତ୍ରଠାରୁ ବାସଯୋଗ୍ୟ ଦୂରତାରେ ରହିଛି। ଯେଉଁଠାରେ କି ଗ୍ରହର ପୃଷ୍ଠଭୂମିରେ ଜଳ ତରଳ ଅବସ୍ଥାରେ ରହିବା ସମ୍ଭାବନା ରହିଛି। ଏହି ନୂଆ ଗ୍ରହ କେ୨-୨୮ବିବି ନାମରେ ପରିଚିତ। ଏହାର ପୃଷ୍ଠଭୂମି ପଥୁରିଆ ଏବଂ ନେପ୍‌ଚ୍ୟୁନ ଭଳି ବାଷ୍ପରେ ପରିପୂର୍ଣ୍ଣ। ସୌରମଣ୍ଡଳ ବାହାରେ ଥିବା ଏକ୍ସୋପ୍ଲାନେଟ୍‌ଗୁଡ଼ିକ ମଧ୍ୟରେ ଏହା ବିରଳ ଆକୃତିର ଗ୍ରହ। ଏ ସମ୍ପର୍କିତ ଏକ ଅଧ୍ୟୟନ ଆଷ୍ଟ୍ରୋନୋମିକାଲ ଜର୍ନାଲରେ ପ୍ରକାଶ ପାଇଛି। ତେବେ ଏଭଳି ଗ୍ରହ ଆବିଷ୍କାର ଅତ୍ୟନ୍ତ ଉତ୍ସାହଜନକ। ଏଭଳି ଗ୍ରହର ଆକୃତି ଅତ୍ୟନ୍ତ ଅସାଧାରଣ ବୋଲି ଆମେରିକାର ଶିକାଗୋ ୟୁନିଭର୍ସିଟିସ୍ଥିତ ଗ୍ରାଜୁଏଟ୍ ଛାତ୍ର ଆଡିନା ଫିଏନ୍‌ଷ୍ଟିନ୍ ପ୍ରକାଶ କରିଛନ୍ତି। ନୂତନ ଗ୍ରହ କେ୨-୨୮ବିବି ପ୍ରତି ୩୧.୩ ଦିନରେ ନିଜ ନକ୍ଷତ୍ରକୁ ପରିକ୍ରମା କରୁଛି।




## ପୁଣି ବିବାଦରେ ନୟନତାରା

**ନାଗପୁର:**

ମରାଠୀ ସାହିତ୍ୟ ମହାମଣ୍ଡଳର ବାର୍ଷିକ ବୈଠକକୁ ଲେଖିକା ନୟନତାରା ସେହଗଲଙ୍କୁ ନିମନ୍ତ୍ରଣ ପ୍ରତ୍ୟାହାର କରାଯିବା ପରେ ଏକ ବିବଦମାନ ପରିସ୍ଥିତି ସୃଷ୍ଟି ହୋଇଛି। ଏଥିନେଇ ଅଖିଳ ଭାରତୀୟ ମରାଠୀ ସାହିତ୍ୟ ମହାମଣ୍ଡଳ ସଭାପତି ଶ୍ରୀପଦ ଜୋଷୀ ଗୁରୁବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଶାସକ ଭାଜପା ନିର୍ଦ୍ଦେଶରେ ସେହଗଲଙ୍କ ନିମନ୍ତ୍ରଣ ବାତିଲ କରାଯାଇଥିବା ରାଜ୍ୟ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରତିବର୍ଷ ମହାମଣ୍ଡଳ ଆନୁକୂଲ୍ୟରେ ଅଖିଳ ଭାରତୀୟ ମରାଠୀ ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୁଏ। ଚଳିତବର୍ଷ ଜାନୁୟାରୀ ୧୧ରେ ମହାରାଷ୍ଟ୍ରର ୟଓ୍ୱତମାଲଠାରେ ଉକ୍ତ ଉତ୍ସବ ଅନୁଷ୍ଠିତ ହେଉଛି। ଅପରପକ୍ଷରେ ଜୋଷୀ ତାଙ୍କ ଇସ୍ତଫା ପତ୍ର ବିଦର୍ଭ ସାହିତ୍ୟ ସଂଘର ସଭାପତିଙ୍କୁ ପଠାଇ ଦେଇଥିବା ମହାମଣ୍ଡଳର ସମ୍ପାଦକ ଡକ୍ଟର ଇନ୍ଦ୍ରଜିତ ଓରେକର ସୂଚନା ଦେଇଛନ୍ତି। ଶ୍ରୀମତୀ ସେହଗଲଙ୍କ ଭଳି ଜଣେ ଭାରତୀୟ ଇଂଲିଶ ଲେଖକଙ୍କୁ ବୈଠକ ଉଦ୍‌ଘାଟନ ପାଇଁ ନିମନ୍ତ୍ରଣ କରାଯାଇଥିଲା। ଜାନୁୟାରୀ ୬ରେ ଏହାକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ ସାହିତ୍ୟ ସମ୍ମିଳନୀର ଆୟୋଜକମାନେ ଉକ୍ତ ନିମନ୍ତ୍ରଣକୁ ପ୍ରତ୍ୟାହାର କରି ନେଇଥିଲେ। ଗୋ-ରକ୍ଷକମାନେ ଆଇନ ହାତକୁ ନେଇ ହିଂସାତ୍ମକ ଦଣ୍ଡଦେବା ଭଳି ପ୍ରସଙ୍ଗ ଉପରେ ସେହଗଲ ବକ୍ତୃତା ଦେବା ଆୟୋଜକଙ୍କୁ ସୁରାକ ମିଳିବା ପରେ ଉକ୍ତ ନିମନ୍ତ୍ରଣପତ୍ର ନାକଚ କରିଦିଆଯାଇଥିବା ଶିବସେନା ପକ୍ଷରୁ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷରେ ନୟନତାରା ଗାନ୍ଧୀ-ନେହେରୁ ପରିବାର ସଦସ୍ୟା ହୋଇଥିବାରୁ ସେ କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ଭାଜପା ସରକାରଙ୍କୁ ଟାର୍ଗେଟ କରିପାରନ୍ତି ବୋଲି ଆଶଙ୍କା କରି ତାଙ୍କଠାରୁ ନିମନ୍ତ୍ରଣ ପ୍ରତ୍ୟାହାର କରାଯାଇଥିବା କୁହାଯାଉଛି। ପ୍ରକାଶ ଯେ, ଗତବର୍ଷ ଅସହିଷ୍ଣୁ ପ୍ରସଙ୍ଗ ଉଠାଇଥିବା ବୁଦ୍ଧିଜୀବୀଙ୍କ ମଧ୍ୟରେ ଅନ୍ୟତମ ଥିଲେ ନୟନତାରା।



### ଇତିହାସର ଆଇନାରେ

### ଜାନୁୟାରୀ ୧୧ର ପ୍ରମୁଖ ଘଟଣା

୧୯୪୨ ଜାନୁୟାରୀ ୧୧ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ଜାପାନୀ ସେନା ମାଳୟ ରାଜ୍ୟସମୂହର ରାଜଧାନୀ କ୍ୱାଲାଲମ୍ପୁରକୁ ଅଧିକାର କରିଥିଲା। ଜାପାନ ଆକ୍ରମଣକାରୀ ସେନା ଏବଂ ବ୍ରିଟିଶ ବାହିନୀ ମଧ୍ୟରେ କ୍ୱାଲାଲମ୍ପୁରଠାରେ ଯୁଦ୍ଧ ହୋଇଥିଲା। ଏହାକୁ କ୍ୱାଲାଲମ୍ପୁର ଯୁଦ୍ଧ କୁହାଯାଏ। ୧୯୪୧ ଡିସେମ୍ବର ୨୧ ଏବଂ ୨୨ରେ ଜାପାନୀ ନୌସେନାର ବିମାନ କ୍ୱାଲାଲମ୍ପୁର ଉପରେ ପ୍ରଥମକରି ରକେଟମାଡ କରିବାପରେ ବ୍ରିଟିଶ ସେନା ଜାପାନର ଏକ ବିମାନକୁ ଗୁଳିକରି ଖସାଇ ଦେଇଥିଲେ।

୧୯୭୨ ଜାନୁୟାରୀ ୧୧ରେ ପୂର୍ବ ପାକିସ୍ତାନର ନାମ ହେଲା ବାଂଲାଦେଶ। ୧୯୭୧ ପର୍ଯ୍ୟନ୍ତ ପୂର୍ବ ପାକିସ୍ତାନ ଥିଲା ପାକିସ୍ତାନର ଅନ୍ୟତମ ପ୍ରଦେଶ। ଏହା ହେଉଛି ଆଧୁନିକ ବାଂଲାଦେଶର ଭୂଖଣ୍ଡ। ଏହାର ସୀମାରେଖା ବଙ୍ଗୋପସାଗର ଉପକୂଳ ସମେତ ଭାରତ ଓ ମ୍ୟାନ୍‌ମାରକୁ ସଂଯୋଗ କରୁଛି।


ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୨ | ୧୨.୨ |
| ଚାନ୍ଦବାଲି | ୨୫.୫ | ୧୩.୦ |
| କଟକ | ୨୬.୮ | ୧୨.୦ |
| ପାରାଦ୍ୱୀପ | ୨୬.୪ | ୧୪.୮ |
| ଭୁବନେଶ୍ୱର | ୨୮.୪ | ୧୨.୮ |
| ଗୋପାଳପୁର | ୨୬.୯ | ୧୪.୩ |
| ପୁରୀ | ୨୬.୪ | ୧୫.୨ |
| ଅନୁଗୋଳ | ୨୬.୭ | ୦୮.୦ |
| ବାରିପଦା | ୨୪.୪ | ୧୨.୬ |
| ଝାରସୁଗୁଡ଼ା | ୨୬.୧ | ୦୯.୫ |
| କେନ୍ଦୁଝର | ୨୩.୩ | ୦୯.୪ |
| ସମ୍ବଲପୁର | ୨୭.୪ | ୧୦.୦ |
| ସୁନ୍ଦରଗଡ଼ | ୨୬.୦ | ୦୯.୦ |
| ହୀରାକୁଦ | ୨୬.୫ | ୧୦.୬ |
| ତାଳଚେର | ୩୦.୫ | ୧୧.୦ |
| ଭବାନୀପାଟଣା | ୨୬.୮ | ୦୮.୫ |
| ବଲାଙ୍ଗୀର | ୨୬.୦ | ୦୯.୪ |
| କୋରାପୁଟ | ୨୭.୦ | ୦୮.୬ |
| ଫୁଲବାଣୀ | ୨୫.୦ | ୦୭.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୫ | ୧୨.୮ |
| ସୋନପୁର | ୨୭.୮ | ୧୦.୪ |
| ଦାରିଙ୍ଗିବାଡ଼ି | ୨୪.୦ | ୦୬.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବଲିଉଡ୍ କଳାକାର

**ନୂଆଦିଲ୍ଲୀ/ମୁମ୍ବାଇ:**

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ସମେତ ରଣବୀର ସିଂ, ରଣବୀର କପୁର ଏବଂ ବରୁଣ ଧାବନ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଫିଲ୍ମ ଟିକେଟରେ ଜିଏସ୍‌ଟି ହ୍ରାସ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀଙ୍କ ସହିତ ବଲିଉଡ୍ ପ୍ରଯୋଜକ ଏକ ବୈଠକରେ ମିଳିତ ହେବାର ସପ୍ତାହକ ପରେ କଳାକାରମାନେ ମୋଦିଙ୍କୁ ସାକ୍ଷାତ କରିଛନ୍ତି। ଫିଲ୍ମ ଟିକେଟରେ ଜିଏସ୍‌ଟି ଲାଗୁନେଇ ବଲିଉଡ ଶିଳ୍ପରେ ଦେଖାଦେଇଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ତେବେ ବୈଠକର କାର୍ଯ୍ୟସୂଚୀ ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଗୁପ୍ତ ରଖାଯାଇଛି। ପ୍ରଯୋଜକ ଏବଂ ଅଭିନେତାଙ୍କୁ ନେଇ ଯେଉଁ ପ୍ରତିନିଧି ମଣ୍ଡଳୀ ଗଠନ କରାଯାଇଛି ତାହାର ଆୟୋଜକ ଅଛନ୍ତି ଫିଲ୍ମ ନିର୍ମାତା କରନ୍ ଜୋହର। ତେବେ ପ୍ରତିନିଧିମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ନିର୍ଦ୍ଦେଶକ ରୋହିତ ଶେଟ୍ଟୀ ଏବଂ ଅଶ୍ୱିନୀ ତିୱାରୀ, ପ୍ରଯୋଜକ ଏକତା କପୁର ଓ ମହାବୀର ଜୈନ, ଅଭିନେତା ରାଜକୁମାର ରାଓ, ଭିକି କୌଶଲ, ଆୟୁଷ୍ମାନ୍ ଖୁରାନା, ଭୂମି ପେଡନ୍‌କର ଏବଂ ସିଦ୍ଧାର୍ଥ ମଲହୋତ୍ରା। ଡିସେମ୍ବର ୧୯ରେ ପ୍ରଧାନମନ୍ତ୍ରୀଙ୍କ ସହ ବୈଠକ ସମୟରେ କୌଣସି ଅଭିନେତ୍ରୀ ଉପସ୍ଥିତ ନ ଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହୋଇଥିଲା। ପରେ ଆଲିଆ ଓ ଭୂମିଙ୍କ ସମେତ ବଲିଉଡ କଳାକାରମାନେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ।



■ ମହିଳା ସଂରକ୍ଷଣ ପ୍ରସଙ୍ଗ

# ସମର୍ଥନ ଜଣାଇ ନବୀନଙ୍କୁ ଶରଦଙ୍କ ଚିଠି

**ପ୍ରୟାସକୁ ସ୍ୱାଗତ**

**ଭୁବନେଶ୍ୱର,୧୦।୧(ବ୍ୟୁରୋ):** ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସମସ୍ତ ପ୍ରମୁଖ ରାଜନୈତିକ ଦଳର ମୁଖ୍ୟମାନଙ୍କୁ ଚିଠି ଲେଖି ସମର୍ଥନ ମାଗିଛନ୍ତି। ସେହି କ୍ରମରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ମୁଖ୍ୟ ଶରଦ ପାୱାର ନବୀନଙ୍କ ପ୍ରସ୍ତାବକୁ ସମର୍ଥନ କରି ଚିଠିର ପ୍ରତ୍ୟୁତ୍ତର ରଖିଛନ୍ତି।

ଶରଦ କହିଛନ୍ତି ଯେ, ୧୯୯୧ରେ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ମହାରାଷ୍ଟ୍ର ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଆଇନ ଆଣିଥିଲେ। ୨୦୧୧ରେ ମହାରାଷ୍ଟ୍ରର ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ସର୍ବସମ୍ମତ କ୍ରମେ ଗୃହୀତ ହୋଇସାରିଛି। ତେଣୁ ମହିଳାଙ୍କ ସଶକ୍ତୀକରଣ ପାଇଁ ଏନ୍‌ସିପି ସର୍ବଦା ପ୍ରତିଶ୍ରୁତିବଦ୍ଧ। ବିଜେଡି ଏଥିପାଇଁ କରୁଥିବା ପ୍ରୟାସ ଧନ୍ୟବାଦଯୋଗ୍ୟ। ପାର୍ଲାମେଣ୍ଟରେ ଏନେଇ ଯେଉଁଦିନ ବିଧେୟକ ଅଣାଯିବ, ଉକ୍ତଦିନ ଏନ୍‌ସିପି ଏହାକୁ ସମର୍ଥନ କରିବ ବୋଲି ଶରଦ କହିଛନ୍ତି।

■ ସାଧାରଣ ବର୍ଗଙ୍କୁ ସଂରକ୍ଷଣ

# ବିଚାର କରି ନିଷ୍ପତ୍ତି ନିଆଯିବ: ରମେଶ ମାଝି

**ଭୁବନେଶ୍ୱର,୧୦।୧(ବ୍ୟୁରୋ):** ସାଧାରଣ ବର୍ଗଙ୍କୁ ୧୦% ସଂରକ୍ଷଣ ପ୍ରସଙ୍ଗ ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ଏହାକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି। ସୁପ୍ରିମ୍‌କୋର୍ଟ ସଂରକ୍ଷଣକୁ ୫୦% ମଧ୍ୟରେ ସୀମିତ ରଖିବା ପାଇଁ ରାୟ ଦେଇଛନ୍ତି। ଏହାକୁ ଆଳ କରି ରାଜ୍ୟ ୫୦% ମଧ୍ୟରେ ସଂରକ୍ଷଣକୁ ସୀମିତ ରଖିଛି। ସାଧାରଣ ବର୍ଗର ୧୦% ସଂରକ୍ଷଣକୁ ରାଜ୍ୟ କିପରି ଢଙ୍ଗରେ ଲାଗୁ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ।

ଏନେଇ ପ୍ରତିକ୍ରିୟା ରଖି ଏସ୍‌ସି, ଏସ୍‌ଟି, ଓବିସି ବିକାଶ ମନ୍ତ୍ରୀ ରମେଶ ମାଝି କହିଛନ୍ତି ଯେ, ସାଧାରଣ ବର୍ଗକୁ ନେଇ ୧୦% ସଂରକ୍ଷଣ ରୂପରେଖ ନେଇ କୌଣସି ବିଧିବଦ୍ଧ ତଥ୍ୟ ରାଜ୍ୟ ସରକାରଙ୍କ ହସ୍ତଗତ ହୋଇନାହିଁ। ସବୁଦିଗରୁ ବିଚାର କରି ନିଷ୍ପତ୍ତି ନେବୁ। ସାମାଜିକ ନ୍ୟାୟ ସଂଗଠନ ଆବାହକ ଦେବୀ ପ୍ରସାଦ ପୃଷ୍ଟି କହିଛନ୍ତି ଯେ, ମଣ୍ଡଳ କମିଶନ ନିୟମ ଅନୁଯାୟୀ ଶିକ୍ଷା ଓ ଚାକିରି କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ତଥା ସାମାଜିକ, ଅର୍ଥନୈତିକ ଭାବେ ପଛୁଆବର୍ଗ(ଏସ୍‌ଇବିସି)ଙ୍କ ପାଇଁ ଓଡ଼ିଶା ବ୍ୟତୀତ ସବୁ ରାଜ୍ୟରେ ୨୭% କାର୍ଯ୍ୟକାରୀ ହେଉଛି। ଚାକିରି କ୍ଷେତ୍ରରେ ଓବିସି ମାତ୍ର ୧୧% ଓ ଶିକ୍ଷା କ୍ଷେତ୍ରରେ କୌଣସି ସଂରକ୍ଷଣ ପାଉନାହାନ୍ତି। ତେଣୁ ରାଜ୍ୟରେ ଲୋକସଂଖ୍ୟା ଭିତ୍ତିରେ ସଂରକ୍ଷଣର ପୁନଃ ନିର୍ଦ୍ଧାରଣ କରାଯାଉ। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ କହିଛନ୍ତି ଯେ, ସମାଜବାଦୀ ପାର୍ଟି(ଏସ୍‌ପି)ର ବରିଷ୍ଠ ନେତା ପ୍ରଫେସର ରାମଗୋପାଳ ଯାଦବ ଓଡ଼ିଆ ନୁହନ୍ତି। ହେଲେ ବୁଧବାର ରାଜ୍ୟ ସଭାରେ ସାଧାରଣ ବର୍ଗଙ୍କୁ ୧୦% ସଂରକ୍ଷଣ ବିତର୍କରେ ରାଜ୍ୟର ଜନଜୀବନର ପ୍ରକୃତ ଚିତ୍ର ଉପସ୍ଥାପିତ କରିପାରିଲେ। ଯାହା ବିଜେଡି ସଦସ୍ୟଙ୍କ ଦ୍ୱାରା ହୋଇ ନ ଥିଲା। ଏଥିପାଇଁ ରାମଗୋପାଳଙ୍କୁ ଧନ୍ୟବାଦ।













## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମାନି
ପରିବାରବର୍ଗ


ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଟକରେ ଛବିରାଣୀ ଫିଲ୍ମର ଶୁଟିଂ

**କଟକ ଅଫିସ, ୧୦।୧**

ଅଶୀ ଦଶକରେ ଘଟିଥିଲା ଛବିରାଣୀ ଗଣବଳାତ୍କାର ଓ ହତ୍ୟାକାଣ୍ଡ। ଜଗତ୍‌ସିଂହପୁରର ବିଲୁଖାଇ ନଦୀପଠାରେ ଘଟିଥିବା ଏହି ଲୋମହର୍ଷଣକାରୀ ଘଟଣା ସେତେବେଳେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା। ଏଥିଯୋଗୁ ଓଡ଼ିଶାରେ ରାଜନୈତିକ ପରିବର୍ତ୍ତନ ଦେଖାଦେଇଥିଲା। ଏହି ବହୁଚର୍ଚ୍ଚିତ ଘଟଣାକୁ ନେଇ ନିର୍ମାଣ ହେଉଛି ଓଡ଼ିଆ ଚଳଚ୍ଚିତ୍ର 'ଛବିରାଣୀ'। ରାଜ୍ୟର ବିଭିନ୍ନ ସ୍ଥାନରେ ଏହାର ସୁଟିଂ ଚାଲିଥିବାବେଳେ ଏହା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଆଉ କିଛି ଦୃଶ୍ୟର ସୁଟିଂ କଟକ ୟୁନିଅନ କ୍ଲବରେ ହେଉଛି। ଏହି ମାମଲାକୁ ନେଇ କୋର୍ଟରେ ଚାଲିଥିବା ବିଚାରବେଳର ଦୃଶ୍ୟ ୟୁନିୟନ କ୍ଲବରେ ସୁଟିଂ ଚାଲିଛି। ସୁଟିଂ ସେଟ୍‌ରେ କୋରିୟଗ୍ରାଫର ତଥା ନିର୍ଦ୍ଦେଶକ ବବି ଇସ୍‌ଲାମ, ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର, ଅଭିନେତ୍ରୀ ଉଷଶୀ ମିଶ୍ର ଓ ଅନ୍ୟ କଳାକାର ଉପସ୍ଥିତ ଥିଲେ। ଚଳଚ୍ଚିତ୍ରର ଅନ୍ୟାନ୍ୟ ଦୃଶ୍ୟ ଓ ସଂଗୀତଗୁଡିକ ରାଜ୍ୟର ବିଭିନ୍ନ ସ୍ଥାନରେ ସୁଟିଂ ଏକ ସଙ୍ଗେ ଚାଲୁଥିବା ବେଳେ ଆସନ୍ତା ମାସରେ ଏହି ଫିଲ୍ମଟି ପ୍ରେକ୍ଷାଳୟକୁ ଆସିବ ବୋଲି କହିଛନ୍ତି ନିର୍ଦ୍ଦେଶକ ବବି ଇସଲାମ। ତେବେ ବଲିଉଡ୍ ଭଳି ଓଡିଆ ଚଳଚ୍ଚିତ୍ର ଜଗତରେ ମଧ୍ୟ ଚର୍ଚ୍ଚିତ ଘଟଣାବଳୀକୁ ନେଇ ଫିଲ୍ମ ନିର୍ମାଣ କରିବାର ଟ୍ରେଣ୍ଡ୍ ଆରମ୍ଭ ହୋଇଛି। ଏଭଳି ଟ୍ରେଣ୍ଡ୍ ଯୋଗୁ ମଧ୍ୟମ ଧରଣର ବଜେଟରେ ମଧ୍ୟ ଫିଲ୍ମଟିକୁ ବ୍ୟବସାୟିକ ସଫଳତା ଦେବାରେ କେତେଜଣ ଫିଲ୍ମ ନିର୍ମାତା ସଫଳ ହେଉଛନ୍ତି ବୋଲି କହିଛନ୍ତି ଅଭିନେତ୍ରୀ ଉଷଶୀ ମିଶ୍ର।

# ଝାଡ଼ଖଣ୍ଡରେ ଗ୍ଲୋବାଲ୍ ସ୍କିଲ୍ ସମିଟ୍

■ ବିଶ୍ୱର ମାନବ ସମ୍ବଳ ଆବଶ୍ୟକତା ପୂରଣ ଶକ୍ତି ଭାରତର ଅଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

ବିଶ୍ୱର ମାନବ ସମ୍ବଳ ଆବଶ୍ୟକତା ପୂରଣ କରିବାର ଶକ୍ତି ଭାରତର ରହିଛି ବୋଲି ଝାଡଖଣ୍ଡ ରାଜଧାନୀ ରାଞ୍ଚିଠାରେ ଆୟୋଜିତ ଗ୍ଲୋବାଲ୍ ସ୍କିଲ୍ ସମିଟ୍‌ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏଥିରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ବିଭିନ୍ନ ସଂସ୍ଥା ପକ୍ଷରୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଗୋଟିଏ ମଞ୍ଚରେ ଲକ୍ଷେରୁ ଊର୍ଦ୍ଧ୍ୱ ନିଯୁକ୍ତି ଦେବା ଦେଶର ପ୍ରଥମ ଘଟଣା ବୋଲି ଧର୍ମେନ୍ଦ୍ର କହିଛନ୍ତି । ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ଭାରତରେ ଯୁବପିଢି ପାଖରେ ପ୍ରତିଭା କମ୍ ନାହିଁ। ଏମାନେ ବିଶ୍ୱର ମାନବ ସମ୍ବଳ ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥ। ଝାଡଖଣ୍ଡରେ ନିର୍ମାଣ, ପର୍ଯ୍ୟଟନ ପରି ଅନେକ କ୍ଷେତ୍ର ରହିଛି। ଏହି ରାଜ୍ୟରେ ପ୍ରାକୃତିକ ସମ୍ପଦ ଭରପୂର ରହିଛି। ଝାଡଖଣ୍ଡ ସରକାରଙ୍କ ନୂତନ ପଦକ୍ଷେପ ଓ କାର୍ଯ୍ୟକ୍ରମ ଲୋକଙ୍କୁ କଠିନ ପରିଶ୍ରମ କରେଇବା ସହ ନୂଆନୂଆ ସ୍ୱପ୍ନ ଦେଖିବାର ସୁଯୋଗ ଦେଇଛି। ଯୁବକଙ୍କୁ ଚାକିରି ଦେବାସହ ଦକ୍ଷ କରିବା ପାଇଁ ଝାଡଖଣ୍ଡ ସରକାରଙ୍କ ଅବଦାନ ଅତୁଳନୀୟ। ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ନେତୃତ୍ୱରେ ରାଜ୍ୟ ବହୁ ଉପରକୁ ଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଗ୍ଲୋବାଲ୍ ସ୍କିଲ୍ ମିଟ୍‌ରେ ୧ଲକ୍ଷ ୭ହଜାର ଯୁବତୀଯୁବକଙ୍କୁ ବେସରକାରୀ କ୍ଷେତ୍ରରେ ଚାକିରି ପାଇଁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ୧୭ଟି ଦେଶର ବିଦେଶୀ କମ୍ପାନୀ ପ୍ରତିନିଧିମାନେ ଯୋଗଦାନ କରିଥିଲେ।

# କେନ୍ଦ୍ର ସରକାରଙ୍କ ନୂଆ ୧୦% ସଂରକ୍ଷଣ ନିଷ୍ପତ୍ତି ଐତିହାସିକ: ଭାଜପା

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ସାଧାରଣ ବର୍ଗରେ ଥିବା ଗରିବଙ୍କ ପାଇଁ ୧୦% ସଂରକ୍ଷଣ ବ୍ୟବସ୍ଥା ନେଇ ଐତିହାସିକ ବିଲ୍ ଆଣିଛନ୍ତି । ଏହା ଲୋକ ସଭା ଏବଂ ରାଜ୍ୟ ସଭାର ଅନୁମୋଦନ ଲାଭ କରିଛି। ଏହାକୁ ଭାଜପା ସମ୍ପୂର୍ଣ୍ଣ ଐତିହାସିକ, ବୈପ୍ଳବିକ ଓ ଲୋକାଭିମୁଖୀ ବୋଲି କହିଛି। ଭାଜପା ମୁଖ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି ଅବଦୁଲ ସଲାମ୍ କହିଛନ୍ତି ଯେ, ଯେଉଁ ୧୦ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ସାଧାରଣବର୍ଗଙ୍କ ପାଇଁ କରାଗଲା ସେଥିରେ ମୁସଲମାନ୍ ସମ୍ପ୍ରଦାୟର ଲୋକ ମଧ୍ୟ ଅଛନ୍ତି। ସେମାନେ ଚାକିରି ଏବଂ ଶିକ୍ଷା କ୍ଷେତ୍ରରେ ଏହାର ସୁବିଧା ସୁଯୋଗ ପାଇପାରିବେ । ବିଭିନ୍ନ କମିଶନ୍‌ଙ୍କ ରିପୋର୍ଟକୁ ଯଦି ଅନୁଧ୍ୟାନ କରାଯିବ ତେବେ ବର୍ତ୍ତମାନ ସମଗ୍ର ଭାରତରେ ମୁସଲମାନ୍ ସମ୍ପ୍ରଦାୟର ଲୋକେ ଶିକ୍ଷା ଏବଂ ଚାକିରି କ୍ଷେତ୍ରରେ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ଅଛନ୍ତି। ସେମାନଙ୍କ ଆର୍ଥିକ ସ୍ଥିତି ମଧ୍ୟ ବହୁତ ଖରାପ। ତେଣୁ ଏହି ୧୦ପ୍ରତିଶତ ସଂରକ୍ଷଣ ଯୋଗୁ ଆମ ଲୋକମାନେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଅନେକ ସୁବିଧା ପାଇବେ ବୋଲି ସଲାମ କହିଛନ୍ତି। ଏହା ସହ ସମ୍ମିଳନୀରେ ଉପସ୍ଥିତ ଭାଜପା ଏସ୍‌ସି, ଏସ୍‌ଟି, ପଛୁଆବର୍ଗ ଆଦି ମୋର୍ଚ୍ଚା ସଭାପତିମାନେ ମଧ୍ୟ ଏହାକୁ ସ୍ୱାଗତ କରିଛନ୍ତି । ଏଥିସହ ରାଜ୍ୟ ସରକାର ତୁରନ୍ତ ଏହି ସଂରକ୍ଷଣ ବ୍ୟବସ୍ଥା ଓଡ଼ିଶାରେ ପ୍ରୟୋଗ କରିବା ପାଇଁ ସେମାନେ ଦାବି କରିଛନ୍ତି। ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ ନ କଲେ ସଂଖ୍ୟାଲଘୁ ବିରୋଧୀ ବିଚାର କରାଯିବ ବୋଲି ସଲାମ୍ କହିଛନ୍ତି ।

# ଆଜିଠୁ ବରଗଡ଼ ଧନୁଯାତ୍ରା

**ବରଗଡ଼ ଅଫିସ,୧୦।୧**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ସ୍ଥାନୀୟ ହାଟପଦା ରାଜଦରବାର ମଞ୍ଚରେ ସନ୍ଧ୍ୟା ୭ଟାରେ ଉଦ୍‌ଘାଟିତ ହେବ । ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ ପରେ ୧୧ଦିନ ବ୍ୟାପୀ ବରଗଡ଼ ମଥୁରା ନଗରୀ ଓ ଅମ୍ବାପାଲି ଗୋପପୁର ପାଲଟିବ । ଆଉ ବରଗଡ଼ ଓ ଅମ୍ବାପାଲି ମଝିରେ ବହି ଯାଇଥିବା ଜୀରା ନଦୀ ହେବ ଯମୁନା। ପରମ୍ପରା ଦୃଷ୍ଟିରୁ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ, ଏମ୍‌ପି ଡ. ପ୍ରଭାସ ସିଂ ଏବଂ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିବେ ବୋଲି ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ କହିଛନ୍ତି। ସେହିପରି ଅପରାହ୍ନ ୧ଟାରୁ ସ୍ଥାନୀୟ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରି ସମଲେଶ୍ୱରୀ ମନ୍ଦିର ଅଭିମୁଖେ ବାହାରିବ।

# ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପାପଡାହାଣ୍ଡି,୧୦।୧(ଡି.ଏନ.ଏ.)**

**ଗୋଟିଏ ଜୁଇରେ ଅନ୍ତିମ ସତ୍କାର**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅଧୀନ ଗୁମିଦରା ନିକଟ ଏକ କାଜୁ ଗଛରୁ ଗୁରୁବାର ପ୍ରେମୀଯୁଗଳଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ପାପଡାହାଣ୍ଡି ବ୍ଲକ ନୂଆଗୁଡା ଗ୍ରାମର ବନବାସୀ ଦଣ୍ଡସେନା ଓ ଗୁମିଦାର ଗ୍ରାମର ସାତି ପାଇକ ଉଭୟ ପରସ୍ପରକୁ ୨ ବର୍ଷ ହେଲା ଭଲ ପାଇ ଆସୁଥିଲେ। ଉଭୟ ବିବାହ କରିବାକୁ ସ୍ଥିର କରିଥିଲେ। କିନ୍ତୁ ବନବାସୀଙ୍କ ପିତା ବିବାହ ପାଇଁ ରାଜି ହୋଇ ନ ଥିଲେ। ଶେଷରେ ଉଭୟେ କାଜୁ ଗଛରେ ବେକରେ ଓଢଣି ବାନ୍ଧି ଆତ୍ମହତ୍ୟା କରିଥିଲେ। ସକାଳେ ଗ୍ରାମର କିଛି ଲୋକ ଶୌଚ ପାଇଁ ଯାଇଥିବା ବେଳେ ଉଭୟଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖିଥିଲେ। ଖବର ପାଇ ପାପଡାହାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରେ ଉଭୟ ପରିବାରଙ୍କ ନିଷ୍ପତ୍ତି କ୍ରମେ ପ୍ରେମୀ ଯୁଗଳଙ୍କ ମୃତଦେହ ଗୋଟିଏ ଜୁଇରେ ଅନ୍ତିମ ସତ୍କାର କରାଯାଇଥିଲା।

# ସ୍ୱାଧୀନତା ସଂଗ୍ରାମୀ କୃଷ୍ଣମୂର୍ତ୍ତିଙ୍କ ପରଲୋକ



**ପୁରୁଷୋତ୍ତମପୁର,୧୦।୧ (ଡି.ଏନ୍.ଏ.)**

ସ୍ୱାଧୀନତା ସଂଗ୍ରାମୀ ତଥା ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକର ପ୍ରଥମ ଅଧ୍ୟକ୍ଷ ପି.କୃଷ୍ଣମୂର୍ତ୍ତିଙ୍କର ଗୁରୁବାର ପରଲୋକ ଘଟିଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। କୃଷ୍ଣମୂର୍ତ୍ତି ପାଣ୍ଡିଆ ଗ୍ରାମରେ ୧୯୨୩ ଅଗଷ୍ଟ ୮ରେ ଜନ୍ମଗ୍ରହଣ କରିଥିଲେ। କୃଷ୍ଣମୂର୍ତ୍ତି ୧୯୪୨ ଅଗଷ୍ଟରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ନିଜକୁ ସାମିଲ କରି ବ୍ରହ୍ମପୁରଠାରେ ହୋଇଥିବା ଆନ୍ଦୋଳନରେ ଯୋଗ ଦେଇଥିଲେ। ଏପରିକି ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କୃଷ୍ଣମୂର୍ତ୍ତି ଶେଷ ପର୍ଯ୍ୟନ୍ତ ଖଦଡ ବସ୍ତ୍ର ପରିଧାନ କରିଥିଲେ। ୧୯୪୪-୪୫ରେ ହୋଇଥିବା ଦୁର୍ଭିକ୍ଷରେ ଗରିବଙ୍କୁ ସାହାଯ୍ୟ ସହଯୋଗ କରିଥିଲେ। ସେତେବେଳେ ପାଣ୍ଡିଆରେ ମ୍ୟାଲେରିଆ ବ୍ୟାପି ୭ଶହ ଲୋକଙ୍କ ପ୍ରାଣ ଯାଇଥିଲା। ଗ୍ରାମବାସୀଙ୍କ ସେବାକରି କୃଷ୍ଣମୂର୍ତ୍ତି ବହୁ ଲୋକଙ୍କ ଜୀବନ ବଞ୍ଚାଇଥିଲେ। ୧୯୪୯ରୁ ୬୧ ପର୍ଯ୍ୟନ୍ତ ସେ ନିର୍ଦ୍ୱନ୍ଦ୍ୱରେ ପାଣ୍ଡିଆ ସରପଞ୍ଚ ହୋଇଥିବାବେଳେ ୧୯୬୨ରୁ ୬୬ ପର୍ଯ୍ୟନ୍ତ ପୁରୁଷୋତ୍ତମପୁର ବ୍ଲକର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ। ସେ ଗ୍ରାମର ଜଉଗଡ ହାଇସ୍କୁଲ, ପାଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ର, ପାଠାଗାର ପରି ବହୁ ଅନୁଷ୍ଠାନ କରିଥିଲେ। ମୃତ୍ୟୁଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଛନ୍ତି। ତାଙ୍କ ପୁଅ ତଥା ଜିଲା ପରିଷଦ ସଭ୍ୟ ପି. ନାରାୟଣ ରାଓ, ନାତି ପି. ଗୋପାଳ ଓ ନାତୁଣୀ ବୋହୂ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟା ପି. ହରପ୍ରିୟାଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।


# classified




**SALE**

L&T Pc 71 Komatsu show room condition, 2009 Dec (Mo): 7978887806. D-10485




Roshin ayurvedic massage club fully relaxed by smart lady home service facility available. 9937637219. D-64684

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**SALE**

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱରରୁ ପିପିଲି ମଧ୍ୟରେ ଗୁଡିଆପୋଖରୀ ନିକଟରେ NH-203 ଠାରୁ 300 mtr. ଦୂରତାରେ 1500 sqft. plot (5 nos.) available for immediate sale. 9437114429, 9438651443. D-65320

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-10474

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-10478

Ready to move 3/2 BHK flat's for sale backside of V2-showroom at-Patrapada, Bhubaneswar. 9861037729, 9040337729. D-63929




1000, 750, 700, 650, 450 sqft. available for office purpose at Centrally located Unit-9, 2300 sqft. office space available at Metro House, Vani Vihar, 3BHK available for rent at Damayanti Apartment Nayapalli. Mob: 7789837712, 9861256148. D-10483

800 sqft. commercial space available at Gautam Nagar, Bomikhal, Kharvel Nagar. Contact: 9437033691. D-63897

Godown/ warehouse available 2000 sqft. near Patia Square, Bhubaneswar. 8763802787. D-63898



# ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ପତିତପାବନ ପଣ୍ଡା**
ବଡଗଡ, ଭୁବନେଶ୍ୱର
ଆବିର୍ଭାବ: ୦୫।୦୨।୧୯୬୦
ତିରୋଧାନ: ୨୬।୧୨।୨୦୧୮

ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଆପଣଙ୍କ ଅମରାତ୍ମା ସଦ୍‌ଗତି ଲାଭ କରୁ। ଆପଣଙ୍କର ସମାଜସେବା, ପରୋପକାର, ଧୈର୍ଯ୍ୟ, ସାଙ୍ଗଠନିକ ଦକ୍ଷତା, ସାହାଯ୍ୟ ଓ ସହାନୁଭୂତି ଆଦି ଗୁଣ ସମାଜ ପାଇଁ ପ୍ରେରଣାର ଉତ୍ସ ହେଉ। ଶୋକସନ୍ତପ୍ତ: ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଚିନ୍ତାମଣି ପଣ୍ଡା, ପ୍ରସନ୍ନ ମହାସୁଆର, ଜ୍ୟୋତ୍ସ୍ନା, ସନ୍ଧ୍ୟା, ସଞ୍ଜୁ, ରୀତା ମନେଇ, ଲିଲି, ଝିଲି, ବାବୁନି, ସୁବାସ, ମୁନା, ନାରାୟଣ, ସନ୍ତୋଷ, ଟୁଟୁ ଓ ପରିବାରବର୍ଗ। ଧ-୫୬୧୬୧

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବଟକୃଷ୍ଣ ସାହୁ**
ଲୁଇସ୍‌ରୋଡ଼, ଓଲ୍‌ଡ ଟାଉନ, ଭୁବନେଶ୍ୱର
ଆବିର୍ଭାବ: ୦୩।୦୨।୧୯୪୧
ତିରୋଧାନ: ୦୧।୦୧।୨୦୧୯

ଆଜି ଏକାଦଶାହରେ ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଶ୍ରୀମତୀ ସକୁନ୍ତଳା ସାହୁ (କୁନି) (ପତ୍ନୀ), ଭାଇ-ହିନ, ପୁତ୍ର-ମୁନା, ମଣ୍ଟୁ, ପୁତ୍ରବଧୂ-ଚିଲିନା, ମାମା, କନ୍ୟା- ଜୁଲି, ଜ୍ୱାଇଁ: ଜ୍ଞାନେନ୍ଦ୍ର, ନାତି: ଜିନୁ, ଆର୍ଯ୍ୟନ, ଜିତ୍, ଅରମାନ୍, ନାତୁଣୀ: ଗୋଲ୍‌ଡି, ଆସି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ। ଧ-୫୮୦୨୯

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସାରଦା ମହାକୁଡ଼**
ସ୍ଥାନ-ପଥରଗାଡ଼ିଆ, ଭୁବନେଶ୍ୱର
ଆବିର୍ଭାବ: ୦୨।୦୨।୧୯୪୯
ତିରୋଧାନ: ୦୨।୦୧।୨୦୧୯

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟପରାୟଣତା, ତ୍ୟାଗ, ପରୋପକାର ଓ ଅନୁଷ୍ଠାନ ପ୍ରେମ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଚାହୁଁ ଚାହୁଁ ଦଶଦିନ ବିତିଗଲା ଏ ତେଲ ଲୁଣ ସଂସାରରୁ ଚାଲିଯିବାର, କିନ୍ତୁ ଆଜି ବି ସେହି ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମକୁ ଅନୁପ୍ରାଣିତ କରୁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ଦିଅର, ଯା', ପୁତୁରା, ପୁତୁରାବୋହୂ, ଝିଆରୀ, ନାତି, ନାତୁଣୀସହ ବନ୍ଧୁ ଓ ପରିବାରବର୍ଗ। ଧ-୧୦୪୪୩

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ଁ ରାଜଲକ୍ଷ୍ମୀ ମିଶ୍ର**
ଆବିର୍ଭାବ : ୧୫.୧.୧୯୨୯
ତିରୋଧାନ : ୨୬.୧୨.୨୦୧୪

କିଏ ସ୍ୱତ କିଏ ଦାରା କେ ଭଉଣୀ ଭାଇ
ଅଦୃଶ୍ୟ ଆତ୍ମାର ନାମକରଣ ବା କାହିଁ ?
ଏ ଜୀବଜଗତ ଡାକେ ତ୍ରାହି ତ୍ରାହି ତ୍ରାହି
ଶରଣାଗତରେ ପୁନର୍ଜନ୍ମ ଦିଅ ନାହିଁ ।

ମା' - ଚାରିବର୍ଷ ବିତିଗଲା,
ତୁମର ଆଶିଷ ସଦା ବରଷୁ ଥାଉ ।
ମିଶ୍ର ପରିବାର, ୩୧୬-ଏ, ସହିଦ ନଗର ଲାବଣ୍ୟମ, ଭୁବନେଶ୍ୱର ଧ-୬୪୭୭୦

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଗୋଲକ ବିହାରୀ ନାୟକ**
ନିମାପଡ଼ା ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା, ସ୍ନେହୀ, ବର୍ଷିୟାନ ସମାଜସେବୀ, ବିଶିଷ୍ଟ ଶିକ୍ଷାବିତ୍, ଅନୁଷ୍ଠାନପ୍ରେମୀ
ଆବିର୍ଭାବ: ୧୮।୧୦।୧୯୩୯
ତିରୋଧାନ: ୦୧।୦୧।୨୦୧୯

ଆପଣଙ୍କର ଆତ୍ମାର ସଦ୍‌ଗତି ଓ ଉତ୍ତରଣ ପାଇଁ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ: ପରିବାର, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୩୮୯୬

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଁ ପଞ୍ଚାନନ କରଣ**

ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଅକ୍ଷୂର୍ଣ୍ଣ
ପ୍ରଥମ ବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ବଡଗଡ ଉପରସାହି, ଭୁବନେଶ୍ୱର
ଆବିର୍ଭାବ:୦୪.୦୩.୧୯୪୪
ତିରୋଧାନ:୨୨.୧୨.୨୦୧୭

ତୁମେ ଆମ୍ଭମାନଙ୍କୁ ଛାଡି ଆରପାରିକୁ ଚାଲିଗଲ, ତୁମର ସ୍ମୃତି ଅନୁଭୂତିକୁ ସାଉଁଟି ଦୁନିଆ ଦାଣ୍ଡରେ ଠିଆ ହୋଇଛି ସତ, କିନ୍ତୁ ପ୍ରତିଟି ମୁହୂର୍ତ୍ତରେ ତୁମ ରୂପ ଆମ ଆଖି ଆଗରେ ନାଚି ଉଠୁଛି। ତୁମ ପରିଚୟ ନେଇ ଆମେ ବଞ୍ଚିଛୁ, ତୁମର ସ୍ନେହ ସତ୍ୟନିଷ୍ଠତା ଆମ୍ଭମାନଙ୍କୁ ସର୍ବଦା ମାର୍ଗଦର୍ଶନ କରୁଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ ।

-: ଶୋକାକୁଳ ପରିବାର :-
ଉଲ୍ଲାସିନି କରଣ (ଧର୍ମପତ୍ନୀ), ମନୋଜ କରଣ (ପୁତ୍ର), ସରୋଜ କରଣ (ପୁତ୍ର), ବନୋଜ କରଣ (ପୁତ୍ର), ଅଞ୍ଜନା, ସରିତା, ଚିନ୍ମୟୀ (ପୁତ୍ରବଧୂ), ନେହା, ରିଆ (ନାତୁଣୀ), ଡୁଗୁ, ରିଷି (ନାତି)
ପରିବାର ବର୍ଗ ଏବଂ ଆତ୍ମୀୟ ସ୍ୱଜନ
ଧ-୧୦୪୮୨

### ଶ୍ରଦ୍ଧାଞ୍ଜଳି
### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଇଂ ସଦାନନ୍ଦ ନାୟକ**
ଆବିର୍ଭାବ: ୧୬।୦୫।୧୯୪୦
ତିରୋଧାନ: ୦୧।୦୧।୨୦୧୯

ବାବା, ଆଜିକୁ ଏଗାରଦିନ ହେଲା ଆମକୁ ଛାଡ଼ି ଚାଲିଗଲ। ଯେଉଁଠି ଥାଅ ଭଲରେ ଥାଅ। ପ୍ରଭୁ ଶ୍ରୀଜଗନ୍ନାଥ ତୁମର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ। ତୁମର ଅନୁପସ୍ଥିତିକୁ ସହ୍ୟ କରିବାକୁ ଆମକୁ ଶକ୍ତି ଦିଅନ୍ତୁ।
ପ୍ରେମଲତା, ନୀନା, ଲୁନା, ଇନୁ, ଇତୁ, ବାପୁ, ନରେନ୍ଦ୍ର, ମାନ, ଗୌତମ, ରୁବୀ, ରୋମୁ, ନୁଠୁ, ଅର୍ପୁ, ଚେରୀ, ସାନା, ଜୋୟା।
ଧ-୧୦୪୯୫

### ଏକାଦଶାହ ଉପଲକ୍ଷେ



**ଁବସନ୍ତ ମହାରଣା**
ବକ୍ସି ବଜାର, ବଣିଆ ସାହି, କଟକ
ଆବିର୍ଭାବ : ୨୧.୦୧.୧୯୪୪
ତିରୋଧାନ : ୦୧.୦୧.୨୦୧୯

ଭାଇ, ତୁମେ ଆମମାନଙ୍କୁ ହଠାତ୍ ଛାଡିଚାଲିଗଲ ବିଶ୍ୱାସ ହେଉନାହିଁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସରଳତା ଓ ଆଦର୍ଶ ଆମ ନିତ୍ୟଜୀବନରେ ସହାୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ଭାଇ, ଭଉଣୀ, ସ୍ତ୍ରୀ-ବିଜୟଲକ୍ଷ୍ମୀ, ପୁତ୍ର-ଲୁଲୁ, ବୋହୂ-ମୋନା, ନାତି-ରାହୁଲ ଏବଂ ମହାରଣା ପରିବାର
9437170511
ଧ-୧୦୪୯୬


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଚନ୍ଦ୍ର ଶତଭିଷା ନକ୍ଷତ୍ରରେ ରହି ଶନିଙ୍କ ଦୃଷ୍ଟିପଥରେ ରହିଥିବାରୁ ମାନସିକ ସ୍ତରରେ ଶିଥିଳତା ଅନୁଭବ କରିବେ। କର୍ମକ୍ଷେତ୍ରରେ କେତୁଙ୍କ ପ୍ରଭାବରୁ ସମସ୍ୟା ସମାଧାନ ହେବା ବଦଳରେ ବଢିଯାଇପାରେ। ଧାର କରଜ କରି କାମ ଚଳାଇ ନେବା ସକାଶେ ଚେଷ୍ଟା କରି ପାରନ୍ତି। ସମସ୍ୟା ନିୟନ୍ତ୍ରଣାଧୀନ ରହିବାରେ ଆପଣଙ୍କୁ ଗୁରୁଜନଙ୍କ ପରାମର୍ଶ ପ୍ରାପ୍ତ ହେବ।

**ବୃଷ** — ରାଶ୍ୟାଧିପ ଶୁକ୍ରଙ୍କ ସମ୍ମୁଖ ଭାଗରେ ଶନି ଥିବାରୁ ଦିନଟିରେ ଯେଉଁ କାମକୁ ଆରମ୍ଭ କରିବେ ତାହା ଅବଶ୍ୟ ପୂର୍ଣ୍ଣାଙ୍ଗ ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ଧାତୁ, ଅଳଙ୍କାର କିମ୍ବା ଯାନ୍ତ୍ରିକ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**ମିଥୁନ** — ରାଶ୍ୟାଧିପତି ଚତୁର୍ଥାଧିପତି ହୋଇ ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି, ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ କରି ଖୁସୀ ରହିବେ। ପାରିବାରିକ ସମସ୍ୟା ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଆଗାମୀ ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଗୃହସଜ୍ଜା, ନିର୍ମାଣ, ଦୋକାନ, ଆଇନ ଅଦାଲତ ଓ ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରୁ ସୁଫଳ ପାଇବେ ।

**କର୍କଟ** — ପରିବାରସ୍ଥାନାଧିପତି ଶୁକ୍ର ଦେବଗୁରୁଙ୍କ ସହ ଲାଭଭାବକୁ ଦେଖୁଥିବାରୁ ଯାହା ପାଇବାକୁ ଆଶା କରିଛନ୍ତି, ନିଶ୍ଚିତ ପାଇପାରିବେ। କେତେକ କ୍ଷେତ୍ରରେ ଆକସ୍ମିକ ଉପୁଜିଥିବା ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ମନ ବୁଝିଲାଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ । ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ** — ଭାଗ୍ୟାଧିପ ମଙ୍ଗଳ ଅଷ୍ଟମସ୍ଥ ହେତୁ ଆଜିର କାମଗୁଡିକ ସହଜରେ ହେବାର କ୍ଷୀଣ ଆଶା ରହିଛି। ବୁଧଙ୍କ ସ୍ଥିତି ଜନିତ ଆର୍ଥିକ ସମସ୍ୟା ସୁଧୁରି ଯିବାରେ ପାଖ ପଡୋଶୀ ସହାୟତା କରିବେ। କର୍ମକ୍ଷେତ୍ରର ଜଞ୍ଜାଳ ମଧ୍ୟରେ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରି ପାରନ୍ତି। ରୋଗ,ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କନ୍ୟା** — କେତୁଙ୍କ ପ୍ରଭାବରେ ଆପଣଙ୍କ ଚିନ୍ତାଧାରା ବଦଳିଯିବା କାରଣରୁ ଭଲ କରିବାକୁ ଯାଇ ଭୁଲ୍ କରିପାରନ୍ତି। ପରିବାରରେ ଭୁଲ୍ ବୁଝାମଣା ହେତୁ ଆକସ୍ମିକ କଳହ ଜନିତ ଅସ୍ଥିରତା ଲାଗି ରହିବ। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତାରେ ସମସ୍ୟା ସମାଧାନ ହୋଇପାରିବ। ଅଫିସରୁ ଆସିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣି ଆଣିପାରନ୍ତି।

**ତୁଳା** — କର୍ମାଧିପ ଶନି କ୍ଷେତ୍ରସ୍ଥ ହୋଇ ରାଶିଠାରୁ ଅଷ୍ଟମସ୍ଥ ହେତୁ କାର୍ଯ୍ୟପ୍ରବାହର ପଥରୋଧ ହେବାର ସୂଚନା ରହିଛି। ବନ୍ଧୁ ମାନଙ୍କ ପରାମର୍ଶକୁ ଗ୍ରହଣ କରି ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବେନି । ନିର୍ମାଣ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ।

**ବିଛା** — ଆଜି ଚନ୍ଦ୍ରଙ୍କ କେନ୍ଦ୍ରରେ ବୃହସ୍ପତି ଗଜକେଶରୀ ଯୋଗ ସୃଷ୍ଟିକରି ବିଶିଷ୍ଟବ୍ୟକ୍ତି ମାନଙ୍କ ଶନିଙ୍କ ପ୍ରଭାବରୁ ଅଧିକାଂଶ ସମୟରେ ଡିପ୍ରେସନ ଲାଗି ରହିବ। ଉତ୍ସାହ ନ ଥାଇ ପରିସ୍ଥିତିବଶତଃ ଯନ୍ତ୍ରବତ୍ କାମ କରିବାକୁ ବାଧ୍ୟ ହେବେ। ଜ୍ୟେଷ୍ଠା ନକ୍ଷତ୍ର ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ ।

**ଧନୁ** — ପ୍ରତ୍ୟେକ କାମ ସମ୍ପନ୍ନ କରିବାରେ ସଫଳ ହେବେ କିନ୍ତୁ ପ୍ରତିବନ୍ଧକ ପିଛା ଛାଡିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ, ଆଲୋଚନା ପରିସରରେ, ସଭାସମିତିରେ, ସ୍ଥଗିତ କାମକୁ ପୂରା କରିବେ। ମୂଳା ନକ୍ଷତ୍ର ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମକର** — କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ କିନ୍ତୁ ସାମୟିକ ଅସୁବିଧାର ସମ୍ମୁଖୀନ ହେବେ । ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢିପାରେ। ଧନିଷ୍ଠାର ଆନୁଷ୍ଠାନିକ କାମ, ବ୍ୟବସାୟ ଓ ପରିବହନରୁ ଖୁସି ରହିବେ। ମାଲିମକଦ୍ଦମା, କ୍ରୀଡା, ପ୍ରେସ୍ ଓ ପବ୍ଲିକେଶନ ତଥା ଆର୍ଥିକ ଦିଗରୁ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** — ମାନସିକ ଚାପ ବୃଦ୍ଧି ପାଇବା କାରଣରୁ ଅଫିସରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ଅସୁବିଧାର ସମ୍ମୁଖୀନ ହେବେ। ପରିବାରରେ ପାରସ୍ପରିକ ବୁଝାମଣା ଠିକ୍ ରହିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦୂରେଇବ।

**ମୀନ** — କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ମିଳିବ ଓ ବନ୍ଧୁ ମିଳନରୁ ଖୁସୀ ହେବେ । ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶାନୁରୂପ ଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ପାଇବେ ଓ ପ୍ରଶଂସିତ ମଧ୍ୟ ହେବେ।

ଆଜି ପୌଷ ଶୁକ୍ଳ ୫ମୀ ଶୁକ୍ରବାର, ଜାନୁୟାରୀ ୧୧ ତାରିଖ, ସ୍ୱାଧୀନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ତିରୋଧାନ ଦିବସ, ବରଗଡରେ ୧୧ ଦିନବ୍ୟାପୀ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ, ରାଶି, ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୭।୪୮ମି. ମଧ୍ୟେ ଘ.୪।୦୦ମି. ଗତେ, ଘ.୫।୨୦ମି. ମଧ୍ୟେ ଅମୃତ ବେଳା। ଦିବା ଘ.୭।୫୨ମି. ଗତେ, ଘ.୯।୧୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୦।୦୦ମି. ଘ.୧୧।୫୪ମି. ମଧ୍ୟେ ରାହୁ କାଳ।




■ଦୁଇଟି ଶିଶୁ ଭବନରେ ଜିଲା ପ୍ରଶାସନର ଚଢାଉ

# କ୍ୟାମ୍ପ୍ ମାଧ୍ୟମରେ ୩୫ ଶିଶୁଙ୍କୁ ହସ୍ତାନ୍ତର

ବ୍ରହ୍ମପୁର ଅଫିସ୍,୧୦।୧

କିଶୋର ନ୍ୟାୟ ଆଇନ ଅନୁଯାୟୀ ଶିଶୁ ସୁରକ୍ଷା ଓ ଯତ୍ନ ନେଉ ନ ଥିବା, ବେଆଇନ ଭାବେ ହଷ୍ଟେଲ କରି ଅନ୍ତେବାସୀଙ୍କଠାରୁ ଫିସ୍ ଆଦାୟ ଅଭିଯୋଗରେ ଜିଲା ପ୍ରଶାସନ ପକ୍ଷରୁ ବ୍ରହ୍ମପୁର ସହରର ଦୁଇଟି ଶିଶୁ ଭବନରେ ଗୁରୁବାର ଚଢାଉ କରାଯାଇଛି। ପୂର୍ବାହ୍ନରେ ବାସୁଦେବନଗର ଟାୱାର୍ ଲେନ୍-୩ ସ୍ଥିତ ବ୍ଲେସିଂ ବଏଜ୍ ହୋମ୍ ଏବଂ ଅପରାହ୍ନରେ ଗ୍ରେସ୍ ଗୋସ୍ପେଲ୍ ଗ୍ରେସ୍ ହୋମ୍ ଦୁଇଟି ଶିଶୁ ଭବନରେ ଚଢାଉ କରାଯାଇଥିଲା। ଉଭୟ ସ୍ଥାନରେ ଶିଶୁମାନଙ୍କ ରହିବା ପାଇଁ ମୌଳିକ ସୁବିଧା ନ ଥିବାରୁ ସେସବୁକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଜିଲା ପ୍ରଶାସନର ଚଢାଉ ସମୟରେ ସେଠାରେ କ୍ୟାମ୍ପ୍ ଆୟୋଜନ କରାଯାଇ ଅଭିଭାବକ କିମ୍ବା ପିତାମାତାଙ୍କୁ ହସ୍ତାନ୍ତର କରିବା ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ନୋଟିସ୍ କରାଯାଇଥିଲା। ଉକ୍ତ ନୋଟିସ୍ ପ୍ରକାରେ ଗୁରୁବାର ପୂର୍ବାହ୍ନରେ ଜିଲା ପ୍ରଶାସନ, ଶିଶୁ କଲ୍ୟାଣ କମିଟି ସଦସ୍ୟ, ଶିଶୁ ସୁରକ୍ଷା ୟୁନିଟ୍ ଓ ପୋଲିସ ବ୍ଲେସିଂ ବଏଜ୍ ହୋମ୍‌ରେ ପହଞ୍ଚିଥିଲେ। ସେଠାରେ ୪୦ ଅନ୍ତେବାସୀ ଥିବା ବେଳେ ସେଥିରୁ ଛୁଟିରେ ୫ ଜଣ ଚାଲିଯାଇଥିଲେ । ଗୁରୁବାର କ୍ୟାମ୍ପ ମାଧ୍ୟମରେ ଖୋର୍ଦ୍ଧା ଜିଲାର ୧୧ ଏବଂ ଗଞ୍ଜାମ ଜିଲାର ୨୯ ଶିଶୁଙ୍କୁ ସେମାନଙ୍କ ଅଭିଭାବକମାନଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ଅପରାହ୍ନରେ ଚଢାଉ ହୋଇଥିବା ଶିଶୁ ଭବନରେ ୩୫ ଅନ୍ତୋବାସୀ ଥିବା ବେଳେ ସେଥିରେ ୨୮ ଜଣ ଶିଶୁ ରହିଥିବା ଜଣାପଡିଥିଲା।ସେଥିରେ ୧୭ ନାବାଳକ ଓ ୧୧ ନାବାଳିକା ରହିଥିବା ବେଳେ ସେଥିରୁ ଗଞ୍ଜାମ ଜିଲାର ୭ଜଣ, କୋରାପୁଟର ୨, ଗଜପତିର ୪ ଏବଂ କନ୍ଧମାଳର ୧୫ ଜଣ ଶିଶୁ ରହିଥିବା ଜଣାଯାଇଛି।

ଶୁକ୍ରବାର ହୋଷ୍ଟେଲ କର୍ତ୍ତୃପକ୍ଷଙ୍କ ଦ୍ୱାରା କ୍ୟାମ୍ପ୍ ଅନୁଷ୍ଠିତ କରି ସମସ୍ତଙ୍କୁ ସେମାନଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବା ପାଇଁ କୁହାଯାଇଛି।

ସୂଚନାଯୋଗ୍ୟ, ୨୦୦୩ରୁ ଦୁର୍ଗମ ଅପହଞ୍ଚ ଇଲାକା ଅଞ୍ଚଳର ଆର୍ଥିକ ଅନଗ୍ରସର ପରିବାରବର୍ଗଙ୍କର ଶିଶୁମାନେ ଗ୍ରେସ ହୋମ୍‌ରେ ରହି ଶିକ୍ଷା ଗ୍ରହଣ କରୁଥିଲେ। ଜିଲା ପ୍ରଶାସନର ଅତର୍କିତ ଚଢାଉକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଗ୍ରେସ୍ ହୋମର ସମ୍ପାଦିକା ଈପ୍‌ସିତା କୁମାରୀ ନାୟକ । ସେ ଆହୁରି କହିଛନ୍ତି, ବର୍ତ୍ତମାନ ବିଭିନ୍ନ ପରୀକ୍ଷା ଚାଲିବାକୁ ଥିବା ବେଳେ ସେମାନଙ୍କ ଭବିଷ୍ୟତ ଏବଂ ପାଠପଢା ନେଇ ସମସ୍ୟା ଉପୁଜିବ ବୋଲି ନାୟକ କହିଛନ୍ତି । ଅନ୍ୟପକ୍ଷରେ ଶିଶୁ ଭବନରୁ ଉଦ୍ଧାର ହୋଇ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଥିବା ଶିଶୁମାନଙ୍କ ତାଲିକା ସମ୍ପୃକ୍ତ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ପଠାଯାଇ ସେଠାରେ ସେମାନଙ୍କୁ ଥାଇଥାନ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ କହିଛନ୍ତି । ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ତତ୍ତ୍ୱାବଧାନରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ, ଶିଶୁ କଲ୍ୟାଣ କମିଟି ସଦସ୍ୟ ହରିହର ପାଢୀ, ସିଏଚ୍.ଜ୍ୟୋତି କୁମାରୀ, ଡ.ଶ୍ୟାମାକାନ୍ତ, ମୀନତି ପ୍ରଧାନ ଓ ବୈଦ୍ୟନାଥପୁର ଥାନା ଏସଆଇ ସବିତା ପାଣିଗ୍ରାହୀ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ ।

## ଦାରିଙ୍ଗବାଡିରେ ପାରଦ ୬.୫ ଡିଗ୍ରୀ

ଭୁବନେଶ୍ୱର,୧୦।୧(ବ୍ୟୁରୋ)- ରାଜ୍ୟରେ ଶୀତର ପ୍ରକୋପ ହ୍ରାସ ପାଇଥିଲେ ମଧ୍ୟ ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ଥଣ୍ଡାର ପ୍ରକୋପ ଜାରି ରହିଛି। ଗତ କିଛିଦିନ ହେବ ଉପକୂଳବର୍ତ୍ତୀ ଜିଲାରେ ପାରଦ ଉପରମୁହାଁ ହୋଇଥିବା ବେଳେ ଆଭ୍ୟନ୍ତରୀଣ ଓଡିଶାରେ ୧୦ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦାରିଙ୍ଗୀବାଡିରେ ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୮, ଝାରସୁଗୁଡା ୯.୫, କେନ୍ଦୁଝର ୯.୪, ସୁନ୍ଦରଗଡ ୯, ଭବାନୀପାଟଣା ୮.୫, କୋରାପୁଟ ୮.୬ ଏବଂ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତେବେ କଟକରେ ୧୨ ଓ ଭୁବନେଶ୍ୱର ସହରରେ ୧୨.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ବାୟୁ ପ୍ରବାହର ଦିଗ ପରିବର୍ତ୍ତନ ହୋଇଛି। ପୂର୍ବରୁ ଉତ୍ତର ପୂର୍ବ ଦିଗରୁ ବାୟୁ ପ୍ରବାହ ହେଉଥିବା ବେଳେ ଏବେ ସମୁଦ୍ର ଆଡୁ ବାୟୁ ପ୍ରବାହିତ ହେଉଛି। ଆସନ୍ତା ୧୬ ତାରିଖ ଯାଏ ଜଳବାୟୁରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପୂର୍ବାନୁମାନ କରାଯାଇଛି।

# ୩ ଚୋରଙ୍କୁ ଧରି ଛେଚିଲେ ଗ୍ରାମବାସୀ

■ ଉଦ୍ଧାର କରିବାକୁ ଯାଇ ପୋଲିସ ହଟହଟା
■ ଏସ୍‌ଡିପିଓଙ୍କ ପ୍ରତିଶ୍ରୁତି ପରେ ଉତ୍ତେଜନା ଥମିଲା

ଭୋଗରାଇ, ୧୦।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା କମର୍ଦ୍ଦା ଥାନା ଅଧୀନ କୁଳିଦା ଗ୍ରାମରେ ବୁଧବାର ମଧ୍ୟରାତ୍ରରେ ଗ୍ରାମବାସୀ ୩ ଚୋରଙ୍କୁ ଧରି ଗଛରେ ବାନ୍ଧି ନିର୍ଘୁମ ଛେଚିଛନ୍ତି। ଗୁରୁବାର ପୂର୍ବାହ୍ନ ୧୧ଟାରେ କମର୍ଦ୍ଦା ଆଇଆଇସି ବିଜୟ କୁମାର ମୁର୍ମୁଙ୍କ ସହ ୮ଜଣ ପୋଲିସ ଚୋରକୁ ଆଣିବାକୁ ଯାଇ ଗ୍ରାମବାସୀଙ୍କ ରୋଷର ଶିକାର ହୋଇଛନ୍ତି। ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ପୋଲିସ ନିୟନ୍ତ୍ରଣ କରି ନ ପାରିବାରୁ ସେଠାରେ ଦୀର୍ଘ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ଭ୍ୟାନ୍‌କୁ ଅଟକାଇବା ସହ ପୋଲିସ ବିରୋଧରେ ନାରାବାଜି ପ୍ରଦର୍ଶନ କରିଥିଲେ। ଜଳେଶ୍ୱର ଏସ୍‌ଡ଼ିପିଓ ରାମଚନ୍ଦ୍ର ଗୌଡୁ ୧ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ପ୍ରତିକାର ଲାଗି ପ୍ରତିଶ୍ରୁତି ଦେବା ସହ କମର୍ଦ୍ଦା ପୋଲିସକୁ ସେଠାରୁ ମୁକୁଳାଇଥିଲେ। ୩ ଚୋରଙ୍କୁ ପୋଲିସ ଗିରଫ କରି କମର୍ଦ୍ଦା ଥାନାକୁ ଆଣି ଅଧିକ ପଚରାଉଚୁରା କରୁଛି।

ଗତ ବୁଧବାର ମଧ୍ୟରାତ୍ରରେ ଏକ ଓମିନି(ନଂ.ଡବ୍ଲ୍ୟୁ.ବି.୩୨୦) କାରରେ ୫ଜଣ ପେସାଦାର ଚୋର ଗ୍ରାମରେ ପଶି ଶ୍ରୀନିବାସ ଜେନାଙ୍କ ବାଡ଼ିରୁ ବିଦ୍ୟୁତ୍ ପାଣିପମ୍ପ ଏବଂ ଅନ୍ୟ ଏକ ସ୍ଥାନରୁ ବିଦ୍ୟୁତ୍ ଜେନେରେଟର ଚୋରି କରି କୁଳିଦା-ମହାଗବ ରାସ୍ତାରେ ଚମ୍ପଟ ମାରୁଥିଲେ। ଏହି ସମୟରେ ଗ୍ରାମର ସାହସୀ ଯୁବକମାନେ ବାଇକ୍‌ରେ ଉକ୍ତ ଗାଡ଼ିର ପିଛା କରିଥିଲେ। ଯୁବକମାନେ ଅନ୍ୟ ସାଥୀମାନଙ୍କୁ ଏହି ଘଟଣା ସମ୍ପର୍କରେ ଫୋନ୍‌ରେ ଜଣାଇ ଦେବା ପରେ ମହାଗବ ରାଇସ୍ ମିଲ୍‌ଠାରେ ଅନ୍ୟ ଯୁବକମାନେ ଗାଡ଼ିକୁ ଚାରିପଟୁ ଘେରିଯାଇଥିଲେ। ଏହି ସମୟରେ ଗାଡ଼ିରେ ଥିବା ୫ ଚୋର ମଧ୍ୟରୁ ୨ଜଣ କୌଶଳକ୍ରମେ ଡେଇଁ ଚମ୍ପଟ ମାରିଥିଲେ। ୩ଜଣ ଚୋରଙ୍କୁ ଯୁବକମାନେ କାବୁ କରିବା ସହିତ ସେମାନଙ୍କୁ ଗାଁକୁ ଆଣି ଏକ ଗଛରେ ବାନ୍ଧି ନିର୍ଘୁମ ଛେଚିଥିଲେ। ଜଳେଶ୍ୱର ଏସ୍‌ଡ଼ିପିଓ ଅପରାହ୍ନରେ ପହଞ୍ଚି ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବା ପରେ ଗ୍ରାମରେ ରାତିରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିଃସହାୟ ଅବସ୍ଥାରେ ଥିବା କମର୍ଦ୍ଦା ପୋଲିସଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରିଥିଲେ। ଗିରଫ ହୋଇଥିବା ୩ ଚୋରଙ୍କ ମଧ୍ୟରେ କମର୍ଦ୍ଦା ଥାନା ବାହାର୍ଦ୍ଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦାସ (୫୫) ଜଣେ ପେସାଦାର ଓ ଚୋରମାନଙ୍କ ସର୍ଦ୍ଦାର ବୋଲି ପୋଲିସ ପ୍ରକାଶ କରିଛି। ଅନ୍ୟମାନେ ହେଲେ ପଶ୍ଚିମବଙ୍ଗ ପଶ୍ଚିମମେଦିନୀପୁର ଜିଲା ନାରଣଗଡ଼ ଥାନା ଗୁନିଆ ଗ୍ରାମର ତନୁ ନାୟକ (୩୦) ଓ ତାଙ୍କ ଭାଇ ଅନନ୍ତ ନାୟକ (୫୫)। ଏଥିସହିତ ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ମୋଟର ପୋଲିସ ଜବତ କରିଛି। କମର୍ଦ୍ଦା ଥାନାରେ ଏକ ମକଦ୍ଦମା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

■ମୋଦି-ନବୀନଙ୍କ ସମାନ୍ତରାଳ କାର୍ଯ୍ୟକ୍ରମ

# ରାହୁଲଙ୍କ କାର୍ଯ୍ୟକ୍ରମ ପାଇଁ ସ୍ଥାନ ମିଳୁନି

ଭୁବନେଶ୍ୱର, ୧୦।୧(ବ୍ୟୁରୋ):

ଆସନ୍ତା ଏପ୍ରିଲ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ ସୁଦ୍ଧା ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବା ଆଶାକରାଯାଉଛି। ଏହା ପୂର୍ବରୁ ରାଜ୍ୟର ୩ ପ୍ରମୁଖ ଦଳ ନିଜର ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ରାଜ୍ୟବାସୀ ଜନମତକୁ ନିଜ ସପକ୍ଷରେ ନେବା ସକାଶେ ବିଜେଡି, ଭାଜପା ଏବଂ କଂଗ୍ରେସ ଲଗାତାର କିଛିଦିନ ହେବ ବିଭିନ୍ନ ପ୍ରକାର ରାଜନୈତିକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ସେହି କ୍ରମରେ ଭାଜପା ଓଡିଶାରେ ସରକାରକୁ ଆସିବାକୁ ଦୃଢୋକ୍ତି ପ୍ରକାଶ କରିଆସୁଛି। ଏହାକୁ ବାସ୍ତବ ଚିତ୍ର ଦେବା ପାଇଁ ଭାଜପାର ଏକମାତ୍ର ଚେହେରା କୁହାଯାଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ସମୟରେ ଓଡିଶା ଗସ୍ତରେ ଆସୁଛନ୍ତି। ଅନ୍ୟପଟେ ରାଜ୍ୟ ଗସ୍ତରେ ବାରମ୍ବାର ଆସି ପ୍ରଧାନମନ୍ତ୍ରୀ ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପର ଲୋକାର୍ପଣ ମଧ୍ୟ କରିଯାଉଛନ୍ତି। ହେଲେ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ କାଉଣ୍ଟର କରିବା ସକାଶେ ବିଜେଡି ମଧ୍ୟ ଫୁଲ୍ ଦମରେ ପ୍ରସ୍ତୁତ ରହିଛି। ପ୍ରଧାନମନ୍ତ୍ରୀଙ୍କ ଓଡିଶା କାର୍ଯ୍ୟକ୍ରମର ସମ୍ମୁଖୀନ ହେବା ପାଇଁ ବିଜେଡି ସମାନ୍ତରାଳ ପଦ୍ଧତି ଆପଣାଉଥିବା ଲକ୍ଷ୍ୟ କରାଯାଉଛି।

ମୋଦିଙ୍କ ଖୋର୍ଦ୍ଧା ସରକାରୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ। ହେଲେ ଏହା ପରେ ପ୍ରଧାନମନ୍ତ୍ରୀଙ୍କ ବାରିପଦା ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ପୁରୀ ଯାଇଥିଲେ। ସେହିପରି ଆସନ୍ତା ୧୫ରେ ମୋଦି ପୁନର୍ବାର ବଲାଙ୍ଗୀର ଗସ୍ତରେ ଆସୁଛନ୍ତି। ସେଠାରେ ହେବାକୁ ଥିବା ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ମୁଖ୍ୟମନ୍ତ୍ରୀ ସାମିଲ ହେବେ ନାହିଁ ବୋଲି ସୂତ୍ରରୁ ଜଣାପଡିଛି। ସମାନ ଦିନରେ ରାଜ୍ୟ ସରକାରଙ୍କ କୃଷି ସମାବେଶ କରାଯିବ। ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବାକୁ ଥିବାରୁ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଯାଇପାରିବେ ନାହିଁ ବୋଲି ଶୁଣିବାକୁ ମିଳୁଛି। ଦୁଇ ଦଳର ଏହିଭଳି ସମାନ ଦିନିଆ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏହି ଲଢେଇରେ କଂଗ୍ରେସ ସାମିଲ ହେବାକୁ ଯଥେଷ୍ଟ ଉଦ୍ୟମ ଚଳାଇଛି। ଚଳିତ ମାସରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କର କ୍ରମାଗତ ଓଡିଶା ଗସ୍ତ କାର୍ଯ୍ୟକ୍ରମ ରହୁଛି। ରାହୁଲଙ୍କୁ ବହୁ ଦିନରୁ ଓଡିଶା ଆଣିବାକୁ ପ୍ରୟାସ ଚଳାଇଥିବା ପିସିସି ନେତୃବୃନ୍ଦ ନିକଟରେ ଏହା ସଫଳ କରିବାରେ ସକ୍ଷମ ହୋଇଛନ୍ତି। ରାହୁଲଙ୍କୁ ଓଡିଶା ଆଣି କଂଗ୍ରେସ ତୃଣମୂଳସ୍ତରର କର୍ମୀମାନଙ୍କୁ ପୁଣିଥରେ ଉତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ହେଲେ ରାହୁଲଙ୍କ ଗସ୍ତକୁ ନେଇ ପୁଣି ଏକ କେଁ ଅଟକିଯାଇଛି। ରାହୁଲଙ୍କ ସଭା କେଉଁଠି ହେବ ତାହା ବର୍ତ୍ତମାନ ସୁଦ୍ଧା ସ୍ଥିର ହୋଇପାରୁ ନାହିଁ। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ପଡିଆକୁ ପଡିଆ ଘୁରି ବୁଲୁଛନ୍ତି। ସଭା ପାଇଁ ଉପଯୁକ୍ତ ଥିବା ବରମୁଣ୍ଡା କିମ୍ବା ଜନତା ମଇଦାନ ପଡିଆ ମିଳିନାହିଁ। ରାଜଧାନୀର ସବୁ ପଡିଆ ବିଜେଡି ପକ୍ଷରୁ ଆଗରୁ ଜାଣିଶୁଣି ବୁକ୍ କରି ଦିଆଯାଇଥିବା କଂଗ୍ରେସ ଭୁବନେଶ୍ୱର ଜିଲା ସଭାପତି ମାନସ ଚୌଧୁରୀ ଅଭିଯୋଗ କରିଛନ୍ତି। ରାହୁଲଙ୍କ ସଭାର ପଡିଆ ପାଇଁ କଂଗ୍ରେସ ଚିନ୍ତାରେ ପଡିଯାଇଥିବା ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ସେପଟେ ପୁନର୍ବାର ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ସମାନ୍ତରାଳ ସଭାକୁ ନେଇ ଏବେଠାରୁ ନାନା କଥା ଚର୍ଚ୍ଚା ହେବାରେ ଲାଗିଛି। ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ ନେଇ ବିଜେଡି ଏମ୍‌ପି କଳିକେଶ ସିଂ ଦେଓ କହିଛନ୍ତି, ବଲାଙ୍ଗୀରକୁ ଦେଶର ପ୍ରଧାନମନ୍ତ୍ରୀ ଆସିଲେ ସ୍ୱାଗତ କରିବୁ। ସେ ଆସି ଏଠାରେ ୫ରୁ ୧୦ବର୍ଷ ହେବ ଯେଉଁସବୁ ବଡବଡ ଦାବି ରହିଯାଇଛି ତାକୁ ପୂରା କରନ୍ତୁ। ଯଦି ମୋତେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ ମିଳେ ତେବେ ମୁଁ ତାଙ୍କ ପାଖରେ ଠିଆ ହେବି ବୋଲି କଳିକେଶ କହିଛନ୍ତି।



ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରାର ବିରୋଧିତା। ଆମକୁ ଏକ ଉଚ୍ଚଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ।

-ଶ୍ରୀଅରବିନ୍ଦ

# ତାଳିପକା ସମାଧାନ

ସାଧାରଣ ନିର୍ବାଚନ ସହ କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ବିଭିନ୍ନ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ନିଜର ଭାଗ ପାଇବା ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ କୌଶଳ ଆପଣାଇଛନ୍ତି। ନିକଟରେ ଅନୁଷ୍ଠିତ କେତେକ ରାଜ୍ୟର ନିର୍ବାଚନ ଫଳ ପ୍ରକାଶ ପାଇବା ପରଠାରୁ କୃଷକ ପ୍ରସଙ୍ଗ ପୁଣି ପ୍ରମୁଖତା ଲାଭ କରିଛି। ତେବେ ନିର୍ବାଚନ ଫଳ ପ୍ରକାଶ ପର୍ଯ୍ୟନ୍ତ ଏ ପ୍ରସଙ୍ଗ ଯେ ପୂରା ସୁପ୍ତ ଥିଲା ବା ଜାତୀୟ ଚର୍ଚ୍ଚା ପରିସରରୁ ବାହାରେ ଥିଲା ସେ କଥା କୁହାଯାଉ ନାହିଁ। ବାସ୍ତବରେ ଚାଷୀ ଆନ୍ଦୋଳନ ୨୦୧୮ର ବହୁଳାଂଶ ଜାତୀୟ ଗଣମାଧ୍ୟମର ଶିରୋନାମା ମଣ୍ଡନ କରିଥିଲା। ଗତବର୍ଷ ଜୁନ୍‌ମାସରେ ଅନେକ ରାଜ୍ୟରେ କୃଷକମାନେ ୧୦ ଦିନିଆ ପ୍ରତିବାଦ ମାଧ୍ୟମରେ ସରକାରଙ୍କୁ ପ୍ରତିଶ୍ରୁତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଯଥାଶୀଘ୍ର ପ୍ରଦାନ କରିବା ପାଇଁ ଦାବି ଜଣାଇଥିଲେ। ତା'ଛଡ଼ା ସେମାନେ ଦେଶ ସାରା କୃଷିଋଣ ଛାଡ଼କରିବା ପାଇଁ ମଧ୍ୟ ଦାବି କରିଥିଲେ। ଗତବର୍ଷ ମଧ୍ୟପ୍ରଦେଶର ମଣ୍ଡସୌରଠାରେ ଏଭଳି ଆନ୍ଦୋଳନ ଅବସରରେ ଘଟିଥିବା ହିଂସାକାଣ୍ଡରେ ପୋଲିସ ଗୁଳିରେ ପାଞ୍ଚଜଣ କୃଷକଙ୍କର ମୃତ୍ୟୁ ଘଟିଥିଲା। ଓଡ଼ିଶାରେ ଧାନର ଏମ୍‌ଏସ୍‌ପି ବୃଦ୍ଧିକରିବା ପାଇଁ କୃଷକମାନେ ବାରମ୍ବାର ଦାବି କରିଆସୁଛନ୍ତି। ରାଜ୍ୟ ସରକାର ମଧ୍ୟ କୃଷକଙ୍କ ସ୍ୱାର୍ଥରକ୍ଷା ପାଇଁ ବାରମ୍ବାର କେନ୍ଦ୍ର ଆଗରେ ଦାବି ଉପସ୍ଥାପନ କରିଆସିଛନ୍ତି। ମଙ୍ଗଳବାର ବିଜୁ ଜନତା ଦଳ ପକ୍ଷରୁ ଏଥିପାଇଁ ଦଳର କର୍ମୀ ତଥା କୃଷକମାନଙ୍କୁ ନେଇ ଦିଲ୍ଲୀରେ ଏକ ର୍‌ୟାଲି କରାଯାଇଥିଲା। କେନ୍ଦ୍ର ସରକାର କୃଷକମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରି ନ ଥିବାରୁ ଏଇ କିଛିଦିନ ଭିତରେ ଦେଶ ସାରା କୃଷକମାନେ ବିକ୍ଷୋଭ ପ୍ରଦର୍ଶନ କରିବା ଦେଖାଯାଇଛି।

ଦେଶର ପ୍ରାୟ ଅଧାଲୋକ କୃଷିକ୍ଷେତ୍ରରେ ହିଁ ଜୀବିକା ନିର୍ବାହ କରୁଥିବାବେଳେ କୃଷିକ୍ଷେତ୍ରରୁ ଭାରତର ଜିଡିପିକୁ ଅବଦାନ ମାତ୍ର ୧୫ ପ୍ରତିଶତ। ଏହା ଆମ କୃଷିକ୍ଷେତ୍ରର ତଥା ଏହା ଉପରେ ନିର୍ଭର କରୁଥିବା ଲୋକମାନଙ୍କର ଦୁରବସ୍ଥାର ଏକ ବଡ଼ ସୂଚକ। ନିକଟରେ ଅନୁଷ୍ଠିତ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ସୂଚନା ମିଳିଛି ଯେ, ଆଗାମୀ ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ କୃଷି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେବାକୁ ଯାଉଛି। ଭାରତରେ କୃଷକମାନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ। ଜମିର ସ୍ୱଳ୍ପ ଉତ୍ପାଦନଶୀଳତା, ଦୁର୍ବଳ କୃଷି ଭିତ୍ତିଭୂମି, ବୈଜ୍ଞାନିକ ପଦ୍ଧତିରେ ଶସ୍ୟ ସଂରକ୍ଷଣ ବ୍ୟବସ୍ଥାର ଅଭାବ, ଦୁର୍ବଳ ବିପଣନ ବ୍ୟବସ୍ଥା ଏହି କ୍ଷେତ୍ରକୁ ଆକ୍ରାନ୍ତ କରି ରଖିଛି।

## ଆଜିର ଅର୍ଥନୀତି

ଏହାର କୌଣସି ସହଜ ସମାଧାନ ନାହିଁ। ଅଧିକାଂଶ କୃଷିଋଣ ଛାଡ଼ କରିବା ପାଇଁ ଦାବି କରୁଥିଲେ ମଧ୍ୟ ଏହାଦ୍ୱାରା କୃଷକମାନଙ୍କର ସବୁ ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଏହା କୃଷକମାନଙ୍କ କ୍ଷତର ଆରୋଗ୍ୟ ପାଇଁ ଏକ ମନସ୍ତାତ୍ତ୍ୱିକ ମଲମ ପରି କାମ ଦେଇପାରେ। ଆମ ଦେଶର ପ୍ରାୟ ୪୮ ପ୍ରତିଶତ କୃଷକ ଋଣ କରି ନ ଥାନ୍ତି ଏବଂ ଅତି କମ୍ ସଂଖ୍ୟକ କୃଷକ ଆନୁଷ୍ଠାନିକ କୃଷିଋଣ କରିଥାନ୍ତି।

ଆମେ ସଚେତନ ଯେ ଆମ କୃଷିକ୍ଷେତ୍ର ଅନେକ ଦିଗରୁ ଉନ୍ନତି କରିବାର ସମ୍ଭାବନା ଅଛି। କିନ୍ତୁ ସେଥିପାଇଁ ସରକାରଙ୍କୁ ଭୋଟବାକ୍ସ ବାହାରେ ଚିନ୍ତା କରିବାକୁ ହେବ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସମର୍ଥ କରିବା ପାଇଁ କୃଷି ସଂସ୍କାରରେ ଅଧିକ ଅନ୍ତର୍ଭୁକ୍ତୀକରଣ ହେବା ଦରକାର। ଭୂମିସ୍ୱତ୍ୱକୁ ଅଧିକ ଉତ୍ପାଦନଶୀଳ ଓ ବଜାର-ଅନୁକୂଳ କରିବା ପାଇଁ ଏହାକୁ ମଜଭୁତ କରିବାର ଆବଶ୍ୟକତା ରହିଛି। ଦ୍ୱିତୀୟତଃ ଉନ୍ନତ ଜ୍ଞାନକୌଶଳ ଦ୍ୱାରା ଦକ୍ଷତା ଓ ଉତ୍ପାଦକତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବା ଦରକାର, ଯାହାଦ୍ୱାରା କମ୍ ଖର୍ଚ୍ଚରେ ଅଧିକ ଅମଳ ହୋଇପାରୁଥିବ। ଏହା ଉପରେ ଅଧିକ ଗବେଷଣା ପାଇଁ ପ୍ରୋତ୍ସାହନ ମିଳିବା ଆବଶ୍ୟକ। ଏ କ୍ଷେତ୍ରରେ ରାଜ୍ୟ ସରକାରଗୁଡ଼ିକର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୃଷକମାନଙ୍କୁ କୃଷି-ବ୍ୟବସାୟ ଦିଗରେ ମନ ବଳାଇବା ପାଇଁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ଅଛି। ଧାନ ଓ ଗହମ ପରି ପାରମ୍ପରିକ କୃଷି ବଦଳରେ ଫଳ, ପନିପରିବା, ଡାଇରି ଉତ୍ପାଦ, ମାଂସ, ଅଣ୍ଡା, ମାଛ ପ୍ରଭୃତି ଉଚ୍ଚ ମୂଲ୍ୟଯୁକ୍ତ ଓ ଅଧିକ ଲାଭଜନକ ଚାଷ ଓ ବ୍ୟବସାୟକୁ ସେମାନେ ଆପଣାଇବା ଦରକାର। କୃଷକମାନଙ୍କ ବଳକା ଉତ୍ପାଦନକୁ ସାଇତି ରଖିବା, ପ୍ରକ୍ରିୟାକରଣ କରିବା ଓ ରପ୍ତାନି କରିବା ପାଇଁ ସରକାର ବ୍ୟବସ୍ଥା କରିବା ଉଚିତ।

ବର୍ତ୍ତମାନ କୃଷକମାନେ ଅଧିକ ଅମଳ କଲେ ବଜାରରେ ଅତ୍ୟଧିକ ସୁଲଭତା ହେତୁ ତାହାର ମୂଲ୍ୟ ହ୍ରାସପାଉଛି। ଫଳରେ ସେମାନେ ଉପଯୁକ୍ତ ମୂଲ୍ୟ ନ ପାଇ କ୍ଷତିଗ୍ରସ୍ତ ହେଉଛନ୍ତି। କୃଷକମାନଙ୍କ ପାଇଁ ଏକ ଆୟ ସମର୍ଥନକାରୀ କାର୍ଯ୍ୟକ୍ରମ ମଧ୍ୟ ହାତକୁନେବାର ଆବଶ୍ୟକତା ରହିଛି। ଆମ ରାଜ୍ୟ ସରକାର ଯେଉଁ କାଳିଆ ଯୋଜନା ଆରମ୍ଭ କରିଛନ୍ତି, ତାହା ଏ ଦିଗରେ ଏକ ଉତ୍ତମ ପଦକ୍ଷେପ। ତେବେ ସରକାର ଆବଶ୍ୟକ ସଂଖ୍ୟକ ଫର୍ମ ଯୋଗାଇ ନ ପାରିବାରୁ ତା'ର କଳାବଜାର ହେଉଥିବା ରିପୋର୍ଟ ପ୍ରକାଶ ପାଇଛି। ଏଣୁ ସରକାର ଆବଶ୍ୟକତାକୁ ଚାହିଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ଉପଯୁକ୍ତ ହିତାଧିକାରୀ ଯେପରି ଉପକୃତ ହୁଅନ୍ତି ତାହା ସୁନିଶ୍ଚିତ କରିବା ତଳସ୍ତରରେ କାମ କରୁଥିବା ଅଫିସର ଓ କର୍ମଚାରୀମାନଙ୍କ ଦାୟିତ୍ୱ। କେବଳ ଭୋଟବାକ୍ସ ଚିନ୍ତା ସରକାରଙ୍କ ଦୃଷ୍ଟିକୋଣକୁ ମଳିନ କରିବା ଉଚିତ ନୁହେଁ।

## ଚିରନ୍ତନୀ

ସବୁ ଧର୍ମ ପରେ ଯେଉଁ ଜୀବ-ଧର୍ମ
ତାହାର ସନ୍ଧାନେ ଧାଏଁ ଅବିରାମ
ଚିର ପ୍ରତିଷ୍ଠିତ
ନବୀନର ଚିତ୍ତ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 6 | 4 | | | | | | C | | | 2 | 8 | 0 |
| | | | | 0 | 6 | C | | 9 | D | 4 | 1 | | | E |
| | 1 | | | C | | A | | | 0 | | | 6 | | |
| | | | | | | 7 | | | | | A | 3 | | |
| | | | | | B | | | 4 | | 5 | E | | A | |
| | | 2 | 1 | | | | | | | A | | | 5 | |
| 3 | | 0 | | 6 | | | 9 | | | | B | | | A |
| | | | | | | | | | | | 4 | 9 | 2 | D |
| 8 | 5 | 4 | B | A | | | | | 6 | C | D | | | |
| B | | | D | | 4 | | | | E | | 8 | | 0 | 6 |
| 6 | | 8 | | | | | | 1 | | 3 | 5 | 4 | | |
| 1 | E | | 3 | | C | | | | | | 9 | 5 | | |
| | 7 | | | | 5 | | | 0 | | | | | | |
| | A | 3 | | | | 4 | | | B | 1 | | E | | C |
| | | 5 | 8 | 1 | | | | | | E | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | D | 4 | B | 6 | 3 | E | 8 | 9 | 2 | 7 | 0 | 1 | A | 5 |
| A | 0 | 2 | 7 | 8 | 1 | B | 5 | D | C | 3 | 6 | 9 | E | 4 |
| 9 | 5 | E | 4 | C | 0 | 1 | 3 | 6 | B | A | 8 | D | 7 | 2 |
| B | 7 | 8 | D | A | 9 | 0 | 4 | 2 | E | 1 | 5 | C | 6 | 3 |
| 3 | 1 | 6 | E | 2 | 5 | A | C | 7 | D | 4 | 9 | 8 | 0 | B |
| 6 | 8 | 7 | C | 3 | 2 | 4 | E | A | 1 | B | D | 0 | 5 | 9 |
| 4 | 3 | D | 0 | E | 6 | C | 1 | 5 | 9 | 8 | A | 2 | B | 7 |
| 5 | A | 1 | 9 | 4 | 8 | 2 | 7 | B | 0 | 6 | C | 3 | D | E |
| 0 | 9 | B | 5 | 7 | A | D | 6 | 8 | 3 | E | 2 | 4 | 1 | C |
| 2 | E | C | 1 | B | D | 9 | 0 | 3 | 4 | 5 | 7 | A | 8 | 6 |
| E | B | A | 8 | 9 | C | 6 | 2 | 0 | 5 | D | 4 | 7 | 3 | 1 |
| 7 | 4 | 9 | 2 | 1 | B | 8 | D | E | 6 | 0 | 3 | 5 | C | A |
| 8 | C | 5 | A | 0 | E | 3 | 9 | 1 | 7 | 2 | B | 6 | 4 | D |
| 1 | 2 | 3 | 6 | D | 7 | 5 | A | 4 | 8 | C | E | B | 9 | 0 |
| D | 6 | 0 | 3 | 5 | 4 | 7 | B | C | A | 9 | 1 | E | 2 | 8 |

ଗତକାଲିର ଉତ୍ତର

# ସଙ୍ଗତି ଓ ମାନବ ମୂଲ୍ୟ



ଉପେନ୍ଦ୍ର ବିଶ୍ୱାଳ

ରସାୟନ ବିଜ୍ଞାନାନୁଯାୟୀ ଦୁଇଟି ଉଦ୍‌ଜାନ ଓ ଗୋଟିଏ ଅମ୍ଳଜାନ ପରମାଣୁର ମିଶ୍ରଣ ଫଳରେ ସୃଷ୍ଟି ହୁଏ ଜଳଅଣୁ। ପ୍ରତିଟି ଜଳବିନ୍ଦୁ କେତେଗୁଡ଼ିଏ ଜଳଅଣୁର ସମାହାର। ନର୍ଦ୍ଦମାରେ ବୋହିଯାଉଥିବା ଜଳରେ ଯେଉଁ H2O ଅଣୁ ଥାଏ, ସମୁଦ୍ରରେ ମଧ୍ୟ ତାହା। ମାତ୍ର ନର୍ଦ୍ଦମାର ଜଳକୁ ପାଦରେ ବି ଛୁଇଁବାକୁ ମନ କୁହେନା। ନଦୀ, ସମୁଦ୍ରରେ ଆମେ ଅତିବେଶିରେ ସ୍ନାନ କରିବାକୁ ପସନ୍ଦ କରିଥାଉ। କିନ୍ତୁ ନଳକୂପର ସେହି H2O ଜଳଅଣୁକୁ ଜୀବନ ରକ୍ଷାକାରୀ ପାନୀୟ ଭାବେ ସାଦରେ ଗ୍ରହଣ କରୁ। ଗଙ୍ଗାର ଜଳ ତା'ଠାରୁ ବି ଅଧିକ ଆଦର ଓ ମହିମାଯୁକ୍ତ। ଆକାଶରୁ ଝରିପଡୁଥିବା ଶିଶିର ବିନ୍ଦୁରେ ମଧ୍ୟ ଉଦ୍‌ଜାନ ଓ ଅମ୍ଳଜାନ ଅଛି। ଏହାର ମୂଲ କିନ୍ତୁ ଅମୂଲ। କାରଣ ଗୋଲାପକୁ ବିକଶିତ କରିବାରେ ହିଁ କେବଳ ଶିଶିର ବିନ୍ଦୁର ଅଛି ସାମର୍ଥ୍ୟ। ଯାହା କି ଉପରୋକ୍ତ ଉତ୍ସର ଜଳରେ ନାହିଁ। ଶିଶିରବିନ୍ଦୁଠାରୁ ବି ଆହୁରି ଅଧିକ ମୂଲ୍ୟବାନ ଆକାଶରୁ ଝରି ପଡୁଥିବା ସେହି ଜଳବିନ୍ଦୁ, ଯାହା ଏକ ନିର୍ଦ୍ଦିଷ୍ଟ ସମୟରେ (ଆକାଶରେ ଚନ୍ଦ୍ର ସ୍ୱାତୀ ନକ୍ଷତ୍ରରେ ଥିବାବେଳେ) ଶାମୁକାର ସ୍ୱର୍ଣ୍ଣିମ ସ୍ୱପ୍ନକୁ ସାକାର କରି ତା' ଭିତରେ ମହାର୍ଘ ମୁକ୍ତା ତିଆରି କରିଥାଏ। ସେଥିପାଇଁ କୁହାଯାଏ- ସ୍ୱାତୀ ନକ୍ଷତ୍ରର ଜଳ, ପାତ୍ର ବିଶେଷରେ ଫଳ।

ନର୍ଦ୍ଦମାଠୁ ନଈନାଳ, ଗାଡ଼ିଆଠୁ ଗୋଲାପ କଢ଼ି, ସାଗରଠୁ ଶାମୁକା ପର୍ଯ୍ୟନ୍ତ ସବୁଠି ଅଛି ଜଳର ସେହି ସମାନ ଅଣୁ। ସଂସ୍ପର୍ଶ ବା ସଙ୍ଗତି ହିଁ ଜଳକଣାର ମୂଲ୍ୟକୁ ବଢ଼ାଇ ଥାଏ। ଠିକ୍ ସେମିତି, ଆମ ଜୀବନର ଗୌରବ-ଗରିମା ନିର୍ଭର କରେ ଆମର ସଙ୍ଗତି ଉପରେ। କୁସଙ୍ଗ ଆମକୁ ନର୍ଦ୍ଦମାର ଜଳପରି ନିମ୍ନଗାମୀ ବା ନୀଚ ଭାବେ ସୂଚିତ କରୁଥିଲା ବେଳେ, ମୁକ୍ତାସମ ଆମ ଜୀବନକୁ ଜାଜ୍ୱଲ୍ୟମାନ କରିଥାଏ ସୁସଙ୍ଗ। ଜୀବନରେ ହେୟ ବା ଶ୍ରେୟ ନିର୍ଭର କରେ ଆମର ମତି-ଗତି-ସଙ୍ଗତି ଉପରେ। ମନେ ପଡ଼େ ମହାଭାରତରେ ଭୀଷ୍ମଙ୍କ ଶରଶଯ୍ୟା ସମୟର ସ୍ୱୀକାରୋକ୍ତି। ଶରଶଯ୍ୟାରେ ଶୋଇ ଶୋଇ ଅତୀତକୁ ଅନୁଶୀଳନ କରୁଛନ୍ତି ପିତାମହ ଭୀଷ୍ମ। ଶରୀରରୁ କ୍ଷରିତ ହୋଇଚାଲିଛି ପାପାନ୍ନରେ ତିଆରି ଶୋଣିତର ଧାର। ଭଗବାନ ଶ୍ରୀକୃଷ୍ଣଙ୍କ ପରାମର୍ଶ କ୍ରମେ ଶଯ୍ୟାଧାରରେ ସମବେତ ହେଲେ ଦ୍ରୌପଦୀଙ୍କ ସମେତ ପଞ୍ଚପାଣ୍ଡବ। ଶୁଣିବେ ଧର୍ମନୀତି ସମ୍ବନ୍ଧୀୟ ଉପଦେଶାବଳୀ। ନୀତିନିଷ୍ଠ, ଧର୍ମାତ୍ମା ଭୀଷ୍ମଙ୍କଠାରୁ ମୂଲ୍ୟବାନ ମାର୍ଗଦର୍ଶନ ଶୁଣୁ ଶୁଣୁ ପାଞ୍ଚାଳିଙ୍କର ମନେ ପଡ଼ିଯାଇଛି କୁରୁସଭାରେ ସେଦିନର ଲାଞ୍ଛନା। ମନେ ମନେ ମାପୁଥାନ୍ତି ପଞ୍ଚାମୃତ ସମ ଆଜିର ପବିତ୍ର ଉଚ୍ଚାରଣ ଓ କାଲିର ସେ ନିଷ୍ଠୁର ନୀରବତା। ଆଜି ପିତାମହଙ୍କର ଏପରି ଧର୍ମବାଣୀ ଶୁଣି ନିଜକୁ ଆଉ ସମ୍ଭାଳି ନ ପାରି ଫେଁ କରି ହସିଦେଲେ ସର୍ବ ସମ୍ମୁଖରେ। ଗୁରୁଜନମାନଙ୍କ ପ୍ରତି ପ୍ରଚଣ୍ଡ ଭକ୍ତିଭାବ ରଖୁଥିବା ପାଞ୍ଚାଳିଙ୍କର ହସକୁ କିନ୍ତୁ ପଢ଼ି ପାରିଥିଲେ ଶ୍ରୀକୃଷ୍ଣ ଓ ପିତାମହ ଭୀଷ୍ମ। ହସର କାରଣ ସେ ନିଜେ ବୋଲି ଭୀଷ୍ମ ସ୍ୱୀକାର କରିଛନ୍ତି ସେଇଠି। ସତ୍ୟପ୍ରିୟ, ନ୍ୟାୟନିଷ୍ଠ ପିତାମହଙ୍କ ମର୍ଯ୍ୟାଦା, ମୁରବିପଣ ସବୁ ମାଟିରେ ମିଶି ଯାଇଥିଲା, ସଙ୍ଗତିର ମାରାତ୍ମକ ପ୍ରଭାବ ଯୋଗୁ। ଦୁଷ୍ଟମନା କୌରବକୁଳର ସଂସ୍ପର୍ଶ ଓ ସଙ୍ଗତି ତଥା ତାଙ୍କ ପାପାନ୍ନ ଭୁଞ୍ଜି ଭୁଲି ଚାଲିଥିଲେ ଭୀଷ୍ମ ତାଙ୍କ ମହାନୁଭବତାକୁ, ମହନୀୟତାକୁ। ଧୃତରାଷ୍ଟ୍ରଙ୍କ ଦୁଷ୍ଟ ସନ୍ତାନଙ୍କ ଦୌରାତ୍ମ୍ୟ, ଉତ୍ପୀଡ଼ନ, ଅନ୍ୟାୟର ପ୍ରତିବାଦ କରିବାକୁ ଅସହାୟ ମଣୁଥିଲେ ସେ। ସମର୍ଥ ଥାଇ ବି ସେ ଥିଲେ ଅସମର୍ଥ। ଏପରି କି କୁରୁ ରାଜସଭାରେ ଲାଞ୍ଛିତା ଲଳନାଟିର ବିକଳ ପ୍ରାର୍ଥନା ବି କର୍ଣ୍ଣବିଦ୍ଧ କରି ପାରୁ ନ ଥିଲା ସେଦିନର ବଧିର-ଭୀଷ୍ମଙ୍କୁ। ମୌନ ରହି ମୁରବୀଜଣଙ୍କ ଏକପ୍ରକାର ପରୋକ୍ଷ ସମର୍ଥନ ଦେଇଥିଲେ ଦୁର୍ଯ୍ୟୋଧନ, ଦୁଃଶାସନ ଆଦି ଦୁଷ୍ଟାତ୍ମାଙ୍କ ଦୁଷ୍କର୍ମକୁ। ଇଏ ହେଉଛନ୍ତି ସେହି ଭୀଷ୍ମ, ମହିଳାମାନଙ୍କ ପ୍ରତି ଯାହାଙ୍କର ଥିଲା ଗଭୀର ମର୍ଯ୍ୟାଦାବୋଧ। ଏପରି କି, ମହିଳା ବେଶଧାରୀ ଶତ୍ରୁ ଉପରକୁ ମଧ୍ୟ ଅସ୍ତ୍ର ଉଠାଇବେ ନାହିଁ ବୋଲି ଯାହାଙ୍କର ଥିଲା ନୀତିଗତ ନିଷ୍ପତ୍ତି। 'ନାରୀ ମାତ୍ରେ ହିଁ ନମସ୍ୟା' ତାଙ୍କର ଏହି ଉଚ୍ଚକୋଟୀର ଆଦର୍ଶପଣ କିନ୍ତୁ ଲୁଚିଯାଇଥିଲା ସେତେବେଳେ, ଯେତେବେଳେ ଜଣେ କୁଳବଧୂଙ୍କୁ ସର୍ବସମ୍ମୁଖରେ ଅତି ନିର୍ଲଜ୍ଜ ଭାବେ ନିର୍ଯାତିତ କରାଯାଉଥିଲା। କେବଳ ଭୀଷ୍ମ ନହୁନ୍ତି ସତ୍ୟାନୁରାଗୀ, ଆଦର୍ଶ ଆଚାରର ପାଠ ପଢ଼ାଉଥିବା ଆଚାର୍ଯ୍ୟ ଦ୍ରୋଣ ମଧ୍ୟ ଭୁଲିଯାଇଥିଲେ ସତ୍ୟ-ନ୍ୟାୟ-ଆଦର୍ଶର ପାଠ, ଦୁଷ୍ଟମତିମାନଙ୍କ ମେଳରେ ରହି ରହି। ଏହାର ଠିକ୍ ବିପରୀତ ଘଟଣା ସୁସଙ୍ଗର ସଂସ୍ପର୍ଶ ଯୋଗୁ ଘଟିଥିଲା। ଅତି ନିଷ୍ଠୁର, ଅମାନବୀୟ ମାର୍ଗକୁ ଆପଣାଇ ନେଇଥିଲା ଦସ୍ୟୁ ରତ୍ନାକର। ସଂଯୋଗକ୍ରମେ ଜଣେ ସାଧୁଙ୍କ ସାନ୍ନିଧ୍ୟରେ ଆସି ତାଙ୍କ ସତ୍ ପରାମର୍ଶ ବଳରେ ଚମକପ୍ରଦ ପରିବର୍ତ୍ତନ ଘଟିଲା ତାଙ୍କ ଜୀବନରେ। ରକ୍ତପିପାସୁ ପିଶାଚ ଜଣକ ପରିବର୍ତ୍ତିତ ହେଲେ ଦିବ୍ୟତ୍ୱରେ, ଋଷି ବାଲ୍ମୀକି ଭାବେ।

ଅନ୍ୟ ଏକ ଦିଶାଦର୍ଶୀ ଦୃଷ୍ଟାନ୍ତ ଏହିପରି। ଏକଦା ଜଣେ ସାଧୁଙ୍କୁ ଭେଟିବାକୁ ଆଶ୍ରମରେ ଯାଇ ପହଞ୍ଚିଲେ ମଗଧର ରାଜା। ସନ୍ଥଙ୍କ ଅତ୍ୟନ୍ତ ସରଳ, ନିରଳସ ଜୀବନ-ଯାପନ ଦେଖି ଦୁଃଖାଭିଭୂତ ହେଲେ ରାଜା। ଦୟାର୍ଦ୍ର ଚିତ୍ତରେ ସନ୍ଥଙ୍କୁ କିଛି ଧନ ଦାନ କରିବାକୁ ମନସ୍ଥ କଲେ। ମାତ୍ର ନମ୍ରତାର ସହିତ ସାଧୁ ତାହା ପ୍ରତ୍ୟାଖ୍ୟାନ କଲେ। ଆଶ୍ଚର୍ଯ୍ୟ ହୋଇ ରାଜା ପଚାରିଲେ ତେବେ ଆଶ୍ରମର ଚଳଣିର ବ୍ୟବସ୍ଥା କ'ଣ? ଅର୍ଥ ଆଗମନର ସୂତ୍ର କ'ଣ? ସନ୍ଥ କହିଲେ- ତମ୍ବାକୁ ସୁନାରେ ପରିଣତ କରିବାର ରସାୟନ ସହିତ ମନ୍ତ୍ର ବି ମୋ ପାଖରେ ଅଛି। ଚାହିଁଲେ ତୁମେ ମଧ୍ୟ ତାହା ହାସଲ କରିପାରିବ। ରାଜା ଅତୀବ ଆଗ୍ରହର ସହିତ ତାହା ଜାଣିବାକୁ ଇଚ୍ଛାକରି ସାଧୁଙ୍କ ସାଙ୍ଗରେ ମାସଟିଏ ରହିଲେ। ସୁବର୍ଣ୍ଣର ଲାଭ ଓ ଲୋଭରେ ଆଶ୍ରମର ଆଚାରବିଧି, ସାଧୁମାନଙ୍କ ସଙ୍ଗ ଆଦି ସବୁଥିରେ ମନୋଯୋଗ ସହିତ ସାମିଲ ହେଉଥିଲେ। ମାସଟିଏ ଅତିକ୍ରାନ୍ତ ହୋଇଯିବା ପରେ ରାଜାଙ୍କୁ ସ୍ମରଣ କରାଇ ସନ୍ଥ କହିଲେ- ରାଜନ୍! ସେହି ରସାୟନ ଓ ମନ୍ତ୍ର ନେବାକୁ ଆପଣଙ୍କର କ'ଣ ମନେ ନାହିଁ? ପ୍ରସନ୍ନ ଚିତ୍ତରେ ପ୍ରଣିପାତ ପୂର୍ବକ ରାଜା କହିଲେ- ମହାତ୍ମାଜୀ, ଆଶ୍ରମରେ ମାସଟିଏ ରହି ମୁଁ ବୁଝିସାରିଛି ସତ୍‌ଆଚାର, ସତ୍‌ସଙ୍ଗ ହେଉଛି ସେହି ଅମୂଲ୍ୟ ସମ୍ପଦ, ଯାହା ମନୁଷ୍ୟକୁ ବାସ୍ତବ ସୁଖ-ଶାନ୍ତି-ସନ୍ତୋଷ ଦେଇ ପାରିବ। ମଣିଷକୁ ଦେବତାରେ ପରିଣତ କରିପାରିବ। ମଣିଷର ମର୍ଯ୍ୟାଦାକୁ ବହୁଗୁଣିତ କରିପାରିବ।

ଏହିପରି ସଙ୍ଗତି ହିଁ ପ୍ରଭାବିତ କରେ ଆମ ବିଚାରକୁ, ଭାବନାକୁ। ମନର ଭାବ ହିଁ ପ୍ରଭାବିତ କରେ ଆଚରଣକୁ। ମନୋଭାବ ହିଁ ଦେଖାଇଥାଏ ଦୁର୍ଗତି ଅବା ସଦ୍‌ଗତିର ପଥ। ଅତଏବ ସଙ୍ଗତି ହିଁ ନିର୍ଦ୍ଧାରଣ କରେ ଆମ ମୂଲ୍ୟ। ଏଣୁ ସାଙ୍ଗମାନଙ୍କୁ ଆପଣାଇବା ପୂର୍ବରୁ ପ୍ରଥମେ ପରଖିନେବା ପ୍ରାର୍ଥନୀୟ। ଜୀବନର ଲମ୍ବା ଚଲାପଥରେ ଅନେକ ସାଥୀଙ୍କ ସଂସ୍ପର୍ଶରେ ଆମେ ଆସିଥାଉ। ବିବିଧତାଭରା ଏ ଦୁନିଆରେ ବ୍ୟକ୍ତିଙ୍କ ବିଚାର-ଭାବନା ବି ଭିନ୍ନ ଭିନ୍ନ ହୋଇଥାଏ। ପୁନଶ୍ଚ ଆଜିର ଦିନରେ ମତ୍‌ଲବ୍‌ଖୋର ମଣିଷମାନେ ତ ସୁଯୋଗ ଉଣ୍ଡି ମାଡ଼ିଆସନ୍ତି, ଠିକ୍ ସରୋବରର ମଣ୍ଡୁକମାନଙ୍କ ପରି। ପୁଷ୍କରିଣୀ ଭିତରେ ଜଳ ଭର୍ତ୍ତି ହେବାକୁ ଲାଗିଲେ, କେଉଁଠୁ କେଜାଣି ମଣ୍ଡୁକମାନେ ମାଡ଼ି ଆସନ୍ତି। ନିଷ୍କପଟ ହୃଦୟରେ ସରୋବର ତାଙ୍କୁ ସାଥୀ ଦିଏ, ସାହାରା ସାଜେ। ମାତ୍ର, ସରୋବର ଯେବେ ଶୁଖିବା ଆରମ୍ଭ କରେ, ବେଙ୍ଗମାନେ ତା'ଠୁ ଦୂରେଇ ଯାଆନ୍ତି। ସେମିତି, ସଂସାରରୂପକ ସରୋବରରେ ମଧ୍ୟ ବେଙ୍ଗରୂପୀ ସ୍ୱାର୍ଥୀ ମଣିଷମାନଙ୍କର ଅଜସ୍ର ଭିଡ଼। ଏମାନେ ସମ୍ପଦବେଳେ ସଖା। ବିପଦ-ଆପଦ, ଦୁଃଖ-ଦୁର୍ଦ୍ଦଶାବେଳେ ଦୂରେଇ ଯାଆନ୍ତି। ଏଣୁ କୁସଙ୍ଗଠାରୁ ଦୂରରେ ରହିବାକୁ ଆଚାର୍ଯ୍ୟ ଚାଣକ୍ୟଙ୍କ ସୁପରାମର୍ଶ ସର୍ବଦା ସ୍ମରଣୀୟ। ଦୁଷ୍ଟବନ୍ଧୁମାନେ ଭୟଙ୍କର ଜନ୍ତୁମାନଙ୍କଠାରୁ ବି ଆହୁରି ଭୟଙ୍କର। ସେଥିପାଇଁ ଆମକୁ ସତର୍କ କରି ଚାଣକ୍ୟ କହିଛନ୍ତି - ହସ୍ତୀ ହସ୍ତ ସହସ୍ରେଣ ଶତହସ୍ତେନ ବାଜିନଃ। ଶୃଙ୍ଗିଣୋ ଦଶହସ୍ତେନ ସ୍ଥାନତ୍ୟାଗେନ ଦୁର୍ଜନଃ॥ ଅର୍ଥାତ୍ ବଣୁଆ ହାତୀଟିଏ ଦେଖିଲେ ତା' ଶୁଣ୍ଢଠାରୁ ହଜାର ହାତ ଦୂରରେ ରୁହ। ମାରଣା ଘୋଡ଼ାଠାରୁ ଶହେ ହାତ ଦୂରରେ ଏବଂ ଶିଙ୍ଗ ଥିବା ଜନ୍ତୁଠାରୁ ଦଶହାତ ଦୂରରେ ରୁହ। କିନ୍ତୁ ଦୁର୍ଜନମାନଙ୍କୁ ଦେଖିଲେ ସେ ସ୍ଥାନ ଛାଡ଼ି ଚାଲିଯିବା ହିଁ ମଙ୍ଗଳକର।

ସଜନାଗଡ, ବାଲେଶ୍ୱର,
ମୋ- ୯୪୩୭୪୩୬୦୭୩,
ଇ-ମେଲ:unbiswal05@gmail.com

# ଯୁଧିଷ୍ଠିରଙ୍କ ଅଶ୍ୱମେଧ



ଦେବଦତ୍ତ ପଟ୍ଟନାୟକ

ମହାଭାରତ ଯୁଦ୍ଧର ଏକ ଦୁଃଖାନ୍ତକ ଅନ୍ତ ଘଟିଛି। କୁରୁକ୍ଷେତ୍ରରେ ରକ୍ତର ନଦୀ ବହିଯାଇଛି। ଶେଷରେ ପାଣ୍ଡବମାନଙ୍କର ବିଜୟ ହୋଇଛି। ଏହା ପରର ପର୍ବଟି ହେଉଛି ଅଶ୍ୱମେଧ ପର୍ବ। ଏହି ପର୍ବରେ ଯୁଧିଷ୍ଠିର କିପରି ରାଜା ହେଲେ ଓ ଶ୍ରୀକୃଷ୍ଣଙ୍କ ପ୍ରସ୍ତାବ ଅନୁସାରେ ଅଶ୍ୱମେଧ ଯଜ୍ଞ କଲେ ତାହା ବର୍ଣ୍ଣିତ ହୋଇଛି। ଯଜ୍ଞର ବିଧାନ ଅନୁସାରେ ଯୁଧିଷ୍ଠିର ତାଙ୍କର ଏକ ସର୍ବସୁଲକ୍ଷଣଯୁକ୍ତ ଘୋଡ଼ାକୁ ଉନ୍ମୁକ୍ତ ଛାଡ଼ିଦେଲେ। ଘୋଡ଼ା ପଛେ ପଛେ ସୈନ୍ୟବାହିନୀକୁ ନେଇ ଗଲେ ଅର୍ଜୁନ। ଘୋଡ଼ା ଭାରତବର୍ଷର ଯେଉଁ ରାଜ୍ୟକୁ ଗଲା, ସେ ରାଜ୍ୟ ପାଣ୍ଡବ ଶାସନାଧୀନ ବା ପାଣ୍ଡବଙ୍କ ମିତ୍ର ରାଜ୍ୟ ହୋଇଗଲା। ଏହା କେବଳ ଏକ ବିଜୟୀ ରାଜାଙ୍କର ରାଜ୍ୟଜୟ ନୁହେଁ ବରଂ ପୁରୁଣା ଶତ୍ରୁଙ୍କ ସହ ଶତ୍ରୁତା ଭୁଲି ତାଙ୍କୁ ମିତ୍ର ଭାବେ ଆପଣେଇ ନେବାର ଓ ଶାନ୍ତି ସ୍ଥାପନ କରିବାର ପ୍ରଚେଷ୍ଟା।

ମଧ୍ୟଯୁଗରେ ଯେତେବେଳେ ସଂସ୍କୃତ ଭାଷାରେ ଲିଖିତ ପୁରାଣଗୁଡ଼ିକ ଆଞ୍ଚଳିକ ଭାଷାରେ ଅନୂଦିତ ହେଉଥିଲା, ସେତେବେଳେ ବିଶେଷତଃ କର୍ନାଟକ, ଆସାମ, ମଣିପୁର ଓ ବଙ୍ଗଳାର ରାଜାମାନଙ୍କୁ ଅଶ୍ୱମେଧ ପର୍ବର କାହାଣୀ ଭଲ ଲାଗିଲା। ବ୍ୟାସଙ୍କ ଶିଷ୍ୟ ଜୈମିନୀ ସଂସ୍କୃତ ଭାଷାରେ ଏହି ପର୍ବର ସର୍ବପୁରାତନ ପୁନର୍ଲିଖନକାର। ତଥାପି ତାଙ୍କ ମହାଭାରତ ବ୍ୟାସଙ୍କ ମହାଭାରତଠାରୁ ଅଲଗା।

କାହାଣୀ ଅନୁସାରେ ମହାଭାରତ ଯୁଦ୍ଧ ସମ୍ପର୍କରେ କିଛି ସ୍ପଷ୍ଟୀକରଣ ପାଇଁ ଜୈମିନୀ ନିଜର ଗୁରୁ ବ୍ୟାସଦେବଙ୍କ ପାଖକୁ ଆସୁଥିଲେ। କିନ୍ତୁ ସେ ବ୍ୟାସଙ୍କୁ କେଉଁଠି ନ ପାଇ ଚାରୋଟି ପକ୍ଷୀଙ୍କୁ ତାଙ୍କ ବିଷୟରେ ପଚାରିଲେ। ଏହି ପକ୍ଷୀ ଚାରୋଟି ମହାଭାରତ ଯୁଦ୍ଧର ପ୍ରତ୍ୟକ୍ଷ ଦ୍ରଷ୍ଟା। ଏମାନେ ଯୁଦ୍ଧର ଏପରି କିଛି ଅଂଶ ଦେଖିଥିଲେ ଯାହା ବ୍ୟାସ ଦେଖି ନ ଥିଲେ। ସେମାନେ ସେ ବିଷୟରେ ଜୈମିନୀଙ୍କୁ କହିଥିଲେ, ଯାହା ଜୈମିନୀ ତାଙ୍କ ମହାଭାରତରେ ଲେଖିଛନ୍ତି। ତେଣୁ ଜୈମିନୀ ଅଶ୍ୱମେଧ ପର୍ବରେ ଏପରି କିଛି କଥା ଲେଖିଛନ୍ତି, ଯାହା ବ୍ୟାସଦେବଙ୍କ ମହାଭାରତରେ ବର୍ଣ୍ଣିତ ବିଷୟଠାରୁ ଅଲଗା। କେତେକ ପ୍ରସଙ୍ଗ ଏକା ଓ ଆଉ କେତେକ ଅଲଗା। ଏହି ପର୍ବରେ ଅଛି ଯଜ୍ଞ ପାଇଁ କେମିତି ଏକ ସର୍ବଗୁଣସମ୍ପନ୍ନ ରାଜକୀୟ ଧଳାଘୋଡ଼ା ଯୋଗାଡ଼ କରାହେଲା ଏବଂ କେମିତି ଏ ଘୋଡ଼ାକୁ ଜଣେ ରାଜା ଚୋରି କରିନେଲେ, ଯିଏ ଏହା ମାଧ୍ୟମରେ ଜଣେ ଭକ୍ତଭାବରେ ଭଗବାନ୍ କୃଷ୍ଣଙ୍କ ସାକ୍ଷାତ୍‌କାର ଚାହୁଁଥିଲେ। ଅନ୍ୟ ଏକ କାହାଣୀରେ ଅଛି ଆମାଜନ ରାଣୀ ପ୍ରମିଳାଙ୍କ କଥା, ଯିଏ ଅର୍ଜୁନଙ୍କ ପ୍ରେମରେ ପଡ଼ିଥିଲେ। ସେ ଏକ ପୁରୁଷବିହୀନ ମହିଳାଙ୍କ ରାଜ୍ୟରେ ବାସ କରୁଥିଲେ, କିନ୍ତୁ ଅର୍ଜୁନଙ୍କ ପ୍ରେମରେ ପଡ଼ି ତାଙ୍କର ପତ୍ନୀ ହେବାକୁ ନିଷ୍ପତ୍ତି ନେଲେ। ସଂସ୍କୃତ ମହାଭାରତରେ ଏ କାହାଣୀ ନାହିଁ।

ସଂସ୍କୃତ ମହାଭାରତରେ ଏକ ଲୋକପ୍ରିୟ ଉପାଖ୍ୟାନ ଅଛି, ଯାହା ଆସାମୀ ଓ ମଣିପୁରୀ ମହାଭାରତରେ ବି ଦେଖିବାକୁ ମିଳେ। ଏହି ଉପାଖ୍ୟାନ ଅନୁସାରେ ଅର୍ଜୁନ ନିଜର ପୁତ୍ର ବବ୍ରୁବାହନଙ୍କ ସହ ଯୁଦ୍ଧ କରିଥିଲେ। କିନ୍ତୁ ସେ ଯେ ତାଙ୍କ ଔରସରୁ ଜନ୍ମିଥିବା ମଣିପୁରର ରାଣୀ ଚିତ୍ରାଙ୍ଗଦାଙ୍କ ପୁତ୍ର ଏ କଥା ସେତେବେଳେ ସେ ଜାଣି ନ ଥିଲେ। ତ୍ରୟୋଦଶ ଶତାବ୍ଦୀରେ ହରିହର ବିପ୍ରଙ୍କ ଦ୍ୱାରା ରଚିତ ଆସାମୀ ମହାଭାରତରେ ଅଛି ଅର୍ଜୁନଙ୍କ ଅନ୍ୟ ଏକ ପତ୍ନୀ ଉଲୁପି ନାଗମଣି ସୁରକ୍ଷିତ ଭାବେ ରଖିଥିଲେ। ଅନ୍ୟ ମହାଭାରତରେ ଅଛି ଯେ ଯୁଦ୍ଧରେ ବବ୍ରୁବାହନ ଅର୍ଜୁନଙ୍କୁ ହତ୍ୟା କରିବା ପରେ ତାଙ୍କ ମାଆ ଚିତ୍ରାଙ୍ଗଦା ଆସି ଜଣାଇଦେଲେ ଯେ ସେ ହେଉଛନ୍ତି ତାଙ୍କ ପିତା ଅର୍ଜୁନ। ଏଣୁ ପିତାଙ୍କୁ ବଞ୍ଚାଇବା ପାଇଁ ସେ ନାଗଲୋକକୁ ଯାଇ ଭୟଙ୍କର ଯୁଦ୍ଧ କରି ଓ ଦୁଃସାହସିକତା ପ୍ରଦର୍ଶନ କରି ନାଗମଣି ପ୍ରାପ୍ତ ହୋଇଥିଲେ। ଅଷ୍ଟାଦଶ ଶତାବ୍ଦୀରେ ଲଙ୍ଗଜମ୍ ଚନ୍ଦ୍ରଶ୍ୟାମଙ୍କ ଦ୍ୱାରା ରଚିତ ମଣିପୁରୀ ମହାଭାରତରେ ଅଛି ଯେ ଅର୍ଜୁନଙ୍କୁ ବବ୍ରୁବାହନ ହତ୍ୟାକରିବା ପରେ କୃଷ୍ଣ ତାଙ୍କୁ ବଞ୍ଚାଇଦେଇଥିଲେ।

ଷୋଡ଼ଶ ଶତାବ୍ଦୀରେ ଲକ୍ଷ୍ମୀଶଙ୍କ ଦ୍ୱାରା ରଚିତ କନ୍ନଡ଼ ଜୈମିନୀ ଭାରତରେ ଅଛି ଯେ, ପାଣ୍ଡବଙ୍କ ଯାତ୍ରାପଥରେ ସେମାନେ ତାଙ୍କର ପୁରୁଣା ଶତ୍ରୁ ଶକୁନି ଓ ଜୟଦ୍ରଥଙ୍କ ପୁଅମାନଙ୍କ ସହ ଭେଟ ହୋଇଛନ୍ତି ଏବଂ ଶତ୍ରୁତା ଭୁଲି ପରସ୍ପରର ମିତ୍ର ଓ ସହଯୋଗୀ ପାଲଟି ଯାଇଛନ୍ତି। ପୁନଶ୍ଚ ଯାତ୍ରାପଥରେ ସେମାନେ ଅନେକ ଯାଦୁମୟ ସ୍ଥାନ, ବିଜ୍ଞ ଋଷିଙ୍କ ସ୍ଥାନ ଏବଂ ବିଭିନ୍ନ ପ୍ରକାର ପ୍ରାଣୀଙ୍କ ସଂସ୍ପର୍ଶରେ ଆସିଛନ୍ତି। ଶେଷରେ ଘୋଡ଼ାକୁ ଯେତେବେଳେ ଯଜ୍ଞରେ ଉତ୍ସର୍ଗ କରାଯାଇଛି, ସେ ଆନନ୍ଦରେ ହସିବାର ଦେଖାଯାଇଛି, କାରଣ ଏହାଦ୍ୱାରା ସେ ବୈକୁଣ୍ଠକୁ ଯାଇପାରିବ। ସୁତରାଂ ଅଶ୍ୱମେଧ ମାନେ ନୁହେଁ ଯଜ୍ଞରେ ଘୋଡ଼ାକୁ ବଳିଦେବା ବା ରାଜା ସବୁ ଦେଶ ଜୟ କରିବା ବରଂ ଏହା ହେଉଛି କୃଷ୍ଣଙ୍କୁ ଲାଭ କରିବା ଓ ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାର ଯଜ୍ଞ।

(ଲେଖକ ଜଣେ ବିଶିଷ୍ଟ ପୁରାଣବିତ୍ ଏବଂ ପୁରାଣଶାସ୍ତ୍ର ଉପରେ ସେ ଅନେକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ପୁସ୍ତକଗୁଡ଼ିକ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକରେ ଥିବା ମଡର୍ନ ବୁକ୍ ଡିପୋ, ଫୋନ୍- ୦୬୭୪-୨୫୩୪୩୭୩, modbooks.bbsr @ gmail.comରେ ଉପଲବ୍ଧ।)
ଲେଖକଙ୍କ ଇମେଲ୍ ଠିକଣା: devdutt@devdutt.com

## ଏଇ ଭାରତରେ

ଆମ ଦେଶର ପୁରୁଷପ୍ରଧାନ ସମାଜରେ ମହିଳାମାନେ ପୁରୁଷଙ୍କୁ ସମ୍ମାନ ପ୍ରଦର୍ଶନ କରନ୍ତି। କେତେକ ସ୍ଥଳରେ ମହିଳା ମଧ୍ୟ ନିଜର ପ୍ରଭାବ ବିସ୍ତାର କରି ପୁରୁଷଙ୍କୁ ଅସମ୍ମାନ କରିଥାନ୍ତି। ଭାରତର ଅନେକ ଅଞ୍ଚଳରେ ସାମାଜିକ ପରମ୍ପରା ବେଶ୍ କଠୋର। ନାରୀ-ପୁରୁଷ ସମାନତା ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ଏ ସବୁ ଅଞ୍ଚଳରେ ପୁରୁଷଙ୍କ ସମ୍ମୁଖରେ ନାରୀମାନେ ନତମସ୍ତକ ହୁଅନ୍ତି। ମଧ୍ୟପ୍ରଦେଶ ରାଜ୍ୟର ଚମ୍ବଲ ଜିଲାର ଆମେଠ ଗାଁରେ ମହିଳାମାନେ ପୁରୁଷଙ୍କୁ ଦେଖିଲେ ପାଦରୁ ଚପଲ ଓହ୍ଲାଇ ହାତରେ ଧରି ଖାଲିପାଦରେ ଚାଲିଥାଆନ୍ତି। ଏହାଦ୍ୱାରା ମହିଳାମାନେ ପୁରୁଷଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିବା ବୁଝିବାକୁ ହୁଏ। ଏହି ପରମ୍ପରା ଏଠାରେ ଅତି ପ୍ରାଚୀନ କାଳରୁ ଚଳିଆସୁଛି। ଗାଁର ଜନସଂଖ୍ୟା ପ୍ରାୟ ୧୨୦୦ ହେବ। ସେଥିମଧ୍ୟରୁ ମହିଳାଙ୍କ ସଂଖ୍ୟା ପାଖାପାଖି ୫୦୦। ଏଠାରେ ଉତ୍କଟ ଜଳ ସମସ୍ୟା ଦେଖାଦେଇଥାଏ। ତେଣୁ ମହିଳାମାନେ ପାନୀୟ ଜଳ ପାଇଁ ଦୈନିକ ଚାଲିଚାଲି ଯାଇ ପ୍ରାୟ ୨କିଲୋମିଟର ଦୂର କେନାଲରୁ ପାଣି ବୋହି ଆଣନ୍ତି। ଏହି ସମୟରେ ସେମାନେ ପୁରୁଷ ସଦସ୍ୟଙ୍କୁ ଦେଖିଲେ ତତ୍‌କ୍ଷଣାତ୍ ପାଦରୁ ଚପଲ ଓହ୍ଲାଇ ହାତରେ ଧରିଥାଆନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଜାନୁୟାରୀ ୧୯୯୪

- ବୋସନିଆରେ ମୁତୟନ ଥିବା ପାଶ୍ଚାତ୍ୟ ଦେଶର ଶାନ୍ତିବାହିନୀ ଯଦି ପ୍ରତ୍ୟାହାର କରି ନିଆଯାଏ ତାହାହେଲେ ସେହି ସ୍ଥାନରେ ବୋସନିଆର ଅଧିକ ମୁସ୍‌ଲିମ ଦେଶରୁ ସୈନ୍ୟ ମୁତୟନ ପାଇଁ ମାଲେସିଆର ଜାତିସଂଘକୁ ଅନୁରୋଧ।
- କର୍ନାଟକ ମନ୍ତ୍ରିମଣ୍ଡଳରୁ ୮ଜଣ ମନ୍ତ୍ରୀଙ୍କ ଇସ୍ତଫା ପରେ ସୃଷ୍ଟ ରାଜନୈତିକ ସଙ୍କଟର ସମାଧାନ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ରଙ୍କୁ ବାଙ୍ଗାଲୋର ପଠାଗଲା।
- ଡାକ୍ତରୀ ପଢ଼ିବା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷା ସ୍ୱତନ୍ତ୍ର ଭାବେ କରା ନ ଯାଇ ଇଞ୍ଜିନିୟରିଂ ଓ ଡାକ୍ତରୀ ପାଇଁ ଯୁଗ୍ମ ପ୍ରବେଶିକା ପରୀକ୍ଷା କରିବା ନେଇ ନିଷ୍ପତ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### କୁକୁର ପ୍ରତି ସାବଧାନ

ମହାଶୟ,

ଅତିଥି ଦେବତାଙ୍କ ସହ ସମାନ। ଦେବତାମାନେ ମଣିଷର ଧାର୍ମିକ ପଣିଆକୁ ପରୀକ୍ଷା କରିବା ପାଇଁ ଅତିଥିରୂପରେ ଗୃହସ୍ଥ ଘରେ ଉପସ୍ଥିତ ହୋଇଥାନ୍ତି। ସେଥିପାଇଁ ଅତିଥିଙ୍କୁ ପରିବାର ସଦସ୍ୟମାନେ ଆନନ୍ଦରେ ଘରକୁ ପାଛୋଟି ନେଇଥାନ୍ତି ଏବଂ ତାଙ୍କୁ ସେବା ଯୋଗାଇଥାନ୍ତି। ବର୍ତ୍ତମାନ ସମୟରେ ମଣିଷମାନେ ସ୍ୱାର୍ଥପର ହୋଇ ଉଠିଛନ୍ତି। ନିଜେ ବଞ୍ଚିଲେ ବାପର ନାଁ ନ୍ୟାୟରେ ଚଳିବାକୁ ପସନ୍ଦ କରୁଛନ୍ତି। ଦୁଃଖୀରଙ୍କି ଓ ଅତିଥି ଅଭ୍ୟାଗତ ପ୍ରତି ଆଦୌ ଧ୍ୟାନ ଦେଉନାହାନ୍ତି। କିଛି ଲୋକ ନିଜ ପିତାମାତାଙ୍କୁ ପ୍ରତିପୋଷଣ କରିବାକୁ ବି ନାରାଜ। ଏପରି ଲୋକମାନଙ୍କ ଘରକୁ ନିଜର ବନ୍ଧୁବାନ୍ଧବ ଆସିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ଆଜିକାଲି ଲୋକେ ଅତିଥିସେବାକୁ ଘୃଣା କରୁଥିବା ବେଳେ କୁକୁରସେବାରେ ମନୋନିବେଶ କରୁଛନ୍ତି। ପାଳିତ କୁକୁର ପାଇଁ ଦାମୀ ପୋଷାକ, ଆରାମ ଚେୟାର, ଚୌକି ଓ ସ୍ୱାଦିଷ୍ଟ ଖାଦ୍ୟ ସବୁ ଯୋଗାଇଥାନ୍ତି। ପୂର୍ବେ ଘର ଫାଟକରେ ସ୍ୱାଗତମ୍ ଫଳକ ଝୁଲାଯାଉଥିଲା। ମାତ୍ର ବର୍ତ୍ତମାନ ଅତିଥିମାନଙ୍କୁ ନିଷେଧାଜ୍ଞା ସ୍ୱରୂପ 'କୁକୁର ପ୍ରତି ସାବଧାନ' ଫଳକ ଫାଟକରେ ଝୁଲାଇ ଦିଆଯାଉଛି।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ପାନଛେପ ଦ୍ୱାରା ପ୍ରଦୂଷଣ

ପାନ ଦୋକାନ ସହରଠାରୁ ଗ୍ରାମାଞ୍ଚଳ ଯାଏ ପରିବ୍ୟାପ୍ତ। ସକାଳ ହେଲେ ପାନ ଦୋକାନରେ ପ୍ରବଳ ଭିଡ଼। କିଏ ସାଦା ପାନ, କିଏ କଡ଼ା ପାନ ଖାଆନ୍ତି। ଭାତ ଖାଇସାରିବା ପରେ ବହୁ ଲୋକ ପାନ ଖାଇଥାନ୍ତି। ବୁଢ଼ା ଲୋକମାନେ ବଟୁଆରେ ରଖି ପାନ ଖାଇଥାନ୍ତି। 'ପାନ ଗୁଆ ଖଇର ଗୁଆକାତି, ଭଲ ବ୍ୟବସାୟ ରାଜନୀତି' ଗୀତଟି ଲେଖା ହୋଇଛି ପାନକୁ ନେଇ। କାହାଣୀ, ଉପନ୍ୟାସ ବି ଲେଖାହୋଇଛି। ରଜପର୍ବରେ ପାନର ଆଦର ବେଶି। କିନ୍ତୁ ପାନ ଖାଇ ଏଣେତେଣେ ଛେପ ପକାଇବା ଅଶୋଭନୀୟ ଆଚରଣ। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହୁଏ ଓ ରୋଗ ବ୍ୟାପେ। ସରକାରୀ ଅଫିସ୍‌ର କାନ୍ଥ କୋଣରେ, ଏପରି କି ମନ୍ଦିର ବେଢ଼ାରେ ବି ଲୋକମାନେ ପାନଛେପ ପକାଉଛନ୍ତି, ଯାହା ଅତ୍ୟନ୍ତ ଅଭଦ୍ରାମିର ପରିଚୟ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପ୍ରଥମ ପୃଷ୍ଠାରୁ...

### ଆଜିଠାରୁ ଅର୍ଥନୈତିକ...

ସାହୁଙ୍କ ସମେତ ଏମ୍‌ସିଏଲ୍, ରେଲ୍‌ୱେ ଏବଂ ରାଜପଥ ବିଭାଗ ଅଧିକାରୀମାନେ ଯୋଗ ଦେଇଥିଲେ। ଏଥିରେ ସୁରକ୍ଷା ମଞ୍ଚର ପ୍ରମୁଖ ୧୬ ଦଫା ଦାବି ଯଥା ସରକାରଙ୍କ ୨୦୦୬ ପୁନର୍ବାସ ଓ ଥଇଥାନ ନୀତିକୁ ଅଧିଗ୍ରହଣ ହୋଇଥିବା ସ୍ଥାନରେ ରହୁଥିବା ପରିବାର ପାଇଁ ଲାଗୁ କରିବା ସହ ଦଶମ ଆରପିଡିଏସି ବୈଠକର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା, ତାଳଚେରରେ ନୂତନ କୋଲ୍ କମ୍ପାନୀ ପ୍ରତିଷ୍ଠା, ଖଣି ଅଞ୍ଚଳରେ ରାସ୍ତା ନିର୍ମାଣ, ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ଯୋଗାଣ ଓ ସ୍କୁଲ ଘର ମରାମତି ନିମନ୍ତେ ସିଏସ୍‌ଆର୍ କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କରିବା, ମେଡିକାଲ କଲେଜ କାର୍ଯ୍ୟକ୍ଷମ, ବାଙ୍କଧରା ଛକରୁ ବଅଁରପାଳ ପର୍ଯ୍ୟନ୍ତ ୪ ଲାଇନ ରାସ୍ତା ନିର୍ମାଣ, ୧୩୧ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ଠିକାଦାରଙ୍କ ପାଖରେ ନିଯୁକ୍ତି, ତାଳଚେର-ଅନୁଗୋଳ ନୂତନ ରେଳପଥ କର୍ଯ୍ୟ ସହ ଓ ତାଳଚେର-ବିମଳାଗଡ଼ ରେଳପଥ ଠାରେ ଆଣ୍ଡରପାସ୍ ବ୍ରିଜ ପ୍ରତିଷ୍ଠା ଉପରେ ଆଲୋଚନା ହୋଇଥିଲା। ଏହାଛଡ଼ା ତାଳଚେରରେ ପରିବେଶ ପ୍ରଦୂଷଣ ଓ କୋଇଲା ଉତ୍ତୋଳନ ପରେ ଖଣିରେ ଆବଶ୍ୟକ ବୋଲି ଭର୍ତ୍ତି କରି ପୁନଃ ସ୍ଥାପନ କରାଯାଉ ନ ଥିବା ସମ୍ପର୍କରେ ମଞ୍ଚର ସଦସ୍ୟମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଗତ ଦିନରେ ତାଳଚେରରେ ବାରମ୍ବାର ମାଟି ଅତଡ଼ା ଖସି ଘର ଭିତରେ ଫାଟ ସୃଷ୍ଟି ହେଉଥିବା ସମ୍ପର୍କରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯିବା ସହ ସରକାରଙ୍କୁ ଏ ସମ୍ପର୍କରେ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଆସନ୍ତା ଏକ ମାସ ମଧ୍ୟରେ ଦାବିଗୁଡ଼ିକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ଉପସ୍ଥାପନ କରି ଏହାର ସମାଧାନ କରାଯିବ। ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣି କାର୍ଯ୍ୟରେ ସହଯୋଗ କରିବାକୁ ଜିଲାପାଳ ସୁରକ୍ଷା ମଞ୍ଚର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡାଙ୍କ ସମେତ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ ତାଳଚେର ସୁରକ୍ଷା ମଞ୍ଚର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

### ଆଲୋକ ବର୍ମା ...

ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଉଚ୍ଚକ୍ଷମତାସମ୍ପନ୍ନ କମିଟି ସିଭିସିଙ୍କ ତଦନ୍ତ ଆଧାରରେ ବର୍ମାଙ୍କ ଉପରେ ନିଷ୍ପତ୍ତି ନେବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ଆସନ୍ତା ୩୧ରେ ଅବସର ନେବାକୁ ଥିବା ବର୍ମା ବୁଧବାର ସିବିଆଇ କାର୍ଯ୍ୟାଳୟକୁ ଯାଇ ନିଜ କାର୍ଯ୍ୟରେ ଯୋଗଦେଇଥିଲେ। ଏହାସହ ସେ ନାଗେଶ୍ୱର ରାଓଙ୍କ ପକ୍ଷରୁ ଜାରି ଅଧିକାଂଶ ଅଧିକାରୀଙ୍କ ବଦଳି ଆଦେଶକୁ ବାତିଲ କରିଦେଇଥିଲେ। ବୁଧବାର ରାତିରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଚୟନ କମିଟିର ବୈଠକ ବସିଥିଲା। କିନ୍ତୁ ଏଥିରେ କ'ଣ ନିଷ୍ପତ୍ତି ହୋଇଥିଲା ତାହା ଜଣାପଡ଼ି ନ ଥିଲା। ଗୁରୁବାର ଉକ୍ତ କମିଟିର ବୈଠକ ପୁଣି ବସିଥିଲା। ଏଥିରେ ପ୍ରଧାନମନ୍ତ୍ରୀ, ସିଜେଆଇଙ୍କ ପ୍ରତିନିଧି ଜଷ୍ଟିସ୍ ଏ.କେ. ସିକ୍ରି ଏବଂ କଂଗ୍ରେସ ନେତା ଖାର୍ଗେ ଯୋଗଦେଇଥିଲେ। ହାଇପ୍ରୋଫାଇଲ୍ ବୈଠକରେ ୩ ଜଣଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ଓ ଜଷ୍ଟିସ୍ ସିକ୍ରି ସିବିଆଇ ନିର୍ଦ୍ଦେଶକ ପଦରୁ ବର୍ମାଙ୍କୁ ହଟାଇବାକୁ ନିଷ୍ପତ୍ତି ନେଇଥିବାବେଳେ ଖାର୍ଗେ ଏହାକୁ ବିରୋଧ କରିଥିଲେ। ବର୍ମାଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଯାଇଥିବାରୁ ତାଙ୍କ କାର୍ଯ୍ୟକାଳ ସମାନ ଅବଧି (୭୭ ଦିନ) ଅଧିକ ବୃଦ୍ଧି କରାଯାଉ ବୋଲି ଖାର୍ଗେ ଯୁକ୍ତି ବାଢ଼ିଥିଲେ। ବର୍ମାଙ୍କୁ ପଦରୁ ହଟାଇବାକୁ ଏହା ଖାର୍ଗେଙ୍କ ଦ୍ୱିତୀୟ ବିରୋଧ।

ଅନ୍ୟପକ୍ଷରେ ୧୯୭୯ ବ୍ୟାଚ୍ ଏଜିଏମ୍‌ୟୁଟି କ୍ୟାଡର ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ବର୍ମା ପୁଣିଥରେ ସିବିଆଇ ନିର୍ଦ୍ଦେଶକ ପଦ ସମ୍ଭାଳିବାର ୨୪ ଘଣ୍ଟା ପରେ ତାଙ୍କୁ ଅପ୍ରତ୍ୟାଶିତ ଭାବେ ହଟାଯାଇ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି। ସେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ବିଭାଗରେ ଯୋଗଦେବେ। ସେ ଜାନୁୟାରୀ ୩୧ରେ ଅବସର ନେବେ। ତଦନ୍ତକାରୀ ସଂସ୍ଥାର ୫୫ ବର୍ଷ ଇତିହାସରେ କୌଣସି ସିବିଆଇ ନିର୍ଦ୍ଦେଶକ ବର୍ମାଙ୍କ ଭଳି ପଦଚ୍ୟୁତ ହୋଇ ନ ଥିଲେ। ବର୍ମାଙ୍କ ସ୍ଥାନରେ ସିବିଆଇର ଅତିରିକ୍ତ ନିର୍ଦ୍ଦେଶକ ଏମ୍.ନାଗେଶ୍ୱର ରାଓଙ୍କୁ ଅବସ୍ଥାପିତ କରାଯାଇଥିବା ନେଇ ଏକ ସରକାରୀ ବିବୃତି ଜାରି କରାଯାଇଛି।

### ପୁନର୍ବାର ଜିତିବା ପାଇଁ ...

ଜାରି ରହିବ। ସେହିପରି ଆସନ୍ତା ସାଧାରଣ ନିର୍ବାଚନରେ ପୁନର୍ବାର ବିଜେଡି କ୍ଷମତାସୀନ ହେବ କି ବୋଲି ନବୀନ ପଟ୍ଟନାୟକଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ସେ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଲଗାତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ସେହିପରି ରାଜ୍ୟବାସୀଙ୍କୁ ଯେଉଁ ସବୁ ପ୍ରତିଶ୍ରୁତି ଦିଆଯାଇଛି, ତାହାକୁ କାର୍ଯ୍ୟରେ ମଧ୍ୟ ପ୍ରତିଫଳିତ କରାଯାଇଛି। ତେଣୁ ରାଜ୍ୟବାସୀ ପୁନର୍ବାର ଆସ୍ଥା ପ୍ରକଟ କରିବେ ବୋଲି ନବୀନ କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ଲାଗୁ କରାଯାଇଥିବା କାଳିଆ ଯୋଜନା ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ମାଇଣ୍ଡ ରକ୍ କାର୍ଯ୍ୟକ୍ରମରେ ଉଲ୍ଲେଖ କରିଥିଲେ। ସେ କହିଛନ୍ତି ଯେ, ଚାଷୀମାନଙ୍କୁ ସଶକ୍ତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ କାଳିଆ ପରି ଏକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଆସନ୍ତା ୩ ବର୍ଷ ମଧ୍ୟରେ ୧୦,୦୦୦ କୋଟିରୁ ଅଧିକ ଟଙ୍କା ଏଥିରେ ଖର୍ଚ୍ଚ ହେବ। ଏହି ଯୋଜନାରେ ରାଜ୍ୟର ୯୨ ପ୍ରତିଶତ ଚାଷୀ ଉପକୃତ ହେବେ। ଚାଷୀ, ନାମମାତ୍ର ଚାଷୀ ଏବଂ ଭୂମିହୀନ ଶ୍ରମିକଙ୍କୁ ଆର୍ଥିକ ପ୍ରୋତ୍ସାହନ ସହ ବୀମା ସୁବିଧା ପ୍ରଦାନ କରାଯାଉଛି। ସେହିପରି ଆମ୍ବ, ପଣସ ଗଛ ଲଗାଇବା ଏବଂ ମାଛ ଧରିବା ପ୍ରଭୃତିକୁ ମଧ୍ୟ ଯୋଜନାରେ ଗୁରୁତ୍ୱ ଦିଆଯାଇଛି।

### କ୍ଷୁଦ୍ର ବ୍ୟବସାୟୀଙ୍କୁ ...

ରାଜକୋଷକୁ ବାର୍ଷିକ ୫,୨୦୦ କୋଟି ଟଙ୍କାର ରାଜସ୍ୱହାନି ହେବ। ଜେଟ୍‌ଲୀ କହିଛନ୍ତି ଯେ, କମ୍ପୋଜିଶନ ସ୍କିମ୍ ଅନୁଯାୟୀ ବାର୍ଷିକ ୧ କୋଟି ଟଙ୍କା କାରବାର ଆଧାରରେ ୧ ପ୍ରତିଶତ ଟିକସ ଦେଉଥିବା ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି ଏହି ସୀମାକୁ ୧.୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସେ କହିଛନ୍ତି ଯେ, ଏଣିକି ସାମଗ୍ରୀ ଓ ସେବା କ୍ଷେତ୍ରରେ ଉଭୟ ସେବା ପ୍ରଦାନକାରୀ ଏବଂ ଯୋଗାଣକାରୀ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିଲେ ସେମାନେ ଜିଏସ୍‌ଟି କମ୍ପୋଜିଶନ ସ୍କିମ ଚୟନ କରିପାରିବେ। ଏହି କ୍ଷେତ୍ରରେ ସେମାନେ ୬% ଟିକସ ପ୍ରଦାନ କରିବେ। କମ୍ପୋଜିଶନରେ ଏଭଳି ଦୁଇଟି ନିଷ୍ପତ୍ତି ଯୋଗୁ ରାଜକୋଷକୁ ୩ ହଜାର କୋଟି ଟଙ୍କାର କ୍ଷତି ହେବ। ରିୟଲ ଇଷ୍ଟେଟ ଉପରେ ପରିବର୍ତ୍ତିତ ଜିଏସ୍‌ଟି ନେଇ କାଉନସିଲ୍‌ରେ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ସଦସ୍ୟଙ୍କ ମଧ୍ୟରେ ସହମତି ପ୍ରକାଶ ନ ପାଇବାରୁ ୭ ଜଣିଆ ମନ୍ତ୍ରିଗୋଷ୍ଠୀ ଗଠନ କରିବାକୁ ନିଷ୍ପତ୍ତି ହୋଇଥିବା ସେ ସୂଚନା ଦେଇଛନ୍ତି। ସେହିଭଳି ଲଟେରି ଉପରେ ମଧ୍ୟ କୌଣସି ନିଷ୍ପତ୍ତି ହୋଇ ନାହିଁ। ଏକ ମନ୍ତ୍ରିଗୋଷ୍ଠୀ ଏହି ପ୍ରସଙ୍ଗ ଉପରେ ବିଚାର କରିବ ବୋଲି ଜେଟଲୀ କହିଛନ୍ତି। ତେବେ କମ୍ପୋଜିଶନ ସ୍କିମ ଚୟନ କରୁଥିବା ସଂସ୍ଥାଗୁଡ଼ିକ ବର୍ଷକୁ ଗୋଟିଏ ଥର ଟିକସ ରିଟର୍ନ ଫାଇଲ କରିବେ। ମାତ୍ର ପ୍ରତି ତ୍ରୈମାସରେ ସେମାନେ ଟିକସ ପ୍ରଦାନ କରିବେ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଥାଉ କି, ବର୍ତ୍ତମାନ ୧.୧୫ କୋଟିରୁ ଉର୍ଦ୍ଧ୍ୱ ବାଣିଜ୍ୟ ସଂସ୍ଥା ଜିଏସ୍‌ଟିରେ ପଞ୍ଜୀକରଣ କରିଛନ୍ତି। ସେହିଭଳି ୧୮ ଲକ୍ଷ ସଂସ୍ଥା କମ୍ପୋଜିଶନ ସ୍କିମ ଚୟନ କରିଛନ୍ତି।

### ଭାଗଚାଷୀଙ୍କ ...

ରାତିରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା। ଏହା ପରେ ବଂଶୀଧର ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ସୁନ୍ଦରଗଡ଼ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ସକାଳେ ବଂଶୀଧରଙ୍କ ସମ୍ପର୍କୀୟ ଭଣଜା ଟଙ୍କଧର ନାଏକ ଲେଫ୍ରିପଡା ଥାନାରେ ଏ ନେଇ ରିପୋର୍ଟ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି।

### ଶ୍ରୀମନ୍ଦିରରେ ବଡ଼...

ସୂଚନାଥାଉ କି, ଗତ ନଭେମ୍ବରରେ ଦୁଇଥର ଠାକୁରଙ୍କ ବଡ଼ ମହାସ୍ନାନ ହୋଇଥିଲା। ୬ ତାରିଖ ସକାଳେ ଅବକାଶ ପୂଜା ପରେ ଭିତରକାଠ ନିକଟରେ ରକ୍ତ ପଡିଥିବାରୁ ବଡ଼ ମହାସ୍ନାନ ହୋଇଥିଲା। ସେହିପରି ୨୭ ତାରିଖ ସକାଳେ ମହାପ୍ରଭୁଙ୍କ ବେଶ ସମୟରେ ଭିତରକାଠ ନିକଟରେ ଜଣେ ଛୋଟପିଲା ବାନ୍ତି କରିଦେବାରୁ ବଡ଼ ମହାସ୍ନାନ କରାଯାଇଥିଲା।

### ଡିଏମ୍‌ଏଫ୍ ପାଣ୍ଠିରେ କାର୍ଯ୍ୟକାରୀ ...

ସଂଗ୍ରହ କରାଯାଉଥିବା ବେଳେ ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରାଯାଉଛି।

ସମୁଦାୟ ୧୧,୪୩୪ଟି ପ୍ରକଳ୍ପରୁ ଉକ୍ତ ୮ଟି ଜିଲାରେ ୧୧,୨୫୪ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଅନୁଗୋଳ ଜିଲାରେ ୨୨୧୪ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଥିବା ବେଳେ ଯାଜପୁର ୧୮୭୫, ଝାରସୁଗୁଡା ୫୦୮, କେନ୍ଦୁଝର ୭୭୧, ସୁନ୍ଦରଗଡ ୪୬୩୧, କୋରାପୁଟ ୮୦୧, ମୟୂରଭଞ୍ଜ ୭୭ ଏବଂ ରାୟଗଡା ଜିଲାରେ ୩୭୭ ପ୍ରକଳ୍ପ କାର୍ଯ୍ୟକାରୀ ହେବ।

## ଘରୁ ଡାକି ନେଇ ଯୁବକଙ୍କୁ ବୋମାମାଡ଼

ପୁରୀ ଅଫିସ,୧୦।୧

ପୁରୀ ସଦର ଥାନା ଅନ୍ତର୍ଗତ ରେବତୀରମଣ ଗ୍ରାମରେ ବୋମାମାଡ଼ ହୋଇଛି। କେତେଜଣ ଯୁବକ ଗ୍ରାମର ଚନ୍ଦନ ଭୋଇ(୨୫)ଙ୍କୁ ଘରୁ ଡାକି ନେଇ ଗୁରୁବାର ଅପରାହ୍ନ ୫ଟା ବେଳେ ସେହି ଗ୍ରାମର ମହାବୀର ମନ୍ଦିର ନିକଟ ବସ୍ତିରେ ସିରିଜ ବୋମାମାଡ଼ କରିଛନ୍ତି। ଏଥିରେ ଚନ୍ଦନ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଗୋଡ଼ ଓ ହାତରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବ ଶତ୍ରୁତାରୁ ଏହି ବୋମାମାଡ଼ ହୋଇଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ରେବତୀରମଣ ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ରହିଥିଲା। ବୁଧବାର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଗୁରୁବାର ଅପରାହ୍ନରେ ଅପରଗୋଷ୍ଠୀର ମୁନା, ସୁଦର୍ଶନ, କାଳିଆ ଓ ରାକୁନା ଭୋଇ ଚନ୍ଦନଙ୍କୁ ଛକକୁ ଡାକିଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉକ୍ତ ଯୁବକମାନେ ଚନ୍ଦନଙ୍କୁ ମାରଣାସ୍ତ୍ର ଧରି ଗୋଡାଇଥିଲେ। ସେ ତଳେ ପଡିଯିବା ପରେ ତାଙ୍କ ଉପରକୁ ୩ଟି ବୋମା ମାଡ଼ କରି ଫେରାର ହୋଇଯାଇଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରୁ ଚନ୍ଦନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ହୋଇଛି ଝଡ଼ି ବରଷା,**
**କ୍ଷେତ ଛାଡ଼ିକରି ପଳାଏ ଚଷା ।**

ଚାଷ ସମୟରେ ଆବଶ୍ୟକ ପରିମାଣର ବର୍ଷା ନ ହୋଇ ଅସମୟରେ ବର୍ଷା ହେଲେ ଚାଷନଷ୍ଟ ହୋଇଯାଇଥାଏ। ଅସମୟରେ ହେଉଥିବା ଝଡ଼ବର୍ଷା ଚାଷ ଓ ଚାଷୀ ଉଭୟଙ୍କ ପାଇଁ କ୍ଷତିକାରକ ହୋଇଥାଏ। ପ୍ରାକୃତିକ ବିପର୍ଯ୍ୟୟ ଆଗରେ କାହାର ଜୋର ରହି ନ ଥାଏ। ଏପରିସ୍ଥଳେ ଅଦିନରେ ଝଡ଼ ବରଷା ହେଲେ ଚାଷୀ କ୍ଷେତ ଛାଡ଼ି ପଳାଇଯିବା ଛଡ଼ା ଅନ୍ୟ ପନ୍ଥା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅମାନିଆ ପୁଅ ବଣରେ ପଶେ,**
**ମାନିଆ ପୁଅ କୋଳରେ ବସେ ।**

ପିତାମାତା ତଥା ଗୁରୁଜନଙ୍କ ଉପଦେଶକୁ କର୍ଣ୍ଣପାତ କରୁ ନ ଥିବା ପୁତ୍ର କୁଳବାଲୁଙ୍ଗା ବୋଲାଇଥାଏ। ସେହିପରି ଯେଉଁ ପୁତ୍ର ସମସ୍ତଙ୍କ ହିତୋପଦେଶକୁ ଗ୍ରହଣ କରିଥାଏ, ଯଥୋଚିତ ସମ୍ମାନ ଦେଇଥାଏ ସେହି ପୁତ୍ର ସ୍ନେହାଶୀର୍ବାଦ ଲାଭ କରିଥାଏ। ସମସ୍ତଙ୍କ ପ୍ରିୟଭାଜନ ହେବା ସହ ଜୀବନରେ ବହୁ ଉନ୍ନତି କରିଥାଏ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ମହିଳାଙ୍କ ପାଇଁ ୩୩ପ୍ରତିଶତ ସଂରକ୍ଷଣ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ପ୍ରଶଂସା କଲେ ଦେବେଗୌଡ଼ା

ଭୁବନେଶ୍ୱର, ୧୦।୧(ବ୍ୟୁରୋ)

ମହିଳାମାନଙ୍କ ଲାଗି ସଂସଦ ଏବଂ ବିଧାନସଭାରେ ୩୩ପ୍ରତିଶତ ସ୍ଥାନ ସଂରକ୍ଷଣ ସମ୍ପର୍କିତ ବିଲ୍ ପାର୍ଲାମେଣ୍ଟରେ ପାସ୍ କରାଇବାକୁ ବିଜେଡି ଏକ ପ୍ରକାର ଉଦ୍ୟମ ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ପ୍ରତିନିଧି ଏମ୍‌ପି ନଗେନ୍ଦ୍ର ପ୍ରଧାନ ଓ ରବୀନ୍ଦ୍ର କୁମାର ଜେନା ଗୁରୁବାର ଜନତା ଦଳ(ଏସ୍) ସଭାପତି ଏଚ୍‌ଡି ଦେବେଗୌଡାଙ୍କୁ ତାଙ୍କ ବାଙ୍ଗାଲୋରସ୍ଥିତ ବାସଭବନରେ ଭେଟି ସମର୍ଥନ ଲୋଡିଛନ୍ତି। ଦେବେଗୌଡା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଅପରପକ୍ଷରେ ଏ ସମ୍ପର୍କିତ ବିଲ୍ କାହିଁକି ଲୋକ ସଭାରେ ପାସ୍ କରାଯାଇ ପାରିବ ନାହିଁ ବୋଲି ବିଜେଡି ଏମ୍‌ପି କଳିକେଶ ସିଂଦେଓ ପ୍ରଶ୍ନ ଉଠାଇଛନ୍ତି। କଳିକେଶ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏ ସମ୍ପର୍କରେ ମତଦେଇ କହିଛନ୍ତି ଯେ, ବିଜେଡି ନିଜ ହିସାବରେ ଏକ ଉଦ୍ୟମ ଆରମ୍ଭ କରିଛି। ୨୦୦୯-୧୦ରେ ମହିଳାଙ୍କ ଲାଗି ସ୍ଥାନ ସଂରକ୍ଷଣ କ୍ଷେତ୍ରରେ ଏକ ଉଦ୍ୟମ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ତାହା ବନ୍ଦ ହୋଇ ରହିଛି। ତାକୁ ପୁଣିଥରେ ଆରମ୍ଭ କରି ଏଥିପାଇଁ ପ୍ରାଧିକରଣ ଆଣିବା ଏବଂ ପାର୍ଲାମେଣ୍ଟରେ ଏହି ବିଲ୍ ପାସ୍ କରାଇବା ପାଇଁ ଆମେ ସବୁ ଦଳକୁ ଭେଟୁଛୁ। ଏନେଇ କେବଳ ଭାଜପାର ଆଭିମୁଖ୍ୟ ସ୍ପଷ୍ଟ ନାହିଁ। ଆମକୁ ଭେଟିବା ଲାଗି ଭାଜପା ସମୟ ଦେଇନାହିଁ। ଏବେ ମଧ୍ୟ ଆମେ ଚେଷ୍ଟା କରିବୁ। ଆଗାମୀ ଦିନରେ ବଜେଟ୍ ଅଧିବେଶନ ରହିଛି। ସେ ସମୟରେ ମଧ୍ୟ ଆମେ ଏହି ବିଲ୍ ପାସ୍ କରାଇବା ଲାଗି ଚେଷ୍ଟା କରିବୁ। ବିଜେଡି ପ୍ରତିନିଧିମାନେ ସବୁ ଦଳର ସଭାପତିଙ୍କୁ ଭେଟୁଛନ୍ତି। ସେମାନଙ୍କୁ ଆମେ ବୁଝେଇବାକୁ ଚେଷ୍ଟା କରୁଛୁ। ଏ ସମ୍ପର୍କିତ ବିଲ୍ ରାଜ୍ୟ ସଭାରେ ପାସ୍ ହୋଇଯାଇଛି। ଲୋକ ସଭାରେ କିନ୍ତୁ ପାସ୍ ହୋଇପାରି ନାହିଁ। ସାଧାରଣ ବର୍ଗ ଗରିବଙ୍କ ପାଇଁ ୧୦ପ୍ରତିଶତ ସଂରକ୍ଷଣ ସମ୍ପର୍କିତ ବିଲ୍ ଯଦି ଗୋଟିଏ ଦିନରେ ପାର୍ଲାମେଣ୍ଟରେ ପାସ୍ ହୋଇପାରିଲା ତେବେ ମହିଳା ସଂରକ୍ଷଣ ବିଲ୍ ପାଇଁ କାହିଁକି ଏତେଦିନ ଲାଗିବ ବୋଲି କଳିକେଶ ପ୍ରଶ୍ନ କରିଛନ୍ତି।

### ଭାଜପା ଭେଟିବାକୁ ସମୟ ଦେଇ ନାହିଁ: କଳିକେଶ



+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋହଡ଼ି ଧମାକା
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍‌ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281, Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

ନୋଭେଲ୍ଟି ଫାଇନାନ୍ସ କମ୍ପାନୀ
ଯୋଗାଉଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସମସ୍ତ ଋଣ ଘରେ ବସି ମାତ୍ର 48 ଘଣ୍ଟାରେ (ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ) ମହିଳାଙ୍କ ପାଇଁ ବିଶେଷ ରିହାତି। 1% ସୁଧ 50% ରିହାତି।
8130122601
7834906158
Dakhin Ganv, Baijnathpur, Wazirganj, Gaya - 205131

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Krolbagh
Contact:- 8676907143
7050017585

Bandhan Finance
ରୋଜଗାର ଯୋଜନା ଘରେ ବସି ଋଣ ମାତ୍ର 2 ଦିନରେ । ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ପର୍ସନାଲ, ସରକାରୀ, ଘରୋଇ ଚାକିରି ଏବଂ ସବୁ ପ୍ରକାର ଋଣ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ସୁଧ 1% ରିହାତି 50%
7800718597
H.No. - 249, Vill- SISWALIA Teh.- DADRI, Dist- BHIWANI

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଦୁର୍ଘଟଣାରେ ଛାତ୍ର ମୃତ

**ଖୁଣ୍ଟା,୧୦।୧(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ନାଲୁହା ଛକ ନିକଟରେ ବୁଧବାର ରାତିରେ ଏକ ଗାଡି ଧକ୍କାରେ ଜଣେ କଲେଜ ଛାତ୍ରଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ବଡ଼ସିଙ୍ଗାରିଆ ଗ୍ରାମର ଅନନ୍ତ ହାଁସଦାଙ୍କ ପୁଅ ସାଗର ହାଁସଦା(୧୮)। ସାଗର ପ୍ରତିରକ୍ଷା ବିଭାଗରେ କାର୍ଯ୍ୟରତ ତାଙ୍କ ବାପାଙ୍କୁ ବୁଧବାର ରାତିରେ ବାରିପଦାରେ ଛାଡି ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଏହାର କିଛି ସମୟ ପରେ ଏକ ବସ୍ ଯାତ୍ରୀ ତାଙ୍କୁ ଉଦ୍ଧାର କରି ପ୍ରଥମେ ଉଦଳା ଓ ପରେ ବାରିପଦା ପଠାଇଥିଲେ। ସେଠାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର ହେବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଖୁଣ୍ଟା ଥାନାରେ ଏକ ମାମଲା (ନଂ ୨/୧୯) ରୁଜୁ କରାଯାଇଛି। ମୃତକ ସାଗର ଉଦଳା କଲେଜ ବାଣିଜ୍ୟ ବିଭାଗର ଯୁକ୍ତ ଦୁଇ ବର୍ଷର ଅଧ୍ୟୟନରତ ଛାତ୍ର ଥିଲେ।

### ୭ ଜିଆର୍‌ଏସ୍ ନିଲମ୍ବିତ

**ଭଦ୍ରକ ଅଫିସ, ୧୦।୧ :** ଦେଢ଼ ମାସ ଧରି ବିଭିନ୍ନ ଦାବି ନେଇ ଭଦ୍ରକ ଜିଲାର ସମସ୍ତ ଜିଆର୍‌ଏସ୍ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନ କରିଆସୁଛନ୍ତି। ସରକାରଙ୍କ ନିର୍ଦ୍ଦେଶ ପରେ ମଧ କାର୍ଯ୍ୟରେ ଯୋଗ ନ ଦେବାରୁ ଜିଲାପାଳ ୭ ଜଣ ଜିଆର୍‌ଏସ୍‌ଙ୍କୁ ନିଲମ୍ବନ କରିଛନ୍ତି। ବାସୁଦେବପୁର ଜଗନ୍ନାଥପ୍ରସାଦ ପଞ୍ଚାୟତର ଜିଆର୍‌ଏସ୍ ଅନ୍ତର୍ଯ୍ୟାମୀ ମହାକୁଡ, ଭଦ୍ରକ ବନ୍ଧଗାଁ ପଞ୍ଚାୟତର ରାଜଲକ୍ଷ୍ମୀ ଜେନା, ଭଣ୍ଡାରିପୋଖରୀ ପାଟୁଳି ପଞ୍ଚାୟତର ଲକ୍ଷ୍ମୀଧର ଗାହାଣ, ବନ୍ତ ପୁରୁଷଣ୍ଡ ପଞ୍ଚାୟତର ଅଶୋକ କୁମାର ଦାସ, ଚାନ୍ଦବାଲି ଘଟପୁର ପଞ୍ଚାୟତର କମଳାକାନ୍ତ ଜେନା, ଧାମନଗର ଭଟସାହିର ସଞ୍ଜୟ କୁମାର ଦାସ ଓ ତିହିଡି ଜାମଯୋଡିର ଅଜୟ କୁମାର ବିଶ୍ୱାଳଙ୍କୁ ନିଲମ୍ବନ କରାଯାଇଥିବା ଜିଲାପାଳଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।

### ଆସିକା ଚିନିଶିଳ୍ପ ପକ୍ଷରୁ ଆଖୁଦର ନିର୍ଦ୍ଧାରଣ

ଆସିକା,୧୦।୧(ଡି.ଏନ୍.ଏ.)
ଆସିକା ସମବାୟ ଚିନିଶିଳ୍ପରେ ଆଖୁପେଡା ଆସନ୍ତା ୧୫ ତାରିଖଠାରୁ ଆରମ୍ଭ ହେବ। କାରଖାନାକୁ ଆଖୁ ଦେଉଥିବା ଚାଷୀଙ୍କ ଲାଗି ଚିନିଶିଳ୍ପ ପକ୍ଷରୁ ଚଳିତବର୍ଷର ଆଖୁଦର ନିର୍ଦ୍ଧାରଣ କରାଯାଇଛି। ଏନେଇ ଗୁରୁବାର ଚିନିଶିଳ୍ପ ସଭା ଗୃହରେ ଆଖୁଚାଷୀଙ୍କ ସହ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଳିତବର୍ଷ ଟନ ପିଛା ଆଖୁଦର ୨ହଜାର ୯ଶହ ଟଙ୍କା ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ପକ୍ଷରୁ ଏହି ଦର ଘୋଷଣା କରାଯାଇଥିବା ବେଳେ ଏହାକୁ ଆଖୁ ଚାଷୀମାନେ ସହୃଦୟତାର ସହ ଗ୍ରହଣ କରିଥିବା ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରା ସୂଚନା ଦେଇଛନ୍ତି। ପରିଚାଳନା ନିର୍ଦ୍ଦେଶକ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କାରଖାନାର ଆଖୁ ପରିଚାଳକ ଭଗବାନ ପଣ୍ଡା, ଆଖୁଚାଷୀ ନେତା ଲଳିତ ମୋହନ ଦାସ, ରାଘବ ସିଅ, ଡି. ରାମହରି ପାତ୍ର, ଭଗବାନ ସ୍ୱାଇଁ, ଗୋବିନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଲାଞ୍ଚ ନେଇ ପୋଲିସ ଏଏସ୍ଆଇ ଗିରଫ

**କଟକ ଅଫିସ, ୧୦।୧:** ୪ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗୁରୁବାର ଧରାପଡ଼ିଛନ୍ତି ନୂଆପଡ଼ା ଜିଲା ଖରିଆର ଥାନାର ଏଏସ୍ଆଇ ବିଜେଶ୍ୱର ପଣ୍ଡା। ଏହି ଥାନା ଅଧୀନ କୁଆଁରପଡ଼ା ଗ୍ରାମର ଭବାନୀଶଙ୍କର ଅଡାଙ୍କଠାରୁ ପୂର୍ବଦାବି ମୁତାବକ ଏହି ଲାଞ୍ଚ ଗ୍ରହଣ କରୁଥିଲେ। ଅଡାଙ୍କ ବିରୋଧରେ ଖରିଆର ଥାନାରେ ୨୭୧/୨୦୧୮ରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାରେ ଭବାନୀଙ୍କୁ କୋର୍ଟଚାଲାଣ ନ କରି ଜାମିନରେ ଛାଡ଼ିଦେବା ପାଇଁ ଏଏସ୍ଆଇ ପଣ୍ଡା ତାଙ୍କଠାରୁ ଲାଞ୍ଚ ଦାବି କରିଥିଲେ। ଗୁରୁବାର ପୂର୍ବାହ୍ନ ୧୧ଟା ୪୦ରେ ଏଏସ୍ଆଇ ପଣ୍ଡା ଭବାନୀଙ୍କଠାରୁ ଥାନା ନିକଟ ଏକ ପାନ ଦୋକାନରେ ଲାଞ୍ଚ ଟଙ୍କା ଗ୍ରହଣ କରିଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା କୋରାପୁଟ ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ପଣ୍ଡାଙ୍କୁ କାବୁ କରିଥିଲେ। ପଣ୍ଡାଙ୍କ ପ୍ୟାଣ୍ଟ୍ ପକେଟରୁ ଲାଞ୍ଚ ନେଇଥିବା ୪ହଜାର ଟଙ୍କା ଭିଜିଲାନ୍ସ ଅଧିକାରୀମାନେ ଜବତ କରିଥିଲେ। ଏହା ପରେ ପଣ୍ଡାଙ୍କ ଖରିଆର ଥାନା ପରିସରରେ ଥିବା ସରକାରୀ କ୍ୱାର୍ଟରକୁ ଭିଜିଲାନ୍ସ ଯାଞ୍ଚ କରିଥିଲା। ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ ଥାନାରେ ୨/୧୯ରେ ଏକ ମାମଲା ରୁଜୁ କରାଯାଇ ଏଏସ୍ଆଇ ପଣ୍ଡାଙ୍କୁ ଗିରଫ କରାଯାଇଛି।



ମାସକୁ ୧୮ ହଜାର ଟଙ୍କା ଦରମା ଓ ଅନ୍ୟାନ୍ୟ ଦାବିରେ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ଗଜପତି ଜିଲା ପକ୍ଷରୁ ଗୁରୁବାର ଭୁବନେଶ୍ୱର ପିଏମ୍‌ଜି ଛକଠାରେ ବିକ୍ଷୋଭ ପ୍ରଦାର୍ଶନ କରଯାଉଛି।2

# ଓଡ଼ିଶା ଦ୍ରୁତ ସଶକ୍ତୀକରଣ ଆଡ଼କୁ ଅଗ୍ରସର ହେଉଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୧(ବ୍ୟୁରୋ)–

- ୩ ପ୍ରେରଣାଦାୟୀ ଘଟଣା ବଖାଣିଲେ
- ଯୁବବର୍ଗଙ୍କୁ ନେଇ ଆଶାବାଦୀ
- ଛାତ୍ରୀଛାତ୍ରଙ୍କ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

ଓଡ଼ିଶା ଦ୍ରୁତ ସଶକ୍ତୀକରଣ ଆଡ଼କୁ ଅଗ୍ରସର ହେଉଛି। ରାଜ୍ୟର ଯୁବଶକ୍ତି ଏବଂ ମହିଳା ଏହି ସଶକ୍ତୀକରଣର ମୁଖ୍ୟ ଅଙ୍ଗ। ଓଡ଼ିଶାର ଯୁବବର୍ଗ ନିଜର ଦକ୍ଷତା ବଳରେ ସାମ୍ପ୍ରତିକ ସମାଜକୁ ପ୍ରଭାବିତ କରିପାରିଛନ୍ତି। ନିଜର ସାହସ ଦ୍ୱାରା ଯେକୌଣସି ବାଧାବିଘ୍ନକୁ ଅତିକ୍ରମ କରିବାର ଦକ୍ଷତା ରଖୁଛନ୍ତି। ଆଗାମୀ ଦିନରେ ଏହି ଯୁବ ବର୍ଗ ଦେଶ ଓ ସମାଜର ସେବା କରିବା ସହ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଧାନୀ ଭୁବନେଶ୍ୱରରେ ଗୁରୁବାର ଆୟୋଜିତ ଇଣ୍ଡିଆ ଟୁଡେ ମାଇଣ୍ଡ ରକ୍ କାର୍ଯ୍ୟକ୍ରମରେ ଭାଗନେଇ ଏହି କଥା କହିଛନ୍ତି। ରାଜ୍ୟରେ ମହିଳାଙ୍କ ସମ୍ପର୍କିତ ୩ଟି ପ୍ରେରଣାଦାୟୀ ଉଦାହରଣ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥାପନ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେନ୍ଦ୍ରାପଡ଼ା ଜିଲାର ପୂର୍ଣ୍ଣିମା ଏବଂ ସବିତା ନିଜ ଜୀବନକୁ ବାଜି ଲଗାଇ ମହାନଦୀର ଗଭୀର ଜଳରୁ ବହୁ ବ୍ୟକ୍ତିଙ୍କୁ ମରଣ ମୁହଁରୁ ବଞ୍ଚାଇଛନ୍ତି। ସେହିପରି ୬ ମାସ ପୂର୍ବେ ମାଲକାନଗିରି ଯୁବତୀ ମମତା ପଦ୍ମିନୀ ସିଧାସଳଖ ତାଙ୍କ ସହ କଥା ହୋଇ ମହିଳାଙ୍କ ସ୍ୱାସ୍ଥ୍ୟ ସୁବିଧା ପ୍ରତି ବିଶେଷ ଦୃଷ୍ଟିଦେବାକୁ ଅନୁରୋଧ କରିଥିଲେ, ଯାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଜୁ କୃଷକ କଲ୍ୟାଣ ଯୋଜନାରେ ମହିଳାଙ୍କ ପାଇଁ ବାର୍ଷିକ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ରାଶି ବୃଦ୍ଧି କରିଥିବା ନବୀନ ପଟ୍ଟନାୟକ କହିଛନ୍ତି। ସୁନ୍ଦରଗଡ଼ର ଅଗ୍ରଣୀ ଉଦ୍ୟୋଗୀ ଜୟନ୍ତୀ ଏକ୍କା ମିଶକ୍ତି ଶକ୍ତି ଦ୍ୱାରା ନିଜକୁ ସମୃଦ୍ଧ କରିପାରିଛନ୍ତି। ଏଥିସହିତ ନିଜର ନେତୃତ୍ୱ ନେବାର ଦକ୍ଷତାର ମଧ ବିକାଶ କରିପାରିଛନ୍ତି। ଯାହାର କିଛି ଝଲକ ଗତ ନଭେମ୍ବରରେ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ଜୟନ୍ତୀ ବହୁ ମହିଳାଙ୍କ ପାଇଁ ଉଦାହରଣ ଓ ପ୍ରେରଣାର ଉତ୍ସ। ଉପରୋକ୍ତ ୩ଟି ଘଟଣା ଦ୍ରୁତ ସଶକ୍ତୀକରଣର ବାର୍ତ୍ତା ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉକ୍ତ କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ସେଠାରେ ଉପସ୍ଥିତ ଥିବା ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। କାହା ବ୍ୟକ୍ତିତ୍ୱ ତାଙ୍କୁ ଅଧିକ ପ୍ରେରଣା ଦେଇଥାଏ ବୋଲି ଜଣେ ଛାତ୍ର ତାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ, ମହାତ୍ମାଗାନ୍ଧୀ। ବ୍ୟକ୍ତିତ୍ୱର ବହୁମୁଖୀ ପ୍ରତିଭା ପାଇଁ ମହାତ୍ମାଗାନ୍ଧୀ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିବେ। ତେଣୁ କେବଳ ବର୍ତ୍ତମାନ ସମୟ ପାଇଁ ନୁହେଁ, ମହାତ୍ମାଗାନ୍ଧୀ ଆଗାମୀ ବହୁପିଢ଼ି ପାଇଁ ପ୍ରେରଣା ହୋଇ ରହିବେ। ସେହିପରି ନିଜ ଉପରେ ନ୍ୟସ୍ତ ଥିବା ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବା ଯୁବକଙ୍କ ପ୍ରାଥମିକ କାର୍ଯ୍ୟ ହେବା ଉଚିତ। ଦେଶ, ପରିବାର ଓ ସମାଜ ହିତକୁ ସମସ୍ତେ ଗୁରୁତ୍ୱ ଦେବା ଉଚିତ। ଏହି କାର୍ଯ୍ୟକ୍ରମରେ ଜଣେ ଛାତ୍ରୀ ହକି ବିଶ୍ୱକପ୍ ପାଇଁ କେଉଁଠୁ ପ୍ରେରଣା ପାଇଲେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ଦେଇ ନବୀନ କହିଛନ୍ତି ଯେ, ହକି ଓଡ଼ିଶାବାସୀଙ୍କର ପ୍ରାଥମିକତା ରହିଆସିଛି। ବିଶେଷକରି ଆଦିବାସୀମାନଙ୍କ ଏହା ପ୍ରମୁଖ ପସନ୍ଦର ଖେଳ। ଏହି ଅଞ୍ଚଳରେ ପିଲା ଚାଲି ଶିଖିବା ସଙ୍ଗେ ସଙ୍ଗେ ହକି ଷ୍ଟିକ୍ ହାତରେ ଧରିଥାଏ। ଏହି ଅଞ୍ଚଳର ଯୁବକ ହକି ଖେଳି ରାଜ୍ୟ, ଦେଶ ପାଇଁ ଗୌରବ ଆଣିଛନ୍ତି। ଏହିସବୁ ଜିନିଷ ହିଁ ତାଙ୍କୁ ସଫଳ ହକି ବିଶ୍ୱକପ୍ ଆୟୋଜନ କରିବାର ପ୍ରେରଣା ଦେଇଛି। ଅପରପକ୍ଷରେ ମେକ୍ ଇନ୍ ଓଡ଼ିଶା ରାଜ୍ୟର ଯୁବତୀଯୁବକମାନେ କିପରି ଉପକୃତ ହେବେ ବୋଲି ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନିକଟରେ ସମାପ୍ତ ହୋଇଥିବା ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟକୁ ୪.୫୦ ଲକ୍ଷ କୋଟି ଟଙ୍କାର ନିବେଶ ଆସିବ; ଯାହା ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହାଦ୍ୱାରା ରାଜ୍ୟର ଯୁବବର୍ଗ ସିଧାସଳଖ ଉପକୃତ ହେବେ।

## ଆହାର ଯୋଜନାରେ ଚଞ୍ଚକତା ଅଭିଯୋଗ

# ୮ହଜାର ଲୋକଙ୍କ ଖାଦ୍ୟ ଫୋପାଡ଼ି ଦିଆଗଲା

ସମ୍ବଲପୁର,୧୦।୧(ବ୍ୟୁରୋ)

- ରାସ୍ତାରେ ଅଟକି ରହିଥିବା ଲୋକଙ୍କୁ ମିଳିଲାନି ଖାଦ୍ୟ
- ରୋଷେଇ କମ୍, ବିଲ୍‌ରେ ଅନିୟମିତତା ଅଭିଯୋଗ

ସମ୍ବଲପୁର ମହାନଗର ନିଗମ ଅଧୀନରେ ଚାଲିଥିବା ଆହାର କେନ୍ଦ୍ରର ଖାଦ୍ୟକୁ ଗୁରୁବାର ଫିଙ୍ଗି ଦିଆଯାଇଛି। ପ୍ରାୟ ୮ ହଜାର ଲୋକଙ୍କ ଖାଦ୍ୟକୁ ଏକ ଟ୍ରାକ୍ଟରରେ ନିଆଯାଇ ଦୁର୍ଗପାଲିସ୍ଥିତ ଡମ୍ପିଂୟାର୍ଡରେ ପକାଇ ଦିଆଯାଇଛି। ଓକିଲ ସଂଘର ୩ ଦିନିଆ ଅର୍ଥନୈତିକ ଅବରୋଧ ଓ ଭାରତ ବନ୍ଦ ପାଳନ ଯୋଗୁ ଆହାର କେନ୍ଦ୍ରକୁ କେହି ଖାଇବାକୁ ଆସି ନ ଥିଲେ। ସେଥିପାଇଁ ୨ ଦିନ ଧରି ଖାଦ୍ୟ ବଳକା ରହିଥିଲା। ସେହି ଖାଦ୍ୟ ନଷ୍ଟ ହୋଇଯାଇଥିବାରୁ ଏପରି ପଦକ୍ଷେପ ନିଆଯାଇଛି ବୋଲି ସଫେଇ ଦିଆଯାଇଛି। ପ୍ରଥମ ଦିନ ଖାଦ୍ୟ ନଷ୍ଟ ହେବ କଥା ଜାଣିବା ପରେ ଠିକା ନେଇଥିବା ମାନା ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ଦିନ କାହିଁକି ଏତେ ପରିମାଣ ଖାଦ୍ୟ ରନ୍ଧା ଯାଇଥିଲା ଏ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୮ ଓ ୯ ଦୁଇଦିନ ଧରି ୧୦ ଶ୍ରମିକ ସଙ୍ଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏଣେ ଓକିଲ ସଂଘ ପକ୍ଷରୁ ଅର୍ଥନୈତିକ ଅବରୋଧ ଚାଲୁ ରହିଥିଲା। ଫଳରେ ସହରର ଦୋକାନ ବଜାର ଏକ ପ୍ରକାର ବନ୍ଦ ରହିଥିବା ବେଳେ ଯାତ୍ରୀମାନଙ୍କ ଯିବା ଆସିବା ବନ୍ଦ ରହିଥିଲା। ଏହାର ପ୍ରଭାବ ବସ୍,ଟ୍ରକ ଓ ଟ୍ରେନ ଯାତ୍ରୀଙ୍କ ଉପରେ ପଡିଥିଲା। ହେଲେ ଏପରି ସମୟରେ ଆହାର କେନ୍ଦ୍ରକୁ ଖାଦ୍ୟ ରନ୍ଧା ହୋଇ ଆସିଥିଲା। ହେଲେ ଖାଇବାକୁ କେହି ଆସି ନ ଥିଲେ। ଫଳରେ ପ୍ରଥମ ଦିନର ଖାଦ୍ୟ ବଳି ପଡିଥିଲା। ତା'ପର ଦିନ ଅର୍ଥାତ୍ ୯ ତାରିଖରେ ବି ଖାଦ୍ୟ ରନ୍ଧା ହୋଇ ଆସିଥିଲା। ସେଦିନ ମଧ୍ୟ କେହି ଖାଇବାକୁ ନ ଆସିବାରୁ ତାହା ମଧ୍ୟ ବଳି ପଡିଥିଲା। ଏମିତି ୨ ଦିନର ଖାଦ୍ୟ ଆହାର କେନ୍ଦ୍ରରେ ରହିବା ପରେ ତାହା ନଷ୍ଟ ହୋଇଯାଇଥିଲା। ଏଠାରେ ପ୍ରଶ୍ନ ଉଠୁଛି ସେଇ ୨ଦିନ ରାସ୍ତାରେ ଫସି ରହିଥିବା ଟ୍ରକ ଡାଇଭର ଓ ହେଲପରମାନେ ବି ଖାଇବାକୁ ପାଇ ନ ଥିଲେ। କଳବଳ ହୋଇଥିଲେ ଅନେକ ଯାତ୍ରୀ। କେତେକ ଅନୁଷ୍ଠାନ ପକ୍ଷରୁ ରାସ୍ତାରେ ଅଟକି ରହିଥିବା ଲୋକମାନଙ୍କୁ ଖାଇବାକୁ ଦିଆଯାଇଥିଲା। ହେଲେ ମହାନଗର ନିଗମ ପକ୍ଷରୁ ରନ୍ଧା ଯାଇଥିବା ହଜାର ହଜାର ଲୋକଙ୍କ ଖାଦ୍ୟ ସେମାନଙ୍କୁ ଦିଆ ନ ଯାଇ ନଷ୍ଟ କରି ଦିଆଯାଇଥିଲା। ପ୍ରଥମ ଦିନ ଖାଦ୍ୟ ନଷ୍ଟ ହେବା ଜାଣିବା ପରେ ଦ୍ୱିତୀୟ ଦିନ କାହିଁକି ପୁଣି ଥରେ ଖାଦ୍ୟ ରନ୍ଧା ଯାଇ ଆହାର କେନ୍ଦ୍ରକୁ ପଠାଗଲା ତାହା ବିବାଦ ସୃଷ୍ଟି କରିଛି।

ଦୁଇ ଦିନିଆ ବନ୍ଦର ସୁଯୋଗ ନେଇ ଠିକା ସଂସ୍ଥା ଫାଇଦା ନେଇଥିବା ଅଭିଯୋଗ ହେଉଛି। କମ୍ ପରିମାଣ ଖାଦ୍ୟ ଯୋଗାଣ କରି ଲକ୍ଷାଧିକ ଟଙ୍କା ଲାଭ କରିବାକୁ ଏହି ସଂସ୍ଥା ଚକ୍ରାନ୍ତ କରିଥିବା ଆଲୋଚନା ହେଉଛି। ଗୋଟିଏ ମିଲ ପାଇଁ ଲୋକମାନେ ୫ଟଙ୍କା ଦେଉଥିବାବେଳେ ସରକାରଙ୍କ ପକ୍ଷରୁ ଉପରୋକ୍ତ ସଂସ୍ଥାକୁ ୧୫ଟଙ୍କା ଦିଆଯାଉଛି। ଅର୍ଥାତ ୨ ଦିନରେ ଏଥିପାଇଁ ୧ ଲକ୍ଷ ୩୫ହଜାର ଟଙ୍କା ବିଲ୍ କରାଯାଇଥିବା ଭଳି ସଂଘାତିକ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମହାନଗର ନିଗମ ଅତିରିକ୍ତ କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ଆହାର କେନ୍ଦ୍ର ପାଇଁ ପ୍ରତିଦିନ ଭଳି ରୋଷେଇ ହୋଇଥିଲା। ବନ୍ଦର ପ୍ରଭାବ ଯୋଗୁ ଖାଇବାକୁ କେହି ଆସି ନ ଥିଲେ। ତେଣୁ ଖାଦ୍ୟ ନଷ୍ଟ ହୋଇଯାଇଥିଲା। ସେହି ଖାଦ୍ୟକୁ ଫିଙ୍ଗି ଦିଆଯାଇଛି ବୋଲି ସେ କହିଛନ୍ତି। ଏ ନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ମଙ୍ଗଳବାର ଓ ବୁଧବାର ବନ୍ଦ ପାଳନ ଯୋଗୁ କିଛି ରନ୍ଧା ଖାଦ୍ୟକୁ ଫିଙ୍ଗି ଦିଆଯାଇଛି। ଘଟଣାର ତଦନ୍ତ ପାଇଁ ଅତିରିକ୍ତ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛି। ମାନା ଟ୍ରଷ୍ଟର ସମ୍ବଲପୁର ଶାଖା ପରିଚାଳକ ସ୍ୱରୂପ ରଞ୍ଜନ ମହାପାତ୍ର କହିଛନ୍ତି, ପ୍ରତିଦିନ କେତେଜଣ ଲୋକଙ୍କ ପାଇଁ ଖାଦ୍ୟ ରନ୍ଧା ହେବ ଆମକୁ ମହାନଗର ନିଗମ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥାଏ। ଯେହେତୁ ୨ ଦିନ ବନ୍ଦ ପାଳନ ବେଳେ ସେମାନେ ଆମକୁ ଖାଦ୍ୟ ରାନ୍ଧିବାକୁ ମନା କରି ନ ଥିଲେ ସେଥିପାଇଁ ଆମେ ଖାଦ୍ୟ ଯୋଗାଣ କରିଥିଲୁ। ପ୍ରାୟ ୩ ହଜାର ଲୋକଙ୍କ ଖାଦ୍ୟ ଫିଙ୍ଗା ଯାଇଛି ବୋଲି ସେ କହିଛନ୍ତି।

# ବ୍ୟାଙ୍କ ଶାଖାରେ ଅଗ୍ନିକାଣ୍ଡ

ଆସିକା,୧୦।୧(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ ପାଇଲିପଡା ଠାରେ ଥିବା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ କମ୍ପ୍ୟୁଟର ଓ ଅନ୍ୟାନ୍ୟ ଯନ୍ତ୍ରପାତି, ବ୍ୟାଙ୍କର ବିଭିନ୍ନ କାଗଜପତ୍ର ଓ କ୍ୟାସ କାଉଣ୍ଟର ଆଦି ପୋଡି ଛାରଖାର ହୋଇଛି। ତେବେ ଷ୍ଟ୍ରଙ୍ଗରୁମକୁ ନିଆଁ ବ୍ୟାପି ନ ଥିବା ଜଣାପଡିଛି। ବୁଧବାର ରାତି ପ୍ରାୟ ୩ଟାରେ ବ୍ୟାଙ୍କ ଭିତରେ ନିଆଁ ଜଳୁଥିବା ପାଇଲିପଡ଼ା ଗ୍ରାମରକ୍ଷୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଠାରୁ ଖବରପାଇ ଭଞ୍ଜନଗର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗାଙ୍ଗପୁର ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ବ୍ୟାଙ୍କ ଶାଖାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ହେଲେ ବ୍ୟାଙ୍କ ଶାଖା ପକ୍ଷରୁ ଏ ନେଇ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବା ଜଣାପଡିଛି। ବିଦ୍ୟୁତ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଇଛି। ଅନ୍ୟପକ୍ଷରେ ବ୍ୟାଙ୍କ ଶାଖାରେ ଥିବା ସାଇରନ, ସିସିଟିଭି କ୍ୟାମେରା ଓ ଜେନେରେଟର ତାର ବିଚ୍ଛିନ୍ନ କରାଯାଇଥିବାରୁ କୌଣସି ଦୁର୍ବୃତ୍ତ ଡକାୟତି ଲାଗି ଉଦ୍ୟମ କରି ବିଫଳ ହେବା ପରେ ନିଆଁ ଲଗାଇଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଗାଙ୍ଗପୁର ପୋଲିସ କହିଛି, ସିସିଟିଭି ଫୁଟେଜରୁ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ମିଳିନି।

## ୧୨ରୁ ଡଗ୍ ଶୋ'

ଭୁବନେଶ୍ୱର,୧୦।୧(ବ୍ୟୁରୋ)–
ଓଡ଼ିଶା କେନେଲ୍ କ୍ଲବ(ଓକେସି) ପକ୍ଷରୁ ଆସନ୍ତା ୧୨ ତାରିଖରୁ ଡଗ୍ ଶୋ' ଆରମ୍ଭ ହେବ। ଦୁଇଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଶୋ' ଚଳିତବର୍ଷ କ୍ୟାମ୍ପସ୍ ନଂ. ୧୩ କିଟ୍ ଓ କିସ୍‌ର ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଆୟୋଜନ ହେବ। ପ୍ରତିବର୍ଷ ପରି ଏ ବର୍ଷ ମଧ ପ୍ରତିଯୋଗିତା ପାଇଁ ଶୋ'ର ବିଚାରକମାନେ ଦେଶ, ବିଦେଶରୁ ଆସିବେ। ଏଥିରେ ୫ଜଣ ଅନ୍ତର୍ଜାତୀୟସ୍ତରରୁ ଆସୁଥିବା ବେଳେ ଜଣେ ଭାରତୀୟ ବିଚାରକ ରହିବେ।

## ପୁରୀ ହିଂସା ଘଟଣା, ଆଉ ଜଣେ ଗିରଫ

ପୁରୀ ଅଫିସ,୧୦।୧:

ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସା ଘଟଣାରେ ଗିରଫଦାରି ଜାରି ରହିଛି। ବହୁଦିନ ବ୍ୟବଧାନ ପରେ ସିଂହଦ୍ୱାର ଥାନା ପୋଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ସିଂହଦ୍ୱାର ଫାଣ୍ଡି ଭଙ୍ଗାରୁଜା ଅଭିଯୋଗରେ ଥାନାରେ ରୁଜୁ କେସ୍ ନଂ.୮୨/୧୮ରେ କଟକ ଓଡ଼ପଡ଼ା କିଶନନଗରର ବୁଲୁ ଓରଫ୍ ସଞ୍ଜୀବ ନାୟକ (୩୬)ଙ୍କୁ ଗିରଫ କରାଯାଇଥିବା ସିଂହଦ୍ୱାର ଥାନା ଆଇଆଇସି ଶ୍ରବଣ ମହାରଣା କହିଛନ୍ତି। ବୁଲୁ ମଣିରାମ ମଠରେ ରହି ଯାତ୍ରୀ ଗୁମାସ୍ତା କାମ କରୁଥିଲେ।

## ଗୁଣୁପୁରରୁ ବଜ୍ରକାପ୍ତା ଚୋରା ଚାଲାଣ ଘଟଣା

# ୫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ ଏସ୍‌ଟିଏଫ



ଗୁଣପୁର କୋର୍ଟରେ କ୍ରାଇମବ୍ରାଞ୍ଚ ଟିମ୍।

ଭୁବନେଶ୍ୱର, ୧୦।୧(ବ୍ୟୁରୋ)–

ରାୟଗଡା ଜିଲା ଗୁଣୁପୁର ଅଞ୍ଚଳରୁ ବଜ୍ରକାପ୍ତା ଚୋରା ଚାଲାଣ ଘଟଣାରେ ଗିରଫ ହୋଇ ଜେଲ୍ ଯାଇଥିବା ୫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ)। ଏ ନେଇ ଏସ୍‌ଟିଏଫ ପକ୍ଷରୁ ଗୁଣପୁର କୋର୍ଟରେ ଆବେଦନ କରାଯାଇଛି। ସୂଚନା ମୁତାବକ, ଗତ ଡିସେମ୍ବର ୨୨ ତାରିଖ ଭୋର ପ୍ରାୟ ସାଢେ ୪ଟାରେ ଗୁଣପୁର ପୋଲିସ ଏବଂ ଜଙ୍ଗଲ ବିଭାଗ ଗୁଣପୁର ବସ୍‌ଷ୍ଟାଣ୍ଡ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ କାର(ଓଡି ୦୨ଏଏମ ୭୧୦୪)ରେ ୨ ମହିଳାଙ୍କ ସମେତ ୫ ଜଣ ଯାଉଥିବାବେଳେ ସେମାନଙ୍କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ କାର୍‌ରୁ ପ୍ରାୟ ୧୦ କିଲୋ ଓଜନର ଏକ ଜୀବନ୍ତ ବଜ୍ରକାପ୍ତାକୁ ଉଦ୍ଧାର କରାଯିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଇଥିଲା। ସେମାନେ ହେଲେ ଭୁବନେଶ୍ୱର ପଟିଆ ଅଞ୍ଚଳର ବଳରାମ ବେହେରା ଓ ସୌଭାଗ୍ୟଲକ୍ଷ୍ମୀ ବେହେରା, ପୁରୀ ଜିଲା ବଳଙ୍ଗା ଅଞ୍ଚଳର ଆଶିଷ ଦାସ, ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳର ଅମୁଲ୍ୟ କୁମାର ବାରିକ ଏବଂ ଆନ୍ଧ୍ରପ୍ରଦେଶ ପଲାସା ଅଞ୍ଚଳର ଲକ୍ଷ୍ମୀ ବାରିକ। ଏହି ଘଟଣାରେ ରାୟଗଡା ଫରେଷ୍ଟର ଦିଲୀପ କୁମାର ମହାପାତ୍ରଙ୍କ ଅଭିଯୋଗ କ୍ରମେ ଏକ ମାମଲା (୬/୧୮) ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ରାୟଗଡା ଡିଏଫଓ ଦେବରଚନ ବେହେରାଙ୍କ ଅଭିଯୋଗ କ୍ରମେ ଏସ୍‌ଟିଏଫରେ ଏକ ମାମଲା(୧/୧୯) ରୁଜୁ କରାଯାଇଥିଲା। ଏହା ପରେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନେବା ଲାଗି ଏସ୍‌ଟିଏଫ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଛି।

# ଚମ୍ପଟ ମାରିଥିବା କଏଦୀ ଧରାପଡ଼ିଲେ

ଝାରସୁଗୁଡ଼ା ଅଫିସ,୧୦।୧

ଝାରସୁଗୁଡ଼ା ଏସ୍‌ଡିଜେଏମ୍ କୋର୍ଟ ପରିସରରୁ ବୁଧବାର ମଧ୍ୟାହ୍ନରେ ଚମ୍ପଟ ମାରିଥିବା କଏଦୀ ଜିତ୍ ପ୍ରଧାନଙ୍କୁ ପୋଲିସ ଗୁରୁବାର ରାତି ୮ଟାରେ ଧରିଛି। ଝାରସୁଗୁଡ଼ା ଉପକାରାଗାରରୁ କୋର୍ଟରେ ହାଜର ପାଇଁ ତାଙ୍କୁ ଅଣାଯାଇଥିଲା। ବିଚାରପତିଙ୍କ ସମ୍ମୁଖରେ ଉପସ୍ଥାପନ କରାଇବା ପାଇଁ କୋର୍ଟ ପରିସରରେ ଅପେକ୍ଷାରେ ଥିବାବେଳେ ପୋଲିସ ଆଖିରେ ଧୂଳି ଦେଇ ସେ ଫେରାର ହୋଇଯାଇଥିଲେ। ବୁଧବାରଠାରୁ ପୋଲିସ ତାଙ୍କୁ ଧରିବାକୁ ତନାଘନା ଜାରି ରଖିଥିଲେ ମଧ ଗୁରୁବାର ସନ୍ଧ୍ୟା ସୁଦ୍ଧା ତାଙ୍କ ପତ୍ତା ମିଳି ନ ଥିଲା।

ବଡ଼ମାଲ ଥାନା ପତ୍ରାପାଲିର ଭୁକଚନ୍ ପ୍ରଧାନଙ୍କ ପୁଅ ଜିତ୍। ଗତ ଡିସେମ୍ବର ୨୭ ତାରିଖରେ ଝାରସୁଗୁଡ଼ା ସଦର ବ୍ଲକ ବଡ଼ମାଲ ଥାନା ପତ୍ରାପାଲି ଗାଁର କୃପା ପ୍ରଧାନ ଏବଂ ଜିତ୍‌ଙ୍କ ମଧ୍ୟରେ ପୂର୍ବଶତ୍ରୁତାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜିତ୍ ଏକ ଟାଙ୍ଗିଆରେ କୃପାଙ୍କ ଗୋଡ଼କୁ ପିଟି ଦେଇଥିଲେ। ଫଳରେ କୃପାଙ୍କ ଡାହାଣ ଗୋଡ଼ର ହାଡ ଚୂରମାର ହୋଇଯାଇଥିଲା। ଏହି ଘଟଣାରେ ପୋଲିସ ଜିତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାନୁୟାରୀ ୯ ତାରିଖରେ ଜିତଙ୍କୁ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିବା ପାଇଁ ଅଣାଯାଇଥିଲା। ନିୟୋଜିତ ଥିବା ସୁରକ୍ଷାକର୍ମୀଙ୍କ ଅନ୍ୟମନସ୍କତାର ଫାଇଦା ଉଠାଇ ଜିତ୍ କୋର୍ଟ ପରିସରରୁ ଫେରାର ହୋଇଯାଇଥିବା ଜେଲ୍ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ।

# ପୁଣି ରେଳ ଧାରଣାରେ ଫାଟ

ରାୟଗଡ଼ା ଅଫିସ, ୧୦।୧

- ୧୭ ଦିନରେ ଦ୍ୱିତୀୟ ଘଟଣା
- ୧ ଘଣ୍ଟା ଅଟକିଲା କୋରାପୁଟ -ସମ୍ବଲପୁର ପାସେଞ୍ଜର

ରେଳ ଧାରଣାରେ ଥିଲା ଫାଟ। ଟ୍ରେନ ଆସିବା ପୂର୍ବରୁ ଫାଟ ନଜର ଆସିବାରୁ ଏହାର ମରାମତି କରାଯାଇଥିଲା। ଫଳରେ ଏକ ବିପଦକୁ ଏଡାଇ ଦିଆଯାଇ ପାରିଲା। ଗୁରୁବାର ଏପରି ଏକ ଘଟଣା ଘଟିଛି ରାୟଗଡା ଉପକଣ୍ଠ ସିଙ୍ଗାପୁର ରୋଡ ରେଳ ଷ୍ଟେଶନ୍‌ରେ। ଫଳରେ କୋରାପୁଟ-ସମ୍ବଲପୁର ପାସେଞ୍ଜର ୧ ଘଣ୍ଟା ଧରି ଅଟକି ରହିଥିଲା।

ପ୍ରକାଶ ଯେ, ସିଙ୍ଗାପୁର ଷ୍ଟେଶନର ୧ନମ୍ବର ପ୍ଲାଟଫର୍ମରେ ରେଳ ଧାରଣାରେ ଫାଟ ରହିଥିବା ଗୁରୁବାର ସକାଳେ ଟ୍ରାକ୍‌ମ୍ୟାନ୍ ଦେଖିଥିଲେ। ପରେ ତୁରନ୍ତ ଷ୍ଟେଶନ ଅଧିକ୍ଷକଙ୍କୁ ସୂଚନା ଦିଆଯାଇଥିଲା। କୋରାପୁଟ-ସମ୍ବଲପୁର ପାସେଞ୍ଜର ଟ୍ରେନ୍ ଆସିବାର ମାତ୍ର ୨୦ମିନିଟ୍ ପୂର୍ବରୁ ଏହା ଜଣାପଡିଥିଲା। ସଙ୍ଗେ ସଙ୍ଗେ କୋରାପୁଟ-ସମ୍ବଲପୁର ପାସେଞ୍ଜର ଟ୍ରେନ୍‌କୁ ଅଟକାଯାଇଥିଲା। ପରେ ରାୟଗଡାରୁ ବୈଷୟିକ ଟିମ୍ ପହଞ୍ଚି ଏହାର ମରାମତି କରିଥିଲେ। ଦୀର୍ଘ ୧ଘଣ୍ଟା ପ୍ରାଥମିକ ମରାମତି ପରେ କୋରପୁଟ-ସମ୍ବଲପୁର ପାସେଞ୍ଜର ଟ୍ରେନ୍‌କୁ ଛଡାଯାଇଥିଲା ପୁଣିଥରେ ରେଳ ଧାରଣାର ସମ୍ପୂର୍ଣ୍ଣ ମରାମତି କରାଯାଇଥିଲା। ଏହାପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ଫଟା ରେଳ ଧାରଣା ଉପରେ ପୂର୍ବରୁ ହାଟିଆ-ଯଶୱନ୍ତପୁର ଟ୍ରେନ୍ ରାୟଗଡା ଅଭିମୁଖେ ଯାଇଥିବା ବେଳେ କୌଣସି ଦୁର୍ଘଟଣା ଘଟି ନ ଥିଲା। ସୂଚନାଯୋଗ୍ୟ ଏହିଠାରେ ଗତ ୨୫ତାରିଖରେ ମଧ ରେଳ ଧାରଣାରେ ଏହିଭଳି ଫାଟ ଦେଖା ଦେଇଥିଲା। ଏଥିରେ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍ ଏକ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। ଲଗାତାର ରେଳ ଧାରଣାରେ ଫାଟ ଦେଖାଯିବାରୁ ଯାତ୍ରୀମାନେ ଏବେ ଟ୍ରେନ ଯାତ୍ରାକୁ ନିରାପଦ ମଣୁ ନାହାନ୍ତି।



ରେଳଧାରଣା ଫାଟ ମରାମତି କରାଯାଉଛି।

## ସଂକ୍ଷେପରେ

### ଦଣ୍ଡାଧାରରୁ ଛଡ଼ାଗଲା ପାଣି



କାମାକ୍ଷାନଗର, ୧୦।୧(ଡି.ଏନ୍.ଏ.):ରବି ଫସଲ ପାଇଁ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଦଣ୍ଡାଧାର ଡ୍ୟାମରୁ ରାମିଆଳ କେନାଲ ଦେଇ ଗୁରୁବାର ପାଣି ଛଡ଼ାଯାଇଛି। ଏହାଦ୍ୱାରା ୨୫୦୦ ହେକ୍ଟର ଜମିକୁ ପାଣି ମାଡ଼ିବ ଏବଂ ଫସଲ ଉତ୍ପାଦନ ହୋଇପାରିବ। ରାମିଆଳ ପାଣି ପଞ୍ଚାୟତ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କେନାଲ ଗେଟ୍ ଖୋଲିଥିଲେ। ଏହି ଅବସରରେ ସେ ସୂଚନା ଦେଇ କହିଲେ, କେନାଲ ମରାମତି ଚାଲିଥିବାରୁ ୩ବର୍ଷ ହେଲା ଡ୍ୟାମରୁ ପାଣି ଛଡ଼ାଯାଇ ନ ଥିଲା। ଚଳିତ ବର୍ଷ ମରାମତି କାମ ସରିବା ପରେ ପାଣି ଛଡ଼ାଯାଇଛି। ଏହାଦ୍ୱାରା ୧୫ ପାଣି ପଞ୍ଚାୟତର ଚାଷୀ ଉପକୃତ ହୋଇପାରିବେ। ଏହି ଅବସରରେ ବିଭାଗୀୟ ଯନ୍ତ୍ରୀ ବନମାଳୀ ସାହୁ ଉପସ୍ଥିତ ଥିଲେ।

### ଗୋରୁ ଚରାଇବାକୁ ଯାଇ ଯୁବକ ନିଖୋଜ

କାମାକ୍ଷାନଗର, ୧୦।୧(ଡି.ଏନ୍.ଏ.): ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ପଞ୍ଚାୟତ ବଦାଣିଆ ଗ୍ରାମର କୁନା ମୁର୍ମୁ (୩୩) ଗୋରୁ ଚରାଇବାକୁ ଯାଇ ବୁଧବାରଠାରୁ ନିଖୋଜ ହୋଇଯାଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, କୁନା ସବୁଦିନ ପରି ଗୋରୁ ପଲ ନେଇ ଜଙ୍ଗଲକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ତେବେ ତାଙ୍କ ପତ୍ତା ମିଳି ନାହିଁ। ଅନ୍ୟପଟେ ରାମିଆଳ ନଦୀ ସୁନ୍ଦରମଣ୍ଡି ଘାଟ ନିକଟରେ ତାଙ୍କର ଚପଲ ଏବଂ ଗଞ୍ଜି ପଡ଼ିଥିବା ଦେଖିବାକୁ ମିଳିଛି, ଯାହାକୁ ନେଇ ପରିବାର ଲୋକଙ୍କ ଚିନ୍ତା ବଢ଼ିଯାଇଛି। ତାଙ୍କୁ ଉଦ୍ଧାର କରିବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

### ଜୁଆ ଆଡ୍ଡାରେ ଚଢ଼ାଉ, ୪ ଗିରଫ

ପରଜଙ୍ଗ, ୧୦।୧(ଡି.ଏନ୍.ଏ.): ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ଝିଲ୍ଲି ସାପ୍ତାହିକ ହାଟରେ ଚାଲିଥିବା ଜୁଆ ଆଡ୍ଡାରେ ବୁଧବାର ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଡ଼ପଳାଶୁଣୀ ଗ୍ରାମର ଅଭିମନ୍ୟୁ ବିଶ୍ୱାଳ, ବାବୁଲା ସାମଲ, ସୁରେଶ ନାଏକ, ଖମାର ଥାନା ଇଞ୍ଜିଡ଼ି ଗ୍ରାମର ବିଶ୍ୱନାଥ ନାଏକ। ଗଡ଼ପଳାଶୁଣୀର ଦୁଃଶାସନ ସେଠ, ନିତ୍ୟାନନ୍ଦ ସେଠ, ମୁରଲୀଧର ସାମଲ, ଦେହୁରୀହତାର ରବି ନାଏକ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ୧୯, ୩୯୨ଟଙ୍କା ସମେତ ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ ପୋଲିସ ଜବତ କରିଛି। ଦୀର୍ଘଦିନ ହେଲା ହାଟରେ ଜୁଆ ଖେଳ ଚାଲୁଥିବା ଅଭିଯୋଗ ପରେ ବୁଧବାର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ସଦଳବଳ ଚଢ଼ାଉ କରିଥିଲେ। ଏ ନେଇ ନଂ. ୧୧/୧୯ରେ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

### କାରକୁ ଧକ୍କା ଦେଲା ଡାଲା ଟେମ୍ପୋ, ୩ ଆହତ

ପରଜଙ୍ଗ, ୧୦।୧(ଡି.ଏନ୍.ଏ.):ପରଜଙ୍ଗ ଥାନା ୧୪୯ନଂ. ଜାତୀୟ ରାଜପଥର ପରମହଂସପୁର ଛକ ନିକଟରେ ଗୁରୁବାର ଅପରାହ୍ନରେ ଦୁର୍ଘଟଣା ଘଟି ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦଦରାଘାଟି ଅଞ୍ଚଳର ଟେମ୍ପୋ ଚାଳକ ପାଣ୍ଡବ ସାହୁ, ରାଉରକେଲା ଅଞ୍ଚଳର କାର ଡ୍ରାଇଭର ଅଗସ୍ତି ବେହେରା ଏବଂ ନରହରି ଖାଡ଼ଙ୍ଗା। ନରହରି ଏବଂ ଅଗସ୍ତି କାର୍ (ଓଡ଼ି ୧୪ଇ ୫୭୫୧)ରେ କଟକ ଆସୁଥିବା ବେଳେ ପରମହଂସପୁର ଛକରେ ଚା' ପିଇବାକୁ ଅଟକିଥିଲେ। ଏହି ସମୟରେ ଦଦରାଘାଟି ଫାଣ୍ଡିରୁ ଜବତ ହୋଇଥିବା ପୁରୁଣା ସ୍କୁଟର ଓ ଅନ୍ୟ ସାମଗ୍ରୀ ଧରି ଆସୁଥିବା ଡାଲା ଟମ୍ପୋ (ଓଆର ୧୯ ଇ ୫୯୬୬) ଉଭୟଙ୍କୁ ଧକ୍କା ଦେଇଥିଲା। ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି।



## ■ ମଣ୍ଡି ଖୋଲିବାରେ ଅନିୟମିତତା

# ସମବାୟ ସମିତିରେ ତାଲା ପକାଇଲେ ଚାଷୀ

ଢେଙ୍କାନାଳ ଅଫିସ,୧୦।୧



ଚାଷୀଙ୍କ ରାସ୍ତାରୋକୋ।

ଢେଙ୍କାନାଳ ଜିଲା ସଦର ବ୍ଲକ ବେଲଟିକିରି ସମବାୟ ସମିତି ପକ୍ଷରୁ ଆରମ୍ଭ ହୋଇଥିବା ମଣ୍ଡି ନିର୍ଦ୍ଧାରିତ ଦିବସରେ ଖୋଲୁନାହିଁ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ଶତାଧିକ ଚାଷୀ ଗୁରୁବାର ସମବାୟ ସମିତିରେ ତାଲାପକାଇ ବେଲଟିକିରିଠାରେ ଢେଙ୍କାନାଳ-ଯୋରନ୍ଦା ରାସ୍ତାକୁ ଦୀର୍ଘ ସମୟ ଅବରୋଧ କରିଥିଲେ।

ଯୋଗାଣ ବିଭାଗ ପକ୍ଷରୁ ବେଲଟିକିରି ସମବାୟ ସମିତିରେ ମଣ୍ଡି ଖୋଲାଯାଇଛି। ପ୍ରତି ସପ୍ତାହର ମଙ୍ଗଳବାର ଧାନକ୍ରୟ କରିବାକୁ ଧାର୍ଯ୍ୟ କରାଯାଇଥିଲା। ନିର୍ଦ୍ଧାରିତ ଦୁଇଟି ଦିବସରେ ମିଲର ନ ଆସିବାରୁ ଧାନ କିଣା ବନ୍ଦ ରହିଥିଲା। ଚାଷୀମାନେ ଏହାର ପ୍ରତିବାଦ କରିବା ସତ୍ତ୍ୱେ କେହି ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଅନେକଙ୍କ ଧାନ ବିକ୍ରୟ ହୋଇପାରି ନ ଥିଲା। ସମସ୍ୟା ସମାଧାନ ଦିଗରେ ସମବାୟ ବିଭାଗ ଗୁରୁତ୍ୱ ଦେଉ ନ ଥିବାରୁ ବେଲଟିକିରି, କାଇମାଟି ସମେତ ଆଖପାଖ ଅଞ୍ଚଳର ଚାଷୀମାନେ ଏକାଠି ହୋଇ ରାସ୍ତାରୋକୋ କରିଥିଲେ। ଯୋଗାଣ ବିଭାଗ ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ କାଇମାଟି ପଞ୍ଚାୟତର ବିଭୁପ୍ରସାଦ ଦେହୁରୀ ଓ ଲୋଚାପଲି ଗ୍ରାମର ବାବୁଲି ପରିଡ଼ା କୁହନ୍ତି ଯେ, ନିର୍ଦ୍ଧାରିତ ଦିବସରେ ମଣ୍ଡି ଖୋଲାଯାଉ ନ ଥିବାରୁ ଚାଷୀଙ୍କ ଧାନ ପଡ଼ିରହିଛି। ଏହାର ପ୍ରତିବାଦରେ ରାସ୍ତାରୋକୋ କରାଯାଇଥିଲା।

ଏ ନେଇ ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ଯୋଗାଣ ଅଧିକାରୀ ହାଡ଼ିବନ୍ଧୁ ସେଠୀ କୁହନ୍ତି, ଭାରତ ବନ୍ଦ ଏବଂ ଅନ୍ୟାନ୍ୟ ସମସ୍ୟା କାରଣରୁ ୨ଦିନ ମଣ୍ଡି କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ସମସ୍ୟା ସମାଧାନ କରିବାକୁ ଚଳିତ ସପ୍ତାହର ରବିବାର ଏବଂ ଆଉ ଏକ ଦିବସରେ ମଣ୍ଡି ଖୋଲାଯିବ।



ମଣ୍ଡିରେ ଧାନ ଗଦାହୋଇ ରହିଛି।

## ■ ବ୍ୟବସାୟୀଙ୍କୁ ମାଡ଼ ମାରି ଲୁଟ୍

# ପିସ୍ତଲ ଦେଖାଇ ନେଇଗଲେ ୨.୪୫ଲକ୍ଷ

ଢେଙ୍କାନାଳ ଅଫିସ, ୧୦।୧



ଲୁଟ୍‌ର ଶିକାର ବିଶ୍ୱନାଥ।

ଢେଙ୍କାନାଳ ସହରର ଅନ୍ୟତମ ଜନଗହଳିପୂର୍ଣ୍ଣ ସ୍ଥାନ ଗଜମରା ନିକଟରୁ ସ୍ୱଷ୍ଟ ଦିବାଲୋକରେ ବଡ଼ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତଙ୍କ ଶିକାର ହୋଇଛନ୍ତି କଟକ ଜିଲା ଆଠଗଡ଼ ଥାନା ଗୋଡ଼ିଝରିଆ ଗ୍ରାମର ସିମେଣ୍ଟ ବ୍ୟବସାୟୀ ବିଶ୍ୱନାଥ ସାହୁ (୫୩)। ୨ଜଣ ଯୁବକ ବନ୍ଧୁକ ମୁନରେ ଭୟଭୀତ କରାଇବା ସହ ନିସ୍ଥୁକ ମାଡ଼ ମାରି ତାଙ୍କଠାରୁ ୨ ଲକ୍ଷ ୪୫ ହଜାର ଟଙ୍କା ନେଇଯାଇଛନ୍ତି। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅପରାହ୍ନ ୩ଟା ୫ମିନିଟ୍‌ରେ ବନ୍ଧୁକଧାରୀ ଲୁଟେରାଙ୍କ ଏପରି ଆତଙ୍କ ସହରରେ ଆଲୋଡ଼ନ ଖେଳାଇ ଦେଇଛି।

ବିଶ୍ୱନାଥ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କକୁ ଡିପୋଜିଟ୍ କରିବାକୁ ବାଇକ୍‌ରେ ଆସୁଥିଲେ। ୱାର୍ଡ ନଂ. ୮ ଗଜମରା ନିକଟରେ ଅନ୍ୟ ଏକ ବାଇକ୍‌ରେ ଦୁଇଜଣ ଯୁବକ ଆସି ତାଙ୍କୁ ଅଟକାଇଥିଲେ। ମୁଣ୍ଡରେ ୨ଟି ପିସ୍ତଲ ରଖି ଭୟଭୀତ କରାଇବା ସହ ପିଠିରେ ଝୁଲୁଥିବା ଟଙ୍କା ବ୍ୟାଗ୍ ଛଡ଼ାଇ ନେଇଥିଲେ। ପ୍ରତିବାଦ କରିବାକୁ ସେମାନେ ବିଶ୍ୱନାଥଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ଏହାପରେ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଚମ୍ପଟ ମାରିଥିଲେ। ବିଶ୍ୱନାଥ ଫୋନ କରି ଘଟଣା ସମ୍ପର୍କରେ ପରିବାରକୁ ଜଣାଇବା ପରେ ସମ୍ପର୍କୀୟମାନେ ପହଞ୍ଚି ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

## ■ ଜିଲାସ୍ତରୀୟ ନିଯୁକ୍ତି ମେଳା

# ୧୪୬୨ ଆଶାୟୀ ପଞ୍ଜୀକୃତ




କାମାକ୍ଷାନଗର, ୧୦।୧(ଡି.ଏନ୍.ଏ.)

- ■ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ଚୟନ ହେଲେ ୫୨୭
- ■ପ୍ରଶିକ୍ଷଣ ପରେ ୬୬୪ଜଣଙ୍କୁ ନିଯୁକ୍ତି ଦିଆଯିବ
- ■୧୪୮ ଆଶାୟୀ ନେବେ ଉଦ୍ୟୋଗୀ ପ୍ରଶିକ୍ଷଣ

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ୍‌ରେ ଗୁରୁବାର ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୫୭ଟି ସରକାରୀ ଏବଂ ବେସରକାରୀ ସଂସ୍ଥା ଯୋଗଦେଇ ନିଯୁକ୍ତି ସମ୍ପର୍କିତ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ୧୪୬୨ ଆଶାୟୀ ଯୁବତୀଯୁବକ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୨୭ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ଲାଗି ଚୟନ କରାଯାଇଛି। ସେହିପରି ୬୬୪ଜଣଙ୍କୁ ପ୍ରଶିକ୍ଷଣ ପରେ ନିଯୁକ୍ତି ଦେବାକୁ ସ୍ଥିର କରାଯାଇଛି। ଅନ୍ୟ ୧୪୮ ଜଣଙ୍କୁ ଉଦ୍ୟୋଗୀ ଏବଂ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ସମ୍ମାନିତ ଅତିଥି ଭାବେ ରାଜ୍ୟ ନିୟୋଜନ ନିର୍ଦ୍ଦେଶାଳୟର ସହାୟକ ନିର୍ଦ୍ଦେଶକ ହିମାଂଶୁ ଶେଖର ଲେଙ୍କା, ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଜିଲା କ୍ରୀଡ଼ାଧିକାରୀ ପ୍ରଦୀପ ମହାନ୍ତି, ଶକ୍ତି ସୁଗାର୍ସ ମାନବସମ୍ବଳ ଅଧିକାରୀ ଭବାନୀଶଙ୍କର ବଳ, ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଦେବବ୍ରତ ଜେନା, ବିଡିଓ ଜ୍ୟୋତିଶଙ୍କର ସାହୁ, ତହସିଲଦାର ସୁଧାଂଶୁ ମହାନ୍ତି, ଓରମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାନ୍ତି ଅତିଥି ଭାବେ ଯୋଗଦେଇ ଆଶାୟୀଙ୍କୁ ଉତ୍ସାହିତ କରାଇଥିଲେ। ଜିଲା ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବଳାତ୍କାର ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କା ସହାୟତା

ଢେଙ୍କାନାଳ ଅଫିସ,୧୦।୧

ପରଜଙ୍ଗ ଥାନା ଅଞ୍ଚଳର ବଳାତ୍କାର ପୀଡ଼ିତା ନାବାଳିକାଙ୍କୁ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ୩ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦିଆଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ଗଜେନ୍ଦ୍ର ମହାପାତ୍ର ଉକ୍ତ ସହାୟତା ରାଶି ପ୍ରଦାନ କରିଥିଲେ। ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୧୩ ଜୁନ୍ ୧୫ରେ ସମ୍ପୃକ୍ତା ନାବାଳିକା ଛେଳି ଚରାଇବାକୁ ଯାଇଥିବାବେଳେ ଅଞ୍ଚଳର ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିଲେ। ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବାପରେ ଅଦାଲତ ତାଙ୍କୁ ୭ବର୍ଷ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

### ବାଣ ଫୁଟି ବାଳକ ଗୁରୁତର

କାମାକ୍ଷାନଗର, ୧୦।୧(ଡି.ଏନ୍.ଏ.)

କଙ୍କଡ଼ାହାଡ଼ ବ୍ଲକ ଜରଡ଼ା ଗ୍ରାମରେ ବାଣ ଫୁଟି ବାସୁଦେବ ପ୍ରଧାନଙ୍କ ୪ବର୍ଷର ପୁଅ ହାପି ଗୁରୁତର ହୋଇଛନ୍ତି। ଘର ଆଗରେ ପଡ଼ିଥିବା ଏକ ଅଫୁଟା ବାଣରେ ନିଆଁ ଲଗାଇବାବେଳେ ତାହା ବିସ୍ଫୋରଣ ହୋଇଥିଲା। ଏଥିରେ ତାଙ୍କ ଆଖି, ଡାହାଣ ହାତରେ ଗଭୀର ଅଘାତ ଲାଗିଛି। ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ■ ପୋଖରୀରେ ଫିଙ୍ଗାଯାଇଛି ଜୈବସାର

# ତଦନ୍ତ କରାଯିବ: କୃଷି ଅଧିକାରୀ




କାମାକ୍ଷାନଗର, ୧୦।୧(ଡି.ଏନ୍.ଏ.)

ଚାଷୀ ଏବଂ ଚାଷ କ୍ଷେତ୍ରର ଉନ୍ନତି ଲାଗି କାର୍ଯ୍ୟକାରୀ ହେଉଛି ଅନେକ ଯୋଜନା। ହେଲେ ଏହାର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଇସିଙ୍ଗାରେ। ଗ୍ରାମର ନୂଆସାହି ପୋଖରୀ ହୁଡ଼ା ଏବଂ ପୋଖରୀ ଭିତରେ ଶତାଧିକ ବସ୍ତା ଜୈବସାର ଫିଙ୍ଗାଯାଇଛି। ତେବେ ଏତେ ପରିମାଣର ସାର କିପରି ଆସିଲା, କିଏ ଫିଙ୍ଗିଲା ତାହା ସ୍ପଷ୍ଟ ହୋଇନାହିଁ। ଚାଷୀଙ୍କୁ ସାର ମିଳୁ ନ ଥିବାବେଳେ ପରିତ୍ୟକ୍ତ ଅବସ୍ଥାରେ ଜୈବସାର ଫିଙ୍ଗାଯିବା ଘଟଣାକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦୁଷ୍ମନ୍ତ ସାହୁ, ନକୁଳ ଦାସ, ବିଦ୍ୟାଧର ଦେହୁରୀ ପ୍ରମୁଖ ଦାବି କରିଛନ୍ତି।

ଏ ନେଇ ସହକାରୀ କୃଷି ଅଧିକାରୀ ସନ୍ତୋଷ କୁମାର ତରାଇ କୁହନ୍ତି, ଜୈବସାର ଫିଙ୍ଗାଯିବା ସମ୍ପର୍କରେ ତାଙ୍କ ନିକଟରେ ସୂଚନା ଅଛି। ଚଳିତବର୍ଷ ବିଭାଗକୁ ସାର ଆସିନାହିଁ। ହୁଏତ ବଳିପଡ଼ିଥିବା ପୁରୁଣା ସାରକୁ କେହି ପକାଇ ଦେଇଥାଇ ପାରନ୍ତି। ଏ ନେଇ ଗ୍ରାମର କୃଷି କର୍ମଚାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି।

# ବରିଷ୍ଠ ଆଇନଜୀବୀଙ୍କ ପରଲୋକ

କାମାକ୍ଷାନଗର/ଭୁବନ, ୧୦।୧(ଡି.ଏନ୍.ଏ.)



ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ବରିଷ୍ଠ ଆଇନଜୀବୀ ନାରାୟଣ ସାମଲଙ୍କ (୭୨) ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ପ୍ରାୟ ମାସେ ହେଲା ମସ୍ତିଷ୍କ ସଂକ୍ରମଣରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ।

ବାଲିଗୋରଡ଼ ପଞ୍ଚାୟତ ନୂଆପାଣି ଗ୍ରାମର ନାରାୟଣ ଜଣେ ଦକ୍ଷ ଆଇନଜ୍ଞ ଭାବେ ବିଭିନ୍ନ ସଙ୍ଗଠନ ସହ ଜଡ଼ିତ ଥିଲେ। ଦୀର୍ଘଦିନ ଧରି ସେ କମ୍ୟୁନିଷ୍ଟ ଆନ୍ଦୋଳନରେ ସାମିଲ ହେବା ସହିତ କୃଷକ ନେତା ଭାବେ ଚାଷୀଙ୍କ ସହ ମିଶି ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। ଏତଦ୍‌ବ୍ୟତୀତ ସେ ବହୁ ବର୍ଷ ଧରି କାମାକ୍ଷାନଗର ଓକିଲ ସଂଘର ସଭାପତି ପଦବୀରେ ରହିଥିଲେ। ତାଙ୍କ ମରଶରୀର କାମାକ୍ଷାନଗରରେ ପହଞ୍ଚିବାପରେ ବିରାଟ ପଟୁଆରରେ ନଗର ପରିକ୍ରମା କରାଯାଇଥିଲା। ଏହାପରେ ଶବାଧାରକୁ ଓକିଲ ସଂଘ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକ, ବିଚାର ବିଭାଗର ଅଧିକାରୀ, ଓକିଲ ସଂଘର କର୍ମକର୍ତ୍ତା ଏବଂ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ପୈତୃକ ଗ୍ରାମରେ ତାଙ୍କର ଶେଷକୃତ୍ୟ କରାଯାଇଛି। ଅନ୍ତିମ ସମୟରେ ପରିବାର ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ନାରାୟଣଙ୍କ ସ୍ମୃତିରେ ଗୁରୁବାର ଏବଂ ଶୁକ୍ରବାର କୋର୍ଟ କାର୍ଯ୍ୟ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସେହିପରି ଆଇନଜୀବୀ ନାରାୟଣଙ୍କ ବିୟୋଗରେ ଗୁରୁବାର ଭୁବନ ଓକିଲ ସଂଘ ପକ୍ଷରୁ ଶୋକବ୍ୟକ୍ତ କରାଯିବା ସହ କୋର୍ଟ କାର୍ଯ୍ୟ ବନ୍ଦ ରହିଥିଲା। ଏହି ଅବସରରେ ଆୟୋଜିତ ଶୋକସଭାରେ ସନାତନ ଗୁରୁ, ରବୀନ୍ଦ୍ର ଦାସ, ବାବୁଲି ସେଠୀ, ଶ୍ରୀକାନ୍ତ ସାହୁ, ପ୍ରହଲ୍ଲାଦ ସାହୁ, ଅଜୟ ଥାଟୋଇ, ସରକାରୀ ଓକିଲ ମହେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ବାଲି ବୋଝେଇ ଟ୍ରାକ୍ଟର ଜବତ

ପରଜଙ୍ଗ, ୧୦।୧(ଡି.ଏନ.ଏ.)

ପରଜଙ୍ଗ ବ୍ଲକ କୁଆଲୋ ରାଜସ୍ୱ ସର୍କଲ ଅଧୀନ ପରମହଂସପୁର ଛକ ନିକଟରୁ ଗୁରୁବାର ପୂର୍ବାହ୍ନରେ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ପରେ ଗାଡ଼ିକୁ ଛାଡ଼ି ଦିଆଯାଇଛି। ଟ୍ରାକ୍ଟରରେ ବାଲି ଚାଲାଣ ବେଳେ ତହସିଲ ଅଧିକାରୀମାନେ ଧରିଥିଲେ। ଯାଞ୍ଚବେଳେ ଚାଲାଣ ଦେଖାଇ ନ ପାରିବାରୁ ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି।

### ୧୨ରେ ଜିଲାସ୍ତରୀୟ ଲୋକ ଅଦାଲତ

ଢେଙ୍କାନାଳ ଅଫିସ,୧୦।୧

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଢେଙ୍କାନାଳ ସିଭିଲକୋର୍ଟ ପରିସରରେ ଜାନୁୟାରୀ ୧୨ରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଠାରେ ବିଚାରାଧୀନ ମାମଲା, ପୁରୁଣା ବିବାଦଗୁଡ଼ିକୁ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରାଯିବ। ପୂର୍ବାହ୍ନ ୧୦ଟା ସୁଦ୍ଧା ଅଭିଯୋଗକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁଫଳ ନେବାକୁ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

## ■ ରାଜମୋହନପୁର ନାବାଳିକା ହତ୍ୟା ମାମଲା

# କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

ହିନ୍ଦୋଳ,୧୦।୧(ଡି.ଏନ.ଏ.)



ହିନ୍ଦୋଳ ଏନ୍‌ଏସି ୱାର୍ଡ ନଂ.୧୩ ରାଜମୋହନପୁର ଗ୍ରାମର ନାବାଳିକା ହତ୍ୟା ମାମଲାକୁ ୧୫ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ପାରିନାହିଁ। ଏହାର ପ୍ରତିବାଦରେ ଗୁରୁବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି ଅଞ୍ଚଳବାସୀ। ପୋଲିସ ଅବହେଳା ବିରୋଧରେ ସେମାନେ ନଗର ପରିକ୍ରମା କରିବା ସହିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏପରି ସମ୍ବେଦନଶୀଳ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ପରିବାର ପକ୍ଷରୁ ଦାବି ହୋଇଛି।

ଉଲ୍ଲେଖଯୋଗ୍ୟ, ଡିସେମ୍ବର ୨୩ରେ କେଶବ ବେହେରାଙ୍କ ଝିଅ ସୋନାଲି (୧୨) ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଘଟଣାର ୩ଦିନ ପରେ ସୋନାଲିଙ୍କ ମୃତଦେହ ଗ୍ରାମଠାରୁ ୩ କିମି ଦୂର ଗୋଠମୁଣ୍ଡିଆ ପାହାଡ଼ରୁ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ ଦାବିକରି ଉକ୍ତଦିନ ମଧ୍ୟରାତ୍ର ଯାଏ ରାସ୍ତାରୋକୋ କରିଥିଲେ ଗ୍ରାମବାସୀ। ପୋଲିସଠାରୁ ନିର୍ଭର ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ହଟିଥିଲା। ହେଲେ ଏ ଯାଏ କେହି ଗିରଫ ହୋଇ ନ ଥିବାରୁ ପୋଲିସ ଉପରୁ ଭରସା ତୁଟାଇ ଦେଇଛନ୍ତି ଗ୍ରାମବାସୀ। ଫଳସ୍ୱରୂପ ଗୁରୁବାର ରାଜମୋହନପୁର, ମଙ୍ଗଳପୁର, ବଡ଼ଗୋଳ, ତଣ୍ଟିଚିରା, ସରାସିଂହ, ଦେବାହାଳି, ସିଙ୍ଗୋଳ ଅଞ୍ଚଳର ଶତାଧିକ ଗ୍ରାମବାସୀ ବନମାଳୀପୁରଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହାପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ସୋନାଲିଙ୍କୁ ବଳାତ୍କାର ପରେ ପ୍ରମାଣ ନଷ୍ଟ କରିବାକୁ ଅମାନୁଷିକ ଭାବେ ହତ୍ୟା କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ସହକାରୀ ଜିଲାପାଳ ଗଜାନନ ପ୍ରଧାନଙ୍କୁ ଦାବିପତ୍ର ଦେଇଥିଲେ। ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ସହକାରୀ ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ପରମାନନ୍ଦ ପ୍ରଧାନ, ଦେବରାଜ ବେହେରା, ସଦାନନ୍ଦ ସାହୁ, ବିରଞ୍ଚି ନାୟକ, ସନ୍ତୋଷ ବେହେରା, ସୁଶାନ୍ତ ଭୂତିଆ, ଅଜୟ ଦାସ, ଭାସ୍କର ନାୟକ, ଅନାଦି ବେହେରା, ଲକ୍ଷ୍ମୀଧର ବିଶ୍ୱାଳ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ସଂକ୍ଷେପରେ

### କାଳିଆ ଯୋଜନା ସବୁଜ ଫର୍ମର ନକଲ ମଧ୍ୟ ବ୍ୟବହାର ହୋଇପାରିବ

**ଭୁବନେଶ୍ୱର,୧୦ା୧(ବ୍ୟୁରୋ):** ରାଜ୍ୟର ଚାଷୀମାନେ କାଳିଆ ଯୋଜନାରେ ସାମିଲହେବା ପାଇଁ ସବୁଜ ଫର୍ମର ବ୍ୟବହାର କରନ୍ତୁ। ଯଦି ଏହି ଫର୍ମ ଉପଲବ୍ଧ ହେଉନାହିଁ, ତେବେ ଏହାର ନକଲକୁ ବ୍ୟବହାର କରନ୍ତୁ। ରାଜ୍ୟ ସରକାରଙ୍କ ଦ୍ୱାରା କାଳିଆ ଯୋଜନା ସମ୍ପର୍କିତ ବିଭିନ୍ନ ଖବରକାଗଜରେ ଦିଆଯାଉଥିବା ସବୁଜ ଫର୍ମ ନକଲକୁ ବ୍ୟବହାରକରି ମଧ ଆବେଦନ କରାଯାଇପାରିବ। ସରକାରଙ୍କ ପକ୍ଷରୁ ଗୁରୁବାର ଏହି ଘୋଷଣା କରାଯାଇଛି। ଚିଠା ତାଲିକାରେ ନିଜ ନାମକୁ ସଂଯୋଗ କରିବା ପାଇଁ ଆବଶ୍ୟକ ସବୁଜ ଫର୍ମ ସବୁ ଗ୍ରାମପଞ୍ଚାୟତରେ ଉପଲବ୍ଧ ହେଉଛି। ସବୁଜ ଫର୍ମ ପାଇଁ କୌଣସି ମଧ୍ୟସ୍ଥଙ୍କ ସାହାଯ୍ୟ କିମ୍ବା ଅର୍ଥ ନ ଦେବା ପାଇଁ ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି www.kalia.co.in ୱେବ୍‌ସାଇଟ୍‌ରୁ ଉପଲବ୍ଧ ଫର୍ମକୁ ଡାଉନଲୋଡ୍ କରି ମଧ ଆବେଦନ କରାଯାଇପାରିବ। ଏହି ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିବା ପାଇଁ ମଧ ବ୍ୟବସ୍ଥା କରାଯାଇଛି। ଚାଷୀ ୦୮୦୬୧୧୭୪୨୨୨କୁ ମିସ୍‌ଡ କଲ୍ କରି ନିଜ ନାମ ପଞ୍ଜୀକରଣ କରିପାରିବେ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨.୫୭ ଲକ୍ଷ କୃଷକ ଯୋଗଦାନ କରିସାରିଲେଣି। କାଳିଆ ଯୋଜନା ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ୧୯,୫୩,୦୦୦ରୁ ଅଧିକ ବାର୍ତ୍ତା ଫୋନ୍ ମାଧ୍ୟମରେ ପ୍ରେରଣ କରାଯାଇଛି। ଏଥିସହିତ ଏବେ ସୁଦ୍ଧା ପ୍ରାୟ ୩,୧୨,୦୦୦ ଲୋକ କାଳିଆ ଯୋଜନା ସମ୍ପର୍କିତ ୱେବ୍‌ସାଇଟ୍‌କୁ ବ୍ୟବହାରକରି ଉପକୃତ ହୋଇପାରିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଶିକାରୀ ମୃତ ଘଟଣା
### ୩ ଅଭିଯୁକ୍ତ କୋର୍ଟଚାଲାଣ

**ବନ୍ତଲା, ୧୦ା୧(ଡି.ଏନ.ଏ.):** ଅନୁଗୋଳ ଜିଲା ପୁରୁଣାକୋଟ ଥାନା ବାଘମୁଣ୍ଡା ସେକ୍ସନ ହିଂସାଲୋଇ ଗ୍ରାମ୍ୟ ପ୍ଲାଣ୍ଟେଶନରେ ସୋମବାର ରାତିରେ ବନ୍ୟଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ଫାଶ ବସାଉଥିବା ସମୟରେ ଶିକାରୀ ଲକ୍ଷ୍ମଣପୁର ଗ୍ରାମର ବରୁଣ ଜେନାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ବରୁଣଙ୍କ ୩ ସହଯୋଗୀ ନିଶା ଶିଳ୍ପାଞ୍ଚଳ ଥାନା ରାଇଝରଣ ଗ୍ରାମର ଟୁନା ପଧାନ, ପୁରୁଣାକୋଟ ଥାନା ପୁପୁଣ୍ଡା ଗ୍ରାମର ସୌରା ପଧାନ ଓ ଲକ୍ଷ୍ମଣପୁର ଗ୍ରାମର ବିଜୁ ନାଏକଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ବରୁଣଙ୍କ ସ୍ତ୍ରୀ ଜାନକୀଙ୍କ ଅଭିଯୋଗ କ୍ରମେ ପୋଲିସ ନଂ.୧/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ବ୍ୟବସାୟୀ ସଂଘ ବୈଠକ

**ବଇଣ୍ଡା,୧୦ା୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ବିନିକେଇ ନିକଟରେ ବଇଣ୍ଡା ଅଞ୍ଚଳର ବିନିକେଇ କଂସା ପିତ୍ତଳ ବଣିକ ସଂଘ ପକ୍ଷରୁ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପସଭାପତି ପ୍ରମୋଦ କୁମାର ସାହୁ, ସମ୍ପାଦକ ଟୁକୁନା ଦାସ, ଅନିଲ କୁମାର ସାହୁ, ନିରାକାର ସାହୁ, ସୁରେଶ ସାହୁ, କାମାକ୍ଷା ଦାସ, ଶଙ୍କର୍ଷଣ ସାହୁ, ମୁନା ସାହୁ, ମିଟୁଚରଣ ସାହୁ, ବିଷ୍ଣୁଚରଣ ସାହୁଙ୍କ ସମେତ ବହୁ ବ୍ୟବସାୟୀ ଯୋଗ ଦେଇଥିଲେ। ପରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ଟ୍ୟାକ୍ସି ଡ୍ରାଇଭରଙ୍କ ସମସ୍ୟା ଉପରେ ଆଲୋଚନା

**ତାଳଚେର,୧୦ା୧(ନି.ପ୍ର.):** ତାଳଚେର ବ୍ଲକର ସାଉଥବଲଣ୍ଡାସ୍ଥିତ ମାଟିଗଦା ପାର୍କ ନିକଟରେ ତାରିଣୀ ଟ୍ୟାକ୍ସି ଡ୍ରାଇଭରଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମନୋଜ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ସଦସ୍ୟ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗାଡି ମାଲିକ ଡ୍ରାଇଭରଙ୍କ ଦରମା ବଢାଇବା, ଦୁର୍ଘଟଣାରେ ମୃତ୍ୟୁ କିମ୍ବା ଆହତ ହେଲେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଯିବା ଆଦି ପାଇଁ ଦାବି ହୋଇଥିଲା। ଏଥିସହ ଓଡ଼ିଶା ମୋଟର ଭେଇକିଲ ଡ୍ରାଫ୍ଟ ରୋଲ ୨୦୧୮ରେ ଆସୁଥିବା ନୂତନ ନିୟମକୁ ସଂଘ ସ୍ୱାଗତ କରିଥିଲା। ସଂଘର ମୁଖ୍ୟ ଉପଦେଷ୍ଟା ରିସ୍ମାମଞ୍ଜରୀ ସାହୁ, ସମ୍ପାଦକ ରଞ୍ଜନ କୁମାର ସାହୁ ଯୋଗ ଦେଇଥିଲେ। ତ୍ରିପୁର ସାହୁ ଧନ୍ୟବାଦ ଦେଇଥିଲେ। ବାନାମ୍ବର ସାହୁ, ରଞ୍ଜନ ସାହୁ, ଛକଡି ସାହୁ, ଟୁକୁନା ସାହୁ, ରାଜୁ ସାହୁଙ୍କ ବହୁ ସଦସ୍ୟ ଉପସ୍ଥିତ ଥିଲେ।

■ କାର୍ଯ୍ୟରେ ଯୋଗଦେବାରେ ହେଉଥିବା ବିଳମ୍ବର ପ୍ରତିବାଦ

# ରାସ୍ତାରେ ବସିଲେ ଶିକ୍ଷୟିତ୍ରୀ

**ଅନୁଗୋଳ ଅଫିସ, ୧୦ା୧**


ଶିକ୍ଷୟିତ୍ରୀ ରାସ୍ତାରେ ବସି ପ୍ରତିବାଦ କରୁଛନ୍ତି।

ଅନୁଗୋଳ ଶିଳ୍ପାଞ୍ଚଳ ପ୍ରାଥମିକ ସ୍କୁଲରେ ଯୋଗଦେବାକୁ ସରକାରୀ ନିର୍ଦ୍ଦେଶ ଥିଲେ ବି ଅଭିଭାବକଙ୍କ ବିରୋଧ ଯୋଗୁ ସେଠାରେ ଜଏନ୍ କରିପାରୁ ନ ଥିବା ଶିକ୍ଷୟିତ୍ରୀ ଅନୁପମା ବିଶ୍ୱାଳ ଗୁରୁବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ତାଙ୍କୁ ନ ପାଇବାରୁ ରାସ୍ତା ଉପରେ ବସି ପ୍ରତିବାଦ କରିଥିଲେ। ଦୀର୍ଘ ସାଢ଼େ ୪ ଘଣ୍ଟା ଧରି ସେ ବସ୍‌ଷ୍ଟାଣ୍ଡ ସମ୍ମୁଖ ରାସ୍ତାରେ ବସି ରହିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ହେଲେ କୌଣସି ଅଧିକାରୀ ତାଙ୍କ ନିକଟକୁ ଆସି ନ ଥିବା ବେଳେ ସେହି ରାସ୍ତାରେ ଯାଉଥିବା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଘଟଣାରେ ହସ୍ତକ୍ଷେପ କରିବା ପରେ ଶିକ୍ଷୟିତ୍ରୀ ବିଶ୍ୱାଳ ରାସ୍ତା ଉପରୁ ହଟିଥିଲେ।

ପ୍ରକାଶ ଯେ, ଅତୀତରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜଣେ କିରାଣିଙ୍କୁ ମାଡ଼ ମାରି ବିବାଦୀୟ ହୋଇପଡ଼ିଥିବା ଶିକ୍ଷୟିତ୍ରୀ ବିଶ୍ୱାଳଙ୍କୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟ କୌଣସି ଏକ ସ୍କୁଲରେ ଥଇଥାନ କରିବାକୁ ଗତ ଡିସେମ୍ବରରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ଆସିଥିଲା। ଉକ୍ତ ଚିଠି ଆଧାରରେ ଡିଇଓ ସଚ୍ଚିଦାନନ୍ଦ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ବିଇଓ ଲୋପାମୁଦ୍ରା ପଟ୍ଟନାୟକ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଶିଳ୍ପାଞ୍ଚଳ ପ୍ରାଥମିକ ସ୍କୁଲରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗତ ସୋମବାର ସେଠାରେ ମଧ ବିବାଦ ଓ ବିରୋଧ ଯୋଗୁ ସେ ଜଏନ୍ କରିପାରି ନ ଥିଲେ। ଏହାପରେ ବ୍ଲକ ଶିକ୍ଷା ଅଧିକାରୀ ଆଜି ଶିକ୍ଷୟିତ୍ରୀ ବିଶ୍ୱାଳଙ୍କୁ କାର୍ଯ୍ୟାଳୟକୁ ଡାକିଥିଲେ। ତେବେ ବିଭିନ୍ନ ବୈଠକ ଥିବାରୁ କାର୍ଯ୍ୟାଳୟକୁ ଆସିବାରେ ବିଇଓଙ୍କ ବିଳମ୍ବ ହୋଇଥିଲା। ଏହାର ପ୍ରତିବାଦ କରି କାର୍ଯ୍ୟାଳୟରେ ଅଧଘଣ୍ଟା ଅପେକ୍ଷା କରିଥିବା ଶିକ୍ଷୟିତ୍ରୀ ବିଶ୍ୱାଳ ପ୍ରଥମେ ଫାଟକ ଓ ପରେ ରାସ୍ତା ଉପରେ ବସିଯାଇଥିଲେ। ଏ ସମ୍ପର୍କରେ ଡିଇଓ ବେହେରା କହିଛନ୍ତି, ଶିକ୍ଷୟିତ୍ରୀଙ୍କ ବ୍ୟବହାର ଓ ବିବାଦ ସମ୍ପର୍କରେ ପୂର୍ବରୁ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଏବେ ପୁଣି ଯେଉଁ ସମସ୍ୟା ଉପୁଜିଛି ସେ ନେଇ ମଧ ଜଣାଇ ଦିଆଯିବ।

## ଉଦ୍ୟୋଗ ସଚେତନତା ଉପରେ ଆଲୋଚନାଚକ୍ର

**ଅନୁଗୋଳ ଅଫିସ, ୧୦ା୧**

ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଓ ଏମ୍‌କମ୍ ବିଭାଗ ସହ ଅନୁଗୋଳ ଜିଲା ଶିଳ୍ପୋଦ୍ୟୋଗ ସହଭାଗିତାରେ ଉଦ୍ୟୋଗ ସଚେତନତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲା ଶିଳ୍ପ କେନ୍ଦ୍ରର ଜିଏମ୍ ଗଗନ ବିହାରୀ ନାଏକ ଯୋଗଦେଇ ଆତ୍ମନିର୍ଭରଶୀଳତା ଓ ସରକାରୀ ଯୋଜନା ମାଧ୍ୟମରେ ଜିଲା ଶିଳ୍ପକେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଆର୍‌ଏସ୍‌ଇଟିଆଇର ନିର୍ଦ୍ଦେଶକ ପ୍ରମୋଦ ପାତ୍ର, ଅନୁଗୋଳ ଏସ୍‌ବିଆଇ କ୍ଷେତ୍ରୀୟ ପ୍ରବନ୍ଧକ ପ୍ରଫୁଲ୍ଲ କୁମାର ଜେନା ଉପସ୍ଥିତ ରହି ବ୍ୟାଙ୍କ ଋଣ କିପରି ସହଜରେ ଉପଲବ୍ଧ ହୋଇପାରିବ ସେ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ସୋମେଶଦତ୍ତ ଦାଶ ଉଦ୍ୟୋଗୀକରଣ ଉପରେ ବିବରଣୀ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଦୀପକ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଡିଆଇସିର ଏଏମ୍ ଶିବାଶିଷ କାନୁନ୍‌ଗୋ, ମଧୁଛନ୍ଦା ଦାଶ, ଏମ୍‌ବିଏ ବିଭାଗର ସମସ୍ତ ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

■ପିଏନ୍‌ଡିଟି ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ

## ଶିଶୁକନ୍ୟାଙ୍କ ଗୁରୁତ୍ୱ ଜଣାଇବାକୁ 'ସେଲ୍‌ଫି' ପୁରସ୍କାର

**ଅନୁଗୋଳ ଅଫିସ, ୧୦ା୧**

ଅନୁଗୋଳ ଜିଲାରେ ଥିବା ବିଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନିକ ଓ ନର୍ସିଂହୋମରେ ପିଏନ୍‌ଡିଟି ଆଇନକୁ କଡ଼ାକଡ଼ି ପାଳନ କରିବାକୁ ଜିଲାପାଳଙ୍କ ଅଧକ୍ଷତାରେ ମଙ୍ଗଳବାର ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାରେ ବେଆଇନ ଲିଙ୍ଗ ନିରୂପଣ ହେଉଥିବା କ୍ଲିନିକ ଗୁଡ଼ିକରେ ସାମାଜିକ କର୍ମୀମାନେ ଷ୍ଟିଙ୍ଗ ଅପରେଶନ କରିବାକୁ ବୈଠକରେ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ଜିଲା ଖଣିଜ ପାଣ୍ଠିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ପାଇଁ ନିଯୁକ୍ତି ପାଇଥିବା ଡାକ୍ତର ଖୁବ୍‌ଶୀଘ୍ର କାର୍ଯ୍ୟରେ ଯୋଗଦେବେ ବୋଲି ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପିସିଆଣ୍ଡପିଏନ୍‌ଡିଟିର ସହକାରୀ ପରିଚାଳକ ପର୍ଶୁରାମ ପଣ୍ଡା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିଶୁ କନ୍ୟାମାନଙ୍କ ଗୁରୁତ୍ୱକୁ ନେଇ ସଚେତନତା ସୃଷ୍ଟି ନିମନ୍ତେ ୮ ହଜାର ୪୧ ଜଣ ନବଜାତ ଶିଶୁ କନ୍ୟା ଓ ସେମାନଙ୍କ ମା'ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟ ୧୨ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ସମ୍ବର୍ଦ୍ଧିତ କରାଯାଇଛି। ସେହିଭଳି ବିଜୁ କନ୍ୟାରତ୍ନ ଯୋଜନାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୬୦ ଜଣ ଝିଅଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆସନ୍ତା ଜିଲା ମହୋତ୍ସବରେ ଶିଶୁକନ୍ୟାଙ୍କ ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଏକ ସେଲ୍‌ଫି ଷ୍ଟାଣ୍ଡ ପ୍ରତିଷ୍ଠା କରାଯିବ। ଝିଅମାନଙ୍କ ସହିତ ସେମାନଙ୍କ ମାତାପିତା ଏଠାରେ ଫଟୋ ଉଠାଇ ପାରିବେ। 'ମୋ କନ୍ୟା ପାଇଁ ମୁଁ ଗର୍ବିତ'କୁ ନେଇ ଶ୍ରେଷ୍ଠ ସେଲ୍‌ଫି ଫଟୋ ଚୟନ କରାଯାଇ ପୁରସ୍କୃତ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଆସନ୍ତା ୧୮ରୁ ୨୪ ତାରିଖ ମଧ୍ୟରେ ପାଳନ ହେଉଥିବା ଜାତୀୟ ଶିଶୁ କନ୍ୟା ସପ୍ତାହ ଉପଲକ୍ଷେ ସଚେତନତା ରଥ ପ୍ରତ୍ୟେକ ବ୍ଲକ ପରିକ୍ରମା କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ (ମେଡିକାଲ) ଡା. ଲକ୍ଷ୍ମୀ ନାରାୟଣ ବିଶୋଇ, ଅନୁଗୋଳ ପୌରପାଳିକାର ପୂର୍ବତନ ଅଧକ୍ଷା ସୁକାନ୍ତି ଦାସ, ନାରୀ ସୁରକ୍ଷା ସମିତି ସମ୍ପାଦିକା ସ୍ମିତା ପଟ୍ଟନାୟକ, ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ରଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ଲୋକକଳାର ବିକାଶ କରେ ମହୋତ୍ସବ



**ଆଠମଲ୍ଲିକ, ୧୦ା୧(ଡି.ଏନ.ଏ.)**

ଅନୁଗୋଳ ଜିଲା ମହୋତ୍ସବ ଉପଲକ୍ଷେ ଗୁରୁବାର ଆଠମଲ୍ଲିକ ଏନ୍‌ଏସି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଲୋକକଳାର ବିକାଶ ପାଇଁ ମହୋତ୍ସବର ଆୟୋଜନ ହୋଇଥାଏ। ଆଠମଲ୍ଲିକର ଲୋକକଳା ସର୍ବଭାରତୀୟ ସ୍ତରରେ ପ୍ରଶଂସିତ ହୋଇ ପୁରସ୍କୃତ ହୋଇପାରିଛି। ତହସିଲଦାର ବାସୁଦେବ ମହାପାତ୍ର, ବିଡିଓ ରାହାସ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାବା ଧବଳେଶ୍ୱର ଦଣ୍ଡନୃତ୍ୟ ସଂଘ, ମା' ମାହେଶ୍ୱରୀ ପାଲା ସଂଘ, ରାଜିଙ୍ଗ ଶରଣ ବିଶ୍ୱାଳ ଓ ସାଥିଙ୍କ ପାଲା ସଂଘ, ଲକ୍ଷ୍ମୀନାରାୟଣ ସଂକୀର୍ତ୍ତନ ସଂଘ, ନଅଗାଁର ବିଭୀଷଣ ସାହୁ ଓ ଦଳ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବାବା ଧବଳେଶ୍ୱର ଦଣ୍ଡନୃତ୍ୟ ସଂଘକୁ ଶ୍ରେଷ୍ଠ ବିବେଚିତ କରାଯାଇ ଜିଲା ମହୋତ୍ସବରେ ଭାଗ ନେବା ପାଇଁ ଚୟନ କରାଗଲା। ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଦିଲୀପ କୁମାର ସିଂହ ସାମନ୍ତ, ଗୋଷ୍ଠୀ ସଂଗଠିକା ପ୍ରୀତିନନ୍ଦା ପ୍ରଧାନ, ସୁଲେମାନ ଖାଁ, ଘନଶ୍ୟାମ ତ୍ରିପାଠୀ, ସୁବାଶିଷ ସାହୁ, ରମେଶ ଚନ୍ଦ୍ର ସିଂହ, ସୁଜାତା ରାଉତ, ଶତ୍ରୁଘନ ପରିଛା, ଦେବବ୍ରତ ରଥ, ପୁନେନ୍ଦୁ ପ୍ରଧାନ, ରମାକାନ୍ତ ବିଶ୍ୱାଳ, ଗୌରୀଶଙ୍କର ଥାଟ୍ଟି, ଅଚ୍ୟୁତାନନ୍ଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଛେଳି ଚୋରି କରି ଗଣିଲେ ୧୦ ହଜାର

**ବଅଁରପାଳ, ୧୦ା୧(ଡି.ଏନ.ଏ.)**

ଅନୁଗୋଳ ଜିଲା ନାଲକୋ ଆଦର୍ଶ ଥାନା ଅଞ୍ଚଳରୁ ଏକ ଛେଳି ଚୋରି କରି ଅଭିଯୁକ୍ତଙ୍କୁ ୧୦ ହଜାର ଜରିମାନା ଦେବାକୁ ପଡିଛି। ଘଟଣାରୁ ଜଣାପଡିଛି, କୁରୁଡୁଲୁ ଗ୍ରାମର ଦୁଇ ଜଣ ବ୍ୟକ୍ତି ଧଡ଼ାମୁଣ୍ଡା ହଟିଂରୁ ସୁରେନଙ୍କ ଏକ ଛେଳି ଚୋରି କରୁଥିବାବେଳେ ଲୋକଙ୍କ ହାବୁଡ଼ରେ ପଡିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଖସି ଯାଇଥିବାବେଳେ ଅନ୍ୟଜଣଙ୍କୁ ହଟିଂ ବାସୀ ଥାନାକୁ ନେଇ ଅଭିଯୋଗ କରିଥିଲେ। ପୋଲିସ ଉପସ୍ଥିତିରେ ଘଟଣାର ଆପୋଷ ସମାଧାନ ହେବା ସହ ଚୋରି କରିଥିବା ବ୍ୟକ୍ତି ଛେଳି ମାଲିକଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେଇଥିଲେ। ଏହାପରେ ଅଭିଯୁକ୍ତଙ୍କୁ ଛଡାଯାଇଥିଲା।

## ଉନ୍ନୟନମୂଳକ କାର୍ଯ୍ୟର ଭୂମିପୂଜା


ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ଏମ୍‌ପିଙ୍କ ପ୍ରତିନିଧିଙ୍କ ସହ ଦଳୀୟ କର୍ମୀ ଓ ଅଞ୍ଚଳବାସୀ।

**ଅନୁଗୋଳ ଅଫିସ, ୧୦ା୧**

ଅନୁଗୋଳ ବ୍ଲକ ରନ୍ତଲେଇ ପଞ୍ଚାୟତ ମୂଷାପାପୁଲି, କର୍ଣ୍ଣପୁର ଓ ଚନ୍ଦ୍ରବାହଳ ପଞ୍ଚାୟତରେ ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାସ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଭୂମି ପୂଜନ କରିଛନ୍ତି। ବିଜୁ ଯୁବବାହିନୀ ସଭାପତି ମାନସ ରଞ୍ଜନ ପ୍ରଧାନ ଓ ରନ୍ତଲେଇ ପଞ୍ଚାୟତ ସମିତି ସଭ୍ୟ ସୁଜିତ ସାହୁଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଏମ୍‌ପିଙ୍କ ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଦାସ୍ ପ୍ରସ୍ତାବିତ ଗୋପବନ୍ଧୁ ଗ୍ରାମୀଣ ଯୋଜନା ଅନ୍ତର୍ଗତ ମୂଷାପାପୁଲି-ବଡ଼ଦାଣ୍ଡ ଛକ କଂକ୍ରିଟ ରାସ୍ତା ଓ ଚନ୍ଦ୍ରବାହଳ ଯାତ୍ରା ପଡିଆ ଠାରୁ ଅଲେଖ ମଠ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା, ଚନ୍ଦ୍ରବାହାଳ ସ୍କୁଲ ପାଚେରି ନିର୍ମାଣ ଓ କର୍ଣ୍ଣପୁର ଅଙ୍ଗନୱାଡି କେନ୍ଦ୍ର ପାଚେରି ନିର୍ମାଣର ଭୂମିପୂଜା କରିଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ, ଅନୁଗୋଳ ବ୍ଲକ ଉପାଧକ୍ଷା ମମତା ପ୍ରଧାନ, ଯୁବ ବିଜେଡି ଜିଲା ସମ୍ପାଦକ ଜିତେନ୍ଦ୍ର ସାହୁ, ବିଜୁ ଯୁବ ବାହିନୀ ସମ୍ପାଦକ ରଥ ରାଉତ, ମାନସ ରଞ୍ଜନ ଦେହୁରୀ, ରାଜେଶ ରାଉତ, ପ୍ରମୋଦ ପ୍ରଧାନ, ସୁଶିତ ସାହୁ, ବସନ୍ତ ପ୍ରଧାନ, ବଳରାମ ଜେନା, ଜୀବନ ସାହୁ, ବାପିଲାଲ ପ୍ରଧାନ, ଗୋପା ସାହୁ, ଅରବିନ୍ଦ ବେହେରା, ସରୋଜ ସାହୁ, ଦୀନେଶ ସେଠୀ, ସିଲୁ ସାହୁ, କାହ୍ନା ସାହୁ, ଜିତୁ ସାହୁ, ଲୁଲୁ ସାହୁ, ଅବିନାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସୃଜନିକା-୨୦୧୯ ଉଦ୍‌ଘାଟିତ



**ତାଳଚେର,୧୦ା୧(ନି.ପ୍ର.)**

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ତାଳଚେର କଳା, ସାହିତ୍ୟ, ସଂସ୍କୃତି ପରିଷଦର ସୃଜନିକା-୨୦୧୯ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ତାଳଚେର ଅଞ୍ଚଳର ସାହିତ୍ୟ, ସଂସ୍କୃତିର ପୁନରୁଦ୍ଧାର ସହ ଏହାର ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦେବୀ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ମହାବିଦ୍ୟାଳୟ ଅଧକ୍ଷ ବସନ୍ତ କୁମାର ସାହୁ ଯୋଗ ଦେଇଥିଲେ। ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସ୍ମରଣିକା ଜନନୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ସଭାପତି ଡ. ପ୍ରଶାନ୍ତ କୁମାର ରଥ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଦୀପକ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ସହ ସମ୍ପାଦକ ଉପେନ୍ଦ୍ର ପରିଡା ଧନ୍ୟବାଦ ଦେଇଥିଲେ। ପରେ ମହାବିଦ୍ୟାଳୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ପୁଷ୍ପ ପ୍ରଦର୍ଶନୀ ସଚେତନତା ଆଣିପାରିବ

**ଅନୁଗୋଳ ଅଫିସ, ୧୦ା୧**

ଅନୁଗୋଳ ମିଶ୍ରପଡ଼ା ସ୍ଥିତ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଠାରେ ଗ୍ରୀନ୍ ଅନୁଗୋଳ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏପରି ପୁଷ୍ପ ପ୍ରଦର୍ଶନୀ ପରିବେଶ ସୁରକ୍ଷା ପାଇଁ ସଚେତନତା ଆଣିପାରିବ। ଏଣୁ ଯୁବପିଢ଼ି ବୃକ୍ଷରୋପଣ କରିବା ଉଚିତ ବୋଲି ଜିଲାପାଳ କହିଥିଲେ। ଏହି ଉଦ୍‌ଯାପନୀ ସମାରୋହରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ଛାତ୍ରୀ ଏବଂ ପ୍ରଦର୍ଶନୀରେ ଭାଗ ନେଇଥିବା ନର୍ସରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପଦ୍ମଲୋଚନ ଦାଶ, ଡା. ଦେବାଶିଷ ପ୍ରଧାନ, ଦେବାଶିଷ ପଟ୍ଟନାୟକ, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ।

## ପଞ୍ଚାୟତସ୍ତରୀୟ ସମ୍ମିଳନୀ

**ଅନୁଗୋଳ ଅଫିସ, ୧୦ା୧**

ଅନୁଗୋଳ ବ୍ଲକ ବଡ଼କନ୍ତକୁଳ ପଞ୍ଚାୟତସ୍ତରୀୟ ଭାଜପା ସମ୍ମିଳନୀ ମଣ୍ଡଳ ଉପସଭାପତି ଜଳଧର ବିଶ୍ୱାଳଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଅମୂଲ୍ୟ ପ୍ରଧାନଙ୍କ ଅଧକ୍ଷତାରେ ଏହି ସମ୍ମିଳନୀରେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରଭାରୀ ଯଯାତି ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୀନକେତନ ଅମାନ୍ତ ଓ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଜଗନ୍ନାଥ ଦୁର୍ଗନାୟକ ସିଂହ, ଜିଲା ଉପସଭାପତି ପ୍ରସନ୍ନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ କାଳିଆ ଯୋଜନା ସରଳ ନୀରିହ କୃଷକ ସମାଜକୁ ବିଭ୍ରାନ୍ତ କରିବାକୁ କରାଯାଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ ଗଡ଼ନାୟକ, ନରହରି ପ୍ରଧାନ, ନାରାୟଣ ସାହୁ, ସୁମନ୍ତ ସାହୁ, କାହ୍ନୁଚରଣ ପ୍ରଧାନ, କ୍ଷୀରୋଦ ପ୍ରଧାନଙ୍କ ସମେତ ପାଞ୍ଚ ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଦଳ ମଜଭୁତ କରିବାକୁ ଆହ୍ୱାନ

**ବଇଣ୍ଡା, ୧୦ା୧(ଡି.ଏନ.ଏ.)**



ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ ବନ୍ତୁଲୁ ଗ୍ରାମରେ ବୁଧବାର କଂଗ୍ରେସର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାବୁଲାଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପିସିସି ସାଧାରଣ ସମ୍ପାଦକ ବିଜୟାନନ୍ଦ ଚାଉଳିଆ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମୀମାନେ ଏକାଠି ହୋଇ ଦଳକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଗବାନ ସାହୁ, ବସନ୍ତ ପ୍ରଧାନ, ବିଜୟ କୁମାର ସାହୁ, ଅନାମ ଚରଣ ସ୍ୱାଇଁ, ଚୈତନ୍ୟ ନାୟକ, ନିରାକାର ନାୟକ, କିଶୋରୀ ନାୟକ, ଦୁର୍ଯ୍ୟୋଧନ ନାୟକ, ସନ୍ତୋଷ କୁମାର ସାହୁ, ଗିରିଶ ଚନ୍ଦ୍ର ନାୟକ, ସୁରେଇ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ୪୦ରୁ ଊର୍ଦ୍ଧ୍ୱ ଭାଜପା ଓ ବିଜେଡି କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ।

# 'ଅପପୁଷ୍ଟି ପିଲାମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅ'

**ଅନୁଗୋଳ ଅଫିସ, ୧୦ା୧**


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଜିଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆଇସିଡିଏସ୍ ମମତା ଓ ମିଶନଶକ୍ତିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଗୁରୁବାର ପୂର୍ବାହ୍ନରେ ଜିଲାପାଳଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ଅପପୁଷ୍ଟି ପିଲାମାନଙ୍କ ସ୍ଥିତି ଓ କାର୍ଯ୍ୟକାରୀ ହେଉଥିବା ୨ ଯୋଜନାର ଅଗ୍ରଗତି ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ସିଡିପିଓମାନେ ଅପପୁଷ୍ଟି ପିଲାମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଏହାର ହ୍ରାସ ନିମନ୍ତେ ଯତ୍ନବାନ ହୋବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ପିଠା କାର୍ଯ୍ୟକ୍ରମରେ ମିଶନ ଶକ୍ତିର ଅଂଶଗ୍ରହଣ ଓ ସେମାନଙ୍କୁ ସରକାରଙ୍କ ତରଫରୁ ଆବଣ୍ଟନ ହେଉଥିବା ସିଡ୍ ମନି ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା। ଜିଲାରେ ବର୍ତ୍ତମାନ ୬୭୩୨ ଜଣ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏହି ସିଡ୍ ମନି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରତ୍ୟେକ ମାସ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ହେଉଥିବା ପିଠା କାର୍ଯ୍ୟକ୍ରମରେ ଏହା ଆବଣ୍ଟନ କରାଯିବ। ସେହିପରି ମମତା ଯୋଜନାର ଠିକ କାର୍ଯ୍ୟକାରିତା ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ ବିଭିନ୍ନ କାର୍ଯ୍ୟକ୍ରମରେ ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଜିଲା ଯକ୍ଷ୍ମା ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ, ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କାର୍ଯ୍ୟ ସମ୍ପାଦନ ଓ ମୂଲ୍ୟ ନିର୍ଦ୍ଧାରଣ ପରିଚାଳିକା ଝିଲି ଖଟୁଆ, ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ପୌର୍ଣ୍ଣମାସୀ ରଥଙ୍କ ସମେତ ସିଡିପିଓ ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଫାଇନାଲରେ ଲୁଟୁ ୱାରିୟର୍ସ

**ଅନୁଗୋଳ ଅଫିସ, ୧୦।୧:** ଅନୁଗୋଳ କୋଦମ ପଡ଼ିଆ ଠାରେ ଚାଲିଥିବା ତୃତୀୟ ମର୍ନିଂଷ୍ଟାର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୁଟୁ ୱାରିୟର୍ସ ଓ କଟକ ଫ୍ରେଣ୍ଡସ ଇଲେଭେନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଲୁଟୁ ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ୧୭୬ ରନ କରିଥିଲା। ଜବାବରେ ଫ୍ରେଣ୍ଡସ ଇଲେଭେନ ୧୧୪ ରନ କରି ପରାସ୍ତ ହୋଇଥିଲା। ବିଜୟୀ ଦଳର କାହ୍ନା ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଅମ୍ବିକା ପ୍ରସାଦ ଭଞ୍ଜ ଓ ନିରଞ୍ଜନ ହୋତା ଅତିଥି ଭାବେ ଯୋଗ ଦେଇଥିବାବେଳେ ଅଞ୍ଜନ କର ଓ ନୀଳାଞ୍ଚଳ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ।

### ଠାକୁରଗଡ଼ ସେମିଫାଇନାଲରେ

**ବଇଁଣ୍ଡା,୧୦।୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ସାପଘରା ଗ୍ରାମ ଖେଳପଡ଼ିଆଠାରେ ଚାଲିଥିବା ସାପଘରା କପ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଜରଡ଼ା କ୍ରିକେଟ କ୍ଲବକୁ ହରାଇ ଠାକୁରଗଡ଼ କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଠାକୁରଗଡ଼ ବ୍ୟାଟିଂ କରି ୧୩୩ ରନ କରିଥିଲା। ଜବାବରେ ଜରଡ଼ା ୧୨୨ ରନ କରି ପରାସ୍ତ ହୋଇଥିଲା। ଜିତେନ୍ଦ୍ର ନାୟକ, ଚିନ୍ମୟ ଶତପଥୀ ଖେଳ ପରିଚାଳନା କରିଥିଲେ।

### ୪୦୫ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା



**ଛେଣ୍ଡିପଦା, ୧୦।୧(ଡି.ଏନ.ଏ.):** ଅନୁଗୋଳ ଜିଲା ପ୍ରଶାସନ ତଥା ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଗୁରୁବାର ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୁନେତ୍ର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦୃଷ୍ଟିଗତ ସମସ୍ୟା ଥିବା ଛାତ୍ରୀଛାତ୍ରମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ତଥା ବିଆରସିସି ଶରତଚନ୍ଦ୍ର ଗଡନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ୪୦୫ ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ବିଭାଗ ବିଶେଷଜ୍ଞ ଡାକ୍ତର ଜେ. ବଳବନ୍ତରାୟ, ଡାକ୍ତର କଳ୍ପନା ଜେନା, କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ମାୟାଧର ବେହେରା, ଅନୁଗୋଳ ଓଏଭିଜନ ସ୍ପ୍ରିଙ୍ଗ ମୁଖ୍ୟ ବିରାଟ କୁମାର ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ। ବ୍ଲକ ସର୍ବଶିକ୍ଷା ଅଭିଯାନ ବିଆରସି ପ୍ରଦୀପ ମହାନ୍ତି, ଅଖିଳ ଦାସଙ୍କ ସମେତ ସମସ୍ତ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

### ଏଏପି ପକ୍ଷରୁ ଗ୍ରାମସଭା

**ଢେଙ୍କାନାଳ ଅଫିସ,୧୦।୧:** ଢେଙ୍କାନାଳ ସଦର ବ୍ଲକ ନାଗିଆପଶି ପଞ୍ଚାୟତର ଗୁଣ୍ଡୁସାହିରେ ଗୁରୁବାର ଆମ୍ ଆଦମୀ ପାର୍ଟି (ଏଏପି) ପକ୍ଷରୁ ଗ୍ରାମସଭା ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗ୍ରାମ ମଧ୍ୟ ଦେଇ ପଥର ଚୋରା ଚାଲାଣ ବଢ଼ିବାରେ ଲାଗିଛି। ପଥର ବ୍ୟବସାୟୀମାନେ ଅଧିକାଂଶ ସ୍ଥାନରେ ପଥର ଗଦା କରି ରଖୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଆବାହକ ପଙ୍କଜ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆଶିଷ ମିଶ୍ର, ଭଗବାନ ଦେହୁରୀ, ରାବଣ ପଧାନ, ଶିବ ନାୟକ, ସହଦେବ ପଧାନ, ଚିତନ ବେହେରା, ରାଘବ ପଧାନ, କୁଞ୍ଜ ବିହାରୀ ଲେଙ୍କା, ଚକ୍ରଧର ତରାଇଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**ଅନୁଗୋଳ ଅଫିସ୍, ୧୦।୧:** ଅନୁଗୋଳ ନିଶା ଥାନା ଅନ୍ତର୍ଗତ ମହିତଳା ଜଙ୍ଗଲରୁ ଜଣେ ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ପୋଲିସ ଗୁରୁବାର ଉଦ୍ଧାର କରିଛି। ୧୦ରୁ ୧୨ ଦିନ ହେବ ଯୁବକଙ୍କ ମୃତଦେହ ସେଠାରେ ପଡ଼ିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତ ଯୁବକଙ୍କ ଦେହରେ ଏକ ଘରୋଇ କମ୍ପାନୀର ପୋଷାକ ରହିଥିବା ଜଣାପଡିଛି। ଆସନ୍ତାକାଲି ଏ ଦିଗରେ ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ଲବ ବୋଡା ସୂଚନା ଦେଇଛନ୍ତି। ଏ ନେଇ ନଂ. ୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

■ ଅନୁଗୋଳରେ ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ

# କୋଲ୍ ୱାଶେରି ବୁଲିଲେ, ନିଯୁକ୍ତି ସମୀକ୍ଷା କଲେ

**ଅନୁଗୋଳ ଅଫିସ, ୧୦।୧**

ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି ୮ ଅଧ୍ୟକ୍ଷ ପ୍ରଫୁଲ୍ଲ ମାଝି ଗୁରୁବାର ଅନୁଗୋଳ ଜିଲା ଗସ୍ତରେ ଆସି ବିଭିନ୍ନ ଶିଳ୍ପ ସଂସ୍ଥା ଓ କଳକାରଖାନାରେ କାର୍ଯ୍ୟକରୁଥିବା ଶ୍ରମିକଙ୍କ ସୁରକ୍ଷା ସମ୍ପର୍କରେ ଯାଞ୍ଚ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ସର୍କିଟ ହାଉସ ଠାରେ ଜିଲା ପ୍ରଶାସନ ଓ ଶିଳ୍ପାନୁଷ୍ଠାନ ଅଧିକାରୀଙ୍କ ସହ ଏକ ବୈଠକ କରିଥିଲେ। ଏହା ପୂର୍ବରୁ କମିଟି ଅଧ୍ୟକ୍ଷ ଜିଲାର ବିଭିନ୍ନ କ୍ଷେତ୍ର ପରିଦର୍ଶନରେ ଯାଇ ଶ୍ରମିକମାନଙ୍କ ସୁରକ୍ଷା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସର୍କିଟ ହାଉସରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଅନିଲ କୁମାର ସାମଲଙ୍କ ସହ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଉପଜିଲାପାଳ ବାସୁଦେବ ଶତପଥୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

କମିଟି ଅଧ୍ୟକ୍ଷ ମାଝି ପ୍ରଥମେ ଜିଲାରେ ଥିବା କୋଲ୍ ୱାଶେରି ପରିଦର୍ଶନରେ ଯାଇଥିଲେ। ସେ ସ୍ପେକଟ୍ରମ, ଗ୍ଲୋବାଲ, ଆରିୟନ ଆଦି କୋଲ୍ ୱାଶେରି ବୁଲି ଦେଖିବା ସହ ପ୍ରଦୂଷଣ ରୋକିବା ପାଇଁ କିଭଳି ବ୍ୟବସ୍ଥା କରାଯାଉଛି ସେ ନେଇ ଅନୁଧ୍ୟାନ କରିଥିଲେ। ସେହିପରି କୋଲ୍ ୱାଶେରିରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ସୁରକ୍ଷା ବ୍ୟବସ୍ଥା କିପରି କରାଯାଉଛି ଓ ପାରିଶ୍ରମିକ ଠିକ୍ ଭାବେ ପ୍ରଦାନ କରାଯାଉଛି କି ନାହିଁ ସେ ନେଇ ସର୍କିଟ ହାଉସ ବୈଠକରେ ବିଭାଗୀୟ ଅଧିକାରୀଙ୍କ ନିକଟରୁ ତଥ୍ୟ ସଂଗ୍ରହ କରିଥିଲେ। ଜିଲାରେ ଧୂଳି ପ୍ରଦୂଷଣ ରୋକିବାକୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ କରିଥିଲ। ସେହିଭଳି ଅନୁସୂଚିତ ଜାତି ଓ ଜନଜାତି ବିଭାଗ କିପରି କାର୍ଯ୍ୟ କରୁଛି ଓ ସେମାନଙ୍କ ନିଯୁକ୍ତି ସମ୍ପର୍କରେ ଆଲୋଚନା ସମୟରେ ବୁଝିଥିଲେ। ରାଜ୍ୟ ସରକାରଙ୍କ ନିଯୁକ୍ତି ନିୟମାବଳୀ ଜିଲାରେ ଠିକଣା ଭାବେ ପାଳନ ହେଉଛି ନା ନାହିଁ ତାହାର ତଦାରଖ କରିଥିଲେ। ଏଥିସହ ଶିଳ୍ପାନୁଷ୍ଠାନ ଓ କାରଖାନାରେ ଶ୍ରମିକମାନଙ୍କ ଅନୁପାତ ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରିଥିଲେ। ଏହି ଅବସରରେ ଶ୍ରମିକମାନଙ୍କ ଇଏସ୍‌ଆଇ, ପିଏଫ୍ ପ୍ରଦାନ ପାଇଁ ଜିଲା ପ୍ରଶାସନକୁ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କମିଟି ଅଧ୍ୟକ୍ଷ ମାଝି କହିଛନ୍ତି ଯେ, ଅନୁଧ୍ୟାନ କରିଥିବା କୋଲ ୱାଶେରିରେ ୯୫ ପ୍ରତିଶତ ଓଡ଼ିଆ ଶ୍ରମିକ କାର୍ଯ୍ୟ କରୁଛନ୍ତି। ତେବେ କେତୋଟି ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ହାର କମ୍ ରହିଛି। ଏଥିରେ ସୁଧାର ଆଣି ଅଧିକରୁ ଅଧିକ ନିଯୁକ୍ତି ଦେବା ପାଇଁ ଜିଲା ପ୍ରଶାସନକୁ ସେ ନିର୍ଦ୍ଦେଶ ଦେଇଥିଲେ। କୋଲ୍ ୱାଶେରି ପରିଦର୍ଶନ ବେଳେ ସେଠାରେ କେତେଜଣ ଶ୍ରମିକଙ୍କ ସହ କଥା ହୋଇ ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହି ଅବସରରେ ଗ୍ଲୋବାଲ କୋଲ ୱାଶେରିର ଶ୍ରମିକ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବୈଠକରେ ଜିଲାର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ସହ କମିଟି ଅଧ୍ୟକ୍ଷ ଆଲୋଚନା କରିଥିଲେ। ଅନୁଗୋଳ ଗସ୍ତ ସମୟରେ ଅଧ୍ୟକ୍ଷ ମାଝି ଭୂଷଣ ପ୍ଲାଣ୍ଟକୁ ଯାଇ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଥିଲେ।



ସମୀକ୍ଷା ବୈଠକରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷଙ୍କ ସହ ପ୍ରଶାସନିକ ଅଧିକାରୀ।

- ■ଖଣିରେ ଖଟୁଛନ୍ତି ୯୫ ପ୍ରତିଶତ ଓଡ଼ିଆ ଶ୍ରମିକ
- ■ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ନିଯୁକ୍ତି ନୈରାଶ୍ୟଜନକ
- ■ସୁଧାର ଆଣିବାକୁ ପ୍ରଶାସନକୁ ନିର୍ଦ୍ଦେଶ

# ସୋଲାର କ୍ଲବ କଟକ ବିଜୟୀ

**ତାଳଚେର,୧୦।୧(ନି.ପ୍ର.)**

ତାଳଚେର ବ୍ଲକ ଗୋପାଳପ୍ରସାଦ ବ୍ଲାକ ଡାଇମଣ୍ଡ ୟୁଥ କ୍ଲବ ପକ୍ଷରୁ ଗଜରାଜ ଷ୍ଟାଡିୟମଠାରେ ଚାଲିଥିବା ମା' ହିଙ୍ଗୁଳା ଚ୍ୟାଲେଞ୍ଜ କ୍ରିକେଟ କପ ଗୁରୁବାରର ମ୍ୟାଚ ଆରୱାଇସିସି ରାଉରକେଲା ଏବଂ ସୋଲାର କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆରୱାଇସିସି ରାଉରକେଲା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୩୧ ରନ କରିଥିଲା। ଜବାବରେ ସୋଲାର କ୍ଲବ କଟକ ୧୩୨ରନ କରି ବିଜୟୀ ହୋଇଥିଲା। ସୋଲାର କ୍ଲବ କଟକର ଓମ ପ୍ରକାଶ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜୟକୃଷ୍ଣ ରାଉତ ଓ ତ୍ରିନାଥ ସାମନ୍ତ ଖେଳ ପରିଚାଳନା କରିଥିଲେ। ରାଜେଶ ଦାସ ଓ ଦୀପକ ସମାଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ। କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

# ଲଢ଼େଇ ଜାରି ରଖିବ ନାରୀ ସଚେତନତା ମଞ୍ଚ

**କଣିହାଁ, ୧୦।୧(ଡି.ଏନ.ଏ.)**

କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ ବରପଦା ଗ୍ରାମ ହରିଜନ ସାହିରେ ବୁଧବାର ଜିଲା ନାରୀ ସଚେତନତା ମଞ୍ଚ ତରଫରୁ ଏକ ବୈଠକ ବସିଥିଲା। ମଞ୍ଚ ସଭାନେତ୍ରୀ ରୁନୁ ନାଏକ ସଭା ପରିଚାଳନା କରିବା ସହ ସରକାରଙ୍କ ଯୋଜନାରୁ ବହୁ ଦଳିତ ପରିବାର ବଞ୍ଚିତ ହୋଇଥିବା ଅଭିଯୋଗ କରିଥିଲେ। ତେଣୁ ପ୍ରକୃତ ହିତାଧିକାରୀ କେଉଁ କାରଣରୁ ଯୋଜନାର ସୁବିଧା ପାଉନାହାନ୍ତି, ତାହାର କାରଣ ଜାଣିବା ସହ ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯିବ। ନ୍ୟାୟ ନ ମିଳିଲେ ମଞ୍ଚ ଲଢେଇ ଜାରି ରଖିବ ବୋଲି ସେ କହିଥିଲେ। ଗୁରୁବାର ସମସ୍ୟା ନେଇ ବିଡିଓଙ୍କ ଅଫିସ୍‌କୁ ଆସିଥିବା କେତେଜଣ ଅସହାୟଙ୍କୁ ସାହାଯ୍ୟ ଯୋଗାଇବାକୁ ବିଡିଓ ରମେଶ କୁମାର ଜେନା ପ୍ରତିଶ୍ରୁତି ଦେଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି।


ବରପଦାରେ ମଞ୍ଚର ସଦସ୍ୟାମାନେ।

# ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲ ବାର୍ଷିକ କ୍ରୀଡ଼ା


ବାର୍ଷିକ କ୍ରୀଡ଼ା ଉତ୍ସବରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

**ଅନୁଗୋଳ ଅଫିସ, ୧୦।୧**

ଅନୁଗୋଳ ସ୍ଥିତ ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲରେ ଦ୍ୱିତୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ମହେଶ ଚନ୍ଦ୍ର ଧଳ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପ୍ରିନ୍ସିପାଲ ସେବକ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଉପାଧ୍ୟକ୍ଷ ବିଜୟ କୁମାର ଦାସ, ଶିକ୍ଷକ ଜନ ଲିଟିଲ ଉର୍ଡ, ପ୍ରଶାସନିକ ଅଧିକାରୀ ଅବନୀକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି କ୍ରୀଡ଼ାରେ ୨୫ଟି ବିଭାଗରେ ୩ ଶହ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଖେଳ ଶିକ୍ଷକ ଅଶୋକ ପଣ୍ଡା, ଶିକ୍ଷକ ଅଜୟ ଦାସ, ଦେବବ୍ରତ ମିଶ୍ର, ଜୟନ୍ତ ୱାଘେଲା, ହରିଶଙ୍କର ପଟ୍ଟନାୟକ, ଜ୍ୟୋତିରଞ୍ଜନ ସାହୁ, ଶିକ୍ଷୟିତ୍ରୀ ଲୋପାମୁଦ୍ରା ପାଣି, ଜୟଶ୍ରୀ ପୁଷ୍ପିତା ଦାସ, ରୀନା ସେନ, ସୁପ୍ରିୟା ଦେହୁରୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସଙ୍ଗୀତ ଶିକ୍ଷକ ଦୁର୍ଯ୍ୟୋଧନ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ଅନିତା ରାଜଗୁରୁ, ସରିତା ରାଜଗୁରୁଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲେ। ଲୋପାମୁଦ୍ରା ମିଶ୍ରଙ୍କ ସଂଯୋଜନାରେ ଓ ଅଫତାର ଖାଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଡିପିଏସ୍‌ରେ ଶୀତବସ୍ତ୍ର ବାଣ୍ଟିଲେ ଜିଲାପାଳ

**ଅନୁଗୋଳ ଅଫିସ, ୧୦।୧**

ଅନୁଗୋଳ ଜିଲାପାଳ ଅନିଲ କୁମାର ସାମଲ ବୁଧବାର ବଅଁରପାଳ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ୍)କୁ ଅନ୍ୱେଷା କାର୍ଯ୍ୟକ୍ରମରେ ଯାଇଥିଲେ। ସେଠାରେ ଛାତ୍ରୀଛାତ୍ରମାନଙ୍କ ପାଠପଢ଼ା କଥା ବୁଝିବା ସହ ସେମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ଉଚ୍ଚ ଆଶା ରଖି ପାଠପଢ଼ିବା ସହ ଅଞ୍ଚଳର ସୁନାମ ବଢ଼ାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ଦିଲ୍ଲୀ ପବ୍ଲିକ ସ୍କୁଲର ସଭାପତି ସୌମେନ୍ଦ୍ର ମିଶ୍ର, ନିର୍ଦ୍ଦେଶିକା ସୁଜାତା ପାଣ୍ଡେ ଓ ଅଧ୍ୟକ୍ଷା ଏଲୋରା ସୁମନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲା ମଙ୍ଗଳ ଅଧିକାରୀ ସର୍ବେଶ୍ୱର ସାହୁ ଅନ୍ୱେଷା କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ପାଲଲହଡ଼ାର ଅପହଞ୍ଚ ଅଞ୍ଚଳ ଜମରଡ଼ିହିର ଆଦିମ ଅଧିବାସୀ ପାଉଡ଼ିଆଭୂୟାଁଙ୍କର ୫୧ ଜଣ ପିଲାଙ୍କୁ ନେଇ ଏହି ଅନୁଷ୍ଠାନ ପକ୍ଷରୁ ୨୦୧୫-୧୬ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିଲା ଅନ୍ୱେଷା କାର୍ଯ୍ୟକ୍ରମ। ୩ ବର୍ଷ ମଧ୍ୟରେ ଏକ ଅନୁଷ୍ଠାନରେ ୫୫୦ ଜଣ ତହସିଲ ଭୁକ୍ତ ଜନଜାତି ଓ ଫସଲଭୁକ୍ତ ଜାତି ପିଲାମାନଙ୍କୁ ରଖାଯାଇ ମାଗଣାରେ ପାଠପଢ଼ା ସହ ଖାଦ୍ୟପାନୀୟ ଓ ପାଠ୍ୟ ଉପକରଣ ଯୋଗାଇ ଦିଆଯାଇଛି।

# ଢେଙ୍କାନାଳରେ ପକ୍ଷୀ ସଂଖ୍ୟା ବୃଦ୍ଧି

**ଢେଙ୍କାନାଳ ଅଫିସ, ୧୦।୧**

ଢେଙ୍କାନାଳ ଜିଲାରେ ବନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ପକ୍ଷୀ ଗଣନା ୩ ତାରିଖରେ ଶେଷ ହୋଇଛି। ଜିଲାରେ ଚଳିତବର୍ଷ ବିଭିନ୍ନ ପ୍ରଜାତିର ୮୫୨୫ ପକ୍ଷୀଙ୍କ ସମାଗମ ହୋଇଛି। ଗତ ବର୍ଷ ଏହି ସଂଖ୍ୟା ୫୬୦୦ ଥିବାବେଳେ ପକ୍ଷୀ ସଂଖ୍ୟାରେ ବୃଦ୍ଧି ଘଟିଛି।

ବ୍ରାହ୍ମଣୀ, ରାମିଆଳ ନଦୀ ଅବବାହିକା, ଦଣ୍ଡାଧର, ସାପୁଆ ଜଳଭଣ୍ଡାର ସମେତ ବଡ଼ ଜଳାଶୟ ସମେତ ୪୪ଟି ସ୍ଥାନରେ ପକ୍ଷୀଗଣନା କରାଯାଇଥିଲା। ଏଥିରେ ୮୮ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ। ଢେଙ୍କାନାଳ ସଦର ରେଞ୍ଜ୍‌ରେ ୧୨୯୮, କପିଳାସ ରେଞ୍ଜ୍‌ରେ ୩୩୪, ଷଡଙ୍ଗୀ ରେଞ୍ଜ୍‌ରେ ୨୦୩, ହିନ୍ଦୋଳ ରେଞ୍ଜ୍‌ରେ ୩୬୯୦, କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ୍‌ରେ ୧୬୮, ପଶ୍ଚିମାଞ୍ଚଳ ରେଞ୍ଜ୍‌ରେ ୨୦୫୭, ଭୁବନ ରେଞ୍ଜ୍‌ରେ ୫୮୧, ମହାବିରୋଡ ରେଞ୍ଜ୍‌ରେ ୯୪ ପ୍ରଜାତିର ପକ୍ଷୀଙ୍କୁ ଠାବ କରାଯାଇଥିବା ଏସିଏଫ୍ ଜିତେନ୍ଦ୍ରନାଥ ଦାସ ସୂଚନା ଦେଇଛନ୍ତି। ଅକ୍ଟୋବରରୁ ଜାନୁୟାରୀ ମଧ୍ୟରେ ଗେଣ୍ଡାଳିଆ, ମାଛରଙ୍କା ପ୍ରଜାତିର ପକ୍ଷୀ ଅଧିକ ସଂଖ୍ୟାରେ ଆଗମନ କରିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


ନୂଆପୋଖରୀରେ ଅତିଥି ପକ୍ଷୀଙ୍କ ଆଗମନ (ଫାଇଲ ଫଟୋ)।

# ଭିଏସ୍‌ଏସ୍ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବନ୍ତଳା, ୧୦।୧ (ଡି.ଏନ.ଏ)**

ଅନୁଗୋଳ ବନଖଣ୍ଡ ଅନୁଗୋଳ ବନାଞ୍ଚଳର ଆମ୍ବପାଳ ବନ ସୁରକ୍ଷା ସମିତି (ଭିଏସ୍‌ଏସ୍)ସଭାଗୃହ ଓ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ପିସିସିଏଫ୍ (ପ୍ରୋଜେକ୍ଟ) ତଥା ପ୍ରୋଜେକ୍ଟ ଡାଇରେକ୍ଟର ଓଏଫ୍‌ଏସ୍‌ଡ଼ିପି ଲଳିତ କୁମାର ତିୱାରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ପିସିସିଏଫ୍ ତଥା କ୍ଷେତ୍ର ନିର୍ଦ୍ଦେଶକ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଅନୁଗୋଳ ଡ. ସୁଦର୍ଶନ ପଣ୍ଡା, ଅନୁଗୋଳ ବନଖଣ୍ଡ ଅଧିକାରୀ ଭି. କାର୍ତ୍ତିକ, ଏସିଏଫ୍ ଏର୍‌ଡ଼ି ଧନରାଜ, ଏସିଏଫ୍ ବାସୁଦେବ ନାୟକ, ସହଯୋଗୀ ଅନୁଷ୍ଠାନ ନିୟୁଜର ମୁଖ୍ୟ ପ୍ରସନ୍ନ କୁମାର ବେହେରା, ଆମ୍ବପାଳ ସରପଞ୍ଚ ମମତା ସେଠୀ ଓ ସମିତି ସଭାପତି ମଧୁସୂଦନ ମାଝୀ ଉପସ୍ଥିତ ଥିଲେ। ବନ ସୁରକ୍ଷା ସମିତି ଗୃହ ଗ୍ରାମ ଉନ୍ନୟନର କେନ୍ଦ୍ରସ୍ଥଳ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅନୁଗୋଳ ବନାଞ୍ଚଳ ଅଧିକାରୀ ସତ୍ୟବ୍ରତ ପ୍ରଧାନ, ନିୟୁଜ ଟିମ ଲିଡ଼ର ବିଜୟ କୁମାର ଜେନା, ବିକାଶ ଅଧିକାରୀ ସୁବ୍ରତ ପ୍ରଧାନ, ପ୍ରିୟବ୍ରତ ବେହେରା, ବନପାଳ ବିନତି ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ପରେ ଅନୁଗୋଳ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆମ ଜଙ୍ଗଲ ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପିସିସିଏଫ୍ ଲଳିତ କୁମାର ତିୱାରୀଙ୍କ ସମେତ ଅତିରିକ୍ତ ପିସିସିଏଫ୍, ବନଖଣ୍ଡ ଅଧିକାରୀ ଓ ନିୟୁଜର ମୁଖ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆମ ଜଙ୍ଗଲ ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ଏଥିରେ ଆଲୋଚନା କରାଯାଇଥିଲା।



# ନୂଆ କିସମର କାଜୁ ବିହନ ଉତ୍ପାଦନ କରି କୃଷି ବିଶାରଦ ସମ୍ବର୍ଦ୍ଧିତ

**ରାସୋଳ, ୧୦।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ରାସୋଳ ଥାନା ଅନ୍ତର୍ଗତ ଗଞ୍ଜରା ଗ୍ରାମର ପୂର୍ବତନ ସରପଞ୍ଚ ତଥା କୃଷି ବିଶାରଦ ବିଜୟ କୁମାର ରାଉତ ୨ଟି ନୂଆ କିସମର ଅଧିକ ଅମଳକ୍ଷମ କାଜୁ ବିହନ ଉତ୍ପାଦନ କରିଛନ୍ତି। ଏଥିପାଇଁ ଲଦାଗଡ଼ ମହୋତ୍ସବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଜୟଙ୍କ ଦ୍ୱାରା ଉତ୍ପାଦିତ ନୂତନ କାଜୁ ବିହନ ଜିଆର୍-୧ ଏବଂ ଜିଆର୍-୨ ନାମରେ ପଞ୍ଜୀକୃତ ହୋଇଛି। କାଜୁ ଚାଷ କରୁଥିବା ଚାଷୀଙ୍କ ଲାଗି ନୂତନ ବିହନ ବେଶ୍ ଫଳପ୍ରଦ ହେଉଛି। ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲାଜଜ୍ ଦୁର୍ଗାଚରଣ ମିଶ୍ର ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ତ୍ତିକ ବାବ୍ୟ ଉତ୍ସବ ପରିଚାଳନା କରିଥିଲେ।

# ଛାତ୍ରୀଙ୍କଠାରୁ ଲୁଟ୍

**ଢେଙ୍କାନାଳ ଅଫିସ, ୧୦।୧**

ଢେଙ୍କାନାଳ ସହରସ୍ଥିତ ଗୁଡ଼ିଆନାଳୀ-ଅମଲାପଡ଼ା ରାସ୍ତାରୁ ଗୁରୁବାର ସନ୍ଧ୍ୟାରେ ୨ଜଣ ଆଇଆଇଏମ୍‌ସି ଛାତ୍ରୀଙ୍କଠାରୁ ଲୁଟ୍ ହୋଇଛି। ଉଭୟ ଛାତ୍ରୀ ହଷ୍ଟେଲକୁ ଫେରୁଥିବାବେଳେ ଜଣେ ଯୁବକ ବାଇକ୍‌ରେ ଆସି ଭ୍ୟାନିଟ୍ ବ୍ୟାଗ୍ ଝାମ୍ପି ନେଇଯାଇଥିଲେ। ବ୍ୟାଗ୍‌ରେ ୫୦୦ ଟଙ୍କା ଏବଂ ହଷ୍ଟେଲ ଚାବି ରହିଥିବା ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି।

# ରାଜପଥ କଡ଼ ମଦ ଦୋକାନ ସିଲ୍

**ଜଳେଶ୍ୱର, ୧୦।୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଦେଇ ଯାଇଥିବା ୬୦ ନଂ. ଜାତୀୟ ରାଜପଥ କଡ଼ ଜଳେଶ୍ୱର ଅଞ୍ଚଳରେ ଥିବା ହୋଟେଲ ରାଜପଥ ଓ ଠିପିଖୋଲା ମଦ ଦୋକାନକୁ ଅବକାରୀ ବିଭାଗ ସିଲ୍ କରିଛି। ଦୋକାନ ମାଲିକ କିଶୋର କୁମାର ମହାନ୍ତିଙ୍କ ଲାଇସେନ୍ସକୁ ମଧ୍ୟ ରଦ୍ଦ କରାଯାଇଛି। ଜଳେଶ୍ୱର ସହର ୧୨ ନଂ. ୱାର୍ଡ଼ ଧରାଷ୍ଟକ୍ ମୌଜା ଅଧୀନ ଖାତା ନଂ.୬୧ ୨୮୩ ନଂ. ପ୍ଲଟ୍‌ରେ ଏହି ବିଦେଶୀ ଠିପି ଖୋଲା ଦୋକାନରେ ବେଆଇନ ଭାବେ ହୋଟେଲ ସମେତ ରେଷ୍ଟୁରାଣ୍ଟ ଚାଲୁଥିଲା।

# ପୁରୁଣାକଟକ-ସମ୍ବଲପୁର ରାସ୍ତା ମରଣଯନ୍ତା

**ଭାପୁର,୧୦।୧(ଡି.ଏନ.ଏ.)**

- ■ବିଭାଗ ମଧ୍ୟରେ ସମନ୍ୱୟ ନାହିଁ
- ■ସଡ଼କ ମଝିରୁ ହଟୁନି ଗଛ, ଖୁଣ୍ଟ
- ■ଜବରଦଖଲ ବଢ଼ାଉଛି ଦୁର୍ଘଟଣା

ଢେଙ୍କାନାଳ ଜିଲାର ଅନ୍ୟତମ ବ୍ୟସ୍ତବହୁଳ ପୁରୁଣାକଟକ-ସମ୍ବଲପୁର ରାସ୍ତା ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ରାସ୍ତାର ଅନେକ ସ୍ଥାନ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ସେହିପରି ଆଉ କେତେକସ୍ଥାନରେ ଏହା ମାତ୍ରାଧିକ ସଂକୀର୍ଣ୍ଣ ହୋଇପଡ଼ିଛି। ବନ ବିଭାଗ ଏବଂ ରାସ୍ତା ଓ ଗୃହ ବିଭାଜନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ସଡ଼କ ମଝିରେ ଥିବା ଗଛ, ବିଦ୍ୟୁତ୍ ଖୁଣ୍ଟ ହଟୁନାହିଁ। ବିପଦସଙ୍କୁଳ ରାସ୍ତା ଯାତ୍ରୀଙ୍କ ଜୀବନ ନେଉଥିବାବେଳେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

୨୦୧୪ରେ ରାସ୍ତା ଓ ଗୃହ ବିଭାଜନ ବିଭାଗ ପକ୍ଷରୁ ଏହି ରାସ୍ତା ସମ୍ପ୍ରସାରଣ କରାଯାଇଛି। ହେଲେ ଏଯାଏ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛ ଓ ବିଦ୍ୟୁତ୍ ଖୁଣ୍ଟ ହଟାଯାଇନାହିଁ। ୨୦୧୭ରେ ଉକ୍ତ ରାସ୍ତାରୁ ଗଛ ଏବଂ ବିଦ୍ୟୁତ୍ ଖୁଣ୍ଟ ହଟାଇବାକୁ ବିଭାଗୀୟ ଯନ୍ତ୍ରୀ ବିଦ୍ୟୁତ୍ ଏବଂ ବନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସମନ୍ୱୟ ଅଭାବରୁ କାର୍ଯ୍ୟ ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ପିଚୁ ରାସ୍ତା ପାର୍ଶ୍ୱରେ ୧.୫ ମିଟର ମୋରମ ରାସ୍ତା ନିର୍ମାଣ କରାଯାଇଥିବାବେଳେ ତାହା ଏବେ ଜବରଦଖଲରେ। ବିଶେଷ କରି କୋଉମ ଏବଂ ଶଙ୍କରପୁର ମଧ୍ୟରେ ରାସ୍ତା ମାତ୍ରାଧିକ ସଂକୀର୍ଣ୍ଣ ହୋଇପଡ଼ିଥିବାରୁ ଗତ ଦୁଇମାସରେ ପ୍ରାୟ ୧୫ ଦୁର୍ଘଟଣା ଘଟିଲାଣି। ୨୦୧୭ରେ ବାଲ୍ୟାମ୍ବା ନୂଆହାଟ ନିକଟରେ ଅନାବଶ୍ୟକ ଭାବେ ନିର୍ମାଣ କରାଯାଇଥିବା ହମ୍ପ୍‌ସରେ ପିଟି ହୋଇ ଆଠଗଡ଼ ଅଞ୍ଚଳର ୨ ଯୁବକ ପ୍ରାଣ ହରାଇଥିଲେ। ଦୁର୍ଘଟଣା ବଢ଼ିବାରୁ ପରେ ଉକ୍ତ ସ୍ଥାନରୁ ହମ୍ପ୍‌ସ ହଟାଇ ଦିଆଯାଇଥିଲା।

ଏ ନେଇ ତହସିଲଦାର ଉଦୟ କୁମାର ମହାପାତ୍ର କୁହନ୍ତି, ସମସ୍ୟା ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ। ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଡିଏଫଓ ସୁଦର୍ଶନ ପାତ୍ର କୁହନ୍ତି, ରାସ୍ତା ପାର୍ଶ୍ୱରୁ ଗଛ କାଟିବା କାମ ବନ ବିଭାଗର ନୁହେଁ। ଆବଶ୍ୟକସ୍ଥଳରେ ବିଭାଗ ପକ୍ଷରୁ କେବଳ ଅନୁମତି ଦିଆଯାଇପାରିବ। ଦୁଇ ବିଭାଗ ମଧ୍ୟରେ ତାଳମେଳ ନ ଥିବାରୁ ଏଥିପ୍ରତି ଜିଲା ପ୍ରଶାସନ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଆମ ଗାଁ ଆମ ସାହିତ୍ୟ ଉତ୍ସବ

ଚମ୍ପୁଆ.୧୦।୧(ଡି.ଏନ.ଏ.): ଓଡିଶା ସାହିତ୍ୟ ଏକାଡେମି ଆନୁକୂଲ୍ୟରେ ଚମ୍ପୁଆ ଏନ.ଏ.ସି ଅନ୍ତର୍ଗତ ରାମଲା ଠାରେ ଆମ ଗାଁ ଆମ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀ, ମୂଖ୍ୟବକ୍ତା ଭାବେ ଡ. ସୁମନ୍ତ କୁମାର ଗିରି, ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, କବି ରମାକାନ୍ତ ପ୍ରଧାନ, ଡଃ ରାମଚନ୍ଦ୍ର ନାଏକ, କବି ଡମ୍ବରୁ ମହାନ୍ତ ଓ କବି ନେତ୍ରାନନ୍ଦ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଓଡିଶାର ବିଭିନ୍ନ ପ୍ରାନ୍ତରୁ ବହୁ ସାହିତ୍ୟ ଅନୁରାଗି ଓ କବି ଯୋଗ ଦେଇ ଉପାନ୍ତ ଅଞ୍ଚଳରେ ସାହିତ୍ୟ ଓ ଓଡିଆ ଭାଷାର ସୁରକ୍ଷା ପାଇଁ ପ୍ରତିଶୃତିବଦ୍ଧ ହୋଇଥିଲେ। କବିମାନେ ନିଜ ନିଜ ସ୍ୱରଚିତ କବିତା ପାଠ କରିଥିଲେ। କବି କଳାକାର ମହାନ୍ତ, ପଦ୍ମିନୀ ମିଶ୍ର, ପ୍ରମିଳା ମହାନ୍ତ, ଦୀପକ କୁମାର କର, ଲଗ୍ନଜିତ ମହାରଣା, ରାଜ କିଶୋର ମହାନ୍ତ ଓ ରାଶେଶ୍ୱର ମହାନ୍ତ ପ୍ରମୁଖ ସାମ୍ପ୍ରତିକ ସମାଜର ଚାଲିଚଳଣ ଉପରେ ନିଜ କବିତା ଉପସ୍ଥାପିତ କରିଥିଲେ।

### ସଡ଼କ ସୁରକ୍ଷା ପାଇଁ ସଚେତନତା

ଆନନ୍ଦପୁର,୧୦। ୧(ସ୍ୱ.ପ୍ର.):ଆନନ୍ଦପୁର ମହାବିଦ୍ୟାଳୟର ଏନସିସି ଅଧାପକ ମେଜର ଡ.ଦିଲ୍ଲୀପ କୁମାର ଦାଶଙ୍କ ସଂଯୋଜନାରେ ସଡକ ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରାଯାଇଛି। ଏଥିପାଇଁ କଲେଜ ପରିସରରୁ ମହାବିଦ୍ୟାଳୟର ଏନସିସି ଓ ଏନଏସଏସ ଛାତ୍ରୀଛାତ୍ରମାନେ ଏକ ସଚେତନତା ରାଲି କରି ବ୍ରିଜଛକ ଠାରେ ପହଞ୍ଚିଥିଲେ। ସେଠାରେ ବାଇକ୍ ଓ ଚାରି ଚକିଆ ଯାନ ଆରୋହୀମାନଙ୍କୁ ସିଟ୍ ବେଲ୍ଟର ବ୍ୟବହାର, ହେଲମେଟ୍, ମଦ୍ୟପାନ କରି ଗାଡି ନ ଚଲାଇବା, ଦ୍ରୁତ ଗତି ଯାନବାହାନ ଚଳାଚଳ ବିପଦପୂର୍ଣ୍ଣ ଏବଂ ଏଥିରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଇଥିଲେ। ବିନା ହେଲମେଟ୍ ବାଇକ୍ ଆରୋହୀ ମାନଙ୍କୁ ଛାତ୍ରୀଛାତ୍ରମାନେ ଚକୋଲେଟ୍ ପ୍ରଦାନ କରି ସଚେତନ କରିଥିଲେ। ପରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ବ୍ରିଜଛକ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧାପକ ଉମାକାନ୍ତ ନାୟକ, ଅଧାପିକା ଡ. ମୀନାକ୍ଷୀ ମିଶ୍ରଙ୍କ ସମେତ ଅନ୍ୟ ଅଧାପକ ମାନେ ଉପସ୍ଥିତ ଥିଲେ।

### ବଢୁଛି ଚୋରା ମଦ କାରବାର

ଆନନ୍ଦପୁର, ୧୦।୧(ସ୍ୱ.ପ୍ର.): ଆନନ୍ଦପୁର ଉପଖଣ୍ଡର ଘସିପୁରା ଓ ଆନନ୍ଦପୁରର ବହୁ ଅଞ୍ଚଳରେ ଚୋରା ଦେଶୀ ମଦ ରନ୍ଧା କାରଖାନା ବୃଦ୍ଧି ପାଇବାରେ ଲାଗିଛି। ସ୍ଥାନୀୟ ଅବକାରୀ ବିଭାଗ ଦ୍ୱାରା ବାରମ୍ବାର ଚଢାଉ କରାଯାଉଥିଲେ ସୁଦ୍ଧା ଏହାକୁ ରୋକାଯାଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁରର କାଠକଟା, ବାଉଁଶଗଡ, ଘୋଡାମରା ଓ କଣ୍ଟିପାଳ ପ୍ରଭୃତି ଅଞ୍ଚଳରେ ଚୋରା ଦେଶୀ ମଦ ରନ୍ଧା କାରଖାନା ବୃଦ୍ଧି ପାଇଛି। ତେବେ ଘସିପୁରାର ଓସ୍ତପୁରା, ମାର୍ଶାପାଳ, ସୁଆପୁର ପ୍ରଭୃତି ସ୍ଥାନରେ ଅବାଧରେ ଏହି ମଦ ରନ୍ଧା କାରଖାନାରେ ଦେଶୀ ମଦ ପ୍ରସ୍ତୁତ ହୋଇ ବାହାରକୁ ଚାଲାଣ କରାଯାଉଥିବା ସତ୍ତ୍ୱେ ଏହାକୁ ରୋକାଯାଇପାରୁ ନାହିଁ। ଏହି ମଦ ରନ୍ଧା କାରଖାନାରୁ ମଦ ପ୍ରସ୍ତୁତ ହୋଇ ସାଇଁକୁଲ କଲେଜ ନିକଟରେ ଚୋରାରେ ବିକ୍ରି କରାଯାଉଥିବା ସୂଚନା ମିଳିଛି। ତେବେ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏହି କାରବାର ବନ୍ଦ କରିବାକୁ ସାଧାରଣରେ ଦାବି ହୋଇଛି।

### ଭିଭିପାଟ ମେଶିନ ମକ ଡ୍ରିଲ ଆରମ୍ଭ

ବଡବିଲ, ୧୦।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳରେ ଗୁରୁବାର ଠାରୁ ଆରମ୍ଭ ହୋଇଛି ଭିଭିପାଟ(ଭୋଟର ଭେରିଫାଏଡ ପେପର ଅଡିଟ୍ ଟ୍ରେଲ) ମେଶିନ୍‌ର ମକ ପୋଲ ଡ୍ରିଲ। ପୌରାଞ୍ଚଳର ୱାର୍ଡ ନମ୍ବର ୧୩ ସ୍ଥିତ ଡର୍ବିଛକରୁ ଏହି ମକ ପୋଲ ଡ୍ରିଲ ଆରମ୍ଭ ହୋଇ, ୱାର୍ଡ ନଂ୧୪ସ୍ଥିତ କଳିଙ୍ଗନଗର, ୱାର୍ଡ ନଂ୧୫ସ୍ଥିତ ସୁନ୍ଦରାବସ୍ତି, ୱାର୍ଡ ନଂ୩ ଠାକୁରାଣୀସ୍ଥିତ ଦଲକି ବସ୍ତି, ୱାର୍ଡ ନଂ ୫ସ୍ଥିତ ବିକାଶମହଲ ଠାରେ କରାଯାଇଛି। ପୌରାଞ୍ଚଳର ପ୍ରତି ୱାର୍ଡ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ କରାଯିବା ସହ ମକ୍ ପୋଲ ଡ୍ରିଲରେ ଅଂଶଗ୍ରହଣ କରିବାକୁ ଲୋକମାନଙ୍କୁ ଅବଗତ କରାଯିବା ନିହାତି ଜରୁରି ବୋଲି ମତ ପ୍ରକାଶ ପାଇଛି।

---

■ ଅର୍ଥାଭାବରୁ ହୋଇପାରୁନି ଭିତ୍ତିଭୂମି ବିକାଶ

# ପୁରାତନ ହୋଇ ବି ଅବହେଳିତ

କେନ୍ଦୁଝର, ୧୦।୧ (ସ୍ୱ.ପ୍ର.)

**୩୨ ବର୍ଷର କେନ୍ଦୁଝର ସେକେଣ୍ଡାରୀ ଉଚ୍ଚବିଦ୍ୟାଳୟ**



ଦୀର୍ଘ ୩୨ ବର୍ଷ ଧରି ଐତିହ୍ୟ ସମ୍ପନ୍ନ କେନ୍ଦୁଝର ପୁରୁଣା ବଜାରରେ ଚାଲିଆସୁଥିବା ଘରୋଇ ସେକେଣ୍ଡାରୀ ଉଚ୍ଚବିଦ୍ୟାଳୟ ଅର୍ଥାଭାବରୁ ଆଗେଇ ପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ୧୯୮୭ ମସିହାରୁ ଚାଲିଆସୁଥିବା ଏହି ଉଚ୍ଚ ବିଦ୍ୟାଳୟ ଅର୍ଥାଭାବରୁ ବହୁ ସମସ୍ୟା ମଧ୍ୟରେ ଗତି କରିଆସୁଛି । ପଦ୍ମପୁର, ତେଲକୋଇ ଓ ଝୁମ୍ପୁରା ସେକେଣ୍ଡାରୀ ଉଚ୍ଚ ବିଦ୍ୟାଳୟ ସମସାମୟିକ ଏହି ଉଚ୍ଚ ବିଦ୍ୟାଳୟକୁ ବିଭିନ୍ନ ସ୍ତରରେ ଅବହେଳା କରାଯାଇଥିବାରୁ ଆଗେଇ ପାରୁନାହିଁ।

ପ୍ରଥମରୁ ଯୁକ୍ତ ୨ କଳା ବିଭାଗ ଚାଲିଆସୁଥିବା ବେଳେ ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ତଥା ଯୁକ୍ତ ୩ ପାଠ୍ୟକ୍ରମ ଖୋଲିପାରୁ ନାହିଁ। ବହୁ ବର୍ଷଧରି ପୁରୁଣାବଜାର ରାଜବାଟୀରେ ଚାଲିଆସୁଥିବା ଏହି ଉଚ୍ଚ ବିଦ୍ୟାଳୟଟି ବହୁ ଅସୁବିଧାରେ ଚାଲିଛି। ରାଜପରିବାର ପକ୍ଷରୁ ଏଠାରେ ଉଚ୍ଚ ବିଦ୍ୟାଳୟ ଚଲାଇବାକୁ ମନା କରିବା ପରେ ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷ ଚିନ୍ତାରେ ରହିଛନ୍ତି। ଏବେ ପୁରୁଣାବଜାର ସିଦ୍ଧମଠ ନିକଟରେ ନିଜସ୍ୱ କୋଠା ନିର୍ମାଣ କରିବାକୁ ଉଦ୍ୟମ କରୁଥିଲେ ହେଁ ଅର୍ଥ ବାଧକ ସାଜିଛି । ଅର୍ଥାଭାବରୁ ଘର ନିର୍ମାଣ ହୋଇପାରୁ ନ ଥିବା ଜଣାପଡିଛି। ଘର, ପାଚେରୀ, ପିଲା ମାନଙ୍କ ଖେଳପଡିଆ ଆଦି ନିର୍ମାଣ ହୋଇପାରୁ ନ ଥିବାରୁ ପିଲା ମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏହି ବିଦ୍ୟାଳୟରେ ସମୁଦାୟ ୨୫୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଆଖପାଖ ଅଞ୍ଚଳର ବିଶେଷ କରି ଆଦିବାସୀ ଓ ମହିଳା ବର୍ଗର ଛାତ୍ରୀଛାତ୍ର ପଢୁଥିବାରୁ ଏହାର ଗୁରୁତ୍ୱ ରହିଛି। ତେବେ ଜମି ଓ ଘର ନ ଥିବାରୁ ଏହାର ନିର୍ମାଣ ହୋଇ ପାରୁନାହିଁ କିମ୍ବା ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ତଥା ଯୁକ୍ତ ୩ ପାଠ୍ୟକ୍ରମ ଖୋଲାଯାଇପାରୁ ନାହିଁ। ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ଖୋଲିବାକୁ ଉଚ୍ଚବିଦ୍ୟାଳୟ ପକ୍ଷରୁ ଉଦ୍ୟମ ଆରମ୍ଭ କରି ଘର ନିର୍ମାଣ କରାଯାଉଛି । ଏଥିପାଇଁ ବିଦ୍ୟାଳୟ ପକ୍ଷରୁ ନିଜସ୍ୱ ପାଣ୍ଠିରୁ ପାଖାପାଖି ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖି କାମ ଆରମ୍ଭ କରାଯାଇଛି । ତେବେ ଅର୍ଥାଭାବରୁ କାମ ଶେଷ ହେବାରେ ସମସ୍ୟା ଦେଖାଦେଉଛି। କେନ୍ଦୁଝର ଜିଲାରେ ବହୁ ଖଣି ଓ ଶିଳ୍ପ ସଂସ୍ଥା କାର୍ଯ୍ୟ କରୁଛନ୍ତି। ପ୍ରଶାସନ ପାଖରେ ଡିଏମଏଫ ଭଳି ପାଣ୍ଠିରେ ବ୍ୟାପକ ଅର୍ଥ ରହିଛି । ଏହା ସତ୍ତ୍ୱେ ଏଭଳି ପୁରୁଣା ଅନୁଷ୍ଠାନର ଭିତ୍ତିଭୂମୀର ବିକାଶ ପାଇଁ ଅର୍ଥ ବାଧକ ହେବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଦ୍ୟାଧର ବେହେରା କହିଛନ୍ତି। ଅଧକ୍ଷ ବିଭୂତି ଦାଶ କହିଛନ୍ତି ଯେ ଏହି ଉଚ୍ଚ ବିଦ୍ୟାଳୟ ୧୯୯୪ ମସିହାରୁ ଅନୁଦାନ ପାଇଛି। ଜମି, ନିଜସ୍ୱ ଘର ଓ ଅର୍ଥାଭାବରୁ ଏହା ଆଗେଇ ପାରୁନାହିଁ । ଆର୍ଥିକ ସହାୟତା ମିଳିଲେ ଏହାର ଘର ନିର୍ମାଣ ହୋଇ ପାରିବ ଏବଂ ଅନ୍ୟ ପାଠ୍ୟକ୍ରମ ଖୋଲାଯାଇପାରିବ ।

### ଢାବା ମାଲିକଙ୍କୁ ଅପହରଣ: ଅଭିଯୁକ୍ତ ଗିରଫ

ଯୋଡା,୧୦।୧(ଡି.ଏନ.ଏ.)

ଯୋଡା ସହରସ୍ଥିତ ୫୨୦ନଂ ଜାତୀୟ ରାଜପଥର ଡିଏଭି ସ୍କୁଲ୍ ନିକଟରେ ଥିବା ଏକ ଢାବା ମାଲିକଙ୍କୁ ମାଡ ମାରିଥିବା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଯୋଡା ବାରୁ ହଟିଂର ଜଲିଲ ଚାତାର। ପୋଲିସ ସୂଚନା ଅନୁଯାୟୀ ଗତ ୬ ତାରିଖରେ ଉକ୍ତ ଢାବାରେ ଖାଉଥିବା ୨ଜଣ ଗ୍ରାହକଙ୍କ ମଧ୍ୟରେ ଝଗଡା ହୋଇଥିଲା । ଢାବା ମାଲିକ ସଞ୍ଜୟ ଦାସ ସେମାନଙ୍କୁ ଝଗଡା କରିବାକୁ ମନା କରିଥିଲେ। ଉତ୍ତ୍ୟକ୍ତ ହୋଇ ଜଲିଲ ତାଙ୍କ ୫ଜଣ ସହଯୋଗୀଙ୍କ ମିଶି ଢାବା ମାଲିକ ସଞ୍ଜୟ ଦାସଙ୍କୁ ଏକ ଚାରିଚକିଆ ଯାନରେ ଅପହରଣ କରି ଇଙ୍ଗାଣୀ ଝରଣା ନିକଟରେ ନିସ୍ତୁକ ମାଡ ମାରିଥିଲେ । ଏନେଇ ଯୋଡା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି।

■ ଆଞ୍ଚଳିକ ସ୍ତରରେ ଆଇଟିଆଇ ଫେଷ୍ଟ

## ୫୫ ଇଭେଣ୍ଟରେ ୫୦୦ ଛାତ୍ରୀଛାତ୍ର




ଆଇଟିଆଇ ଫେଷ୍ଟରେ ଉପସ୍ଥିତ ଅତିଥିମାନେ।

ଆନନ୍ଦପୁର,୧୦। ୧(ସ୍ୱ.ପ୍ର.)

ଆନନ୍ଦପୁର ସରକାରୀ ଆଇଟିଆଇ ଆନୁକୂଲ୍ୟରେ ଆଞ୍ଚଳିକ ସ୍ତରୀୟ ଆଇଟିଆଇ ଫେଷ୍ଟ ୨୦୧୯ ଉଦ୍‌ଘାଟିତ ହୋଇଯାଇଛି। ଆଇଟିଆଇର ଅଧକ୍ଷ ଶରତ ଚନ୍ଦ୍ର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଆଞ୍ଚଳିକ ସ୍ତରୀୟ କ୍ରୀଡା ଓ ସାଂସ୍କୃତିକ ଉତ୍ସବକୁ ଆନନ୍ଦପୁର ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ରମାକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ପୂର୍ବକ ଉଦ୍‌ଘାଟିତ କରିଥିଲେ। ଏଥିରେ ସରକାରୀ ଆଇଟିଆଇ ବଡ଼ବିଲ୍‌ର ଦେବାଶିଷ ବିସି, ଯାଜପୁରର ଦୀପକ୍ ରଞ୍ଜନ ପଟ୍ଟନାୟକ,ଭଦ୍ରକର ଗଣେଶ ପ୍ରସାଦ ବିଶ୍ୱାଳ, କେନ୍ଦୁଝର ଜିଲା ଜୋନ୍ ସମ୍ପାଦକ ବସନ୍ତ କୁମାର ଦାସ, ଯାଜପୁର ଜୋନ୍ ସମ୍ପାଦକ ସୁବ୍ରତ କୁମାର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ରୀଡା ଉତ୍ସବରେ ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲାରେ ଥିବା ସମସ୍ତ ସରକାରୀ ଓ ଘରୋଇ ଆଇଟିଆଇର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଛନ୍ତି। ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଆଞ୍ଚଳିକ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଛନ୍ତି। ବ୍ୟାଡମିଣ୍ଟନ ଭଲି, କବାଡି, ଜାଭଲୀନ୍, କ୍ରିକେଟ୍, ଫୁଟବଲ୍, ୧୦୦ ରୁ ୮୦୦ ମି. ରେସ୍, ଲଙ୍ଗ ଜମ୍ପ, ହାଇ ଜମ୍ପ ପ୍ରଭୃତି ୫୫ ପ୍ରକାରର ଇଭେଣ୍ଟ ଉଭୟ ବାଳିକା ଓ ବାଳକ ବିଭାଗରେ ଖେଳାଯିବାର ବ୍ୟବସ୍ଥା ରହିଛି। ଚାରିଗୋଟି ଗ୍ରାଉଣ୍ଡରେ ଏହି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଅରୁପ୍ କୁମାର ବେହେରା, ଶୁଭାଶିଷ ବେହେରା, ଉତ୍ତମ କୁମାର ସାହୁ, ମନୋରଞ୍ଜନ ମହାରଣା, ଯାନକୀ ବଲ୍ଲଭ ଥାଟୋଇ, ଦିପ୍ତୀ ରଞ୍ଜନ ଜେନା, କ୍ରୀଷ୍ଣାଶିଷ ବେହେରା, ପୁଷ୍ପଲତା ବେହେରା, ଦୁଷ୍ମନ୍ତ ପାଣିଗ୍ରାହୀ, ଚିଦାନନ୍ଦ ମଲ୍ଲିକ, ଶ୍ରୀକାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରୁଥିବାବେଳେ ଖେଳର ବିବରଣୀ ନେହା ନାୟକ, ଦୁଶମନ୍ତ ପାଣିଗ୍ରାହୀ ପ୍ରଦାନ କରୁଛନ୍ତି।

### ଧନୁର୍ଜୟପୁରରେ କ୍ରିକେଟ ଟୁର୍ନାମେଣ୍ଟ

ହାଟଡିହୀ,୧୦। ୧(ଡି.ଏନ୍.ଏ.)

ହାଟଡିହୀ ବ୍ଲକର ଧନୁର୍ଜୟପୁର ପଞ୍ଚାୟତର ନୂଆସାହି ମିନି ଷ୍ଟାଡିୟମରେ କ୍ରୋମାଇଟ କପ୍ କ୍ରିକେଟ ଆସୋସିଏଶନ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି । ଏହା ବାଙ୍ଗୋର ଓଏମସି ପକ୍ଷରୁ ପରିଚାଳନା କରାଯାଉଥିବା ବେଳେ ମୁଖ୍ୟଅତିଥି ଭାବେ ବାଙ୍ଗୋର ଓଏମସିର ଡିଜିଏମ ଘନଶ୍ୟାମ ସାହୁ, ଅତିଥି ଭାବେ ଫାଇନାନ୍ସ ମ୍ୟାନେଜର ଘନଶ୍ୟାମ ମହାନ୍ତି, ମ୍ୟାନେଜର ପର୍ସନାଲ ସରୋଜ କୁମାର ନାୟକ, ଜୁନିୟର ଇଞ୍ଜିନିୟର ଓଏମସି ସାଗରିକା ଦାଶ, ସରପଞ୍ଚ ସୁପ୍ରଭା ରାଉତ, ସମିତି ସଭ୍ୟ ବିବେକାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ରହି ଖେଳ ପତାକାକୁ ଉନ୍ମୋଚନ କରି ଶୁଭାରମ୍ଭ କରିଥିଲେ। ମୁଖ୍ୟଅତିଥି ଘନଶ୍ୟାମ ସାହୁ ଟିମର ଖେଳାଳିମାନଙ୍କ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ବଲ ପକାଇ ଖେଳର ଶୁଭାରମ୍ଭ ପାଇଁ ଦୁଇ ଟିମକୁ ନିମନ୍ତ୍ରଣ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ବାଘୁଆ ସହିତ ଓଏମସି ମଧ୍ୟରେ ହୋଇଥିଲା । ଖେଳକୁ ଅମ୍ପାୟାର ଭାବେ ଅମ୍ରିତ ପ୍ରିୟଦର୍ଶନ ରାଉତ ଓ ଅରବିନ୍ଦ ପାତ୍ର ପରିଚାଳନା କରିଥିଲେ ।

■ ଅଲ୍ ଇଣ୍ଡିଆ ମା’ ବାସୁଳୀ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

## ଫୋର୍ ସି ସମ୍ବଲପୁର ଚାମ୍ପିୟନ

ହାଟଡିହୀ, ୧୦। ୧(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଆଞ୍ଚଳିକ ଯୁବ ପରିଷଦ ହାଟଡିହୀ ତରଫରୁ ସ୍ଥାନୀୟ ମଠ କପୁଣ୍ଡି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ଅଲ ଇଣ୍ଡିଆ ମା’ ବାସୁଳୀ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ପଞ୍ଚମ ଦିନରେ ପହଞ୍ଚିଛି। ପଞ୍ଚମ ଦିନ ଖେଳ ଫୋର୍ ସି ସମ୍ବଲପୁର ଓ ଜାମସେଦ୍‌ପୁର ସୁପରକିଙ୍ଗ ଟାଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଫୋର୍ ସି ସମ୍ବଲପୁର ବ୍ୟାଟିଂ କରି ୨୩.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୯୯ ରନ୍ ସଂଗ୍ରହ କରିଥିଲା ଓ ବିଜୟୀ ହୋଇଥିଲା। ଜାମସେଦ୍‌ପୁର ସୁପରକିଙ୍ଗ ଟାଟା ୧୮.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୮୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଅମ୍ପାୟାର୍ ଭାବେ ଲଲାଟ କେଶରୀ ନନ୍ଦ ଓ ରଞ୍ଜନ କୁମାର ମହାନ୍ତି , ସ୍କୋରର ଭାବେ ଜ୍ୟୋତିରଞ୍ଜନ ଜେନା, ମଣ୍ଟୁ ଜେନା ଓ ପଦ୍ମନାଭ ସାମଲ, ଭାଷ୍ୟକାର ଭାବେ ଜ୍ଞାନ ରଞ୍ଜନ ଘଡେଇ ଓ ଗଣେଶ କୁମାର କୁଅଁର ଓ ସୁକାନ୍ତ ବେହେରା ଉପସ୍ଥିତ ଥିଲେ। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପଙ୍କଜ ମହାପାତ୍ର, ବିରଞ୍ଚିପୁର ସେଣ୍ଟ



ଅତିଥିମାନେ ଚାମ୍ପିୟନ ଦଳକୁ ବିଜୟୀ ଚେକ୍ ପ୍ରଦାନ କରୁଛନ୍ତି।

ଜାଭିୟର୍ସ ହାଇସ୍କୁଲ ପରିଚାଳକ ଉଦୟ ନାଥ କର, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ନାଥ ଜେନା ଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପରିଷଦର ସଭାପତି ଚିନ୍ମୟ କୁମାର ନାୟକ, ସମ୍ପାଦକ ଚିତ୍ତରଞ୍ଜନ ପାତ୍ର, ଉପଦେଷ୍ଟା ମନୋଜ ପାତ୍ର, ଦେବାଶିଷ ବାରିକ, ଧବଳ ପଟ୍ଟନାୟକ, ରଞ୍ଜନ କୁମାର ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସାମାଜିକ କର୍ମୀ କାହ୍ନୁ ଚରଣ ଜେନା, ସୁକାନ୍ତ ବେହେରା, କଳ୍ପତରୁ ସେଠି,ବିଜୟ ମଲ୍ଲିକ, ଅମିୟ ରଞ୍ଜନ ନାୟକ, ରୁପକ ଜେନା, ବିପିନ ଜେନା, ପ୍ରଦୀପ ଜେନା,ଗୁଲୁ ପାଢୀ, ସନାତନ ବାରିକ, ଆଶିଷ ଦ୍ୱିବେଦୀ ପ୍ରମୁଖ ଖେଳ ପରିଚାଳନାରେ ସହାୟତା କରିଥିଲେ।

## ଖଣିରେ ପଶି କର୍ମଚାରୀଙ୍କୁ ମାଡ଼, ୫ ଗିରଫ

ଯୋଡ଼ା,୧୦।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳର ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ପଶି କର୍ମଚାରୀଙ୍କୁ ନିସ୍ତୁକ ମାଡ ମାରିଥିବା ଅଭିଯୋଗରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି । ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇ କହିଛନ୍ତି ଯେ, ଭାରତ ବନ୍ଦ ବେଳେ ସିଟୁ ଦଳର ଆନ୍ଦୋଳନକାରୀମାନେ ଉକ୍ତ ଖଣିରେ ପଶି ଖଣିର କେତେକ ଅଧିକାରୀ ଓ କର୍ମଚାରୀମାନଙ୍କୁ କାହିଁକି ଖଣି ଚାଲୁ ରଖିଛ କହି ଗୋଇଠା , ବିଧା, ମୁଥ ମାରିଥିଲେ । ଏହି ଘଟଣା ସୋସିଆଲ ସାଇଡ୍‌ରେ ପ୍ରସାରିତ ହୋଇଥିଲା ଏବଂ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ବାମେବାରୀ ପୋଲିସ ଏକ ମାମଲା (ନଂ.୦୩/୧୯) ରୁଜୁ କରି ବୁଧବାର ରାତିରେ ଏହି ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଚମ୍ପୁଆ ମଙ୍ଗଳପୁରର ଶଙ୍କର୍ଷଣ ପ୍ରଧାନ, ବିହାର ରାଜ୍ୟ ଚାପରା ଅଞ୍ଚଳର ସଞ୍ଜୟ ରାଏ, ଅନୁଗୁଳ ବାଲିପଶିର ବୁଧଦେବ ମହାନ୍ତ, ମଧୁପୁର ଧାନବାଦ୍‌ର କମଲ ମିୟା ଏବଂ ଧନୟ ମହାନ୍ତ। ଏ ସମ୍ପର୍କରେ ସିଟୁ ଦଳର ଶ୍ରମିକ ନେତା ଇନ୍ଦ୍ରମଣି ବେହେରାଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ, ମାଡମାରିଥିବା ଆନ୍ଦୋଳନକାରୀମାନେ ତାଙ୍କ ଦଳର। ପୋଲିସ ରାତିରେ ସେମାନଙ୍କୁ ଗିରଫ କରିଛି । ଏ ଘଟଣା ସମ୍ପର୍କରେ ସେ କିଛି ଜାଣି ନଥିଲେ , ମ୍ୟାନେଜମେଣ୍ଟ ସହିତ କଥାବାର୍ତ୍ତା ହେବାପରେ ଜାଣିବାକୁ ପାଇଥିଲେ । ଦଳ ପକ୍ଷରୁ ଏପରି ମାଡ ମାରିବା ଘଟଣା ପୂର୍ବରୁ କେବେ ହୋଇନାହିଁ । ଯଦିଓ ଏହା ହୋଇଛି ତେବେ ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

### ଶିଶୁବାଟିକା ବିଭାଗର ବାର୍ଷିକ କ୍ରୀଡ଼ା ଉତ୍ସବ

କେନ୍ଦୁଝର, ୧୦।୧ (ସ୍ୱ.ପ୍ର.)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରଗଡଠାରେ ଶିଶୁବାଟିକା ବିଭାଗର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଲ୍‌ହାବାଦ ବ୍ୟାଙ୍କର ପରିଚାଳକ ପରେଶ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଡି.ଏସ୍.ପି. ଜଗନ୍ନାଥ ମିଶ୍ର, ଆଲ୍‌ହାବାଦ ବ୍ୟାଙ୍କ କର୍ମଚାରୀ ଦୁଲାରୀ କିସ୍କୁ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିଲେ ।

## ନିଶା ମୁକ୍ତି ଆନ୍ଦୋଳନକାରୀଙ୍କ ବିକ୍ଷୋଭ, ଦାବିପତ୍ର ପ୍ରଦାନ

କେନ୍ଦୁଝର ୧୦।୧ (ସ୍ୱ.ପ୍ର.)

ଶାନ୍ତି ଶକ୍ତି ମହିଳା ସୁରକ୍ଷା ମଞ୍ଚ ପକ୍ଷରୁ ଜିଲା ସ୍ତରୀୟ ନିଶାମୁକ୍ତି ଅଭିଯାନ ଗୁରୁବାର ଜିଲା ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବହୁ ସଂଖ୍ୟାରେ ମହିଳା ସ୍ଥାନୀୟ ନଗରଭବନ ପଡିଆରେ ଏକ ସଭା ଆୟୋଜନ କରି ଏହି ଅଭିଯାନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ଏହା ପରେ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ଥାନା ଛକ ନିକଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ନିଶାନିବାରଣ ଆନ୍ଦୋଳନକାରୀ ମାନେ ଅଟକି ରାଜ୍ୟକୁ ନିଶା ମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆକୁଳ ନିବେଦନ କରିଥିଲେ। ବିଭିନ୍ନ ପ୍ରକାର ନିଶା ବିରୋଧୀ ସ୍ଲୋଗାନ ଲିଖିତ ପ୍ଲାକାର୍ଡ, ବ୍ୟାନର ଧରି ମହିଳା ମାନେ ଶୋଭାଯାତ୍ରାରେ ବାହାରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ବରିଷ୍ଠ ଅଧିକାରୀ ସୋନା ଟୁଡୁଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଏହାର କପି ଅବକାରୀ ଅଧୀକ୍ଷକ ଓ ଉପଜିଲାପାଳଙ୍କୁ ପ୍ରଦାନ କରିଥିଲେ । ଶାନ୍ତି ଶକ୍ତି ମହିଳା ସୁରକ୍ଷା ମଞ୍ଚର ମୁଖ୍ୟ ଶର୍ମିଷ୍ଠା ମହାନ୍ତି ସୁଚନା ଦେଇଛନ୍ତି ଯେ, ଆଗାମୀ ଦିନରେ ଏହି ନିଶା ନିବାରଣ ଆନ୍ଦୋଳନକୁ ବ୍ୟାପକ କରି ରାଜଧାନୀରେ କରାଯିବ ।




ମହିଳା ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା।

## ଅପହଞ୍ଚ ସ୍ୱାସ୍ଥ୍ୟ ସେବା, ଖଟିଆ ହିଁ ସାହା ଭରସା

କେନ୍ଦୁଝର/ରାଇସୁଆଁ, ୧୦।୧ (ସ୍ୱ.ପ୍ର./ଡି.ଏନ.ଏ.)

ଗମନାଗମର ବିକାଶ ହେଲେ ଗ୍ରାମ ଓ ଅଞ୍ଚଳର ବିକାଶ ହେବ। ଏଣୁ ସରକାର ବିଭିନ୍ନ ଯୋଜନାରେ ରାସ୍ତାଘାଟର ନିର୍ମାଣ କରୁଛନ୍ତି। ତେବେ ଏବେ ମଧ କେନ୍ଦୁଝର ଜିଲାର ଅନେକ ଗ୍ରାମ ଓ ପଡାକୁ ସବୁଦିନିଆ ରାସ୍ତା ନ ଥିବାରୁ ଲୋକ ମାନେ ବହୁ ସମସ୍ୟା ମଧ୍ୟରେ ରହୁଛନ୍ତି। ଯାତାୟତ ପାଇଁ କେଉଁଠି ଡଙ୍ଗା ସାହା ଭରସା ତ କେଉଁଠି ଗାଡି ଯିବାଆସିବା କରିପାରୁ ନ ଥିବାରୁ ଚାଲିଚାଲି ଯିବାକୁ ପଡୁଛି । ସେହିପରି ଆମ୍ବୁଲାନ୍ସ ଗାଡି ପହଞ୍ଚିପାରୁ ନ ଥିବାରୁ ରୋଗୀ ମାନେ ଅଧିକ ସମସ୍ୟା ଭୋଗୁଛନ୍ତି।

ଏଭଳି ଏକ ଦୃଷ୍ଟାନ୍ତ ବାଂଶପାଳ ବ୍ଲକର ଉପରରାଇଗୋଡା ପଞ୍ଚାୟତର ଛଡାଡିହି ଗ୍ରାମରେ ଦେଖିବାକୁ ମିଳିଛି । ଉକ୍ତ ଗ୍ରାମରେ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଗ୍ରାମବାସୀ ମାନେ ପ୍ରସୂତି ଯନ୍ତ୍ରଣାରେ ଛଟପଟ ହେଉଥିବା ପଦ୍ମିନୀ



ଜଣେ ପ୍ରସୂତୀଙ୍କୁ ଖଟିଆରେ ବୋହି ନିଆଯାଉଛି।

ଦେହୁରୀଙ୍କୁ ଖଟିଆରେ ବୋହି ଜଳଡିହି ଛକକୁ ଆଣିଥିଲେ । ୧୦୮ ଆମ୍ବୁଲାନ୍ସ ନ ଆସିବାରୁ ସେଠାରୁ ୧୦୨ ଆମ୍ବୁଲାନ୍ସରେ ପ୍ରଥମେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରୁ ଅବସ୍ଥା ଗୁରୁତର ଥିବାରୁ କେନ୍ଦୁଝର ଜିଲା ମୁଖ୍ୟଡାକ୍ତରଖାନାକୁ ନେବା ବାଟରେ ଶିଶୁ ପୁତ୍ର ଜନ୍ମ ହୋଇଥିଲା। ସେହିପରି କିଛି ଦିନ ତଳେ ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିବାରୁ ଉପର ରଡୁଆଁ ଗ୍ରାମର କଷ୍ଟଯନ୍ତ୍ରଣା ଭୋଗୁଥିବା ଜଣେ ଗର୍ଭବତୀ ଜୁଆଙ୍ଗ ମହିଳାଙ୍କୁ ବହୁ ବିଳମ୍ବରେ ଜିଲା ମୁଖ୍ୟଡାକ୍ତରଖାନାକୁ ଅଣାଯାଇଥିଲା। ତେବେ ପରେ ଡାକ୍ତରଖାନାରେ ଜନ୍ମିତ ଶିଶୁର ମୃତ୍ୟୁ ହୋଇଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଦୁର୍ଗମ ଅଞ୍ଚଳରେ ରୋଗୀ ଙ୍କୁ ଆମ୍ବୁଲାନ୍ସ ପାଖକୁ ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାଇକ ଆମ୍ବୁଲାନ୍ସ, ଷ୍ଟ୍ରେଚର ଆଦି ବ୍ୟବସ୍ଥା କରାଯାଇଥିଲେ ହେଁ ସେସବୁ ଏଭଳି କ୍ଷେତ୍ରରେ କାମରେ ଲାଗୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ସେହିପରି ଦୂରସଞ୍ଚାର ସେବା ଅନେକ ଅଞ୍ଚଳରେ ଅପହଞ୍ଚ ହୋଇଥିବାରୁ ୧୦୮ ଓ ୧୦୨ ଆମ୍ବୁଲାନ୍ସ ସେବା ପାଇବା ପାଇଁ ଲୋକେ ଯୋଗାଯୋଗ କରିପାରୁନାହାନ୍ତି। ଦେଶ ସ୍ୱାଧୀନର ଏତେ ବର୍ଷ ପରେ ମଧ ଗାଁକୁ ଖଣ୍ଡିଏ ରାସ୍ତା ନାହିଁ ବହୁ ବାର ଗ୍ରାମବାସୀ ବ୍ଲକ ଠାରୁ ଜିଲାପାଳଙ୍କୁ ଗୁହାରୀ କଲେ ମଧ ରାସ୍ତାଟିଏ ହୋଇ ପାରିଲା ନାହିଁ ବୋଲି ଅଭିଯୋଗ କରିଛନ୍ତି। ବର୍ଷା ଦିନେ ଏହି ଗ୍ରାମଟି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଯାଉଥିବା ବେଳେ ଖରାଦିନେ ବିଲହୁଡା ହିଁ ନିତିଦିନିଆ ରାସ୍ତା ଏହି ଅଞ୍ଚଳରେ ଏହି ଭଳି ଘଟଣା ନିତିଦିନ ହେଉଥିବା ବେଳେ ମଧ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଥି ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବେଆଇନ ପଥର ଚାଲାଣକୁ ବିରୋଧ

# ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

**ଢେଙ୍କାନାଳ ଅଫିସ, ୧୦।୧**

ଢେଙ୍କାନାଳ ଜିଲା ସଦର ବ୍ଲକ ଭାଲିଆବୋଲକାଟେଣୀ ପଞ୍ଚାୟତ ଦେଇ ବେଆଇନ ଭାବେ ବ୍ୟାପକ ପଥର ଚାଲାଣ କରାଯାଉଛି। ଏହାଦ୍ୱାରା ଗ୍ରାମରାସ୍ତା ବିପଦସଙ୍କୁଳ ହୋଇପଡ଼ିଛି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ କିମ୍ବା ପ୍ରଶାସନ ପଦକ୍ଷେପ ନେଉନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟାନୁଷ୍ଠାନ ଦାବିରେ ଶତାଧିକ ଗ୍ରାମବାସୀ ଗୁରୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ।

**■ରାସ୍ତା ଶୋଚନୀୟ**
**■ଦୁର୍ଘଟଣା ବଢ଼ୁଛି**

ଅଭିଯୋଗ ଅନୁଯାୟୀ, ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ଗଢ଼ି ଉଠିଥିବା ପଥର ଖଣିରୁ ଟ୍ରକ୍ ଏବଂ ଟ୍ରାକ୍ଟର ସହାୟତାରେ ବେଆଇନ ଭାବେ ବିପୁଳ ପରିମାଣର ମାଙ୍କଡ଼ା ପଥର ଚୋରାଚାଲାଣ ହେଉଛି। ଭାରିଯାନଗୁଡ଼ିକ ଭାଲିଆବୋଲକାଟେଣୀ ପଞ୍ଚାୟତର ସନ୍‌ସାଇଲୋ, ଗୋହିରାଖାଲ, ଲମ୍ବୋଦରପୁର, କଅାଁରପୁର, ବଡ଼େଇକାଟେଣୀ, କଙ୍କଡ଼ାହାଡ଼ ପଞ୍ଚାୟତର ସାରିଅାଁ ଦେଇଯାଉଛି। ଏହାଦ୍ୱାରା ଗ୍ରାମ ରାସ୍ତା ଶୋଚନୀୟ ହୋଇପଡ଼ିଛି। ପାଦରେ ଚାଲିକରି ଯିବା ମଧ୍ୟ କଷ୍ଟକର ହୋଇଗଲାଣି। ଅଭିଯୋଗ ସତ୍ତ୍ୱେ ରାସ୍ତା ମରାମତି ଦିଗରେ ପଦକ୍ଷେପ ନିଆଯାଉନାହିଁ। ପ୍ରତିବାଦ କଲେ ଚୋରା ଚାଲାଣରେ ସମ୍ପୃକ୍ତ ବ୍ୟବସାୟୀମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ଧମକଚମକ ମଧ୍ୟ ଦେଉଛନ୍ତି। ଏଣୁ ରାସ୍ତାରେ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସରପଞ୍ଚ ସୁଭଦ୍ରା ସାମଲ, ସାମାଜିକ କର୍ମୀ ହର୍ଷବର୍ଦ୍ଧନ ସିଂଦେଓ ଦାବି କରିଛନ୍ତି। ଅଭିଯୋଗ ଆଧାରରେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ଟ୍ରକ୍ ପଛରେ ପିଟିଲା ବାଇକ୍

# ଅଜା ମୃତ, ନାତୁଣୀ ଆହତ

**ଢେଙ୍କାନାଳ ଅଫିସ, ୧୦।୧:** ଢେଙ୍କାନାଳ ସହରସ୍ଥିତ ଭଗବାନପୁର ନିକଟରେ ଗୁରୁବାର ରାତିରେ ଦୁର୍ଘଟଣା ଘଟିଛି। ଟ୍ରକ୍ ପଛରେ ପିଟି ହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଗବାନପୁର ଅଞ୍ଚଳର ମହେଶ୍ୱର ସାହୁ (୬୦)। ଏଥିରେ ତାଙ୍କ ନାତୁଣୀ ଆହତ ହୋଇଛନ୍ତି। ମହେଶ୍ୱର ଜଣେ ପରିବା ବ୍ୟବସାୟୀ। ରାତିରେ ନାତୁଣୀଙ୍କୁ ଧରି ଘରକୁ ଫେରୁଥିବାବେଳେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ଫଟୋରେ ଖବର



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିନା ସୁରକ୍ଷାରେ ବାୟୋ ବର୍ଜ୍ୟ ପରିଚାଳନା ସମ୍ପର୍କିତ ଖବର ଗୁରୁବାର ଧରିତ୍ରୀରେ ପ୍ରକାଶ ପରେ ପ୍ରଶାସନର ଚେତା ଉଦୟ ହୋଇଛି। ଆଜି ଉକ୍ତ ଦାୟିତ୍ୱରେ ଥିବା କର୍ମଚାରୀମାନେ ସୁରକ୍ଷା ପୋଷାକ ପିନ୍ଧି ସୁରକ୍ଷିତ ଭାବେ ବର୍ଜ୍ୟବସ୍ତୁ ନେଉଥିବା ଦେଖାଯାଇଛି।

# ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



**କାମାକ୍ଷାନଗର, ୧୦।୧(ଡି.ଏନ୍.ଏ.)**

କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୦ତମ ବାର୍ଷିକ ଉତ୍ସବ ଗୁରୁବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ସଞ୍ଜୀବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଧାନ ଆଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସମ୍ମାନିତ ଅତିଥି ଶିକ୍ଷା ବିକାଶ ସମିତିର ହେମନ୍ତ କୁମାର ପ୍ରାଣିଗ୍ରାହୀ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି ମଞ୍ଚାସୀନ ରହି ଶିଶୁଙ୍କ ମାର୍ଗଦର୍ଶନ କରାଇଥିଲେ। ଉପସଭାପତି ପ୍ରଫୁଲ୍ଲ ସାହୁ ମଞ୍ଚାସୀନ ଥିବାବେଳେ ସମ୍ପାଦକ ବିଜୟ ସେନାପତି ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର



@ ଅରୁଣ



@ ବେଣୁଧର

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

## ଆଜି ଉଦ୍‌ଘାଟନ ହେବ ରାସୋଳ ଥାନା

**ରାସୋଳ, ୧୦।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ରାସୋଳରେ ନବନିର୍ମିତ ଥାନା ଶୁକ୍ରବାର ଉଦ୍‌ଘାଟିତ ହେବ। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ଯୋଗଦେଇ ଏହାକୁ ଲୋକାର୍ପିତ କରିବା କାର୍ଯ୍ୟକ୍ରମ ରହିଛି। ଏ ନେଇ ଥାନାଧିକାରୀ ସନ୍ତୋଷ କୁମାର ପ୍ରଧାନ କୁହନ୍ତି, ଅପରାହ୍ନ ୨ଟାରେ ଡିଜିଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଛି। ଥାନା ଉଦ୍‌ଘାଟନ ପରେ ଡିଜି ଢେଙ୍କାନାଳ ଗସ୍ତରେ ଯାଇ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବରେ ଯୋଗଦେବେ। ଥାନା ଉଦ୍‌ଘାଟନ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଦୀର୍ଘଦିନ ହେଲା ରାସୋଳ ଥାନା ଲୋକାର୍ପଣ ଅପେକ୍ଷାରେ ରହିଛି। ଏଥିଲାଗି ଦୁଇଥର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ହେଲେ ବିଭିନ୍ନ କାରଣରୁ ପରବର୍ତ୍ତୀ ସମୟରେ ତାହା ବାତିଲ ହୋଇଯାଇଥିଲା।

ଓଡ଼ିଶା ସରକାର

# 'କାଳିଆ' ଯୋଜନା

**ସବୁଜ ଫର୍ମ** (Green Colour)

**କାଳିଆ ଯୋଜନାରେ ନାମ ଦରଜ ନିମନ୍ତେ ଆବେଦନ ପତ୍ର**

୧. ଚାଷୀଙ୍କ ନାମ (ପରିବାରର ମୁଖ୍ୟ):
୨. ପିତା / ସ୍ୱାମୀଙ୍କ ନାମ :
୩. ପରିବାରର ସଦସ୍ୟଙ୍କ ସଂଖ୍ୟା :
୪. ସ୍ଥାୟୀ ଠିକଣା :-
ଗ୍ରାମ: ଗ୍ରାମ ପଞ୍ଚାୟତ :
ବ୍ଲକ : ଜିଲ୍ଲା :
୫ . ଆଧାର କାର୍ଡ ନଂ- (ନକଲ ସଂଲଗ୍ନ କରନ୍ତୁ) :
୬. ମୋବାଇଲ ନଂ :
୭. ବ୍ୟାଙ୍କ ସଂଚୟ ଖାତା ବିବରଣୀ (ବହିର ପ୍ରଥମ ପୃଷ୍ଠା ର ନକଲ ସଂଲଗ୍ନ କରନ୍ତୁ)
- ବ୍ୟାଙ୍କ ନାମ :
- ଶାଖାର ନାମ :
- ବ୍ୟାଙ୍କ ଖାତା ଆକାଉଣ୍ଟ ନଂ. :
- I.F.S.C. କୋଡ଼ ନଂ :

୮. ନିଜ ନାମରେ ରେକର୍ଡଭୁକ୍ତ ଚାଷ ଜମି (✓) ଅଛି ( ) / ନାହିଁ ( )
କ. ଯଦି ଚାଷ ଜମି ଅଛି,ଅଧିକୃତ ଚାଷ ଜମିର ବିବରଣୀ (ନକଲ ସଂଲଗ୍ନ କରନ୍ତୁ) :-
ଖାତା ନଂ : ପ୍ଲଟ ନଂ :
ଜମି ପରିମାଣ (ଏକର) :
ଖ. ଯଦି ନାହିଁ, ନିଜ ନାମରେ ରେକର୍ଡଭୁକ୍ତ ଚାଷ ଜମି ନଥିଲେ, ତାହାର କାରଣ :-

୯. ଚାଷୀ ପ୍ରମାଣ ପତ୍ର (ନିମ୍ନୋକ୍ତ କୌଣସି ପ୍ରମାଣ ପତ୍ରର ନକଲ ସଂଯୁକ୍ତ କରନ୍ତୁ)
କିଶାନ କ୍ରେଡିଟ କାର୍ଡ / ଜମି ଖତିଆନର ନକଲ / ରାଜସ୍ୱ ବିଭାଗ ପ୍ରଦତ୍ତ ଚାଷୀ ପ୍ରମାଣ ପତ୍ର / ଚଳନ୍ତି ଖଜଣା ପାଉତିର ନକଲ / ରାଜସ୍ୱ ବିଭାଗ ପ୍ରଦତ୍ତ ଜମି ପାସ ବହି / ଲିଜ ଜମିର ପ୍ରମାଣ ପତ୍ରର ନକଲ / ଅନ୍ୟ ପ୍ରମାଣ ପତ୍ର

ମୁ ଏତଦ୍ୱାରା ଘୋଷଣା କରୁଅଛି ଯେ ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ । ଏହାର ସତ୍ୟାସତ୍ୟ ପାଇଁ ମୁ ଦାୟୀ ଅଟେ ।

ତାରିଖ ଚାଷୀଙ୍କ ସ୍ୱାକ୍ଷର:

ଉପରୋକ୍ତ ଘୋଷଣାନାମାକୁ ମୁଁ ନିମ୍ନୋକ୍ତ କାରଣ ପାଇଁ ସହମତି / ଅସହମତି ପ୍ରକାଶ କରୁଅଛି ।

ନୋଡାଲ୍ ଅଧିକାରୀଙ୍କ ସ୍ୱାକ୍ଷର:
ନାମ ଓ ପଦବୀ:

ବି.ଦ୍ର. : ପ୍ରଯୁଜ୍ୟ ହେଉନଥିବା କାରଣକୁ ଗାର ପକାଇ କାଟିଦିଅନ୍ତୁ ।

DSPL-342
39001/13/0007/1819

ମନେ ରଖନ୍ତୁ, ସବୁଜ ଫର୍ମ ପାଇବା ପାଇଁ କୌଣସି ମଧ୍ୟସ୍ଥିଙ୍କୁ ଅର୍ଥ ଦେବା ଆବଶ୍ୟକ ନୁହେଁ। ଏହି ଫର୍ମକୁ ଆପଣ ସହଜରେ ପୂରଣ କରିପାରିବେ ଏବଂ ସମ୍ପୂର୍ଣ୍ଣ ଫର୍ମକୁ ନିଜେ ସବୁଜ ଡ୍ରପ୍ ବକ୍ସରେ ପକାଇବେ।

**ସବୁଜ ଫର୍ମ ନ ମିଳିବା ସ୍ଥିତିରେ ଆପଣ:**
- ଏହି ବିଜ୍ଞାପନ ପୃଷ୍ଠାକୁ ଜେରକ୍ସ କରି, ବ୍ୟବହାର କରିପାରିବେ।
- **www.kalia.co.in** ୱେବ୍‌ସାଇଟ୍‌ରୁ ଆପଣ ସବୁଜ ଫର୍ମ ଡାଉନ୍‌ଲୋଡ ପରେ ପ୍ରିଣ୍ଟ କରି ବ୍ୟବହାର କରିପାରିବେ।
- ଅନ୍ୟ କାହାର ଖାଲି ସବୁଜ ଫର୍ମ ମଧ୍ୟ ଜେରକ୍ସ କରି ବ୍ୟବହାର କରିପାରିବେ।

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

## ସଂକ୍ଷେପରେ

### ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବେ ରାଜ୍ୟ ସରକାର

**ଭୁବନେଶ୍ୱର, ୧୦।୧(ବ୍ୟୁରୋ):** ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀ ଶହୀଦ ଜୟୀ ରାଜଗୁରୁଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ତାଙ୍କ ଜନ୍ମସ୍ଥାନ ପୁରୀ ଜିଲାର ବୀରହରେକୃଷ୍ଣପୁର ଛକଠାରେ ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଗୁରୁବାର ସଚିବାଳୟସ୍ଥିତ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ୧୮୦୪ରେ ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରି ଜୟୀ ରାଜଗୁରୁ ଫାଶୀ ପାଇଥିଲେ। ପ୍ରତିମୂର୍ତ୍ତି ସ୍ଥାପନର ସ୍ଥାନ ନିରୂପଣ କରିବା ଲାଗି ଏକ ସ୍ୱତନ୍ତ୍ର କମିଟି ଶୁକ୍ରବାର ବୀରହରେକୃଷ୍ଣପୁର ଗସ୍ତ କରିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ କରାଯିବ । ପ୍ରତିମୂର୍ତ୍ତିକୁ ଯଥାଶୀଘ୍ର ସ୍ଥାପନ କରିବା ପାଇଁ ମନ୍ତ୍ରୀ ମହାନ୍ତି ବୈଠକରେ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ସମେତ ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଇରଙ୍ଗପୁର ଭାଜପା କର୍ମୀ ବିଜେଡିରେ ସାମିଲ



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କାଶୀନାଥ ହେମ୍ବ୍ରମ୍ ଏବଂ ତାଙ୍କ ସମର୍ଥକ।

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

୨୦୦୯ ସାଧାରଣ ନିର୍ବାଚନରେ ରାଇରଙ୍ଗପୁର ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବା କାଶୀନାଥ ହେମ୍ବ୍ରମ୍ ଓ ସଂଖ୍ୟାଧିକ କର୍ମୀ ଗୁରୁବାର ବିଜେଡିରେ ସାମିଲ ହୋଇଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। କାଶୀନାଥଙ୍କ ସହ ବିଜେଡିରେ ସାମିଲ ହୋଇଥିବା ନେତାମାନଙ୍କ ମଧ୍ୟରେ ଲତିକା ହେମ୍ବ୍ରମ୍, ତିରିଂ ବ୍ଲକ ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି ଅନନ୍ତ ହେମ୍ବ୍ରମ୍, ଭାଜପା ମହିଳା ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସମ୍ପାଦିକା କିରଣ ମହାନ୍ତ, ଭାଜପା ଓବିସି ମୋର୍ଚ୍ଚା ରାଇରଙ୍ଗପୁର ସଭାପତି ପ୍ରଣେଶ କୁମାର ମଣ୍ଡଳ, ସାନଭୁନ୍ଦୁ ସମିତି ସଭ୍ୟ ସାଧୁ ବେହେରା, ତିରିଂ ବ୍ଲକ ପୂର୍ବତନ ଅଧ୍ୟକ୍ଷ ମଧୁସୂଦନ ସୋରେନ୍, ପୂର୍ବତନ ସରପଞ୍ଚ ମଦନ ମୋହନ ମାର୍ଣ୍ଡି, ଅକ୍ଷୟ ସିଂ, ଦେବେଶ ମାଝି, ଅବନୀ ପତି, ପୂର୍ବତନ ସମିତି ସଭ୍ୟ ମଦନ ମୁଡି ପ୍ରମୁଖ ଅଛନ୍ତି । ଏମାନଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଛନ୍ତି।

ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବିଜେଡି ଦଳର ସାଧାରଣ ସମ୍ପାଦକ ଦେବାଶିଷ ସାମନ୍ତରାୟ, ମୟୂରଭଞ୍ଜ ଜିଲା ସଭାପତି ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଏମ୍‌ପି ସରୋଜିନୀ ହେମ୍ବ୍ରମ୍, କରଞ୍ଜିଆ ବିଧାୟକ ବିଜୟ ନାଏକ, ଦଳର ସମ୍ପାଦକ ବିଜୟ ନାୟକ, ବିଜେଡି ନେତା ଈଶାଣ ମିଶ୍ର, ସୁଶାନ୍ତ ଚୌଧୁରୀ, ବହଳଦା ବ୍ଲକ ସଭାପତି ରାଜେନ୍ଦ୍ର ମଲ୍ଲିକ, ମହିଳା ନେତ୍ରୀ ଜ୍ୟୋତିର୍ମୟୀ କବାଟ, ତନୁଜା ମହାନ୍ତ, ଜିଲା ସମ୍ପାଦକ ପ୍ରଭାତ ନାଏକ, ତିରିଂ ବ୍ଲକ ପୂର୍ବତନ ଅଧ୍ୟକ୍ଷ ବାଞ୍ଛୁ ହେମ୍ବ୍ରମ୍, ଜିଲା ସାଂଗଠନିକ ସମ୍ପାଦକ ରାଜେଶ ଯାଦବ, ଛାତ୍ର ବିଜେଡି ଜିଲା ସଭାପତି ପ୍ରକାଶ ମହାନ୍ତ, ବାରିପଦା ପୂର୍ବତନ ନଗର ସଭାପତି ସୁଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁଣା ଖାରଜ ମାମଲା ଅନ୍‌ଲାଇନ ଆବେଦନ ସମୟ ସୀମା ବଢ଼ିଲା

**ଜମିବାଡ଼ି ମ୍ୟୁଟେଶନ**

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ଜମିବାଡି ମ୍ୟୁଟେଶନ କରିବା ପାଇଁ ଦୀର୍ଘ ବର୍ଷ ଧରି ମାମଲା ପଡି ରହୁଥିଲା। ଏହାକୁ ସରଳୀକରଣ ଓ ଶୀଘ୍ର ଫଇସଲା କରିବା ପାଇଁ ରାଜ୍ୟ ସରକାର ସିଙ୍ଗଲୱିଣ୍ଡୋ ଅପରେଟର ମାଧ୍ୟମରେ ଅନ୍‌ଲାଇନ ଆବେଦନ ବ୍ୟବସ୍ଥା କରିଛନ୍ତି। ଜନସାଧାରଣଙ୍କ ସୁବିଧା ନିମନ୍ତେ ସିଙ୍ଗଲୱିଣ୍ଡୋ ଅପରେଟର ମାଧ୍ୟମରେ ଅନ୍‌ଲାଇନ ଆବେଦନର ମାର୍ଗଦର୍ଶିକାରେ ଆବଶ୍ୟକ ପରିବର୍ତ୍ତନ କରାଯାଇଛି। ଏହା ଫଳରେ ପୁରୁଣା ଦାଖଲ ଖାରଜ ମାମଲା ଅନ୍‌ଲାଇନରେ ଆବେଦନ କରିବା ନିମନ୍ତେ ସିଙ୍ଗଲୱିଣ୍ଡୋ ଧାର୍ଯ୍ୟ ସମୟସୀମା ୨୦୧୮ ଡିସେମ୍ବର ୧୯ରୁ ୨୦୧୯ ଜାନୁୟାରୀ ୧୦ ଧାର୍ଯ୍ୟ କରାଯାଇଥିଲା। ସେହିପରି ମ୍ୟୁଟେଶନ ଅପିଲ କେସଗୁଡିକ ସିଙ୍ଗଲୱିଣ୍ଡୋରେ ଅନ୍‌ଲାଇନ ଆବେଦନ କରିବାର ସମୟସୀମା ୨୦୧୮ ଡିସେମ୍ବର ୧୯ରୁ ୨୦୧୯ ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ଗୁରୁବାର ଏହାର ସମୟ ସୀମାକୁ ବୃଦ୍ଧି କରାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସିଙ୍ଗଲୱିଣ୍ଡୋ ଖୋଲା ରହିବା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ ଯେ ଦାଖଲ ଖାରଜ ମାମଲାର ଶୀଘ୍ର ଫଇସଲା କରି ପଟ୍ଟା ପ୍ରଦାନ ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅନ୍‌ଲାଇନ ବ୍ୟବସ୍ଥା କରାଯାଇଛି। ୨୦୧୮ ନଭେମ୍ବର ପୂର୍ବରୁ ଯେଉଁମାନେ ଜମି କିଣିଥିଲେ ଏବଂ ମ୍ୟୁଟେଶନ ନିମନ୍ତେ ତହସିଲଦାରଙ୍କ ନିକଟରେ ଆବେଦନ କରିପାରି ନ ଥିଲେ ସେମାନଙ୍କ ପାଇଁ ଅନ୍‌ଲାଇନରେ ମ୍ୟୁଟେଶନ ନିମନ୍ତେ ଆବେଦନ ପାଇଁ ସିଙ୍ଗଲୱିଣ୍ଡୋ ଅପରେଟର କାଉଣ୍ଟର ବ୍ୟବସ୍ଥା କରାଯାଇଥିଲା। ଜନସାଧାରଣଙ୍କ ସୁବିଧା ନିମନ୍ତେ ପୁରୁଣା ଦାଖଲ ଖାରଜ ମାମଲା ଆବେଦନ କରିବା ପାଇଁ ସିଙ୍ଗଲୱିଣ୍ଡୋ ଅପରେଟର ଅନ୍ୟାଦେଶ ପର୍ଯ୍ୟନ୍ତ ଖୋଲା ରଖିବା ପାଇଁ ପ୍ରସ୍ତାବକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି।

# ପିପିଲି ପୀଡ଼ିତାଙ୍କ ପରିବାରକୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

ପ୍ରଦେଶ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନାଙ୍କ ଅଧ୍ୟକ୍ଷତାରେ କଂଗ୍ରେସର ଏକ ପ୍ରତିନିଧି ଦଳ ପିପିଲି ପୀଡିତାଙ୍କ ଗ୍ରାମକୁ ଗସ୍ତକରିଛନ୍ତି। ସୁମିତ୍ରା ଜେନାଙ୍କ ନେତୃତ୍ୱରେ ଅଖିଳ ଭାରତ ମହିଳା କଂଗ୍ରେସ ସଭାପତି ତଥା ଏମ୍‌ପି ସୁସ୍ମିତା ଦେବ, ଏଆଇସିସି ସମ୍ପାଦକ ଜି. ରୁଦ୍ରରାଜୁ, ପିସିସି ଉପସଭାପତି ଶିବାନନ୍ଦ ରାୟ, ବରିଷ୍ଠ ଆଇନଜୀବୀ ତଥା ପିସିସି ଶୃଙ୍ଖଳା କମିଟି ସଦସ୍ୟ ଧରଣୀଧର ନାୟକ ପ୍ରମୁଖ ପୀଡିତାଙ୍କ ପରିବାରକୁ ସାକ୍ଷାତ କରି ସେମାନଙ୍କ ସହ ଆଲୋଚନା କରିଛନ୍ତି। ସେହି ପରିବାରକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହି ମାମଲାରେ ସିବିଆଇ ତଦନ୍ତ କରିବା ପାଇଁ ଦାବି କରି ମହିଳା କଂଗ୍ରେସର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଖୁବ୍‌ଶୀଘ୍ର ରାଜ୍ୟପାଳଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିବ ବୋଲି କହିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହ ବିଭାଗ ଦାୟିତ୍ୱରେ ଥିଲେ ମଧ୍ୟ ପିପିଲି ପୀଡିତାଙ୍କୁ ନ୍ୟାୟ ଦେବାରେ ଘୋର ଅବହେଳା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏଥିପାଇଁ ସର୍ବସାଧାରଣରେ କ୍ଷମା ନ ମାଗିଲେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମହିଳା କଂଗ୍ରେସ ବିଧାନସଭା ଘେରାଉ କରିବ ବୋଲି ସୁମିତ୍ରା କହିଛନ୍ତି। ଏମ୍‌ପିମାନେ ପାର୍ଲାମେଣ୍ଟରେ ଭାଜପାକୁ ସବୁ କ୍ଷେତ୍ରରେ ସହଯୋଗ କରିଆସୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଓଡିଶା ଗସ୍ତରେ ଆସି ଅଖିଳ ଭାରତ ମହିଳା କଂଗ୍ରେସ ସଭାପତି ସୁସ୍ମିତା ଦେବ ରାଜ୍ୟର ଶାସକ ଦଳକୁ କଡା ସମାଲୋଚନା କରିଛନ୍ତି। ଏହାସହ ବିଜେଡି ଓ ଭାଜପା ମଧ୍ୟରେ ଭିତିରି ସମ୍ପର୍କ ରହିଛି ବୋଲି ସେ ଅଭିଯୋଗ କରିବା ସହ ରାଜ୍ୟରେ ସରକାର ପରିବର୍ତ୍ତନ ଆବଶ୍ୟକତା ଥିବା ସୁସ୍ମିତା ମତ ରଖିଛନ୍ତି।

■ ହାଇକୋର୍ଟରେ ସ୍ୟାଟ୍ ଉଚ୍ଛେଦ ମାମଲା

# ୪ ସପ୍ତାହ ମଧ୍ୟରେ ଖାଲି ପଦବୀ ପୂରଣ ନିର୍ଦ୍ଦେଶ

**କଟକ ଅଫିସ, ୧୦।୧**

ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସ୍ୟାଟ୍) ଉଚ୍ଛେଦ ନେଇ ଆଗତ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ କେତେକ ନିର୍ଦ୍ଦେଶ ଜାରି କରିଛନ୍ତି। ମୁଖ୍ୟତଃ ସ୍ୟାଟ୍‌ରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ୪ ସପ୍ତାହ ମଧ୍ୟରେ ପୂରଣ କରିବା ପାଇଁ ଖଣ୍ଡପୀଠ ଆଦେଶ ଦେଇଥିବା ବେଳେ ଏହିସବୁ ପଦବୀଗୁଡ଼ିକ ଆଡହକ୍ ହିସାବରେ ନିଯୁକ୍ତି ଦେବାକୁ ଖଣ୍ଡପୀଠ କହିଛନ୍ତି। ଆସନ୍ତା ଫେବୃୟାରୀ ୧୧ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଉକ୍ତଦିନ ଖଣ୍ଡପୀଠ ଦେଇଥିବା ଆଦେଶ କେତେଦୂର କାର୍ଯ୍ୟକାରୀ ହୋଇଛି ସେ ସମ୍ପର୍କରେ ସରକାର ସତ୍ୟପାଠ ଆକାରରେ ତଥ୍ୟ ଦାଖଲ କରିବେ।

ସୂଚନାଥାଉକି, ସ୍ୟାଟ୍‌କୁ ଉଚ୍ଛେଦ କରିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଭୁବନେଶ୍ୱର ଓ କଟକ ସ୍ୟାଟ୍ ବାର୍ ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ଆବେଦନକାରୀ ଦର୍ଶାଇଥିଲେ ଯେ, ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲା ପାଇଁ ଲୋକେ ସ୍ୟାଟ୍ ଉପରେ ନିର୍ଭର କରନ୍ତି। ମୁଖ୍ୟତଃ ଚାକିରି ସମ୍ବନ୍ଧୀୟ ମାମଲାଗୁଡ଼ିକ ପ୍ରଥମେ ସ୍ୟାଟ୍‌ରେ ରୁଜୁ ହୋଇଥାଏ। ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ମାଗିଥିଲେ। ଜବାବରେ ସରକାର ଦର୍ଶାଇଥିଲେ ଯେ, ସ୍ୟାଟ୍‌ରେ ବିଚାରାଧୀନ ମାମଲାଗୁଡ଼ିକୁ ହାଇକୋର୍ଟକୁ ସ୍ଥାନାନ୍ତର କରାଯିବ। ସ୍ୟାଟ୍‌ରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ସରକାର ଥଇଥାନ କରିବେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡ୍‌ଭୋକେଟ ବୁଦ୍ଧଦେବ ରାଉତରାୟ ମାମଲା ପରିଚାଳନା କରୁଥିଲେ।


## BIJU PATTNAIK HOMOEOPATHIC MEDICAL COLLEGE AND HOSPITAL, BRAHMAPUR

Email:bphmch@gmail.com Phone/Fax No 0680-2222539

No 39 BPHMC&H/2018 Date 4.1.19

### TENDER CALL NOTICE

No. 761-E: Sealed tenders are invited from the reputed firms / Agencies / Suppliers for supply of the furniture's for the college within 10.1.19 by 5 pm. Details regarding the eligibility criteria, terms and conditions and forms for submission of tenders may be downloaded from the website https://ganjam.nic.in. The Tender may be obtained on payment of Rs. 500/- + GST in person from the O/o the undersigned on any working days. The tender paper will be submitted in a sealed cover super-scribing as "Tender for supplying furniture's" to the undersigned through speed post/registered post only. The last date of receiving of the sealed tenders is on 21.01.2019 by 5.00 pm. Tenders received after due date and time shall not be entertained. The tender paper will be opened on the next working day at 12.00 noon in presence of tenderer or their authorized agents. The undersigned reserves the right to reject any or all the tender without assigning any reason thereof.

10071/11/0008/1819 **Sd./- PRINCIPAL**

See Career Appointment on every Wednesday & Saturday

## BERHAMPUR MUNICIPAL CORPORATION

No. 244/ Date : 08.01.2019

### QUOTATION CALL NOTICE

No. 408-C: Sealed quotations are invited to reach by Speed Post/ Registered Post / Courier /By Hand from Advertising Companies based form Berhampur for organising "PEETHA Programme". The detailed terms & conditions are available at our office website www.berhampur.gov.in. The last date of receipt of tenders in this office by 14.01.2019 by 11.00 AM and will be opened on same day 4.00 PM in the office of undersigned. The Authority reserves the right to accept or reject any Tender without assigning any reason thereof.

**Sd./- Commissioner**

13035/11/0184/1819 **Berhampur Municipal Corporation**

## Government of Odisha, e- Procurement Notice
## INVITATION FOR BIDS (IFB)

**Bid Identification No. S.E.Dkl.(R&B) 13/2018-19**

Email Id-sedklpwd@gmail.com

No.1115-B: The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building works as detailed in the table below:

| | | |
|---|---|---|
| 1. Name of the work | : | Building works |
| 2. No of works | : | 2 (Two) Nos. |
| 3. Estimated Cost | : | Rs.1,34,47,135/- to Rs. 2,20,95,633/- |
| 4. Cost of tender paper | : | Rs 10,000.00 |
| 5. Class of contractor | : | 'B' &'A' Class |
| 6. Period of Completion of work | : | 9 (Nine) to 11 (Eleven) Calendar months |
| 7. Date and time of availability of bid Document in the website | : | From Dt.16.01.2019 to 16.00 hours of Dt.30.01.2019 |
| 8. Date of opening of bid | : | Dt.31.01.2019 at 11.30 hours |

The bidders have to participate in ONLINE biding only further details can be seen from the e-Procurement Portal: **www.tendersodisha.gov.in**. Any addendum / corrigendum / cancellation of tender can also be seen in the said website.

**Superintending Engineer**

34132/11/0021/1819 **Dhenkanal (R&B) Circle, Dhenkanal**

## CHIEF DISTRICT MEDICAL & PH OFFICER, DHENKANAL

### CORRIGENDUM

**Advt. No. 127/ Dt. 10.01.2019**

Advertisment published in the daily newspaper "Sambad" & "Dharitri" on dtd. 06.01.2019 vide this office, advertisement no-061, dtd. 05.01.2019 for recruitment of contractual posts of M.O., SNCU, M.O. Peadiatrician DEIC, Part time specialist (O&G), Part time specialist (Med.), Part time specialist (Peadiatric), Laboratory Technician on dtd. 11.01.2019 & Staff Nurse on dtd. 15.01.2019 under NHM, Dhenkanal district is hereby cancelled due to unavoidable circumstances. Further dates will be informed later.

**Sd./- Chief District Medical & Ph Officer, Dhenkanal**

## ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ନୟାଗଡ଼

ବିହନ ବିଶୋଧନ ଅଭିଯାନ ରବି ୨୦୧୮-୧୯ ଚଳିତ ରବିଋତୁ ୨୦୧୮-୧୯ ପାଇଁ ରାଜ୍ୟ ଯୋଜନା ଅନ୍ତର୍ଗତ ଡାଲିଜାତୀୟ ବିହନ ବିଶୋଧନ ତାଲିମ୍ ତଥା ପ୍ରଦର୍ଶନ କାର୍ଯ୍ୟକ୍ରମ ନୟାଗଡ଼ କୃଷି ଜିଲ୍ଲାର ପାଞ୍ଚଟି ବ୍ଲକ ଯଥା- ନୟାଗଡ଼, ଓଡ଼ଗାଁ, ରଣପୁର, ଖଣ୍ଡାପଡ଼ା ଓ ଭାପୁର ଅନ୍ତର୍ଗତ ୧୦୨ଟି ଅଭିଯାନ ତା ୧୦.୦୧.୨୦୧୯ରିଖ ଠାରୁ ୩୧.୦୧.୨୦୧୯ ମଧ୍ୟରେ କରାଯିବା ପାଇଁ ସ୍ଥିର କରାଯାଇଛି। ତେଣୁ ପ୍ରତି ବ୍ଲକରେ ଥିବା ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ବିପୁଳ ସଂଖ୍ୟାରେ ଯୋଗଦାନ କରି ସେମାନଙ୍କର ଡାଲିଜାତୀୟ ବିହନଗୁଡିକୁ ମାଗଣାରେ ବିଶୋଧନ କରାଇ ନିଅନ୍ତୁ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ଡାଲିଜାତୀୟ ଫସଲର ବିହନ ଜନିତ ରୋଗ ପ୍ରତିହତ କରାଯାଇ ଉତ୍ପାଦନ ବୃଦ୍ଧି କରାଯାଇପାରିବ।

ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ନୟାଗଡ଼

## SHORT QUOTATION CALL NOTICE

Sealed quotations are invited from the firms / agencies for tent and other allied works, providing Private Security Personnel, Printing works and Documentation works for the Pallishree Mela: 2019 at Deogarh to be organized from 11.02.2019 to 15.02.2019.

The quotation papers along with specification and eligibility criteria of the works are available at ORMAS Office, DRDA Campus, Deogarh and the Deogarh Official website http//deogarh.nic.in and www.ormas.org, till 16.01.2019 (3.00PM). The quotations / tenders will be opened on 16.01.2019 at 3.30PM.

The undersigned reserves the right to accept or reject any or all the quotations without assigning any reason thereof.

***Sd./- Project Director, DRDA, Deogarh***

## CALL FOR EXPRESSION OF INTEREST
### Human Resource Support to SLNA / WCDCs / PIAs

Directorate of Soil Conservation & Watershed Development, Odisha Bhubaneswar implements PMKSY (Watershed Development Component) - erstwhile Integrated Watershed Management Programme (IWMP) in Odisha, sanctioned in different batches / years. Currently the programme is under operation in 22 districts except Angul, Balasore, Khurda, Baragarh, Puri, Bhadrak, Jagatsinghpur & Kendrapada. In order to meet the crucial need'of minimum Human Resource Support for implementation of the said programme, Expression of Interest (EOI) is invited for engagement of intending Service providers who will engage the desired contractual professionals at the State Level Nodal Agency (SLNA) for the state headquarter, at concerned Watershed Cell cum Data Centres (WCDCs) in the District level and Project Implementing Agencies (PIAs) at Block / Cluster level as per the following:

The Organizations /Agencies /Firms interested to provide human resource professionals should have the following eligibility criteria.

A. Must be dealing with providing human resource professionals in the categories of Agriculture / Agriculture Engineering / Animal Husbandry / Fisheries / Forestry/ Horticulture / Micro Enterprise / Social Works/ Sociology / Rural Development / Rural Management / Capacity Building / Social Mobilization / IT/ Geographical Information System-/ Economics / Management / Science / Arts / Commerce stream.

B. Must have more than three years experience with annual turn over of Rs. one crore in each year for three financial years i.e. FY 2017-18, 2016-17 and 2015-16

Each Organization /Agency /Firm fulfilling the above eligibility criteria must submit the following two bids in separate sealed covers. Non submission of both the bids will entail disqualification.

**(1) Technical Bid -** The technical bid must be accompanied by the following documents.

i. Profile of the organization including organization structure and contact details.
ii. Proof / Licence as Service Provider from Appropriate Authority.
iii. Name of organization with details of H.R. support services provided with duration to Govt. / Other organisations (Starting from the current assignment in chronological order) and feedback from the client organizations on customer satisfaction.
iv. Capacity to undertake assignments of similar nature.
v. Turnover details with audited balance sheet of three years i.e. FY 2017-18, 2016-17 and 2015-16.

(2) Financial Bid- The financial bid should outline the management cost (i.e. the cost chargeable by the Service Provider for making a person available for service) along with GST, TDS as applicable and other prevailing statutory deductions i.e. EPF, ESI etc. if any. However, the quoted value of variable components i.e. Management Cost and TDS shall be given priority.

The financial bid should be submitted as per the following format only.

| Management Cost (percent) | GST (percent) | TDS (percent) | Other prevailing Statutory deductions i.e. EPF / ESI etc. (percent) as per recent Govt. circular |
|---|---|---|---|
| | | | EPF - ESI - |

The detailed ToR has been given at annexure-A, which can be downloaded from **https://sites.google.com/view eoijan2019**

Director, Soil Conservation & Watershed Development, Bhubaneswar reserves the right to either accept or reject any proposal or cancel the process without assigning any reason there of.

The bids in separate sealed covers be addressed to Director, Soil Conservation & Watershed Development, Siripur, Bhubaneswar-751003, Odisha by clearly mentioning the **"Technical / Financial bids for HR support"** on the covers must be submitted by Speed Post / Registered Post only.

**Last date for submission is on or before 28.01.2019**

**Sd./- Director, Soil Conservation & Watershed Development Siripur, Bhubaneswar - 751003, Odisha**

## ODISHA STATE CIVIL SUPPLIES CORPORATION LIMITED
### SUBARNAPUR
### Office of the District Manager, Subarnapur

Quotation / Tender Call Notice No. 62 / Dt. 09.01.2019

### TENDER CALL FOR HIRING VEHICLE

The Collector, Subarnapur has been pleased to pass order for engagement of 1 (One) hired vehicle (Bolero) for Official Use in KMS 2018-19. Fresh Sealed quotation / tenders are invited form interested reputed Travel Agencies / Tour Operators or Private Individuals for providing 1 (One) no. of Non AC/AC Diesel driven vehicles (Bolero) which shall confirm to the Terms and condition for Official use in the Office of the CSO-cum-District Manager, OSCSC Ltd., Subarnapur on monthly rent basis for aforesaid purpose. Tender Paper shall be reached to the Office of the undersigned by Speed Post / Registered Post / Courier on or before dt.19.01.2019 at 12.00PM.

The non refundable cost of tender application is Rs. 100/- (Rupees One Hundred) only to be deposited with the undersigned in shape of Cash / DD / Pay Order drawn in favour of "District Manager, OSCSC Ltd., Subarnapur" payable on Sonepur.

**The detail tender guideline is available in this office / District website.**

| Programme of Tender Selection | Date & Time |
|---|---|
| Date of Advertisement | 11.01.19 |
| Sale of tender paper (All working days) | 14.01.19 to 18.01.19 (By 3.00 PM) |
| Receipt of tender application | By 19.01.2019 (12.00 Noon) |
| Finalization of Tenders / Bids | Same day 19.01.2019 at 3.30PM |

*By order of Collector*

***Sd./- District Manager, OSCSC Ltd., Subarnapur***

## OFFICE OF THE DIVISIONAL FOREST OFFICER BARGARH FOREST DIVISION, BARGARH

Telephone No : (06646) 234135
Email: dfo.bgh@gmail.com
No:___________ Dated. 09.01.2019

### QUOTATION CALL NOTICE

No. 136-MM: Sealed Quotations are hereby invited by the undersigned from registered firms / authorized dealers / DGS & D rate contract holders having required statutory clearances for supply of following items, so as to reach this office on or before 31.01.2019 by registered post only.

The details regarding the items to be supplied are as follows :

| | |
|---|---|
| 01 | Khaki Uniform Cloth |
| 02 | Six point star |
| 03 | Leather belt with name plate |
| 04 | Web belt with name plate |
| 05 | Mosquito Net |

**TERMS AND CONDITIONS .**

1. The supplier has to submit a copy of all statutory clearance certificates as on 31.03.2018, along with the original Quotation documents, with samples.
2. The successful bidder has to supply the items at Bargarh Forest Division, Bargarh within 10 days of finalization of quotation/ supply order.
3. The supplier has to furnish the self attested documents along with the offer documents.
4. The undersigned reserves all the rights to accept or reject any or all offer without assigning any reason thereof.

**DIVISIONAL FOREST OFFICER,**

08057/11/0006/1819 **BARGARH FOREST DIVISION.BARGARH**

# ପଦାର୍ପଣରେ ଚମକ

ରଣଜୀ ଟ୍ରଫି

ଦୁଇ ଅଭିଜ୍ଞ ଦ୍ରୁତ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ (ବାମ) ଓ ବସନ୍ତ ମହାନ୍ତି(ଡାହାଣ)ଙ୍କ ସହ ରାଜେଶ ମହାନ୍ତି ।



ଦେବାଶିଷ ସାମନ୍ତରାୟ

ସନ୍ଦୀପ୍ ପଟ୍ଟନାୟକ

ଚଳିତ ସିଜନ ପାଇଁ ଓଡ଼ିଶାର ରଣଜୀ ଟ୍ରଫି ଅଭିଯାନ ଶେଷ ହୋଇଛି । ଓଡ଼ିଶା ଦଳ ନକ୍ଆଉଟରେ ପ୍ରବେଶ କରିପାରି ନ ଥିଲେ ହେଁ ୨ ଜଣ ଖେଳାଳି ନିଜ ପଦାର୍ପଣ ସିଜନରେ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ କ୍ରିକେଟର ଭବିଷ୍ୟତ ଭାବେ ଉଭା ହୋଇଛନ୍ତି । ଏହି ଦୁଇ ଖେଳାଳି ହେଲେ ରାଜେଶ ମହାନ୍ତି ଓ ଦେବାଶିଷ ସାମନ୍ତରାୟ ।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ରଣଜୀ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି । ଏଲିଟ ଗ୍ରୁପ-ସିରେ ସାମିଲ ଓଡ଼ିଶା ୯ଟି ଲିଗ୍ ମ୍ୟାଚ୍ରୁ ୪ ବିଜୟ, ୩ ପରାଜୟ ଓ ୨ଟି ଡ୍ର ବଳରେ ୨୬ ପଏଣ୍ଟ ପାଇବା ସହ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଛି । ନକଆଉଟ ପ୍ରବେଶ ସୁଯୋଗ ଅଳ୍ପକେ ହାତଛଡ଼ା କରିଥିଲେ ହେଁ କେତେକ ମ୍ୟାଚ୍ରେ ଓଡ଼ିଶାର ପ୍ରଦର୍ଶନ ପ୍ରଶଂସନୀୟ ରହିଥିଲା । ୨୦୧୮-୧୯ ରଣଜୀ ସିଜନରେ କେତେକ ଯୁବ ଖେଳାଳି ପ୍ରଭାବୀ ପ୍ରଦର୍ଶନ କରି ଆଗାମୀ ଦିନରେ ଓଡ଼ିଶା କ୍ରିକେଟର ଭବିଷ୍ୟତ ଭାବେ ସାମ୍ନାକୁ ଆସିଛନ୍ତି । ଏମାନେ ଅନଭିଜ୍ଞ ହୋଇ ସୁଦ୍ଧା ଚମତ୍କାର ପ୍ରଦର୍ଶନ କରି ଦଳର ଅଭିଜ୍ଞ ଖେଳାଳିଙ୍କ ଉପରେ ଭାରି ପଡ଼ିଥିଲେ । ବିଶେଷ କରି ପଦାର୍ପଣ ସିଜନରେ ସେମାନେ ଚମକ ସୃଷ୍ଟି କରି ଉଜ୍ଜଳ ଭବିଷ୍ୟତର ସୂଚନା ଦେଇଛନ୍ତି। ଏହି ଖେଳାଳି ଦୁଇଜଣ ହେଲେ ରାଜେଶ ମହାନ୍ତି ଓ ଦେବାଶିଷ ସାମନ୍ତରାୟ। ଅଭିଜ୍ଞତା ନ ଥିଲେ ହେଁ ଏମାନେ ନିଜ ଦକ୍ଷତା ବଳରେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ଓଡ଼ିଶା କ୍ରିକେଟର ସିନିୟର ଖେଳାଳିଙ୍କ ପ୍ରଦର୍ଶନରେ ସ୍ଥିରତା ରହି ନ ଥିବାବେଳେ ଏମାନଙ୍କ ପ୍ରଦର୍ଶନ ଯୋଗୁ ଓଡ଼ିଶା ନିଜର ସମ୍ମାନ ରଖିବାରେ ସକ୍ଷମ ହୋଇଛି। ଅନ୍ୟଜଣେ ପ୍ରତିଭା ସମ୍ପନ୍ନ ବ୍ୟାଟ୍ସମ୍ୟାନ ହେଲେ ସନ୍ଦୀପ ପଟ୍ଟନାୟକ। ଆରମ୍ଭରେ ସିଜନ ସଫଳତା ପାଇ ନ ଥିଲେ ହେଁ ପ୍ରତ୍ୟାବର୍ତ୍ତନ ମ୍ୟାଚରେ ଶତକ ହାସଲ କରି ସେ ନିଜ ଦକ୍ଷତା ଦେଖାଇଛନ୍ତି। ତେଣୁ ଆଗାମୀ ଦିନରେ ଓଡ଼ିଶା କ୍ରିକେଟର ଭାର ଏମାନଙ୍କ କାନ୍ଧରେ ରହିବ ବୋଲି କହିଲେ ଭୁଲ ହେବନି।

ଡାହାଣହାତୀ ପେସ ବୋଲର ରାଜେଶ ମହାନ୍ତିଙ୍କର ଚଳିତ ସିଜନରେ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ ହୋଇଥିଲା । ୮ଟି ମ୍ୟାଚ୍ ଖେଳି ୪୦ଟି ଉଇକେଟ ଦଖଲ କରିବା ସହ ନିଜ ଉପସ୍ଥିତିକୁ ଜାହିର କରିଥିଲେ ରାଜେଶ । କିଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହରିୟାଣା ବିପକ୍ଷ ପ୍ରଥମ ମ୍ୟାଚରେ ରାଜେଶଙ୍କୁ ୨ଟି ଉଇକେଟ ମିଳିଥିଲା । ପରେ ଉତ୍ତରପ୍ରଦେଶ ବିପକ୍ଷରେ ୨ଟି ଉଇକେଟ ପାଇବା ପରେ ଗୁଆହାଟୀରେ ଘରୋଇ ଆସାମ ବିପକ୍ଷରେ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରିଥିଲେ । ପ୍ରଥମ ଇନିଂସ୍‌ରେ ୩୧ରନ ଦେଇ ୫ଟି ଓ ଦ୍ୱିତୀୟ ଇନିଂସରେ ୫୫ରନ୍ ଦେଇ ୬ଟି ଉଇକେଟ ଅକ୍ତିଆର କରିବା ସହ ଗୋଟିଏ ମ୍ୟାଚ୍ରେ ମୋଟ ୧୧ଟି ଉଇକେଟ ରାଜେଶଙ୍କ ଖାତାକୁ ଆସିଥିଲା । ବିକାଶ ଗ୍ରାଉଣ୍ଡରେ ଖେଳାଯାଇଥିବା ସିଜନର ଅନ୍ତିମ ମ୍ୟାଚ୍ ଗୋଆ ବିପକ୍ଷରେ ମଧ୍ୟ ରାଜେଶ ମୋଟ ୮ଟି ଉଇକେଟ ଦଖଲ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୪୯ରନ ବିନିମୟରେ ୫ଟି ଉଇକେଟ ନେଇଛନ୍ତି । ରାଜସ୍ଥାନ ଓ ଝାଡ଼ଖଣ୍ଡ ବିପକ୍ଷରେ ଓଡ଼ିଶା ଖେଳିଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ରେ ମଧ୍ୟ ସେ ଯଥାକ୍ରମେ ୫ଟି ଓ ୭ଟି ଉଇକେଟ ଦଖଲ କରିଥିଲେ । ଡାହାଣହାତୀ ବ୍ୟାଟିଂ କରୁଥିବା ରାଜେଶ ରନସଂଗ୍ରହରେ ମଧ୍ୟ ଧୁରନ୍ଧର । ଗୋଆ ବିପକ୍ଷ ମ୍ୟାଚ୍ରେ ସେ ଅପରାଜିତ ୩୦ରନ କରିଥିଲେ । ତେଣୁ ପେସ ବୋଲିଂ କ୍ଷେତ୍ରରେ ରାଜେଶଙ୍କୁ ଓଡ଼ିଶାର ଭବିଷ୍ୟତ କୁହାଯାଇପାରେ ।

ପଦାର୍ପଣ ସିରିଜରେ ଚମତ୍କାର ପ୍ରଦର୍ଶନ କରି ଅନ୍ୟଜଣେ ଖେଳାଳି ଏବେ ଚର୍ଚ୍ଚାରେ ରହିଛନ୍ତି, ସେ ହେଲେ ବାମହାତୀ ବ୍ୟାଟ୍ସମ୍ୟାନ ଦେବାଶିଷ ସାମନ୍ତରାୟ । ବିକାଶ ଗ୍ରାଉଣ୍ଡରେ ରାଜସ୍ଥାନ ବିପକ୍ଷ ମ୍ୟାଚ୍ରେ ଦେବାଶିଷ ପଦାର୍ପଣ କରିଥିଲେ । ପ୍ରଦାର୍ପଣରେ ହିଁ ଦେବାଶିଷ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ସଂଗ୍ରହ କରିଥିଲେ । ପ୍ରଥମ ଇନିଂସରେ ୫୦ରନ୍ ଓ ଦ୍ୱିତୀୟ ଇନିଂସରେ ୨୧ରନ୍ କରିବା ପରେ ଜମ୍ମୁ-କଶ୍ମୀର ବିପକ୍ଷ ମ୍ୟାଚ୍ରେ ୮୫ରନ୍ କରିଥିଲେ । ୪ଟି ମ୍ୟାଚ୍ରୁ ସେ ୩୨୬ରନ ସଂଗ୍ରହ କରିଛନ୍ତି । ସର୍ଭିସେସ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ରେ ଦେବାଶିଷଙ୍କ ୧୦୨ରନ୍‌ର ଇନିଂସ ତାଙ୍କ କ୍ୟାରିୟରକୁ ଭିନ୍ନ ମୋଡ଼ ଦେଇଛି ।

ଅନ୍ୟଜଣେ ଯୁବ ଖେଳାଳି ହେଉଛନ୍ତି ସନ୍ଦୀପ ପଟ୍ଟନାୟକ । ୨୩ବର୍ଷରୁ କମ୍ ଓଡ଼ିଶା ଦଳରେ ନିୟମିତ ଖେଳାଳି ଭାବେ ସାମିଲ ହେଉଥିଲେ ସୁଦ୍ଧା ଚଳିତ ରଣଜୀ ସିଜନରେ ତାଙ୍କୁ ୩ଟି ମ୍ୟାଚ ଖେଳିବାର ସୁଯୋଗ ମିଳିଥିଲା । ଏପରିକି ଗୋଆ ବିପକ୍ଷ ମ୍ୟାଚ୍ରେ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କୁ ବାଦ ଦେଇ ସନ୍ଦୀପଙ୍କୁ ଦଳରେ ସାମିଲ କରାଯାଇଥିଲା। ବୟସ କମ୍ ହୋଇଥିଲେ ମଧ୍ୟ ସନ୍ଦୀପ ୧୭ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ସାରିଲେଣି । ଚଳିତ ସିଜନରେ ସେ ୩ ମ୍ୟାଚ୍ରୁ ୧୭୨ରନ୍ ସଂଗ୍ରହ କରିଛନ୍ତି । ଗୋଆ ବିପକ୍ଷରେ ଶତକୀୟ ଇନିଂସ ମଧ୍ୟ ସନ୍ଦୀପଙ୍କ ନାମରେ ଯୋଡ଼ି ହୋଇଛି ।

-ପ୍ରସ୍ତୁତି: କୁମାରଶ୍ରୀ

# ବିରାଟ ସଫଳତା

**ଟି୨୦ ସିରିଜ ଡ୍ର, ଟେଷ୍ଟ ସିରିଜରେ ଐତିହାସିକ ସଫଳତା ପରେ ଏବେ ଅଷ୍ଟ୍ରେଲିଆ ମାଟିରେ ଏକଦିବସୀୟ ସିରିଜ ଖେଳିବାକୁ ଯାଉଛି ଟିମ୍ ଇଣ୍ଡିଆ। ପୂର୍ବ ଦୁଇ ସିରିଜ ପରି ପ୍ରଭାବୀ ପ୍ରଦର୍ଶନ କରି ଏଥିରେ ମଧ୍ୟ ଭାରତର ବିଜୟଧ୍ୱଜା ଉଡ଼ାଇବା ଲକ୍ଷ୍ୟରେ ରହିଛି ବିରାଟ ବାହିନୀ...**



ନିର୍ମଳ କୁମାର ମିଶ୍ର

ଭାରତ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ଜିତିବାର ବିରଳ କୃତିତ୍ୱ ଅର୍ଜନ କରିଛି। ୭୧ ବର୍ଷ ପ୍ରତୀକ୍ଷାର ଅବସାନ ଘଟାଇ ଅଷ୍ଟ୍ରେଲିଆରେ ଇତିହାସ ରଚିବାକୁ ସକ୍ଷମ ହୋଇଛି ବିରାଟ ବାହିନୀ । ଏପରି ଏକ ସିରିଜ ବିଜୟ ଆଗାମୀ ଏକଦିବସୀୟ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳର ମନୋବଳ ବଢ଼ାଇବାରେ ବେଶ୍ ସହାୟକ ହୋଇପାରିଛି। ଆଡିଲେଡରେ ବିଜୟ, ପର୍ଥରେ ପରାଜୟ ପରେ ମେଲବୋର୍ନରେ ବେଶ୍ ପ୍ରଭାବୀ ପ୍ରଦର୍ଶନ ଭାରତକୁ ସିରିଜ ବିଜୟୀ କରାଇବାରେ ସହାୟକ ହୋଇଥିଲା। ବର୍ଷା ଏବଂ ଉପଯୁକ୍ତ ଆଲୋକ ଅଭାବ ଯୋଗୁ ଭାରତ ସିଡ୍‌ନୀରେ ଏକ ନିଶ୍ଚିତ ବିଜୟକୁ ହାତଛଡ଼ା କରିଥିଲେ ହେଁ ବର୍ଡର ଗାଭାସ୍କର ଟ୍ରଫି ହାସଲ କରିଥିଲା। ବିରାଟ କୋହଲି ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ନେବା ପରେ ଏହା ହେଉଛି ବିଦେଶରେ ତାଙ୍କର ଚତୁର୍ଥ ସିରିଜ ବିଜୟ। ଭାରତ ତାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ବିପକ୍ଷରେ ୨ ଥର ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ଥରେ ସିରିଜ ବିଜୟୀ ହୋଇଥିଲା। ଇଂଲଣ୍ଡଠାରୁ ସିରିଜ ହାରିଥିଲେ ହେଁ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟୀ ହୋଇ ସେ ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛନ୍ତି। ନିଜ ମାଟିରେ ଏହା ଅଷ୍ଟ୍ରେଲିଆର ୨୨ତମ ସିରିଜ ପରାଜୟ ଅଟେ। ପୂର୍ବରୁ ଏହି ଦଳ ଇଂଲଣ୍ଡଠାରୁ ସର୍ବାଧିକ ୧୩, ୱେଷ୍ଟଇଣ୍ଡିଜଠାରୁ ୪, ଦକ୍ଷିଣ ଆଫ୍ରିକାଠାରୁ ୩ ଏବଂ ନ୍ୟୁଜିଲାଣ୍ଡଠାରୁ ଗୋଟିଏ ସିରିଜ ହାରିଥିଲା। ୧୯୭୮ରେ ବିଶେନ୍‌ସିଂ ବେଦୀଙ୍କ ନେତୃତ୍ୱରେ ଭାରତ ପ୍ରଥମ ପରିବର୍ତ୍ତନ ସପକ୍ଷରେ ମତ ଦେଇଛନ୍ତି। ଭାରତ ଯେ କୌଣସି ଦେଶକୁ କୌଣସି ସ୍ଥାନରେ ପରାସ୍ତ କରିବାର ଦକ୍ଷତା ରଖିଛି ବୋଲି ବିରାଟ କୋହଲି ମନ୍ତବ୍ୟ ଦେଇଛନ୍ତି। ଫାଷ୍ଟ ବୋଲର ଯଶପ୍ରୀତ ବୁମରା ଏହି ସିରିଜରେ ସର୍ବାଧିକ ୨୧ଟି ଓ ମହମ୍ମଦ ସାମି ୧୬ଟି ଉଇକେଟ୍ ନେଇଛନ୍ତି। ଚେତେଶ୍ୱର ପୂଜାରା ସର୍ବାଧିକ ୫୨୧ରନ୍ ସଂଗ୍ରହ କରିଥିବା ବେଳେ ସେଥିରେ ୩ ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ହାସଲ କରି ନିଜର ବ୍ୟାଟିଂ ଦକ୍ଷତାର ପରିପ୍ରକାଶ କରିଛନ୍ତି। ନିଜେ ବିରାଟ ଏହି ସିରିଜରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସହ ୨୮୬ ରନ୍ ସଂଗ୍ରହ କରିଛନ୍ତି। ଏପରି ଏକ ଅବିସ୍ମରଣୀୟ ବିଜୟ ପରେ ବିରାଟ ବାହିନୀ ଆସନ୍ତା ୧୨ତାରିଖରୁ ଅଷ୍ଟ୍ରେଲିଆ ବିପକ୍ଷରେ ଏକଦିବସୀୟ ଅଭିଯାନ ଆରମ୍ଭ କରିବାକୁ ଯାଉଛି।

ଉଭୟ ଦେଶ ମଧ୍ୟରେ ଏ ପର୍ଯ୍ୟନ୍ତ ୧୨୮ଟି ଏକଦିବସୀୟ ଖେଳାଯାଇଛି। ସେଥିରୁ ଭାରତ ୪୫ଟି ଓ ଅଷ୍ଟ୍ରେଲିଆ ୭୩ଟି ମ୍ୟାଚରେ ଜିତିଥିବାବେଳେ ୧୦ ମ୍ୟାଚରୁ ଫଳାଫଳ ମିଳିନାହିଁ। ଆଗାମୀ ଏକଦିବସୀୟ ସିରିଜରେ ୩ଟି ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚ ଜାନୁୟାରୀ ୧୨ ଏବଂ ଦ୍ୱିତୀୟ ମ୍ୟାଚ ୧୫ ଓ ତୃତୀୟ ମ୍ୟାଚ ୧୮ରେ ଖେଳାଯିବ। ଟିମ୍ ଇଣ୍ଡିଆର ଏକଦିବସୀୟ ମ୍ୟାଚ ଜିତିବା ହାର ୩୮.୧୩ ହୋଇଥିବା ବେଳେ ଅଷ୍ଟ୍ରେଲିଆର ୬୧.୮୬ ପ୍ରତିଶତ।

ଅଷ୍ଟ୍ରେଲିଆ ବିପକ୍ଷରେ ଟିମ୍ ଇଣ୍ଡିଆର ସର୍ବାଧିକ ଏକଦିବସୀୟ ସ୍କୋର ୩୮୩/୬ ହୋଇଥିବାବେଳେ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ସର୍ବାଧିକ ସ୍କୋର ୩୫୯/୨। ଭାରତ ୧୫ଥର ଏବଂ ଅଷ୍ଟ୍ରେଲିଆ ୨୨ ଥର ୩୦୦ ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛି। ଏକଦିବସୀୟରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ସର୍ବନିମ୍ନ ସ୍କୋର ୬୩ ଏବଂ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ସର୍ବନିମ୍ନ ସ୍କୋର ୧୦୧ ରନ। ଭାରତର ଅଷ୍ଟ୍ରେଲିଆ ଗସ୍ତ ଏଥର ଟି୨୦ରୁ ଆରମ୍ଭ ହୋଇଥିଲା। ବର୍ଷା ଯୋଗୁ ଗୋଟିଏ ମ୍ୟାଚ ଅଧାରୁ ବାତିଲ ହୋଇଥିବାବେଳେ ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୧ରେ ଡ୍ର ରହିଥିଲା। ପରେ ଟେଷ୍ଟ ସିରିଜରେ ଭାରତର ଐତିହାସିକ ବିଜୟ ଦଳର ମନୋବଳକୁ ବହୁ ପରିମାଣରେ ବଢ଼ାଇ ଦେଇଛି। ତେଣୁ ଆଗାମୀ ୩ ମ୍ୟାଚ ବିଶିଷ୍ଟ ଏକଦିବସୀୟ ସିରିଜ ବେଶ୍ ରୋମାଞ୍ଚକର ହେବା ଆଶା କରାଯାଏ।

## ଏକଦିବସୀୟ କାର୍ଯ୍ୟସୂଚୀ

୧୨।୧: ପ୍ରଥମ ଏକଦିବସୀୟ (ସିଡନୀ)
୧୫।୧: ଦ୍ୱିତୀୟ ଏକଦିବସୀୟ (ଆଡିଲେଡ୍ ଓଭାଲ)
୧୮।୧: ତୃତୀୟ ଏକଦିବସୀୟ (ମେଲବୋର୍ନ)



ଟ୍ରଫି ସହ ବିରାଟ କୋହଲି

ଟେଷ୍ଟ ଜିତିଥିବା ବେଳେ ୨୦୧୯ର ପ୍ରାରମ୍ଭରେ ଟିମ୍ ଇଣ୍ଡିଆର ଏହି ଐତିହାସିକ ସିରିଜ ବିଜୟ ବିରାଟ କୋହଲିଙ୍କ କ୍ୟାରିୟରର ବୃହତ୍ତମ ସଫଳତା ବୋଲି କହିବାକୁ ହେବ।

ସାମ୍ପ୍ରତିକ ସିରିଜ ପରେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭ୍ ୱ ଏହା ଅଷ୍ଟ୍ରେଲିଆ ପାଇଁ ଦଳଗତ ବିପର୍ଯ୍ୟୟ କହିବା ସହିତ ଦଳରେ ଆମୂଳଚୂଳ

# ବିଫଳତାକୁ ଡେଇଁ ସଫଳ ହେବାର ମଜା ନିଆରା

**ସବୁ ଖେଳାଳି ସଫଳ ହେବାର ସ୍ୱପ୍ନ ଦେଖନ୍ତି । ମାତ୍ର ପ୍ରତ୍ୟେକ ଖେଳାଳିଙ୍କ ଜୀବନରେ ଏପରି ଏକ ସମୟ ଆସେ ଯେତେବେଳେ ବିଫଳତା ସେମାନଙ୍କ ପିଛା କରେ । ସେ ସମୟକୁ ଅତିକ୍ରମ କରିବା କଷ୍ଟସାଧ୍ୟ । କ୍ୟାରିୟରର ଉତ୍‌ଥାନ ଓ ପତନ ଭିତରେ ତିଷ୍ଠି ରହି ସଫଳତା ହାସଲ କରିବାର ଖୁସି ବି ଅଲଗା । ଏ କଥା କହିଛନ୍ତି ଭାରତୀୟ ଟେବୁଲ ଟେନିସର ଅନ୍ୟତମ ତାରକା ଖେଳାଳି ମାଧୁରିକା ପାଟକର । ୨୦୧୦ ମସିହା ସାଫ୍ ଗେମ୍ସରେ ୪ଟି ପଦକ ଜିତିବା ପରେ ମାଧୁରିକା ଜାତୀୟ ସ୍ତରର ଖେଳରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ। ଏପରି କି ଏକଦା ଜାତୀୟ ର୍‍ୟାଙ୍କିଂର ଶୀର୍ଷରେ ଥିବା ମାଧୁରିକା ଦୁଇ ବର୍ଷ ଭିତରେ ର୍‍ୟାଙ୍କ ୨୦କୁ ଖସି ଯାଇଥିଲେ । ପରେ ମାନସିକ ଭାବେ ନିଜକୁ ପ୍ରସ୍ତୁତ କରି କଡ଼ା ଅଭ୍ୟାସ ସହ ସେ ନିଜ ଗେମ୍‌କୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଟିଟି ଚାମ୍ପିୟନଶିପ୍‌ରେ ଯୋଗ ଦେବା ଅବସରରେ ମାଧୁରିକାଙ୍କ ସହ ସାକ୍ଷାତ୍‌କାର...**



**ପ୍ର**-ଟେବୁଲ ଟେନିସରେ କ୍ୟାରିୟର କିପରି ଆରମ୍ଭ ହୋଇଥିଲା ?

**ଉ**-ପିଲା ବେଳେ ଘରେ ବହୁତ ଦୁଷ୍ଟାମି କରେ । ଦୁଷ୍ଟାମି ଅର୍ଥ ଘର ଭିତରେ ଧାଁ ଦୌଡ଼ ଦିନ ରାତି ଚାଲିଥାଏ । ସେବେ ଘର ଲୋକ ଭାବିଥିଲେ ମୋତେ ଖେଳ କିମ୍ବା ଡ୍ୟାନ୍ସ ସେଣ୍ଟରରେ ଭର୍ତ୍ତି କରିବାକୁ । ପରେ ବିଭିନ୍ନ ଖେଳକୁଦ କରିବା ସହ ଡ୍ୟାନ୍ସ ମଧ୍ୟ ଶିଖିଥିଲି । ଜଣେ ଭଲ ସୁଇମର ମଧ୍ୟ ଥିଲି । ହେଲେ ଟେବୁଲ ଟେନିସ ଖେଳ ପ୍ରତି ଭଲ ପାଇବା ରହିଗଲା । ଏକାଗ୍ର ରହି ଟିଟି ଖେଳରେ କ୍ୟାରିୟର କରିବି ବୋଲି ସ୍ଥିର କରିନେଲି ।

**ପ୍ର**-ସବୁଠାରୁ ଶ୍ରେଷ୍ଠ ମୁହୂର୍ତ୍ତ ?

**ଉ**-ବହୁତ ଭଲ ମୁହୂର୍ତ୍ତ ରହିଛି । ହେଲେ ନିକଟ ଅତୀତର କଥା କହିଲେ ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପଦକ ପ୍ରଦାନ ଉତ୍ସବ ସମୟ ମନକୁ ରୋମାଞ୍ଚିତ କରେ। ଏହି ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲି । ତେଣୁ ପଦକ ପ୍ରଦାନ ବେଳେ ଆମ ଜାତୀୟ ସଙ୍ଗୀତ ବାଜିବା ଓ ଜାତୀୟ ପତାକା ଶୀର୍ଷକୁ ଉଠିବା ବେଳର ମୁହୂର୍ତ୍ତ ମନେ ପଡ଼ିଲେ ବହୁତ ଖୁସି ଲାଗେ ।

**ପ୍ର**-ଭାରତରେ ମହିଳା ଟିଟିର ଭବିଷ୍ୟତକୁ କିପରି ଦେଖୁଛନ୍ତି ?

**ଉ**-ଉଜ୍ଜ୍ୱଳ । ଏବେ ଭିତ୍ତିଭୂମିର ବିକାଶ ବହୁମାତ୍ରାରେ ହେଉଛି । ଆଗାମୀ ଦିନରେ ହେବ ବୋଲି ମଧ୍ୟ ଆଶା ରହିଛି । ଦେଶରେ କ୍ରୀଡ଼ା ଏବେ ଏକ ପରମ୍ପରା ହୋଇ ସାରିଲାଣି । ଯେଉଁମାନେ ଭଲ ଖେଳିବେ ସେମାନଙ୍କ ପାଇଁ ସରକାରୀ ସ୍ତରରେ ମଧ୍ୟ ଅନେକ ପ୍ରୋତ୍ସାହନ ମିଳୁଛି । ଏଣୁ ମହିଳା ଟିଟି ଖେଳାଳିମାନେ ନିରାଶ ହେବାର ପ୍ରଶ୍ନ ଉଠୁନି ।

**ପ୍ର**-ଆଗାମୀ ଲକ୍ଷ୍ୟ କ'ଣ ?

**ଉ**-ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି । ଏପରି ଏକ ବଡ଼ ଟୁର୍ନାମେଣ୍ଟ ପାଇ ବହୁ ଦିନ ଆଗରୁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼େ । ତେଣୁ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତିକୁ ଜୋରଦାର କରିବାକୁ ହେବ। ଆଗାମୀ ମେଗା ପ୍ରତିଯୋଗିତାରେ ପଦକ ଜିତିବାକୁ ମୁଁ ଆଶା ରଖିଛି ।

## ଇତିହାସ

ଏକସ୍ତରୀ ବର୍ଷ ପରେ ଟିମ୍ ଇଣ୍ଡିଆ
ମୁହଁରେ ଫୁଟିଛି ହସ
ଟେଷ୍ଟ ସିରିଜରେ କଙ୍ଗାରୁ ମାଟିରେ
କଙ୍ଗାରୁଙ୍କୁ କରି ନାଶ
ରଚିଅଛି ଇତିହାସ
କ୍ରିକେଟରେ ନୂଆ ସ୍ମୃତି ରହିଗଲା
ନୂଆ ବର୍ଷ ଉଣେଇଶ ।
ଅନ୍ତର୍ଜାତୀୟ ସ୍ତରରେ ଭାରତ
ଶରତ କମଲ ଭାଇ
ଓଡ଼ିଶା ମାଟିରେ ନୂଆ ଇତିହାସ
କଟକରେ ମାରେ ହାଇ
ନ'ଥର ଟାଇଟଲ ଜୟୀ
ଛଅ ଦିନ ଧରି ଛଅଶ ଖେଳାଳି
ପାଖେ ତା'ର ଗଲେ ଶୋଇ ।
ଭୁବନେଶ୍ୱରରେ ହକି ୱାର୍ଲ୍ଡକପ୍‌ରେ
ଟିମ୍ ଖାଇଥିଲା ନାତ
ଭାରତୀୟ ଜେଣ୍ଟସ୍ ହକି କୋଚ୍ ପଦରୁ
ହରେନ୍ଦ୍ର ସିଂ ବହିଷ୍କୃତ
ସତ ଇତିହାସ ମିତ
ବାତ୍ ଝୁଟା ହେଉ ପସନ୍ଦ ରହିଲେ
ଖାଇବାକୁ ମିଳେ ଭାତ ।

-ସୁବାସ ଚନ୍ଦ୍ର ପ୍ରଧାନ

$ Dollar 70.41 (5) | Sensex 106.41 36,106.50 | Nifty 33.55 10,821.60 | Gold ₹270 33,070.00 | Silver ₹410 40,510.00

" କୃଷିଜାତ ସାମଗ୍ରୀର ରପ୍ତାନି ବୃଦ୍ଧି ଲାଗି କେନ୍ଦ୍ର ସରକାର ଟ୍ରାନ୍ସପୋର୍ଟ ସବ୍‌ସିଡିକୁ ରାଜ୍ୟଗୁଡ଼ିକୁ ଦେବାକୁ ବିଚାର କରୁଛି।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



" ବ୍ୟାଙ୍କର ଅନାଦାୟ ଋଣ ଅସୁଲ ଉପରେ ଏବେ ଅଧିକ ଧ୍ୟାନ କେନ୍ଦ୍ରିତ କରିଛୁ।
– ଏସ୍.କ୍ରିଷ୍ଣନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ସିଣ୍ଡିକେଟ ବ୍ୟାଙ୍କ



## ସଂକ୍ଷେପରେ

### ସିଇଓ ଚୟନ କଲା ୟେସ୍ ବ୍ୟାଙ୍କ

**ମୁମ୍ବାଇ,୧୦-୧:** ଘରୋଇ କ୍ଷେତ୍ରରେ ଆଗଧାଡିର ବ୍ୟାଙ୍କ କୁହାଯାଉଥିବା ୟେସ ବ୍ୟାଙ୍କ ଏହାର ଏମଡି ଓ ସିଇଓଙ୍କ ସମ୍ଭାବ୍ୟ ନାମଗୁଡିକ ସ୍ଥିର କରିଛି। ଗୁରୁବାର ଏହା ରିଜର୍ଭ ବ୍ୟାଙ୍କ ନିକଟକୁ ଅନୁମୋଦନ ଲାଗି ପଠାଇଛି। ବୁଧବାର ବ୍ୟାଙ୍କ ପକ୍ଷରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଏ ସମ୍ପର୍କରେ ସୂଚନା ଦିଆଯାଇ କୁହାଯାଇଛି ଯେ, କେନ୍ଦ୍ରୀୟ ବ୍ୟାଙ୍କର ମଞ୍ଜୁରୀ ପରେ ହିଁ ନାମ ପ୍ରକାଶ କରାଯିବ। ସର୍ଚ୍ଚ ଆଣ୍ଡ ସିଲେକ୍ସନ କମିଟି ଓ ନମିନେଶନ ଆଣ୍ଡ ରେମୁନେରେଶନ କମିଟିର ସୁପାରିସ କ୍ରମେ ଉକ୍ତ ପଦପାଇଁ ସମ୍ଭାବ୍ୟ ପ୍ରାର୍ଥୀଙ୍କ ଏକ ତାଲିକା ସ୍ଥିର କରାଯାଇଛି। ଆର୍‌ବିଆଇର ନିୟମ ଅନୁଯାୟୀ ଜାନୁୟାରୀ ୧୦ ତାରିଖ ସୁଦ୍ଧା କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ନାମ ମଞ୍ଜୁରୀ ଲାଗି ଆବେଦନ କରିବା ଆବଶ୍ୟକ ଥିଲା। ୟେସ ବ୍ୟାଙ୍କର ସିନିୟର ଗ୍ରୁପ୍ ପ୍ରେସିଡେଣ୍ଟ(ଫାଇନାନ୍ସିଆଲ ମାର୍କେଟ) ରଜତ ମୋଙ୍ଗା ଓ ମ୍ୟାକ୍ସ ଲାଇଫ ଇନସ୍ୟୁରାନ୍ସର ପୂର୍ବତନ ଏମ୍‌ଡି ଓ ସିଇଓ ରାଜେଶ ସୁଦ୍ ଉକ୍ତ ପଦ ଦୌଡରେ ଆଗରେ ରହିଛନ୍ତି ବୋଲି କୁହାଯାଉଛି।

### ରେମଣ୍ଡ ଗ୍ରୁପ୍‌ର ସମସ୍ତ କମ୍ପାନୀରୁ ଇସ୍ତଫା ଦେବେ ଗୌତମ ସିଂଘାନିଆ



**ନୂଆଦିଲ୍ଲୀ,୧୦-୧:** ରେମଣ୍ଡ ଗ୍ରୁପ୍‌ର ପ୍ରମୋଟର ତଥା ଅଧ୍ୟକ୍ଷ ଗୌତମ ସିଂଘାନିଆ ସମସ୍ତ କମ୍ପାନୀରୁ ଇସ୍ତଫା ଦେବେ ବୋଲି ଘୋଷଣା କରିଛନ୍ତି। ଗ୍ରୁପ୍‌ରୁ ବାହାରି ଯିବା ପରେ ସେ ଦୈନନ୍ଦିନ କାର୍ଯ୍ୟରୁ ଅବ୍ୟାହତି ନେବେ ବୋଲି କହିଛନ୍ତି। ନିଜର ଇସ୍ତଫା ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ପ୍ରମୋଟର ଦଖଲ ଦେଉ ନ ଥିବା ତଥା ପ୍ରତିଯୋଗିତା ମନୋଭାବ ଦ୍ୱାରା ପରିଚାଳିତ ଏଭଳି ଏକ ଗ୍ରୁପ୍ କମ୍ପାନୀ ସ୍ଥାପନ କରିବାକୁ ସେ ଚାହାନ୍ତି। ଗ୍ରୁପ୍‌ର ଏଫ୍‌ଏମ୍‌ସିଜି କମ୍ପାନୀ ରେମଣ୍ଡ ଆପାରେଲର ଅଧ୍ୟକ୍ଷ ପଦରୁ ପୂର୍ବରୁ ଇସ୍ତଫା ଦେଇସାରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସେ ଦୁଇଟି ଇଞ୍ଜିନିୟରିଂ କମ୍ପାନୀ ଜେକେ ଫାଇଲ୍ସ ଓ ରିଙ୍ଗ ପ୍ଲସ ଏକ୍ୱାର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବେ। ଏହି କମ୍ପାନୀଙ୍କ ଲାଗି ପେସାଦାର ଅଧ୍ୟକ୍ଷ ଖୋଜିବା ଆରମ୍ଭ ହୋଇଗଲାଣି। ସେ ଗ୍ରୁପ୍‌ର ଶୀର୍ଷ କମ୍ପାନୀ ରେମଣ୍ଡ ଲିମିଟେଡର ଶୀର୍ଷ ପଦରୁ ହଟିଯିବେ ବୋଲି ସଙ୍କେତ ଦେଇଛନ୍ତି। ଗୌତମ କହିଛନ୍ତି ଯେ, ଏହି କମ୍ପାନୀର ଅଧ୍ୟକ୍ଷ ଭାବେ ସେ କେତେଦିନ ରହିବେ ଜାଣିନାହାନ୍ତି। ଉଲ୍ଲେଖଥାଉ କି, ରେମଣ୍ଡ ଗ୍ରୁପ୍‌ର ପ୍ରତିଷ୍ଠାତା ବିଜୟପତ୍ ସିଂଘାନିଆଙ୍କ ସହ ତାଙ୍କ ପୁତ୍ର ଗୌତମଙ୍କ ମନାନ୍ତରକୁ ନେଇ ଏବେ ଜୋର୍ ଚର୍ଚ୍ଚା ହେଉଛି।

# ଭୂତ କମ୍ପାନୀଙ୍କ ଉପରେ ଲାଗିବ ଲଗାମ

## କମ୍ପାନୀଙ୍କ ଲାଗି ବାଧ୍ୟତାମୂଳକ ହେବ କେୱାଇସି

**ନୂଆଦିଲ୍ଲୀ,୧୦-୧**

- କେୱାଇସି ଜରିଆରେ ଭୂତ କମ୍ପାନୀଙ୍କ ଚିହ୍ନଟ ସହଜ ହେବ
- କେବଳ କାଗଜକଲମରେ ରହିଛନ୍ତି ଭୂତ କମ୍ପାନୀ
- କମ୍ପାନୀର ସମସ୍ତ ଅଧିକାରୀ, କର୍ମଚାରୀଙ୍କ ତଥ୍ୟ କେୱାଇସିରେ ଦେବାକୁ ହେବ
- କେୱାଇସି ଦାଖଲ ନ କଲେ ସମସ୍ତ କାର୍ଯ୍ୟକଳାପରୁ ବଞ୍ଚିତ ହେବେ କମ୍ପାନୀ




ଭୂତ କମ୍ପାନୀଙ୍କ ବିରୋଧରେ କେନ୍ଦ୍ର ସରକାରଙ୍କ ଅଭିଯାନକୁ ଆହୁରି କଡ଼ାକଡ଼ି କରାଯିବ। ଏହିକ୍ରମରେ ସମସ୍ତ କମ୍ପାନୀଙ୍କ ଲାଗି 'ନିଜ ଗ୍ରାହକଙ୍କୁ ଜାଣନ୍ତୁ'ଅର୍ଥାତ୍ କେୱାଇସି ପ୍ରକ୍ରିୟା ବାଧ୍ୟତାମୂଳକ ହେବାକୁ ଯାଉଛି। କେୱାଇସି ଅଧୀନରେ ସମସ୍ତ କମ୍ପାନୀ ନିଜର ଅଧିକାରୀ, କର୍ମଚାରୀଙ୍କ ସମ୍ପୂର୍ଣ୍ଣ ବିବରଣୀ ଦେବାକୁ ବାଧ୍ୟ ରହିବେ। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଏହି ବ୍ୟବସ୍ଥାକୁ ସମ୍ଭବତଃ ଚଳିତ ମାସରେ ଲାଗୁ କରିବାକୁ ଯାଉଛି।

ଉଲ୍ଲେଖଥାଉ କି,ଭୂତ କମ୍ପାନୀ କେବଳ କାଗଜପତ୍ରରେ ରହିଥାଏ। ବାସ୍ତବରେ ଏଭଳି କୌଣସି କମ୍ପାନୀ ରହି ନ ଥାଏ। ନିଜର କଳାଧନକୁ ଲୁଚାଇବା ଅଥବା ଅବୈଧ କାର୍ଯ୍ୟକଳାପ ପାଇଁ ଏଭଳି ଭୂତ କମ୍ପାନୀ ସ୍ଥାପନ କରାଯାଏ। ଉଲ୍ଲେଖଥାଉ କି, ସମସ୍ତ ପଞ୍ଜୀକୃତ କମ୍ପାନୀର ନିର୍ଦ୍ଦେଶକଙ୍କ ଲାଗି ମନ୍ତ୍ରଣାଳୟ ପକ୍ଷରୁ ଗତବର୍ଷ କେୱାଇସି ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଡାଇରେକ୍ଟର ଆଇଡେଣ୍ଟିଫିକେଶନ ନମ୍ୱର(ଡିନ୍) ପାଇଥିବା ୩୩ ଲକ୍ଷ ନିର୍ଦ୍ଦେଶକଙ୍କ ମଧ୍ୟରୁ କେବଳ ୧୬ ଲକ୍ଷ ହିଁ କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଛନ୍ତି। ଭୂତ କମ୍ପାନୀଙ୍କୁ ଚିହ୍ନିବା ଲାଗି ଏହି କେୱାଇସି ବ୍ୟବସ୍ଥା ସଫଳ ହେବ ବୋଲି ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି। ଏହି କାରଣରୁ ନିଜର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରି ନ ଥିବା ବ୍ୟକ୍ତିବିଶେଷ ଏବେ ଯାଞ୍ଚର ସମ୍ମୁଖୀନ ହେଉଛନ୍ତି। ଏହାବ୍ୟତୀତ କେୱାଇସି ବ୍ୟବସ୍ଥାକୁ କମ୍ପାନୀର ରିଟର୍ନ ଦାଖଲ ସହ ସଂଯୋଗ କରାଯିବ। ଏହାର ଅର୍ଥ ଯେଉଁ କମ୍ପାନୀ ନିଜର ବାର୍ଷିକ ରିଟର୍ନ ଦାଖଲ ନ କରିବେ ତାଙ୍କୁ କେୱାଇସି ଦାଖଲ କରିବାକୁ ସୁଯୋଗ ଦିଆଯିବ ନାହିଁ। ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ କହିବାନୁଯାୟୀ ଯଦି କୌଣସି କମ୍ପାନୀ କେୱାଇସି ଦାଖଲ ନ କରେ, ତେବେ ଏହାକୁ ସମସ୍ତ କାର୍ଯ୍ୟକଳାପରୁ ବଞ୍ଚିତ କରାଯିବ। କର୍ପୋରେଟ ବ୍ୟାପାର ସଚିବ ଆଇ.ଶ୍ରୀନିବାସ କହିଛନ୍ତି ଯେ, କେୱାଇସି ପ୍ରକ୍ରିୟା ଅନ୍ତର୍ଗତରେ ପେସାଦାରଙ୍କ ଯାଞ୍ଚ ହେବ ଏବଂ ଏହାପରେ ସେମାନଙ୍କୁ ପଞ୍ଜୀକରଣ ଲାଗି ଅନୁମତି ଦିଆଯିବ। ଏହାଛଡ଼ା ମନ୍ତ୍ରଣାଳୟର ପୋର୍ଟାଲରେ ଏମ୍‌ସିଏ ୨୧ ଲାଗି ପଞ୍ଜୀକରଣ ପାଇଁ ମଧ୍ୟ କେୱାଇସି ପାଳନ କରିବା ବାଧ୍ୟତାମୂଳକ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।




### ଟାଟା ହିଟାଚିର ନୂଆ ଶିନରାଇ ବ୍ୟାକହୋ ଲୋଡର

**ଭୁବନେଶ୍ୱର,୧୦-୧**

ପ୍ରମୁଖ କମ୍ପାନୀ ଟାଟା ହିଟାଚି କନଷ୍ଟ୍ରକଶନ ମେଶିନାରି କମ୍ପାନୀ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନୂଆ ଶିନରାଇ ବ୍ୟାକହୋ ଲୋଡର ଓଡ଼ିଶା ବଜାରରେ ପ୍ରବେଶ କରିଛି। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସନ୍ଦିପ ସିଂ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ମେଶିନକୁ ବଜାର ପ୍ରବେଶ କରାଇଥିଲେ। ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ଧ୍ୟାନରେ ରଖି ଏହାକୁ ପ୍ରସ୍ତୁତ କରାଯାଇଥିବା ସିଂ ସୂଚନା ଦେଇଛନ୍ତି। ଏହା ଦକ୍ଷତା ତଥା ବିଶ୍ୱସନୀୟତା ସହ କମ୍ ମେଣ୍ଟେନାନ୍ସ ଖର୍ଚ୍ଚ ଭଳି ସୁବିଧା ଦେବ ବୋଲି ସେ କହିଛନ୍ତି। ଏହି ମଡେଲଟିରେ ଗ୍ରାହକମାନେ ଏକ୍ସିଲେଣ୍ଟ ହାଇଡ୍ରଲିକ୍ ସିଷ୍ଟମ ଲାଭ କରିପାରିବେ। ମଡେଲଟିର ବଜାର ଦର ୨୮.୫ ଲକ୍ଷ ଟଙ୍କା ରହିଛି। କାର୍ଯ୍ୟକ୍ରମ ଅବସରରେ ସେଲସ୍ ମାର୍କେଟିଂ ବରିଷ୍ଠ ପ୍ରବନ୍ଧକ ହେମନ୍ତ ମାଥୁର, ବିତରକ ସୁନୀଲ ତନେଜା ଉପସ୍ଥିତ ଥିଲେ।

# 'ଆର୍‌ବିଆଇ ସରକାରଙ୍କ ପ୍ରତି ଉତ୍ତରଦାୟୀ'

**ନୂଆଦିଲ୍ଲୀ,୧୦-୧**

**ମତ ସ୍ପଷ୍ଟ କଲେ ଜଲାନ**



ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସରକାରଙ୍କ ପ୍ରତି ଉତ୍ତରଦାୟୀ। ଏଣୁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଡାଞ୍ଚା ମଧ୍ୟରେ ରହି ଏହାକୁ କାର୍ଯ୍ୟ କରିବାକୁ ହେବ ବୋଲି ପୂର୍ବତନ ଗଭର୍ନର ବିମଳ ଜଲାନ ଗୁରୁବାର ନିଜର ମତ ସ୍ପଷ୍ଟ କରିଛନ୍ତି।

ରିଜର୍ଭ ବ୍ୟାଙ୍କର ବଳକା ଅର୍ଥକୁ ସରକାରଙ୍କୁ ଦେବା ଲାଗି ଡାଞ୍ଚା ପ୍ରସ୍ତୁତ କରିବାକୁ ଗଠିତ କମିଟିର ଅଧ୍ୟକ୍ଷ ଥିବା ଜଲାନ କହିଛନ୍ତି ଯେ, ସରକାରଙ୍କ ଆର୍ଥିକ ନୀତିକୁ ଅନୁସରଣ କରି କେନ୍ଦ୍ରୀୟ ବ୍ୟାଙ୍କ ତଦନୁଯାୟୀ କାର୍ଯ୍ୟ କରିବା ଉଚିତ୍, କାରଣ ଏହା ସରକାରଙ୍କ ନିକଟରେ ଜବାବ ଦେବାକୁ ବାଧ୍ୟ। ସେ କହିଛନ୍ତି ଯେ, ଆର୍‌ବିଆଇ ସହ ସରକାରଙ୍କ ମତଭେଦ ଥାଇପାରେ, ସରକାର ରାଜନୈତିକ ବାଧ୍ୟବାଧକତାକୁ ଦୃଷ୍ଟିରେ ରଖି ବୃହତ୍ ଦୃଶ୍ୟପଟରେ ଅର୍ଥନୀତିକୁ ସ୍ଥିର କରିଥାନ୍ତି। ବାସ୍ତବ କ୍ଷେତ୍ରରେ କ'ଣ ଘଟୁଛି ସରକାର ତାହା ମଧ୍ୟ ଦେଖିଥାନ୍ତି ବୋଲି ସେ କହିଛନ୍ତି। ତେବେ ନୀତିଗତ ଡାଞ୍ଚା ମଧ୍ୟରେ ଥାଇ ସରକାରଙ୍କ ନୀତି ଅନୁଯାୟୀ ଆର୍‌ବିଆଇକୁ କାର୍ଯ୍ୟ କରିବାକୁ ହେବ। ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କର ମତଭେଦ ଅନେକାଂଶରେ ଦୂର ହୋଇସାରିଥିବା ଆଶାପ୍ରକାଶ କରି ସେ କହିଛନ୍ତି ଯେ, ନୂଆ ମ୍ୟାନେଜମେଣ୍ଟ ଅଧୀନରେ ଏବେ କେନ୍ଦ୍ରୀୟ ବ୍ୟାଙ୍କ କାର୍ଯ୍ୟ କରିବ ବୋଲି ଜଲାନ ଆଶାବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ସରକାରରେ ଦୀର୍ଘଦିନ କାର୍ଯ୍ୟ କରିଥିବା ଜଣେ ଅଧିକାରୀ ଏବେ ଗଭର୍ନର ହୋଇଛନ୍ତି। ତାଙ୍କ ନେତୃତ୍ୱରେ ରିଜର୍ଭ ବ୍ୟାଙ୍କ ଭଲ କାର୍ଯ୍ୟ କରିବ। ତାଙ୍କ ମତରେ ସରକାର ଓ ରିଜର୍ଭ ବ୍ୟାଙ୍କ ମଧ୍ୟରେ ମତଭେଦ ରହିବା ସ୍ୱାଭାବିକ, କିନ୍ତୁ ରାଷ୍ଟ୍ର ହିତରେ ଏହାର ଆପୋଷ ସମାଧାନ କରିବା ଆବଶ୍ୟକ। ଆର୍‌ବିଆଇର ବଳକା ଅର୍ଥକୁ ନେଇ ଗଠିତ କମିଟି କି ପ୍ରକାର ସୁପାରିସ କରିବାକୁ ଯାଉଛି ବୋଲି ପ୍ରଶ୍ନ ହେବାରୁ ସେ ଏହାର ଉତ୍ତର ଦେବାକୁ ମନା କରିଦେଇଥିଲେ। ସୂଚନାଥାଉ କି, ଏହି ପ୍ରସଙ୍ଗଟି ଆର୍‌ବିଆଇ ଓ ସରକାରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ମତଭେଦର ଅନ୍ୟତମ କାରଣ ଥିଲା। କେନ୍ଦ୍ରୀୟ ବ୍ୟାଙ୍କ ଆବଶ୍ୟକତା ଠାରୁ ଅଧିକ ବଳକା ଅର୍ଥ ନିଜ ପାଖରେ ରଖିଛନ୍ତି ବୋଲି ସରକାର ଯୁକ୍ତି ବାଢ଼ିଥିବା ବେଳେ ସମ୍ଭାବ୍ୟ ବିପଦର ମୁକାବିଲା ଲାଗି ଏହି ଅର୍ଥ ରଖାଯାଇଛି ବୋଲି କେନ୍ଦ୍ରୀୟ ବ୍ୟାଙ୍କ କହିଛି। ଅନ୍ୟପକ୍ଷରେ ଜଲାନଙ୍କ ମନ୍ତବ୍ୟ ଉପରେ ଆର୍‌ବିଆଇ କୌଣସି ପ୍ରତିକ୍ରିୟା ଦେଇନାହିଁ।

### ଜେରଥ ପାଥ୍ ଲାବ୍ ପକ୍ଷରୁ ଆଲର୍ଜି ପରୀକ୍ଷଣ ଆଜିଠାରୁ

**ଭୁବନେଶ୍ୱର,୧୦-୧**

ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟି ସେଣ୍ଟର ପକ୍ଷରୁ ଶୁକ୍ରବାରଠାରୁ ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଲର୍ଜି ପରୀକ୍ଷଣ ଶିବିର ଅନୁଷ୍ଠିତ ହେଉଛି। କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, ଭୁବନେଶ୍ୱରର ଖଣ୍ଡଗିରି, ପଟିଆ, କେନ୍ଦୁଝର, ଖୋର୍ଦ୍ଧା, ନବରଙ୍ଗପୁର, କୋରାପୁଟ, ପୁରୀ, ନୟାଗଡ, ଗଜପତି, ରାୟଗଡା, ଭବାନିପାଟଣାରେ ଏହି ଶିବିର ଆୟୋଜନ ହେଉଛି। ସେହିଭଳି ବଲାଙ୍ଗୀର, ସୋନପୁର, ସୋହେଲା, ଝାରସୁଗୁଡା, ମୋଦିପଡା, ସମ୍ବଲପୁର, ବୁର୍ଲା, ଦେବଗଡ, ବରଗଡ, ରାଉରକେଲା, ଗଜପତି, ଢେଙ୍କାନାଳ, କାମାକ୍ଷାନଗର, ଅନୁଗୋଳ, ଭଦ୍ରକ, ବାଲେଶ୍ୱର, ବାରିପଦା ଭଳି ସ୍ଥାନରେ ଥିବା ଜେରଥର କଲେକ୍ସନ ସେଣ୍ଟରଗୁଡ଼ିକର ଜାନୁୟାରୀ ୧୧ ଏବଂ ୧୨ ତାରିଖରେ ଏହି ପରୀକ୍ଷଣ ଅନୁଷ୍ଠିତ ହେବ ବୋଲି ସୂଚନା ରହିଛି। ସକାଳ ୯ରୁ ଅପରାହ୍ନ ୫ ମଧ୍ୟରେ ଏହି ପରୀକ୍ଷା ରୋଗୀମାନେ କରାଇପାରିବେ। ଏହି ପରୀକ୍ଷଣ ଲାଗି ଜେରଥ ପକ୍ଷରୁ ରିହାତି ସୁବିଧା ଦିଆଯାଉଛି। ଫୁଡ, ସ୍କିନ ଏବଂ ଇନହେଲାଣ୍ଟ ବର୍ଗରେ ପରୀକ୍ଷଣ କରାଯିବ। ଶୀଘ୍ର ଚିହ୍ନଟରେ ଆଲର୍ଜି ଚିକିତ୍ସା ସମ୍ଭବ ବୋଲି ସେଣ୍ଟର ପକ୍ଷରୁ ସୂଚନା ରହିଛି।

### ହର୍ବାଲ ଓରାଲ କେୟାର ସେଗ୍‌ମେଣ୍ଟରେ ଆମ୍‌ୱେର ପ୍ରବେଶ

**ଭୁବନେଶ୍ୱର,୧୦-୧**




ପ୍ରମୁଖ କମ୍ପାନୀ ଆମ୍‌ୱେ ହର୍ବାଲ ଓରାଲ କେୟାର ସେଗ୍‌ମେଣ୍ଟରେ ପ୍ରବେଶ ପୂର୍ବକ ଏହାର ନୂଆ ପ୍ରଡକ୍ଟକୁ ବଜାର ପ୍ରବେଶ କରାଇଛି। କମ୍ପାନୀ ପକ୍ଷରୁ ନୂଆକରି ଗ୍ଲିଷ୍ଟର ହର୍ବାଲ ଟୁଥପେଷ୍ଟ ଆସିଛି। ଏହାକୁ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ କରାଯାଇଛି। ବିବିଧ କାର୍ଯ୍ୟକ୍ଷମତା ରଖୁଥିବା ଏହି ଟୁଥପେଷ୍ଟରେ ଜଡିବୁଟିର ଗୁଣବତ୍ତା ଗ୍ରାହକମାନେ ଲାଭ କରିପାରିବେ। ଏହା ବାଦ ଜୈବ ବିଘଟିତ ମାଇକ୍ରୋ ବିଡ୍‌ସ ଏଥିରେ ରହିଛି। କମ୍ପାନୀ ବର୍ତ୍ତମାନ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ସହ ଆଗକୁ ବଢୁଛି। ଓରାଲ କେୟାର କ୍ଷେତ୍ରରେ ସ୍ଥିତିକୁ ଦୃଢ କରିବା ପାଇଁ ପ୍ରୟାସ ଜାରି ରହିଥିବା ଏହା ପ୍ରକାଶ କରିଛି। ଏହି ନୂଆ ପ୍ରଡକ୍ଟ ଦ୍ୱାରା ଆଗାମୀ ଦୁଇ ବର୍ଷରେ ୪୪ କୋଟି ଟଙ୍କା ଆୟ କରିବାକୁ ଆମ୍‌ୱେ ଯୋଜନା ରଖିଛି।

### ଡାକାର ରାଲିରେ ହିରୋ ମୋଟୋସ୍ପୋର୍ଟ୍ସ ଟିମ୍‌ର ଉଲ୍ଲେଖନୀୟ ପ୍ରଦର୍ଶନ

**ଭୁବନେଶ୍ୱର,୧୦-୧**



ଡାକାର ରାଲି ୨୦୧୯ର ପ୍ରଥମ ପର୍ଯ୍ୟାୟରେ ହିରୋ ମୋଟୋକର୍ପ ଲିମିଟେଡ୍‌ର ହିରୋମୋଟୋସ୍ପୋର୍ଟ୍ସ ଟିମ୍‌ର ପ୍ରଦର୍ଶନ ଉନ୍ନତ ରହିଛି। ୨୪୭ କି.ମି. ପଥ ମଧ୍ୟରୁ ଷ୍ଟେଜ ୧ରେ ୮୪ କି.ମି. ଲିମାଠାରୁ ପିସ୍‌କୋ ମଧ୍ୟରେ ସମ୍ପନ୍ନ ହୋଇଛି। ଭାରତୀୟ ଚାଳକ ସି.ଏସ୍. ସନ୍ତୋଷ ଡାକାରରେ ପଞ୍ଚମଥର ଲାଗି ଯୋଗଦେବା ସହ ୨୦ତମ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଜ୍ୟାକ୍ସିମ ରୋଡ୍ରିଗ୍ସ ରାଲିରେ ଦ୍ୱିତୀୟଥର ଯୋଗଦେବା ସହ ୨୩ତମ ସ୍ଥାନ ହାସଲ କରିଛନ୍ତି। ଓରିଏଲ୍ ମୀନା ଏଥିରେ ୧୪ତମ ସ୍ଥାନରେ ରହିଛନ୍ତି।

 କ୍ରମାଗତ ୨ଥର ରିଟର୍ନ ଦାଖଲ ହୋଇ ନ ଥିଲେ

# କମ୍ପାନୀଙ୍କୁ ମିଳିବନି ଇ-ୱେ ବିଲ୍

**ନୂଆଦିଲ୍ଲୀ,୧୦-୧**

ଜିଏସ୍‌ଟି ଆଦାୟ କ୍ରମାଗତ ହ୍ରାସ ହେଉଥିବାରୁ କେନ୍ଦ୍ର ସରକାର ବେଶ ଚିନ୍ତିତ। ଟିକସ ଫାଙ୍କିକୁ ରୋକିବା ଲାଗି ରିଟର୍ନ ଦାଖଲ କରୁ ନ ଥିବା କମ୍ପାନୀଙ୍କ ବିରୋଧରେ ଏବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବାକୁ ଯାଉଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ, କ୍ରମାଗତ ଦୁଇ ମାସ ଅଥବା ଦୁଇଟି ତ୍ରୈମାସରେ ରିଟର୍ନ ଦାଖଲ କରି ନ ଥିବା କମ୍ପାନୀଙ୍କୁ ଇ-ୱେ ବିଲ୍ ମିଳିବ ନାହିଁ। ଫଳରେ ସେମାନେ ୫୦ ହଜାରରୁ ଅଧିକ ମାଲ୍ ପରିବହନ କରିପାରିବେ ନାହିଁ। ମନ୍ତ୍ରଣାଳୟର ନିର୍ଦ୍ଦେଶରେ ଜିଏସ୍‌ଟିଏନ୍ ଏଭଳି ସମସ୍ତ ଯୋଗାଣକାରୀ ଅଥବା ମାଲ୍ ଗ୍ରହଣକାରୀଙ୍କ ଇ-ଫାଇଲିଂ ପୋର୍ଟାଲକୁ ବ୍ଲକ୍ କରିଦେବ। ବର୍ତ୍ତମାନ ୨୮% କମ୍ପାନୀ ଜିଏସ୍‌ଟି ରିଟର୍ନ ଦାଖଲ କରୁନାହାନ୍ତି। ଏପରିସ୍ଥଳେ ବହୁସଂଖ୍ୟାରେ ଇ-ୱେ ବିଲ୍ ତିଆରି ହେଉଥିବାରୁ ଟିକସ ଚୋରୀ ହେଉଥିବା ସନ୍ଦେହ କରୁଛନ୍ତି।

### ଏସ୍‌ବିଏସ୍ ବାୟୋଟେକ୍ ପରିଦର୍ଶନ କଲେ ରାଜୁ ଶ୍ରୀବାସ୍ତବ

**ଚଣ୍ଡିଗଡ,୧୦-୧**



ବିଶିଷ୍ଟ ହାସ୍ୟ ଅଭିନେତା ରାଜୁ ଶ୍ରୀବାସ୍ତବ ଏସ୍‌ବିଏସ୍ ବାୟୋଟେକର ଚଣ୍ଡିଗଡ ସ୍ଥିତ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। କମ୍ପାନୀ ପକ୍ଷରୁ ପ୍ରସ୍ତୁତ 'ପେଟ ସଫା' ପ୍ରଡକ୍ଟର ରାଜୁ ବର୍ତ୍ତମାନ ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ କମ୍ପାନୀର ସିଏମ୍‌ଡି ଡା.ସଞ୍ଜୀବ ଜୁନେଜା ରାଜୁଙ୍କୁ ସ୍ୱାଗତ କରିବା ସହ କମ୍ପାନୀର ପରିସର ବୁଲାଇ ଦେଖାଇଥିଲେ। କମ୍ପାନୀର ସବୁ କର୍ମଚାରୀ ଏହି ଅବସରରେ ରାଜୁଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ପେଟ ସଫା ପ୍ରଡକ୍ଟର ଲୋକପ୍ରିୟତା ଉପରେ ଜୁନେଜା ତାଙ୍କୁ ଅବଗତ କରାଇଥିଲେ। ରାଜୁ ଏହି ଅବସରରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱଚ୍ଛତା ଲାଗି ଦେଶର ପ୍ରତି ନାଗରିକ ଯତ୍ନବାନ ହେବା ଆବଶ୍ୟକ ବୋଲି ରାଜୁ ସୂଚନା ଦେଇଛନ୍ତି।

### ସବୁଠୁ ଧନୀ ମହିଳା ହେବେ ବେଜୋସ୍‌ଙ୍କ ସ୍ତ୍ରୀ

**ନୂଆଦିଲ୍ଲୀ,୧୦-୧**

**ବିବାହ ବିଚ୍ଛେଦ ପରେ**

ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ତଥା ଇ-କମର୍ସ କମ୍ପାନୀ ଆମାଜନର ମାଲିକ ଜେଫ୍ ବେଜୋସ୍ ଓ ତାଙ୍କ ସ୍ତ୍ରୀ ମ୍ୟାକେଞ୍ଜି ଖୁବଶୀଘ୍ର ବିବାହ ବନ୍ଧନରୁ ଅଲଗା ହୋଇଯିବେ। ଦୀର୍ଘ ୨୫ ବର୍ଷ ପରେ ସେମାନେ ବିବାହବିଚ୍ଛେଦ ଲାଗି ରାଜି ହୋଇଛନ୍ତି। ସ୍ୱୟଂ ବେଜୋସ୍ ଟୁଇଟ୍ ଜରିଆରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ବିବାହବିଚ୍ଛେଦ ବିଶ୍ୱର ଧନୀ ତାଲିକାରେ ବିରାଟ ପରିବର୍ତ୍ତନ ଆଣିବାକୁ ଯାଉଛି। ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଆଉ ଶୀର୍ଷରେ ରହିବେ ନାହିଁ। ଅର୍ଥାତ୍ ବେଜୋସ୍ ଶୀର୍ଷ ସ୍ଥାନ ହରାଇବେ। ଅନ୍ୟପକ୍ଷରେ ମ୍ୟାକେଞ୍ଜି ବିବାହ ବିଚ୍ଛେଦ ପରେ ଧନୀ ତାଲିକାରେ ଫେସବୁକର ସହ ପ୍ରତିଷ୍ଠାତା ମାର୍କ ଜୁକରବର୍ଗ ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମାଲିକ ମୁକେଶ ଅମ୍ବାନୀଙ୍କଠାରୁ ଅଧିକ ଧନୀ ହୋଇଯିବେ। ଧନୀ ମହିଳା ଭାବେ ସେ ବିଶ୍ୱରେ ଶୀର୍ଷ ସ୍ଥାନ ଅଧିକାର କରିବେ। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ, ବେଜୋସ୍‌ଙ୍କ ମୋଟ୍ ୧୩୭୦୦ କୋଟି ଡଲାର ସମ୍ପତ୍ତିକୁ ଅଧା ଅଧା ବଣ୍ଟାଗଲେ ମ୍ୟାକେଞ୍ଜିଙ୍କୁ ପ୍ରାୟ ୬୮୫୦ କୋଟି ଡଲାର ମିଳିବ। ବର୍ତ୍ତମାନ ଆଲଫାବେଟ୍ ସିଇଓ ଲ୍ୟାରି ପେଜ୍ ୫୩୦୦ କୋଟି ଡଲାର ସହ ସବୁଠୁ ଧନୀ ମହିଳା ହୋଇଛନ୍ତି।

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
A GOVT. OF ODISHA UNDERTAKING
OPTCL Lifeline of Orissa
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904
Advt.No.08/2018-19 NOTICE INVITING TENDER
For and on behalf of OPTCL sealed tenders are invited from Manufacturers/ Authorized Dealers/Suppliers having valid IT. PAN, GST Registration Certificate for Supply of Insulating Rubber Mat required for various Grid Sub-Stations under EHT (O&M) Circle, Berhampur, **Commencement of Sale of Tender Paper :** From Dated 14.01.2019 to Dated 04.02.2019 up to 5.00PM. **Last Date of Submission of Tender Paper :** Dated 05.02,2019 up to 02.00 PM. **Date of Opening of Tender Paper :** Dated 05.02.2019 at 3.00PM. **Cost of Tender Paper :** Rs.2,000/- GST @12%= Rs.2,240/-, for details please visit our website **www.optcl.co.in**. Corrigendum if any will be published in the website only. *General Manager (Elect.)*

OFFICE OF THE
PARADEEP MUNICIPALITY, PARADEEP
No. 157 Dt.08.01.19
QUOTATION CALL NOTICE
The Executive Officer, Paradeep Municipality on behalf of Paradeep Municipality, Dist.- Jagatsinghpur invites sealed quotations from the intending registered supplier / dealers / firm for supply & installation of GPS device to Paradeep Municipality's vehicles. The prescribed quotation schedule (DTCN) can be downloaded from Paradeep Municipality website **www.paradeepmunicipality.org.in** from **10.00 AM** date.**11.01.2019** to date.**18.01.2019** upto **5.00 PM** on payment of **Rs.500.00** (Rupees Five hundred) only (non-refundable) in shape of cash / bank draft / bankers cheque drawn in favour of the Executive Officer, Paradeep Municipality payable at Paradeep from any Nationalized bank.
The quotation paper alongwith all documents shall be received in the office of the Executive Officer, Paradeep Municipality through by person on or before date **19.01.2019** upto **12.30 PM**. The quotation will be opened on the same date at **3.30 PM** in presence of the quotationer or their authorized representative. The quotation received beyond the schedule date and time will not be considered at all.
The undersigned has the right to accept, cancel or reject any or all the quotations without assigning any reason thereof.
**Sd./- Executive Officer, Paradeep Municipality**

State Level Flower Show, 2019
Botanic Gardens (Ekamrakanan)
Regional Plant Resource Centre, Nayapalli, Bhubaneswar
12th - 13th January, 2019
(9 AM to 7 PM)
ENTRY TO GARDEN FREE
FREE PARKING INSIDE GARDEN
Organised by :
Regional Plant Resource Centre, Bhubaneswar
in collaboration with
Plant Lovers' Association, Bhubaneswar
Supported by :
नालको NALCO
&
Directorate of Horticulture, Odisha

## ସଂକ୍ଷେପରେ

### ମୋର୍କେଲଙ୍କ ସନ୍ନ୍ୟାସ



ଜୋହାନ୍ସବର୍ଗ, ୧୦।୧- ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡର ଆଲ୍‌ବି ମୋର୍କେଲ କ୍ରିକେଟର ସମସ୍ତ ପ୍ରକାର ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ପ୍ରଫେଶନାଲ କ୍ରିକେଟରେ ୨୦ ବର୍ଷ ଧରି ଖେଳିବା ପରେ ଶେଷରେ ୩୭ ବର୍ଷୀୟ ମୋର୍କେଲ ସନ୍ନ୍ୟାସ ନେବାକୁ ନିଷ୍ପତ୍ତି ନେଇଥିଲେ। ବିଶେଷ କରି ସୀମିତ ଓଭର ଫର୍ମାଟ୍‌ରେ ଜଣେ ସଫଳ କ୍ରିକେଟର ଭାବେ ଜଣାଶୁଣା ମୋର୍କେଲ ଦକ୍ଷିଣ ଆଫ୍ରିକା ପକ୍ଷରୁ ୫୮ ଦିନିକିଆ, ୫୦ ଟି୨୦ ଓ ଗୋଟିଏ ମାତ୍ର ଟେଷ୍ଟରେ ପ୍ରତିନିଧିତ୍ୱ କରିଛନ୍ତି। ୨୦୦୪ରେ ଦିନିକିଆ କ୍ୟାରିୟର ଆରମ୍ଭ କରିଥିବା ମୋର୍କେଲ ୭୮୨ ରନ ସହ ୫୦ ଉଇକେଟ୍ ଏବଂ ଟି୨୦ରେ ୭୫୨ ରନ ଓ ୨୬ ଉଇକେଟ୍ ଅକ୍ତିଆର କରିଛନ୍ତି। ସେହିଭଳି ଆଇପିଏଲ୍‌ରେ ମଧ ମୋର୍କେଲ ନିଜର ଛାପ ଛାଡ଼ିଛନ୍ତି। ଆଇପିଏଲ୍‌ରେ ୯୧ ମ୍ୟାଚ୍‌ରୁ ସେ ୯୭୪ ରନ କହିବା ସହିତ ୮୫ ଉଇକେଟ ନେଇ ନିଜକୁ ଜଣେ ଦକ୍ଷ ଅଲ୍‌ରାଉଣ୍ଡର ଭାବେ ପ୍ରତିପାଦିତ କରିପାରିଥିଲେ। ୨୦୧୧ରେ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଖେଳୁଥିବାବେଳେ ସେ ଆଇପିଏଲ୍ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିଥିଲେ। ଚେନ୍ନାଇ ବ୍ୟତୀତ ମୋର୍କେଲ ଦିଲ୍ଲୀ ଡେୟାରଡେଭିଲ୍ସ, ରାଇଜିଂ ପୁନେ ସୁପର୍‌ଜିଆଣ୍ଟ ପକ୍ଷରୁ ମଧ ମ୍ୟାଚ୍ ଖେଳିଛନ୍ତି। ଆଲ୍‌ବିଙ୍କ ଭାଇ ମର୍ନି ମୋର୍କେଲ ମଧ ଗତବର୍ଷ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ।

> ସିଜନ ୨୦୧୯ ଶେଷ ସୁଦ୍ଧା ପ୍ରତିଯୋଗିତାମୂଳକ ଟେନିସ୍‌କୁ ଫେରିବା ଲାଗି ମୁଁ ଚେଷ୍ଟା କରୁଛି, କିନ୍ତୁ ପୁଣି ଶୀର୍ଷସ୍ତରରେ ପହଞ୍ଚିବା ସହଜ ନୁହେଁ।
> – ସାନିଆ ମିର୍ଜା, ଭାରତୀୟ ଟେନିସ୍ ଖେଳାଳି



> ବୀରେନ୍ଦ୍ର ସେହ୍ୱାଗ ତାଙ୍କ କ୍ୟାରିୟରରେ ଯାହା କରିଛନ୍ତି, ଯଦି ମୁଁ ତାହାର ଅଧା ହାସଲ କରେ ଖୁସି ହେବି।
> – ମୟଙ୍କ ଅଗ୍ରୱାଲ, ଭାରତୀୟ କ୍ରିକେଟର



# ଜୋକୋଭିଚ, ହାଲେପ ଟପ ସିଡ

**ମେଲବୋର୍ନ, ୧୦।୧(ଏଏଫ୍‌ପି)**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଯାଉଛି। ବିଶ୍ୱର ଏକ ନମ୍ବର ଖେଳାଳି ନୋଭାକ ଜୋକୋଭିଚ୍ ଓ ସିମୋନା ହାଲେପ୍ ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଭାଗରେ ଟପ୍ ସିଡ୍ ମାନ୍ୟତା ପାଇଛନ୍ତି। ଜୋକୋଭିଚ୍‌ଙ୍କ ଚିରପ୍ରତିଦ୍ୱନ୍ଦ୍ୱୀ ରାଫାଲ ନାଡାଲ, ଡିଫେଣ୍ଡିଂ ଚାମ୍ପିୟନ ରୋଜର ଫେଡେରର ଓ ଯୁବ ତାରକା ଆଲେକ୍ସଜାଣ୍ଡର ଜେଭରେଭ ଯଥାକ୍ରମେ ୨ୟରୁ ୪ର୍ଥ ସ୍ଥାନ ମଧ୍ୟରେ ରହିଛନ୍ତି। ସର୍ବୀୟ ତାରକା ଜୋକୋଭିଚ୍ ୭ମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ଇତିହାସ ରଚିବା ଲକ୍ଷ୍ୟରେ ରହିଛନ୍ତି। ଆଘାତଜନିତ ସମସ୍ୟା ଲାଗି ଅଷ୍ଟ୍ରେଲିଆନ୍ ଓପନ୍‌ରେ ଅଂଶଗ୍ରହଣ କରିପାରୁ ନ ଥିବା ବିଶ୍ୱର ୫ ନମ୍ବର ମାନ୍ୟତା ଜୁଆନ୍ ମାର୍ଟିନ୍ ଡେଲପୋଟ୍ରୋଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର କେଭିନ୍ ଆଣ୍ଡରସନ ୫ମ ସିଡ୍ ପାଇଛନ୍ତି। ଗତବର୍ଷର ଫାଇନାଲିଷ୍ଟ ମାରିନ୍ ସିଲିକ ୬ଷ୍ଠ ସିଡ୍ ଲାଭ କରିଛନ୍ତି। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ୨୩ଥର ମେଜର ଟାଇଟଲ ବିଜୟିନୀ ସେରେନା ୱିଲିୟମ୍ସ ୧୬ତମ ସିଡ୍‌ରେ ରହିଛନ୍ତି। ସେହିଭଳି ଡିଫେଣ୍ଡିଂ ଚାମ୍ପିୟନ ଡେନମାର୍କର କାରୋଲିନ ଓ୍ୱଜନିଆକି ସ୍ୱାସ୍ଥ୍ୟଗତ ସମସ୍ୟା ଓ ଖରାପ୍ ଫର୍ମ ଲାଗି ୩ୟ ସିଡ୍ ପାଇଛନ୍ତି। ଆଞ୍ଜେଲିକ କର୍ବର ଓ ୟୁଏସ୍ ଓପନ୍ ଚାମ୍ପିୟନ ନାଓମି ଓସାକା ଯଥାକ୍ରମେ ୨ୟ ଓ ୪ର୍ଥ ସିଡ୍‌ରେ ରହିଛନ୍ତି।





ଅଷ୍ଟ୍ରେଲିଆନ ଓପନ ଟେନିସ୍ ଚାମ୍ପିୟନଶିପ୍ ପାଇଁ ଅଫିସିଆଲ ଡ୍ର' ପୂର୍ବରୁ ମେଲବୋର୍ନଠାରେ ଗୁରୁବାର ଗତଥରର ପୁରୁଷ ଚାମ୍ପିୟନ ରୋଜର ଫେଡେରର ନର୍ମାନ ବ୍ରୁକ୍ସ ଚ୍ୟାଲେଞ୍ଜ କପ୍ ଏବଂ ମହିଳା ଚାମ୍ପିୟନ କାରୋଲିନ୍ ଓଜନିଆକି ଡାଫ୍‌ନେ ଅଖର୍ଷ୍ଟ ମେମୋରିଆଲ କପ୍ ସହ।

### ପ୍ରଜନେଶ ମୁଖ୍ୟ ପର୍ଯ୍ୟାୟର ନିକଟତର

**ଅଷ୍ଟ୍ରେଲିଆନ୍ ଓପନ୍**

ଇନ୍‌ଫର୍ମ ପ୍ରଜନେଶ ଗୁଣେଶ୍ୱରନ୍ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ମୁଖ୍ୟ ପର୍ଯ୍ୟାୟର ନିକଟତର ହୋଇଛନ୍ତି। କିନ୍ତୁ ଅନ୍ୟ ଦୁଇ ଭାରତୀୟ ଟେନିସ ଖେଳାଳି ଅଙ୍କିତା ରାଇନା ଓ ରାମକୁମାର ରାମନାଥନ ସିଧାସଳଖ ପରାଜୟ ସହ ଯୋଗ୍ୟତା ପର୍ଯ୍ୟାୟରୁ ଅଭିଯାନ ଶେଷ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ୨ୟ ରାଉଣ୍ଡରେ ୬ଷ୍ଠ ସିଡ୍ ପ୍ରଜନେଶ ୬-୩, ୬-୩ ସିଧାସଳଖ ସେଟ୍‌ରେ ସ୍ପେନର ଏନରିକ୍ ଲୋପେଜ ପେରେଜଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ୧୧୨ତମ ସ୍ଥାନରେ ରହିଥିବା ପ୍ରଜନେଶ ଶୁକ୍ରବାର ୩ୟ ରାଉଣ୍ଡ ମୁକାବିଲାରେ ଜାପାନର ୟୋସୁକେ ୱାଟାନୁକିଙ୍କୁ ଭେଟିବେ। ଯଦି ଏହି ମ୍ୟାଚ୍‌ରେ ବିଜୟ ହାସଲ କରନ୍ତି ତେବେ ପ୍ରଜନେଶ କ୍ୟାରିୟରରେ ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମର ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିବେ। ଆହତ ଥିବା ଅନ୍ୟତମ ଭାରତୀୟ ଖେଳାଳି ୟୁକି ଭାମ୍ବ୍ରୀ ୨୦୧୮ରେ ସମସ୍ତ ୪ଟି ଯାକ ଗ୍ରାଣ୍ଡସ୍ଲାମ ଖେଳିଛନ୍ତି। ପୁରୁଷ ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୧୩୨ତମ ସ୍ଥାନରେ ରହିଥିବା ରାମକୁମାର ୭-୫, ୫-୭, ୬-୭ (୬) ସେଟ୍‌ରେ ଜର୍ମାନୀର ରୁଡୋଲ୍ଫ ମୋଲେକରଙ୍କ ନିକଟରୁ ହାରି ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିବାରୁ ବଞ୍ଚିତ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ଅଙ୍କିତା ୬-୪, ୨-୬, ୪-୬ ସେଟ୍‌ରେ ସ୍ପେନର ପାଉଲ୍ ବାଡୋସା ଗିବର୍ଟଙ୍କଠାରୁ ପରାସ୍ତ ହୋଇଛନ୍ତି।

# ଫେବୃୟାରୀ ୨୪ରୁ ଅଷ୍ଟ୍ରେଲିଆର ଭାରତ ଟୁର୍

**ମୁମ୍ବାଇ, ୧୦।୧**

ଚଳିତ ବର୍ଷ ଆଇସିସି ବିଶ୍ୱକପ୍ ପୂର୍ବରୁ ଭାରତୀୟ କ୍ରିକେଟ ଦଳ ଘରୋଇ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ସୀମିତ ଓଭରବିଶିଷ୍ଟ ସିରିଜ ଖେଳିବ। ଗୁରୁବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସିରିଜର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଫେବୃୟାରୀ ୨୪ରୁ ମାର୍ଚ୍ଚ ୧୩ ମଧ୍ୟରେ ଭାରତ ୨ଟି ଟି୨୦ ଓ ୫ଟି ଏକଦିବସୀୟ ମ୍ୟାଚ୍ ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ ବୋଲି ଜଣାପଡ଼ିଛି।

ବିରାଟ କୋହଲିଙ୍କ ଦଳ ବର୍ତ୍ତମାନ ଏକ ସଂପୂର୍ଣ୍ଣ ଦ୍ୱିପାକ୍ଷିକ ସିରିଜ ଖେଳିବା ଲାଗି ଅଷ୍ଟ୍ରେଲିଆ ଗସ୍ତରେ ରହିଛି। ଭାରତ ସେଠାରେ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜକୁ ୧-୧ରେ ଡ୍ର ରଖିବା ପରେ ଟେଷ୍ଟ ସିରିଜକୁ ୨-୧ରେ ଜିତି ଇତିହାସ ସୃଷ୍ଟି କରିଛି। ଶନିବାରଠାରୁ ଭାରତ ଗସ୍ତରେ ଅନ୍ତିମ ସିରିଜଭାବେ ୩ମ୍ୟାଚ୍‌ବିଶିଷ୍ଟ ଦିନିକିଆ ମ୍ୟାଚ୍ ଖେଳିବ। ଭାରତ ଏହାପରେ ନ୍ୟୁଜିଲାଣ୍ଡ ଟୁର୍‌ରେ ଯାଇ ସେଠାରେ ୫ଟି ଦିନିକିଆ ଓ ୩ଟି ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ନ୍ୟୁଜିଲାଣ୍ଡ ସିରିଜ ଜାନୁୟାରୀ ୨୩ରୁ ଆରମ୍ଭ ହୋଇ ଫେବୃୟାରୀ ୧୦ରେ ସମାପ୍ତ ହେବ। ଏହାର ୧୩ ଦିନ ପରେ ଭାରତ ଘରୋଇ ପରିବେଶରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଖେଳିବ ବୋଲି ବିସିସିଆଇ ପକ୍ଷରୁ ଜଣାପଡ଼ିଛି। ଦିନିକିଆ ମ୍ୟାଚ୍‌ଗୁଡ଼ିକ ଦିନ ୧ରୁ ଏବଂ ଟି୨୦ ମ୍ୟାଚ୍ ସନ୍ଧ୍ୟା ୭ଟାରୁ ଆରମ୍ଭ ହେବ। ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜ ମାର୍ଚ୍ଚ ୧୩ରେ ଶେଷ ହେବାର ୧୦ ଦିନ ବ୍ୟବଧାନ (ମାର୍ଚ୍ଚ ୨୩) ପରେ ଆଇପିଏଲ୍ ସିଜନ-୧୨ ଆରମ୍ଭ ହେବ। ମେ ପ୍ରଥମ ଦୁଇ ସପ୍ତାହ ପର୍ଯ୍ୟନ୍ତ ଆଇପିଏଲ୍ ଖେଳାଯିବା ପରେ ସେହି ମାସ ୩୦ରୁ ଇଂଲଣ୍ଡରେ ଆଇସିସି ଦିନିକିଆ ବିଶ୍ୱକପ୍ ଆରମ୍ଭ ହେବ।

# ଆଲମଗିରି ଟିମ୍ ଫାଇନାଲରେ

**ଆଗ୍ରାହାଟ କପ୍ ଫୁଟ୍‌ବଲ**

**ଚୌଦ୍ୱାର, ୧୦।୧(ଡି.ଏନ୍.ଏ)**

ଆଗ୍ରାହାଟ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଆଗ୍ରାହାଟ କପ୍ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସରେ କଟକର ଏସ୍‌ଏସ୍‌ବି ଫୁଟବଲ କ୍ଲବ ସହିତ ଆଲମଗିରି ଫୁଟବଲ ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲମଗିରି ଫୁଟ୍‌ବଲ ଟିମ୍ ୩-୦ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆଗ୍ରାହାଟ ଖେଳପଡ଼ିଆରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ଦନ୍ତ ଚିକିତ୍ସକ ଅମିତ୍ କୁମାର ପୃଷ୍ଟି ଅତିଥିଭାବେ ଯୋଗଦେଇ ଥିଲେ। ରେଫରି ସଞ୍ଜୀବ ଦାସ, ବ୍ରହ୍ମାନନ୍ଦ ଭୋଇ ଓ ନାରାୟଣ ସାହୁ ଖେଳ ପରିଚାଳନା କରିଥିଲେ। କ୍ଲବ୍‌ର ସମୀର ବେହେରା, ଶିବ ପ୍ରସାଦ ପରିଡା, ଅକ୍ଷୟ ବରାଳ, ହିମାଂଶୁ ସ୍ୱାଇଁ, ଅଶୋକ ବରାଳ, ପ୍ରଶାନ୍ତ ରାଉତ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୧୨ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

## ଟୋକିଓ ଅଲିମ୍ପିକ୍ସ ପାଇଁ ବୀରେନ୍ଦ୍ର ଚିଫ୍ ଡି ମିଶନ

**ନୂଆଦିଲ୍ଲୀ,୧୦।୧(ପି.ଟି.)**

ଆଗାମୀ ୨୦୨୦ ଟୋକିଓ ଅଲିମ୍ପିକ୍ସ ଲାଗି ଚିଫ୍ ଡି ମିଶନ ଭାବେ ଭାରତୀୟ ଭାରୋତ୍ତୋଳନ ଫେଡେରେଶନ (ଆଇଡବ୍ଲ୍ୟୁଏଫ୍)ର ସଭାପତି ବୀରେନ୍ଦ୍ର ପ୍ରସାଦ ବୈଶ୍ୟଙ୍କ ନାମ ଘୋଷଣା କରାଯାଇଛି। ଏ ନେଇ ଆଇଡବ୍ଲ୍ୟୁଏଫ୍ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ପ୍ରଥମ ଥର ପାଇଁ ଦେଶର ଭାରୋତ୍ତୋଳନ କ୍ରୀଡ଼ାକୁ ଅଲିମ୍ପିକ୍ସ ଗେମ୍ସ ପାଇଁ ଚିଫ୍ ଡେ ମିଶନ ଚୟନ କରିବାର ସମ୍ମାନ ମିଳିଛି ବୋଲି ଆଇଡବ୍ଲ୍ୟୁଏଫ୍ ସମ୍ପାଦକ ସହଦେବ ଯାଦବ କହିଛନ୍ତି। ବୈଶ୍ୟ ଆଇଡବ୍ଲ୍ୟୁଏଫ୍ ସଭାପତି ବ୍ୟତୀତ ଭାରତୀୟ ଅଲିମ୍ପିକ୍ସ କମିଟି (ଆଇଓଏ)ର ଜଣେ ଉପସଭାପତି ମଧ୍ୟ।

## ପିବିଏଲ: ସେମିଫାଇନାଲ ଲାଇନ ଚୂଡ଼ାନ୍ତ

**ବେଙ୍ଗାଲୁରୁ,୧୦।୧(ପି.ଟି.):**

ସାଇ ପ୍ରଣୀଥଙ୍କ ଦମଦାର ପ୍ରଦର୍ଶନ ବଳରେ ବାଙ୍ଗାଲୋର ରାପ୍ଟର୍ସ ଦଳ ଚେନ୍ନାଇ ସ୍ମାଶର୍ସକୁ ହରାଇ ଚଳିତ ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ୍ (ପିବିଏଲ)ରେ ଅନ୍ତିମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌କୁ ବାଙ୍ଗାଲୋର ରାପ୍ଟର୍ସ ଦଳ ୩-୨ ବ୍ୟବଧାନରେ ଜିତି ନେଇଛି।

### ■ ଜାତୀୟ ଫୁଟ୍‌ଭଲି ପ୍ରତିଯୋଗିତା

# ଓଡ଼ିଶା ମହିଳା ଦଳ ଚାମ୍ପିୟନ



ଓଡ଼ିଶାର ତୁଳସୀ ବେହେରା ଓ ଚୁନ୍‌ମୁନ୍ ସାମଲ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୦।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ନୂଆଦିଲ୍ଲୀସ୍ଥିତ ବାଲଭବନ ଇଣ୍ଟରନ୍ୟାଶନାଲ ସ୍କୁଲଠାରେ ୭ମ ଜାତୀୟ ସିନିୟର ଫୁଟ୍‌ଭଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ମହିଳା ଦଳ କ୍ରମାଗତ ଦ୍ୱିତୀୟ ଥର ପାଇଁ ଚାମ୍ପିୟନ ହୋଇଥିବାବେଳେ ପୁରୁଷ ଦଳ ତୃତୀୟ ସ୍ଥାନ ଅଧିକାର କରିଛି। ମହିଳା ଦଳ ଫାଇନାଲରେ ମଧ୍ୟପ୍ରଦେଶକୁ ହରାଇ ଦେଇଥିଲା। ଓଡ଼ିଶା ମହିଳା ଦଳର ଖେଳାଳି ହେଲେ ଅଧିନାୟିକା ତୁଳସୀ ବେହେରା (ଢେଙ୍କାନାଳ) ଓ ଚୁନ୍‌ମୁନ ସାମଲ (କଟକ)। ତୁଳସୀ ଗତବର୍ଷ ଭଳି ଏଥର ମଧ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପୁରୁଷ ଦଳ ସେମିଫାଇନାଲରେ କେରଳଠାରୁ ପରାଜିତ ହେବାପରେ ତୃତୀୟ ସ୍ଥାନ ପାଇଁ ହୋଇଥିବା ମ୍ୟାଚରେ ପଶ୍ଚିମବଙ୍ଗକୁ ହରାଇ ତୃତୀୟ ହୋଇଥିଲା।

# ୟୁଏଇଠାରୁ ହାରିଲା ଭାରତ

**ଏଏଫ୍‌ସି ଏସିଆନ୍ କପ୍ ଫୁଟବଲ**

**ଆବୁଧାବି,୧୦।୧ (ପି.ଟି.)**

ଏଠାରେ ଚାଲିଥିବା ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫସି) ଏସିଆନ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ପରାସ୍ତ ହୋଇଛି। ଗୁରୁବାର ସ୍ଥାନୀୟ ଜାଏଦ୍ ସ୍ପୋର୍ଟ୍ସ ସିଟି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ଆୟୋଜକ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ଠାରୁ ୨-୦ ଗୋଲରେ ପରାସ୍ତ ହୋଇଛି। ଫିଫା ର୍ୟାଙ୍କିଂର ୯୭ତମ ସ୍ଥାନରେ ଥିବା ଭାରତକୁ ୭୯ତମ ର୍ୟାଙ୍କର ଦଳ ଅତି ସହଜରେ ପରାସ୍ତ କରିଛି। ଅପେକ୍ଷାକୃତ ଉଚ୍ଚ ର୍ୟାଙ୍କର ୟୁଏଇ ବିପକ୍ଷରେ ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ ମଧ ସୁନୀଲ ଛେତ୍ରୀଙ୍କ ନେତୃତ୍ୱାଧୀନ ଭାରତକୁ ଭାଗ୍ୟ ସହାୟ ହୋଇ ନ ଥିଲା। ଫଳରେ ଭାରତ କେତୋଟି ସୁଯୋଗ ହାତଛଡ଼ା କରିଥିଲା। ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୪-୧ ଗୋଲରେ ପରାସ୍ତ କରି ଭାରତ ଦମ୍‌ଦାର ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା। ତେବେ ଏହି ମ୍ୟାଚ୍‌ରେ ଭାରତ ତା'ର ପ୍ରଦର୍ଶନକୁ ଦୋହରାଇପାରି ନ ଥିଲା। ମିଳିଥିବା ଏକାଧିକ ସୁଯୋଗର ସଦ୍‌ବ୍ୟବହାର କରିବାରେ ଭାରତ ବିଫଳ ହୋଇଥିଲା। ୟୁଏଇ ତରଫରୁ ପ୍ରଥମାର୍ଦ୍ଧର ୪୧ତମ ମିନିଟରେ ଖଲଫାନ ଅଲଶାମ୍‌ସୀ ପ୍ରଥମ ଗୋଲ ସ୍କୋର କରିଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ୮୮ତମ ମିନିଟରେ ଅଲି ମାବଖାଉଟ୍ ଦ୍ୱିତୀୟ ଗୋଲ ଦେଇ ୟୁଏଇକୁ ୨-୦ରେ ଅଗ୍ରଣୀ କରାଇଥିଲେ।



ଭାରତୀୟ ମିଡ୍ ଫିଲ୍ଡର ଆସିକ୍ କୁରୁନିୟାନ ଓ ୟୁଏଇ ଡିଫେଣ୍ଡର ଅଲ୍‌ହସନ ସାଲେଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ।

ଏହି ମ୍ୟାଚ୍‌ରେ ଭାରତକୁ ଭାଗ୍ୟ ସହାୟ ହୋଇ ନ ଥିଲା। ଦ୍ୱିତୀୟାର୍ଦ୍ଧରେ ଭାରତୀୟ ଖେଳାଳିମାନେ ୟୁଏଇ ଗୋଲପୋଷ୍ଟକୁ ଶଟ୍ ମାରିଥିଲେ ମଧ ତାହା କ୍ରସ୍ ବାରରେ ବାଜିଥିଲା। ଏହି ବିଜୟ ସହ ୟୁଏଇ ଦୁଇଟି ମ୍ୟାଚ୍ ଖେଳି ୪ ପଏଣ୍ଟ ହାସଲ କରି ଗ୍ରୁପ୍ ଏ'ରେ ଭାରତକୁ ହଟାଇ ଶୀର୍ଷସ୍ଥାନ ହାସଲ କରିଛି। ଅପରପକ୍ଷରେ ୨ଟି ମ୍ୟାଚ୍ ଖେଳି ଭାରତ ୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସିଛି। ଏବେ ରାଉଣ୍ଡ ଅଫ୍ ୧୬ ବା ପ୍ରି କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉଠିବାକୁ ହେଲେ ଭାରତକୁ ଅତିକମ୍‌ରେ ବାହାରିନ ବିପକ୍ଷ ମ୍ୟାଚ୍‌କୁ ଡ୍ର' ରଖିବା ଅପରିହାର୍ଯ୍ୟ ହୋଇପଡିଛି।



> ଚେତେଶ୍ୱର ପୂଜାରାଙ୍କ ଭଳି ଏକାଗ୍ରତା ସମ୍ପନ୍ନ ଖେଳାଳି ମୁଁ ଦେଖିନାହିଁ, ଏପରିକି ଏକ୍ଷେତ୍ରରେ ସେ ସଚିନ ତେନ୍ଦୁଲକରଙ୍କଠାରୁ ଆଗରେ।
> – ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍



> ବଲ୍ ଟ୍ୟାମ୍ପରିଂ ସ୍କାଣ୍ଡାଲ ସତ୍ତ୍ୱେ ଅଷ୍ଟ୍ରେଲିଆ ପାଇଁ ପୁଣି ଡେଭିଡ୍ ୱାର୍ନରଙ୍କ ସହିତ ଇନିଂସ ଓପନ କରିବାକୁ ମୁଁ ଆଗ୍ରହୀ।
> – କାମେରନ ବ୍ୟାଙ୍କ୍ରଫ୍ଟ, ଅଷ୍ଟ୍ରେଲୀୟ କ୍ରିକେଟର



## ସଂକ୍ଷେପରେ

### ଫିକ୍ସିଂ ଅଭିଯୋଗରେ ୨୩ ଟେନିସ୍ ଖେଳାଳି ଗିରଫ

ମାଡ୍ରିଡ,୧୦।୧- ଟେନିସ୍ ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ସ୍ପାନିସ୍ ସିଭିଲ ଗାର୍ଡ ଏକ ବଡ଼ ଧରଣର ପଦକ୍ଷେପ ନେଇଛି। ସ୍ପେନ୍‌ରେ ମ୍ୟାଚ୍ ଫିକ୍ସିଂ ତଦନ୍ତରେ ୨୮ଜଣ ପେସାଦାର ଟେନିସ ଖେଳାଳିଙ୍କ ସମେତ ମୋଟ ୮୩ ଜଣଙ୍କୁ ଗିରଫ କରାଯାଇଛି। ଏହି ଟେନିସ ଖେଳାଳିଙ୍କ ମଧ୍ୟରୁ ଜଣେ ଗତ ୟୁଏସ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ତେବେ ଗିରଫ ଖେଳାଳିଙ୍କ ପରିଚୟକୁ ଗୋପନ ରଖାଯାଇଛି। ତଦନ୍ତ ପ୍ରକ୍ରିୟାରେ ୧୧ଟି ଘର ଉପରେ ଚଢାଉ କରାଯାଇଥିଲା ଓ ନଗଦ ୧୬୭, ୦୦୦ ୟୁରୋ, ଗୋଟିଏ ଶଟ୍ ଗନ୍, ୫୦ରୁ ଊର୍ଦ୍ଧ୍ୱ ଇଲେକଟ୍ରୋନିକ ଡିଭାଇସ୍, କେତୋଟି କ୍ରେଡିଟ କାର୍ଡ, ୫ଟି ଲକ୍ସରୀ ଗାଡି ଜବତ କରାଯାଇଛି ବୋଲି ୟୁରୋପିଆନ୍ ୟୁନିୟନର ୟୁରୋପୋଲ ଏଜେନ୍ସି କହିଛି। ଏହି ଫିକ୍ସିଂ ମାମଲାରେ ଆମେରିକାର ଏକ ପେସାଦାର ଅପରାଧୀ ଗ୍ୟାଙ୍ଗ୍ ଜଡିତ ରହିଛି ବୋଲି ୟୁରୋପୋଲ ଏଜେନ୍ସି ତରଫରୁ କୁହାଯାଇଛି।

### ସିଲିକଙ୍କ କ୍ରମାଗତ ୨ୟ ବିଜୟ

ମେଲବୋର୍ନ,୧୦।୧(ଏଏଫ୍‌ପି)- ଅଷ୍ଟ୍ରେଲିଆ ଓପନ୍‌ର ଗତ ସଂସ୍କରଣ ଫାଇନାଲିଷ୍ଟ ମାରିନ ସିଲିକ ଏଠାରେ ଚାଲିଥିବା କୁୟଙ୍ଗ କ୍ଲାସିକରେ କ୍ରମାଗତ ୨ୟ ମ୍ୟାଚ୍ ଜିତିଛନ୍ତି। ବିଶ୍ୱର ୭ମ ର୍‍ୟାଙ୍କ୍ ଖେଳାଳି ସିଲିକ ୬-୪, ୬-୪ ସେଟ୍‌ରେ ସ୍ପେନ୍‌ର ଫର୍ନାଣ୍ଡୋ ଭର୍ଡାସ୍କୋଙ୍କୁ ହରାଇ ଦେଇଛନ୍ତି। ଏଥିପୂର୍ବରୁ ସେ ବିଶ୍ୱର ୬ଷ୍ଠ ର୍‍ୟାଙ୍କ୍ କେଭିନ ଆଣ୍ଡରସନଙ୍କୁ ପରାସ୍ତ କରିଥିଲେ।

### ପ୍ରଥମ ଦିନିକିଆ ପାଇଁ ମାର୍ଶଙ୍କ ସ୍ଥାନରେ ଟର୍ନର



ସିଡ୍‌ନୀ, ୧୦।୧- ଘରୋଇ ଅଷ୍ଟ୍ରେଲିଆ ଓ ଭାରତ ମଧ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ଶନିବାରଠାରୁ ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଏଥିପୂର୍ବରୁ ଅଷ୍ଟ୍ରେଲିଆ ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଅସୁସ୍ଥତା ଲାଗି ଅଲ୍‌ରାଉଣ୍ଡର ମିଚେଲ ମାର୍ଶ ପ୍ରଥମ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ପର୍ଥର ବ୍ୟାଟ୍ସମ୍ୟାନ ଆଷ୍ଟନ ଟର୍ନରଙ୍କୁ ଦଳରେ ସାମିଲ କରାଯାଇଛି। ମ୍ୟାଚ୍ ଫିନିଶିଂ କରିବାର ଦକ୍ଷତା ସାଙ୍ଗକୁ ଉଇକେଟ୍‌ରେ ଦ୍ରୁତ ବେଗରେ ଦୌଡ଼ିବା ଲାଗି ବେଶ୍ ପରିଚିତ ଥିବା ଟର୍ନର ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ପ୍ରଭାବୀ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଥିଲେ। ମାର୍ଶଙ୍କ ଗ୍ୟାସ୍ଟିକ ସମସ୍ୟା ଦେଖାଦେଇଥିବାରୁ ତାଙ୍କୁ ଆଗାମୀ ୨ ଦିନ ମେଡିକାଲ ଅବଜରଭେଶନରେ ରଖାଯାଇଛି। ଏହାପରେ ଅନ୍ତିମ ୨ ମ୍ୟାଚ୍‌ରେ ସେ ଖେଳିବେ କି ନାହିଁ ତାହା ନିଷ୍ପତ୍ତି ନିଆଯିବ ବୋଲି କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି।

# ଦିଲ୍ଲୀକୁ ହରାଇ ସେମିରେ ହକି ଓଡ଼ିଶା



ବିଜୟୀ ଓଡ଼ିଶା ହକି ଦଳ।

**କଟକ ଅଫିସ,୧୦।୧**

ବମ୍ବେ ଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସର ହକି ଇଭେଣ୍ଟରେ ହକି ଓଡ଼ିଶା ପୁରୁଷ ଦଳ ୩-୧ ଗୋଲରେ ଦିଲ୍ଲୀକୁ ପରାସ୍ତ କରି ପୁଲ-ଏର ଶୀର୍ଷରେ ରହିବା ସହ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ କ୍ୱାର୍ଟରର ୧୦ମ ମିନିଟରେ ବିକାଶ କୁଜୁର ହକି ଓଡ଼ିଶା ନିମନ୍ତେ ପ୍ରଥମ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିବା ବେଳେ ୩ୟ କ୍ୱାର୍ଟରରେ ହକି ଓଡ଼ିଶା ପକ୍ଷରୁ ୨ଟି ଗୋଲ ହୋଇଥିଲା। ୪୦ତମ ମିନିଟରେ ସୁଦୀପ ମିଞ୍ଜ ଓ ୪୧ତମ ମିନିଟରେ ଦୀପକ ଏକ୍କା ଗୋଟିଏ ଲେଖାଏଁ ଗୋଲ ଦେଇ ଦଳକୁ ୩-୦ରେ ଅଗ୍ରଣୀ ରଖିଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଦିଲ୍ଲୀ ପକ୍ଷରୁ ଏକ ମାତ୍ର ଗୋଲ ହୋଇଥିଲା।

### ନୂଆବର୍ଷରେ ନୂତନ ସଫଳତା

# ବିଶ୍ୱ ମାନ୍ୟତାର ଶୀର୍ଷରେ ମେରିକମ୍

**ନୂଆଦିଲ୍ଲୀ, ୧୦।୧(ପି.ଟି.)**

ସେଲିବ୍ରିଟ୍ ଭାରତୀୟ ମହିଳା ବକ୍ସର ଏମ୍‌ସି ମେରିକମ୍ ସଫଳତାର ଆଉ ଏକ ପାହାଚ ଚଢ଼ିଛନ୍ତି। ନିକଟରେ କ୍ୟାରିୟରରେ ୬ଷ୍ଠ ଥର ପାଇଁ ବିଶ୍ୱ ବିଜୟିନୀ ହୋଇଥିବା ମେରିକମ୍ ଗୁରୁବାର ଅନ୍ତର୍ଜାତୀୟ ବକ୍ସିଂ ମହାସଂଘ (ଏଆଇବିଏ) ପକ୍ଷରୁ ପ୍ରକାଶିତ ର୍‍ୟାଙ୍କିଙ୍ଗ୍ ତାଲିକାରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ସଦ୍ୟପ୍ରକାଶିତ ର୍‍ୟାଙ୍କିଙ୍ଗ୍ ଅନୁଯାୟୀ ମଣିପୁର ଏହି ଷ୍ଟାର ବକ୍ସର ମହିଳା ୪୮ କିଗ୍ରା ବିଭାଗରେ ୧୭୦୦ ପଏଣ୍ଟ ସହ ଏକ ନମ୍ବର ସ୍ଥାନରେ ରହିଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ୪୮ କିଗ୍ରା ବିଭାଗ ସାମିଲ ହୋଇ ନ ଥିବାରୁ ୩୬ ବର୍ଷୀୟା ମେରିକମ୍ ୫୧ କିଗ୍ରାରେ ଅଂଶଗ୍ରହଣ କରିବେ। ଗତ ନଭେମ୍ବରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ର ୪୮ କିଗ୍ରା ବର୍ଗରେ ମେରିକମ୍ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ତିନୋଟି ସନ୍ତାନର ଜନନୀ ମେରିକମ୍ ୨୦୧୮ରେ ମଧ୍ୟ ପୋଲାଣ୍ଡରେ ଅନୁଷ୍ଠିତ କମନୱେଲଥ୍ ଗେମ୍ସରେ ସ୍ୱର୍ଣ୍ଣ ଏବଂ ବୁଲଗେରିଆରେ ଖେଳାଯାଇଥିବା ସମ୍ମାନଜନକ ଷ୍ଟ୍ରାଣ୍ଡଜ ମେମୋରିଆଲରେ ରୌପ୍ୟ ପଦକ ଜିତିଥିଲେ। ଅନ୍ୟ ଭାରତୀୟ ମହିଳା ବକ୍ସରଙ୍କ ମଧ୍ୟରେ ପିଙ୍କି ଜାଙ୍ଗ୍ରା (୫୧ କିଗ୍ରା) ଓ ମନୀଷା ମନୁ (୫୪ କିଗ୍ରା) ୮ମ ସ୍ଥାନରେ ରହିଛନ୍ତି। ବିଶ୍ୱ ରୌପ୍ୟ ପଦକ ବିଜିନୀ ସୋନିଆ ଲାଥର ୫୭ କିଗ୍ରା ବର୍ଗରେ ୨ୟ ସ୍ଥାନ ଲାଭ କରିଛନ୍ତି। ନିକଟରେ ଜାତୀୟ ଚାମ୍ପିୟନଶିପ୍‌ର ୬୪ କିଗ୍ରା ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିବା ସିମରନଜିତ୍ କୌର ୪ର୍ଥ ଓ ଏଲ୍. ସରିତା ଦେବୀ ୧୬ତମ ସ୍ଥାନ ପାଇଛନ୍ତି।

### ମହଙ୍ଗା ପଡ଼ିଲା ମହିଳାଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ

# ଦୁଇ ମ୍ୟାଚ୍‌ରୁ ବାସନ୍ଦ ହୋଇପାରନ୍ତି ପାଣ୍ଡ୍ୟା, ରାହୁଲ

**ନୂଆଦିଲ୍ଲୀ, ୧୦।୧(ପି.ଟି.)**



ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲ।

ଏକ ରିୟଲିଟି ଟିଭି ଶୋ'ରେ ମହିଳାଙ୍କ ପ୍ରତି ବିବାଦୀୟ ଟିପ୍ପଣୀ ଦେଇ ବିବାଦ ଘେରକୁ ଚାଲି ଆସିଥିବା ଦୁଇ ଭାରତୀୟ ଯୁବ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲଙ୍କୁ ଶେଷରେ ଏହା ମହଙ୍ଗା ପଡ଼ିଛି। ଅଲ୍‌ରାଉଣ୍ଡର ପାଣ୍ଡ୍ୟା ଓ ବ୍ୟାଟ୍ସମ୍ୟାନ ରାହୁଲ ୨ଟି ଲେଖାଏ ଦିନିକିଆରୁ ବାସନ୍ଦ ହେବାର ସମ୍ଭାବନା ରହିଛି। ଗୁରୁବାର ପ୍ରଶାସକ କମିଟି (ସିଓଏ)ର ମୁଖ୍ୟ ବିନୋଦ ରାଏ ଏହି ଦୁଇ ଖେଳାଳିଙ୍କୁ ବାସନ୍ଦ କରିବା ପାଇଁ ସୁପାରିଶ କରିଛନ୍ତି। ସିଓଏର ଅନ୍ୟତମ ସଦସ୍ୟା ଡାଏନା ଏଡୁଲଜୀ ଏହାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଲିଗାଲ୍ ସେଲ୍ ନିକଟକୁ ପଠାଇ ଦେଇଛନ୍ତି। ଯଦି ବିସିସିଆଇର ଲିଗାଲ୍ ସେଲ୍ ଏହାକୁ ଅନୁମୋଦନ କରିଦିଏ ତେବେ ଉଭୟ ପାଣ୍ଡ୍ୟା ଓ ରାହୁଲ ଶନିବାରଠାରୁ ସିଡ୍‌ନୀରେ ଅଷ୍ଟ୍ରେଲିଆ ବିପକ୍ଷରେ ଆରମ୍ଭ ହେବାକୁ ଥିବା ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ଦୁଇଟିରୁ ବାସନ୍ଦ ହେବା ନିଶ୍ଚିତ ହୋଇଯାଇଛି।

ପ୍ରକାଶଯୋଗ୍ୟ, ଜଣାଶୁଣା ସିନେମା ନିର୍ଦ୍ଦେଶକ କରନ ଜୋହରଙ୍କ ଦ୍ୱାରା ଆୟୋଜିତ ହେଉଥିବା ଲୋକପ୍ରିୟ ଟିଭି ଶୋ' 'କଫି ୱିଥ୍ କରନ'ରେ ପାଣ୍ଡ୍ୟା ଓ ରାହୁଲ ମହିଳାଙ୍କ ସମ୍ବନ୍ଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ପାଣ୍ଡ୍ୟା ନିଜ ସେକ୍ସ ଲାଇଫ୍ ଉପରେ ଖୋଲାଖୋଲି ମନ୍ତବ୍ୟ ଦେବା ସହ ଏ ନେଇ ନିଜ ପରିବାର ସଦସ୍ୟଙ୍କ ଖୋଲା ଚିନ୍ତାଧାରା ନେଇ ପାଣ୍ଡ୍ୟା ନିଜର ମତ ରଖିଥିଲେ। ଯେତେବେଳେ କୌଣସି ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥାଏ ସେତେବେଳେ ଘର ଲୋକଙ୍କୁ ଏ ନେଇ ଖୋଲାଖୋଲି ଭାବେ ଜଣାଇଥିଲି ବୋଲି ପାଣ୍ଡ୍ୟା କହିଥିଲେ। ସେହିଭଳି କ୍ଲବ୍ କିମ୍ବା ପାର୍ଟିରେ ମହିଳାଙ୍କୁ ସେମାନଙ୍କ ନାଁ କାହିଁକି ପଚାରନ୍ତି ନାହିଁ ବୋଲି କରନ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତର ଦେବାକୁ ଯାଇ ପାଣ୍ଡ୍ୟା ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ମହିଳାଙ୍କ ନାଁ ପଚାରିବା ଅପେକ୍ଷା ସେମାନଙ୍କ ଚାଲିଚଳନ ଦେଖିବାକୁ ଅଧିକ ପସନ୍ଦ କରିଥାଏ ଏବଂ ସେମାନଙ୍କ ପଛପାର୍ଶ୍ୱକୁ ଦେଖିଥାଏ ବୋଲି ପାଣ୍ଡ୍ୟା କହିଥିଲେ। ପାଣ୍ଡ୍ୟାଙ୍କ ଏଭଳି ଆପତ୍ତିଜନକ ମନ୍ତବ୍ୟ ପରେ ଚାରିଆଡ଼ୁ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏପରିକି ବୁଧବାର ପ୍ରଶାସକ କମିଟି ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ପରିସ୍ଥିତି ଜଟିଳ ଆଡ଼କୁ ଗତି କରୁଥିବା ଦେଖି ପାଣ୍ଡ୍ୟା କ୍ଷମା ମାରିଥିଲେ। ମୋ ମନ୍ତବ୍ୟ କାହାକୁ ଆଘାତ ଦେବ ବୋଲି ଜାଣି ନ ଥିଲି। ଜାଣିଶୁଣି କାହାକୁ ଆଘାତ ଦେବା ପାଇଁ କିଛି କହି ନ ଥିଲି। ତେଣୁ ଏଭଳି ଘଟଣା ପାଇଁ ଦୁଃଖିତ ବୋଲି ପାଣ୍ଡ୍ୟା ବୁଧବାର କହିଥିଲେ। କିନ୍ତୁ ପାଣ୍ଡ୍ୟାଙ୍କ ଏହି କ୍ଷମା ପାର୍ଥନାରେ ବିନୋଦ ରାଏ ସନ୍ତୁଷ୍ଟ ପ୍ରକାଶ କରି ନ ଥିଲେ। ଉଭୟଙ୍କୁ ୨ଟି ଲେଖାଏ ମ୍ୟାଚ୍‌ରୁ ବାସନ୍ଦ ପାଇଁ ନିଷ୍ପତ୍ତି ନେଇଥିଲେ।

# ସମ୍ବଲପୁର, ଫକୀରମୋହନର ଲଗାତର ବିଜୟ

**କଟକ ଅଫିସ,୧୦।୧**

କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ୫ଟି ମ୍ୟାଚ୍ ଖେଳାଯାଇଥିଲା। ଓଡ଼ିଶାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୮୯ ରନରେ ବିବିଏମ୍‌କେ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ୮ଉଇକେଟ ହରାଇ ୨୬୩ ରନ କରିଥିଲା। ଦଳ ପକ୍ଷରୁ ରିତେଶ କୁମାର ପାଣ୍ଡେ ୭୨, ସିଦ୍ଧାର୍ଥ ବେହେରା ୪୯ରନ କରିଥିଲେ। ଜବାବରେ ବିବିଏମ୍‌କେ ୧୭୪ରନରେ ଅଲଆଉଟ ହୋଇଥିଲା। ନିମପୁର ଗ୍ରାଉଣ୍ଡରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ୪ ଉଇକେଟରେ ରାଞ୍ଚି ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ରାଞ୍ଚି ପ୍ରଥମେ ବ୍ୟାଟିଂ କରି ୯ଉଇକେଟ ହରାଇ ୨୦୭ ରନ କରିଥିଲା। ସ୍ୱର୍ଣ୍ଣ ସୋମାନୀଙ୍କ ୪୪ରନ ବଳରେ ଫକୀରମୋହନ ବିଜୟ ଲକ୍ଷ୍ୟ ହାସଲ କରିଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୨ରେ କୋଲହାନ ବିଶ୍ୱବିଦ୍ୟାଳୟ ୧୧୬ରନ୍‌ରେ ବିଏନ ମଣ୍ଡଳ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ବିଶ୍ୱଜିତ ସିଂଙ୍କ ୮୦, ହିମାଂଶୁ ସିଂଙ୍କ ୪୬ ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା କୋଲହାନ ବିଶ୍ୱବିଦ୍ୟାଳୟ ୭ ଉଇକେଟ ହରାଇ ୩୧୯ରନ କରିଥିଲା। ଜବାବରେ ବିଏନ୍ ମଣ୍ଡଳ ୨୦୩ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ମହମ୍ମଦ ଜସିମ ସଂଘର୍ଷପୂର୍ଣ୍ଣ ଶତକୀୟ ଇନିଂସ ଖେଳିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ଡିବ୍ରୁଗଡ଼ ବିଶ୍ୱବିଦ୍ୟାଳୟ ୩ ଉଇକେଟରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବର୍ଦ୍ଧମାନ ୧୨୭ରନରେ ଅଲଆଉଟ ହୋଇଥିଲା। ୭ ଉଇକେଟ ହରାଇ ଡିବ୍ରୁଗଡ଼ ବିଜୟ ଲକ୍ଷ୍ୟ ହାସଲ କରିଛି। ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ପିଟିଆରଏସ୍ ବିଶ୍ୱବିଦ୍ୟାଳୟ ୭ ଉଇକେଟରେ ଏସ୍‌କେବି ବିଶ୍ୱବିଦ୍ୟାଳୟକୁ ହରାଇଛି। ଏସ୍‌କେବି ପ୍ରଥମେ ବ୍ୟାଟିଂ କରି ୫୬ରନରେ ଅଲଆଉଟ ହୋଇଥିଲା। ପ୍ରାରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ପିଟିଆରଏସ୍ ୩ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଛି।

# ଓଡ଼ିଶା-ପଶ୍ଚିମବଙ୍ଗ ଫାଇନାଲ

**ଭୁବନେଶ୍ୱର, ୧୦।୧(କ୍ରୀଡ଼ା ପ୍ରତିନିଧି)**

### ପୂର୍ବାଞ୍ଚଳ ଏଜି ହକି

ସ୍ଥାନୀୟ ମହାଲେଖାକାର କାର୍ଯ୍ୟାଳୟ ଆନୁକୂଲ୍ୟରେ ଅଡିଟ୍ ଓ ଆକାଉଣ୍ଟ୍ସ(ଏଜି) ପୂର୍ବାଞ୍ଚଳ ହକି ଟୁର୍ଣ୍ଣାମେଣ୍ଟ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଏଥିରେ ଗତବର୍ଷର ସର୍ବଭାରତୀୟ ଅଡିଟ୍ ଓ ଆକାଉଣ୍ଟ୍ସ ଚାମ୍ପିୟନ ଓଡ଼ିଶା, ପୂର୍ବାଞ୍ଚଳ ରନର୍ସଅପ୍ ପଶ୍ଚିମବଙ୍ଗ ଏବଂ ଏଜି ଝାଡ଼ଖଣ୍ଡ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚରେ ପଶ୍ଚିମବଙ୍ଗ ୪-୦ ଗୋଲରେ ଝାଡ଼ଖଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ଚନ୍ଦନ ସିଂ ୧୭ ଓ ୩୩ତମ ମିନିଟରେ ପେନାଲ୍ଟି କର୍ନରରୁ ୨ଟି ଗୋଲ ସ୍କୋର କରିଥିବାବେଳେ ସୁନ୍ଦର ସିଂ ୩୧ ଓ ୫୪ତମ ମିନିଟରେ ଦୁଇଟି ଫିଲ୍ଡ ଗୋଲ ଦେଇଥିଲେ। ଓଡ଼ିଶା ଦଳ ଗତବର୍ଷ ସର୍ବଭାରତୀୟ ଅଡିଟ୍ ଓ ଆକାଉଣ୍ଟ୍ସ ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ ହୋଇଥିବାରୁ ଏଥର ସିଧାସଳଖ ଫାଇନାଲ ଖେଳିବ। ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଫାଇନାଲ ଶୁକ୍ରବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ। ରେଫରି ପ୍ରଦୀପ ଗୌତମ ଓ ନନ୍ଦ କୁମାର ମ୍ୟାଚ ପରିଚାଳନା କରିଥିଲେ।

ଓଡ଼ିଶା କୃଷି ଉତ୍ପାଦନ କମିଶନର ଗଗନ କୁମାର ଧଳ ମୁଖ୍ୟ ଅତିଥି, ଅଲିମ୍ପିଆନ ହକି ଲିଜେଣ୍ଡ ଲାଜରୁସ ବାର୍ଲା ସ୍ୱତନ୍ତ୍ର ସମ୍ମାନିତ ଅତିଥି, ପ୍ରଧାନ ମହାଲେଖାକାର ମଧୁମିତା ବସୁ, ମହାଲେଖାକାର ବିଭୁଦତ୍ତ ବସନ୍ତିଆ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଡେପୁଟି ଏଜି ବିଶ୍ୱନାଥ ସିଂ ଜାଡନ, ଟୁର୍ଣ୍ଣାମେଣ୍ଟ କମିଟି ଚେୟାରମ୍ୟାନ ତଥା ଡେପୁଟି ଏଜି ପି.ରାହୁଲ, ଦୀନମଣି ମଲିକ, ଜ୍ୟୋତି ଚୌରାସିଆ, ନନ୍ଦ ଦୁଲାଲ ଦାସ ଓ ମସରୁର ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ସହ ଦୁଇ ଦଳର ଖେଳାଳିମାନେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା

ଢେଙ୍କାନାଳ ଅଫିସ,୧୦।୧

ଢେଙ୍କାନାଳ ରିଜର୍ଭ ପୋଲିସ ପଡ଼ିଆରେ ଚାଲିଥିବା ୫୨ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଗୁରୁବାର ଷ୍ଟେନ୍‌ଗନ୍ ତଥା ଏମ୍‌ପି-୫ ବନ୍ଧୁକ ଚାଳନାରେ ଭୁବନେଶ୍ୱରର ଏସ୍‌ଓଜି ଚନ୍ଦକା ବାଟାଲିୟନ ଚାମ୍ପିୟନ ହୋଇଛି। ଓଏସ୍‌ଏପି ପାଞ୍ଚରକୁ ମିଳିଛି ଦ୍ୱିତୀୟ ସ୍ଥାନ। ସେହିପରି ଏସ୍‌ଓଜି ଚନ୍ଦକାର ସୁବେଦାର ଡି.କେ. ସାହାଣୀ ଶ୍ରେଷ୍ଠ ସୁଟର ଏବଂ ଓଏସ୍‌ଏପି ପାଞ୍ଚରର ହାବିଲଦାର ମେଜର ପି.କେ. ଦେହୁରୀ ଦ୍ୱିତୀୟ ଶ୍ରେଷ୍ଠ ସୁଟର ଭାବେ ପୁରସ୍କୃତ ହୋଇଛନ୍ତି। ଜିଲାପାଳ ନିଖିଲ ପଥ୍ୱନ କଲ୍ୟାଣ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଦଳ ଓ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏସ୍‌ପି ସନ୍ତୋଷ କୁମାର ନାୟକ ଉପସ୍ଥିତ ଥିଲା।

ସେହିପରି ୩୦୦ମିଟର ରାଇଫଲ ଚାଳନାର କାଟେଗୋରି-୨ରେ ଏସ୍.କେ. ସୁନା, କେ.ସି. ବଳବନ୍ତରାୟ, ଜି.ବି. ସାହୁ, କାଟେଗୋରି-୩ରେ ହାବିଲଦାର ବାଳକୃଷ୍ଣ ଥାପ୍ପା, ଏ.କେ. ବାରିକ, ଏ.କେ. ମଜୁମଦାର, କାଟେଗୋରି-୪ରେ ଏସ୍.କେ. ୟାକୁବ୍, ୟୁ.ଏସ୍. ନାୟକ, ଏସ୍.କେ. ବାଗ୍ ଏବଂ କାଟେଗୋରି-୫ରେ ହାବିଲଦାର ଏସ୍.ପି. ଶ୍ରୀଚନ୍ଦନ, ଏସ୍.ଏସ୍. ସାହୁ ଏବଂ ଡି.ଏଲ୍. ପାଣ୍ଡେ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଶୁକ୍ରବାର ଅପରାହ୍ନ ୪ଟାରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା କାର୍ଯ୍ୟକ୍ରମ ରହିଛି।



ଅତିଥିଙ୍କ ଗହଣରେ ଷ୍ଟେନଗନ୍ ଚାଳନାରେ ଚାମ୍ପିୟନ ଏସ୍‌ଓଜି ଚନ୍ଦକା ଦଳ।

■ଷ୍ଟେନ୍‌ଗନରେ ଏସ୍‌ଓଜି ଚନ୍ଦକା ଚାମ୍ପିୟନ

■ସୁବେଦାର ଡି.କେ. ସାହାଣୀ ଶ୍ରେଷ୍ଠ ସୁଟର

■ପୁରୁଣା ଜିଲା ଚିକିତ୍ସାଳୟକୁ ୟୁପିଏଚ୍‌ସି କରିବାକୁ ଯୋଜନା

# ନିଷ୍ପତ୍ତି ଚୂଡ଼ାନ୍ତ ହେଲେ ବଜେଟ

ଢେଙ୍କାନାଳ ଅଫିସ, ୧୦।୧

ଢେଙ୍କାନାଳ ବାଜିଚୌକସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅର୍ବାନ ପ୍ରାଇମେରି ହେଲ୍‌ଥ ସେଣ୍ଟର (ୟୁପିଏଚ୍‌ସି) କରିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏ ନେଇ ଜାନୁୟାରୀ ୫ରେ ରାଜ୍ୟ ନ୍ୟାଶନାଲ ହେଲଥ୍ ମିଶନର ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ୍ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ସଚିବଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏହାର ନକଲ ଢେଙ୍କାନାଳ ବିଧାୟକଙ୍କୁ ପ୍ରଦାନ କରାଯାଇଛି। ସହରର ଜନସଂଖ୍ୟା ଅନୁଯାୟୀ ନିଷ୍ପତ୍ତି ଚୂଡ଼ାନ୍ତ ହେଲେ ଏଥିଲାଗି ବଜେଟ ପ୍ରସ୍ତୁତ କରାଯିବ ବୋଲି ଏଥିରେ ଉଲ୍ଲେଖ ରହିଛି।

ଦକ୍ଷିଣକାଳୀ ରୋଡ୍‌ରେ ୫୦ କୋଟି ଟଙ୍କା ବ୍ୟୟରେ ନବନିର୍ମିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ତରବରିଆ ଭାବେ କାର୍ଯ୍ୟକ୍ଷମ କରାଯାଇଛି। ତେବେ ପୁରୁଣା ଚିକିତ୍ସାଳୟରେ ମଧ୍ୟ ସ୍ୱାସ୍ଥ୍ୟସେବା ଜାରି ରଖିବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇ ଆସୁଛି। ଏ ସଂକ୍ରାନ୍ତରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଢେଙ୍କାନାଳ ବିଧାୟକ ସରୋଜ କୁମାର ସାମଲ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ।

ସୂଚନାଯୋଗ୍ୟ, ବର୍ତ୍ତମାନ କାଠଗଡ଼ାରେ ଅର୍ବାନ ପ୍ରାଇମେରି ହେଲ୍‌ଥ ସେଣ୍ଟର କାର୍ଯ୍ୟକ୍ଷମ ଅଛି। ତେବେ ସହରବାସୀଙ୍କ ଜରୁରିକାଳୀନ ଚିକିତ୍ସା ସୁବିଧା ଯୋଗାଇବା ଲାଗି ତାହା ଯଥେଷ୍ଟ ହେଉନାହିଁ। ପୁରାତନ ଚିକିତ୍ସାଳୟରେ ଆବଶ୍ୟକ ଆନୁଷଙ୍ଗିକ ଭିତ୍ତିଭୂମି ଥିବାରୁ ଏହାକୁ ୟୁପିଏଚ୍‌ସିରେ ପରିଣତ କରିବାକୁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ଏବେ ମିଶନଶକ୍ତି ନିର୍ଦ୍ଦେଶକଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ପତ୍ର ଲେଖାଯିବା ପରେ ଏଥିଲାଗି ବାଟ ଫିଟିଛି। ଦ୍ୱିତୀୟ ୟୁପିଏଚ୍‌ସି ଲାଗି ସରକାର ଖୁବ୍‌ଶୀଘ୍ର ପଦକ୍ଷେପ ନେବେ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି।


Mission Directorate
National Health Mission, Odisha
Department of Health & Family Welfare,
Government of Odisha

Letter No. OSH&FWS/187 / NUHM- 718/15 Date. 05-01-19

From
Shalini Pandit, IAS
Mission Director,
NHM, Odisha

To
The Commissioner-cum-Secretary
Health & Family Welfare department
Govt. of Odisha

Sub: Establishment of new PHC at old DHH building in Dhenkanal town -regarding

Sir,
With reference to the subject cited above, I am to enclose herewith the proposal of Hon'ble M.L.A Dhenkanal & Chairperson District Planning Committee regarding utilization of the old District Head Quarter building, Dhenkanal for the purpose of PHC.
If considered, the PHC may be made functional in the old DHH building by making provisions under State Budget since as per population norms Dhenkanal city is eligible for one UPHC only which is already functioning at Kathagada sahi, ward no. 1.

Yours faithfully,
Mission Director,
NHM, Odisha

Memo no. 188 Date. 05-01-19
Copy forwarded to Hon'ble M.L.A & Chairperson District Planning Committee Dhenkanal for favour of information.
Mission Director,
NHM, Odisha

Memo no. 189 Date. 05-01-19
Copy forwarded to the Director Health Services, Odisha Bhubaneswar for information.
Additional Mission Director, NHM

Memo no. 190 Date. 05-01-19
Copy forwarded to the Addl. Director, Director of Health Services (HBH&R), Odisha for information.
Additional Mission Director, NHM

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କମିଶନର ସଚିବଙ୍କୁ ଦିଆଯାଇଥିବା ପତ୍ରର ନକଲ।




